


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-225 ♦TUESDAY ♦10 FEBRUARY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୨୨୫ ♦ମଙ୍ଗଳବାର ♦୧୦ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଦିଲ୍ଲୀର ଏମ୍ସ ବିଶ୍ୱର ସର୍ବୋତ୍ତମ ମେଡିକାଲ

**ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତକୁ ବଡ଼ ସଫଳତା**

■ ନୂଆଦିଲ୍ଲୀ, ୯ ।୨ (ଏଜେନ୍ସି): ଭାରତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବଡ଼ ଉପଲବ୍ଧି ହାସଲ କରିଛି । 'ବ୍ରାଣ୍ଡ ଫାଇନାନ୍ସ'ର ଗ୍ଲୋବାଲ ଟପ୍ ୨୫୦ ହସ୍ପିଟାଲ ର୍‍ୟାଙ୍କିଙ୍ଗ ୨୦୨୬ରେ ଦିଲ୍ଲୀ ଅଲ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସ (ଏମ୍ସ) ବିଶ୍ୱର ଷଷ୍ଠ ସର୍ବୋତ୍ତମ ମେଡିକାଲ ଭାବେ ଘୋଷିତ ହୋଇଛି । ଏହି ସଫଳତା ସହିତ ଏମ୍ସ ଆମେରିକାର ଜନ୍ସ ହପକିନ୍ସ ମେଡିସିନ, ବ୍ରିଟେନର ଅକ୍ସଫର୍ଡ ୟୁନିଭର୍ସିଟି ହସ୍ପିଟାଲ ଓ ମାୟୋ କ୍ଲିନକ ଭଳି ପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

ରିପୋର୍ଟ ଅନୁଯାୟୀ ସେବା ମନୋଭାବ, ବ୍ରାଣ୍ଡ ଭାଲ୍ୟୁ, ବ୍ରାଣ୍ଡ ଶକ୍ତି ଓ ବିଶ୍ୱସ୍ତରୀୟ ପ୍ରତିଷ୍ଠା ଭଳି ମାପଦଣ୍ଡରେ ଉତ୍କୃଷ୍ଟ ପ୍ରଦର୍ଶନ ଆଧାରରେ ଏମ୍ସକୁ ଏହି ସ୍ଥାନ ମିଳିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏମ୍ସର 'କେୟାର ସ୍କୋର' ଶୀର୍ଷ ସ୍ଥାନରେ ଥିବା ହସ୍ପିଟାଲ ଗୁଡ଼ିକ ତୁଳନାରେ ମାତ୍ର ୧.୧ କମ୍ ଅଙ୍କ ରହିଛି, ଯାହା ସୀମିତ ସମ୍ବଳ ମଧ୍ୟରେ ଏହାର ଗୁଣବତ୍ତା ଓ ବିଶ୍ୱସନୀୟତାକୁ ଦର୍ଶାଉଛି । ବିଶେଷଜ୍ଞଙ୍କ ମତରେ, ଏକ ସରକାରୀ ଅନୁଷ୍ଠାନ ବିଶ୍ୱର ଶ୍ରେଷ୍ଠ-୧୦ ତାଲିକାରେ ସ୍ଥାନ ପାଇବା ଭାରତର ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସମ୍ମାନକୁ ବିଶ୍ୱସ୍ତରରେ ଏକ ନୂତନ ଉଚ୍ଚତାକୁ ନେଇଯାଇଛି । ଦିଲ୍ଲୀ ଏମ୍ସ ଦେଶର ଏକ ପ୍ରମୁଖ ସ୍ୱାସ୍ଥ୍ୟ କେନ୍ଦ୍ର, ଯେଉଁଠାରେ ପ୍ରତିଦିନ ଲକ୍ଷ ଲକ୍ଷ ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି ।

ସେହିପରି ମୁମ୍ବଇର ଟାଟା ମେମୋରିଆଲ ହସ୍ପିଟାଲ ଏହି ତାଲିକାର ତ୍ରୟୋଦଶ ସ୍ଥାନରେ ରହିଛି ଓ ଏହା ଭାରତର ସ୍ୱାସ୍ଥ୍ୟସେବାର ଦକ୍ଷତା ଓ ସାମର୍ଥ୍ୟକୁ ସୂଚାଉଛି । ଆମେରିକାର ଜନ୍ସ ହପକିନ୍ସ ମେଡିସିନ ଶୀର୍ଷରେ ରହିଥିବା ବେଳେ ବ୍ରିଟେନର ଅକ୍ସଫର୍ଡ ୟୁନିଭର୍ସିଟି ହସ୍ପିଟାଲ ଦ୍ୱିତୀୟ, ଆମେରିକାର ଷ୍ଟାନଫୋର୍ଡ ମେଡିକାଲ ସେଣ୍ଟର ତୃତୀୟ ସ୍ଥାନରେ ରହିଛି ।

## ଚନ୍ଦ୍ରରେ ସହର ବସାଇବେ ଏଲନ୍ ମସ୍କ



**ଲାଗିବ ୨୦ ବର୍ଷରୁ ଅଧିକ ସମୟ**

■ ୱାଶିଂଟନ୍, ୯।୨ (ଏଜେନ୍ସି): ସ୍ପେସ୍‌ଏକ୍ସ ପ୍ରତିଷ୍ଠାତା ଏଲନ୍ ମସ୍କ ଏବେ ଚନ୍ଦ୍ରରେ ଏକ ସହର ନିର୍ମାଣ କରିବେ । ସେ ବର୍ତ୍ତମାନ ମଙ୍ଗଳ ଗ୍ରହରୁ ଚନ୍ଦ୍ରକୁ ତାଙ୍କର ଧ୍ୟାନ କେନ୍ଦ୍ରିତ କରିଛନ୍ତି । କାରଣ ସେଠାରେ ମଣିଷ ପଠାଇବା ମଙ୍ଗଳ ଗ୍ରହକୁ ମଣିଷ ପଠାଇବା ଅପେକ୍ଷା ସହଜ । ମସ୍କ ଆଜି ଏ ସମ୍ପର୍କରେ ଘୋଷଣା କରିଛନ୍ତି । ମସ୍କ କହିଛନ୍ତି ଯେ ସ୍ପେସ୍‌ଏକ୍ସ ବର୍ତ୍ତମାନ ଚନ୍ଦ୍ରରେ ଏକ 'ସ୍ୱୟଂ-ବର୍ଦ୍ଧିଷ୍ଣୁ ସହର' ନିର୍ମାଣ କରିବାକୁ ତାର ଧ୍ୟାନ କେନ୍ଦ୍ରିତ କରିଛି । ଚନ୍ଦ୍ରରେ ପହଞ୍ଚିବାକୁ ୬ମାସ ସମୟ ଲାଗେ । ନାସା ୨୦୨୮ ସୁଦ୍ଧା ମହାକାଶଚାରୀଙ୍କୁ ଚନ୍ଦ୍ରପୃଷ୍ଠକୁ ପଠାଇବା ପାଇଁ କାମ କରୁଛି । ୧୯୭୨ ରେ ଆପୋଲୋ କାର୍ଯ୍ୟକ୍ରମ ଶେଷ ହେବା ପରେ ଏହା ପ୍ରଥମ ଥର ହେବ, ଯେତେବେଳେ ମଣିଷ ଚନ୍ଦ୍ରରେ ପାଦ ରଖିବେ । ମସ୍କ ଅତୀତରେ ଏହି ପ୍ରୟାସଗୁଡ଼ିକୁ ସମାଲୋଚନା କରିଛନ୍ତି । ଗତ ବର୍ଷ ପ୍ରାରମ୍ଭରେ, ସେ ନାସାର ଚନ୍ଦ୍ର କାର୍ଯ୍ୟକ୍ରମ, ଆର୍ଟେମିସ୍‌କୁ "ବିଭ୍ରାନ୍ତି" ବୋଲି କହିଥିଲେ । ସେହି ସମୟରେ, ସେ ଲେଖିଥିଲେ, "ଆମେ ସିଧାସଳଖ ମଙ୍ଗଳ ଗ୍ରହକୁ ଯାଉଛୁ । ଚନ୍ଦ୍ର କେବଳ ଏକ ବିଭ୍ରାନ୍ତି । ନାସାର ମୁନ୍ ମିସନ୍‌ରେ ସ୍ପେସଏକ୍ସର ଲୁନର ଲ୍ୟାଣ୍ଡର ବ୍ୟବହାର କରାଯିବ । ଏହାକୁ ନିର୍ମାଣ କରିବା ପାଇଁ ନାସା ସ୍ପେସଏକ୍ସକୁ ୩ବିଲିୟନ ଡଲାର କିମ୍ବା ପ୍ରାୟ ୨୭,୦୦୦ କୋଟି ଟଙ୍କାର ଚୁକ୍ତିନାମା ଦେଇଛି । ଏହା ବର୍ତ୍ତମାନ ପରୀକ୍ଷଣ ପର୍ଯ୍ୟାୟରେ ଅଛି । କମ୍ପାନୀ ମାର୍ଚ୍ଚ ମାସରେ ଏକ ନୂତନ ପ୍ରୋଟୋଟାଇପ୍ ପରୀକ୍ଷା କରିବ ବୋଲି ଆଶା କରାଯାଉଛି । ଅରପପେକ୍ଷ ସମାନ ଲ୍ୟାଣ୍ଡର୍ ନିର୍ମାଣ ଦୌଡ଼ରେ ଜେଫ୍ ବେଜୋସ୍‌ଙ୍କ ବ୍ଲୁ ଅରିଜିନ୍ ହେଉଛି ମସ୍କଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ।

### ଆମେରିକାରୁ ୟୁରୋପ ପର୍ଯ୍ୟନ୍ତ ଏପଷ୍ଟିନ ଫାଇଲ୍ସର କମ୍ପନ

## ୧୦ଟି ଦେଶରେ ଇସ୍ତଫା, ୮୦ ଶକ୍ତିଶାଳୀଙ୍କ ବିରୋଧରେ ତଦନ୍ତ

**ରାଜନେତା, କୋଟିପତି, ରାଜ ପରିବାର ପର୍ଯ୍ୟନ୍ତ ବ୍ୟାପିଲା ତଦନ୍ତ**

**ଇସ୍ତଫା ଦେଇପାରନ୍ତି ବ୍ରିଟେନ ପ୍ରଧାନମନ୍ତ୍ରୀ**

■ ନ୍ୟୁୟର୍କ/ନୂଆଦିଲ୍ଲୀ, ୯ ।୨(ଏଜେନ୍ସି): ଆମେରିକାର ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ ସହ ଜଡ଼ିତ ଗୁପ୍ତ ଦଲିଲ ସାମ୍ନାକୁ ଆସିବା ପରେ ସାରା ବିଶ୍ୱରେ ଚାଞ୍ଚଲ୍ୟ ଖେଳିଯାଇଛି । ଆମେରିକା ନ୍ୟାୟ ବିଭାଗ ୨୦୨୬ ଜାନୁଆରୀ ୩୦ରେ ପ୍ରାୟ ୩୦ ଲକ୍ଷ ପୃଷ୍ଠାର ଦଲିଲ ଜାରି କରିଛି । ଏହି ଫାଇଲ ବା ଦଲିଲ ସହିତ ଜଡ଼ିତ ୧୦ଟି ଦେଶର ୧୫ଟିରୁ ଅଧିକ ବଡ଼ ଅଧିକାରୀଙ୍କୁ ପଦ ଛାଡ଼ିବାକୁ ପଡ଼ିଛି ଓ ୮୦ରୁ ଅଧିକ ଶକ୍ତିଶାଳୀ ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ ଚାଲିଛି । ଏହି ଫାଇଲଗୁଡ଼ିକରେ ରାଜନେତା, ରାଷ୍ଟ୍ରଦୂତ, କୋଟିପତି ଓ ରାଜ ପରିବାରର ନାମ ସାମିଲ ରହିଛି । ଇମେଲ୍, ଫ୍ଲାଇଟ୍ ଲଗ୍ ଓ ସମ୍ପର୍କ ରେକର୍ଡରେ ୭୦୦ରୁ ୧୦୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମ ଉଲ୍ଲେଖ ରହିଛି । ଅନେକ ମାମଲାରେ ନାବାଳିକାଙ୍କ ଯୌନ ଶୋଷଣ ଅଭିଯୋଗ ମଧ୍ୟ ରହିଛି ।

ଏହି ଖୁଲାସା ପରେ ୟୁରୋପରେ ଏପଷ୍ଟିନ ସୁନାମି ଦେଖିବାକୁ ମିଳିଛି । ପ୍ରାୟ ୧୦ଟି ଦେଶରେ ଇସ୍ତଫାର ପ୍ରକ୍ରିୟା ଆରମ୍ଭ ହୋଇଛି । ବ୍ରିଟେନରେ ସବୁଠାରୁ ଅଧିକ ୩ ଅଧିକାରୀ ପଦ ଛାଡ଼ିଛନ୍ତି । ଏମାନଙ୍କ ମଧ୍ୟରେ ପୂର୍ବତନ ରାଷ୍ଟ୍ରଦୂତ ପିଟର ମେଣ୍ଡେଲସନ, ପରାମର୍ଶଦାତା ଆଡମ ପେରି, ପ୍ରଧାନମନ୍ତ୍ରୀ କିର ଷ୍ଟାରମରଙ୍କ ଚିଫ୍ ଅଫ୍ ଷ୍ଟାଫ୍ ମୋର୍ଗାନ ମ୍ୟାକସୁଇନି ଇସ୍ତଫା ଦେଇଛନ୍ତି । ସେହିପରି ସ୍ଲୋଭାକିଆ, ସ୍ୱିଡେନ, ନରୱେର ମଧ୍ୟ ବହୁ ଅଧିକାରୀ ପଦ ଛାଡ଼ିଛନ୍ତି । ଏହି ଫାଇଲଗୁଡ଼ିକ ଏବେ ଅନେକ ଦେଶ ପାଇଁ କୂଟନୈତିକ ଓ ରାଜନୈତିକ ଅପମାନର କାରଣ ସାଜିଛି । ବ୍ରିଟେନ ପୁଲିସ ରାଜକୁମାର ଆଣ୍ଡ୍ରୁଙ୍କ ବିରୋଧରେ ପୁଣି 'ପ୍ରେସ ରିଭ୍ୟୁ' ଆରମ୍ଭ କରିଛି । ନରୱେର ପୂର୍ବତନ ପ୍ରଧାନମନ୍ତ୍ରୀ ଥୋରବଜର୍ଣ୍ଣଙ୍କ ବିରୋଧରେ ଦୁର୍ନୀତି ତଦନ୍ତ ଆରମ୍ଭ ହୋଇଛି । ସେହପରି ପୋଲାଣ୍ଡ, ଫ୍ରାନ୍ସ, ତୁର୍କୀ ଭଳି ଦେଶ ମାନବ ଚାଲାଣ ସହ ସରକାରୀ ସଲସୁତରାର ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ ▶ପୃଷ୍ଠା-୭

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି କ୍ଷୋଭ ପ୍ରକାଶ କଲେ ନବୀନ

## ମଣ୍ଡି ପାଲଟିଛି ଚାଷୀ ନିର୍ଯାତନା କେନ୍ଦ୍ର

**ବ୍ୟବସ୍ଥାଗତ ଶୋଷଣ ଓ କଷଣର ସମ୍ମୁଖୀନ ରାଜ୍ୟର ଅନ୍ନଦାତା**

**କଟ୍‌ନୀଛଟ୍‌ନୀ ବନ୍ଦ ପାଇଁ ମଣ୍ଡିରେ ସ୍ପେଶାଲ ସ୍କ୍ୱାଡ୍ ନିଯୁକ୍ତି ଦିଆଯାଉ**

**୧୫୦ କ୍ୱିଣ୍ଟାଲ ସିଲିଂ ବ୍ୟବସ୍ଥା ତୁରନ୍ତ ପ୍ରତ୍ୟାହାର କରାଯାଉ**



■ ଭୁବନେଶ୍ୱର, ୯।୨ (ସମିସ): ରାଜ୍ୟବ୍ୟାପୀ ମଣ୍ଡିରେ ଅବ୍ୟବସ୍ଥା ଓ ଚାଷୀଙ୍କ ଉତ୍କଟ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତ୍ୱରିତ ହସ୍ତକ୍ଷେପ ଲୋଡ଼ିଛନ୍ତି ନବୀନ । ରାଜ୍ୟବ୍ୟାପୀ ହେଉଥିବା କଟନୀ ଛଟନୀ, ଇନପୁଟ ସବ୍‌ସିଡି ପ୍ରଦାନ ପାଇଁ ୧୫୦ କ୍ୱିଣ୍ଟାଲ ସିଲିଙ୍ଗ୍ ବ୍ୟବସ୍ଥା, ମଣ୍ଡି ଗୁଡିକରେ ଚାଷୀ ଭୋଗୁଥିବା ଅବ୍ୟବସ୍ଥା ଏବଂ ଧାନର ଅଭାବୀ ବିକ୍ରି ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟରେ ମଣ୍ଡିଗୁଡ଼ିକ ଚାଷୀ ନିର୍ଯାତନାର କେନ୍ଦ୍ର ପାଲଟି ଯାଇଛି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି । ଅନ୍ନଦାତା ସର୍ବଦା ସମ୍ମାନର ପାତ୍ର, ଓଡ଼ିଶାର ଚାଷୀ କାହାର ଦୟା ଚାହାନ୍ତି ନାହିଁ । ସେମାନେ ବିଜେପିର ନିର୍ବାଚନ ପ୍ରତିଶ୍ରୁତି ମୁତାବକ ସେମାନଙ୍କ ହକ୍ ଚାହାନ୍ତି । ତେଣୁ ଚାଷୀମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଥିନିମନ୍ତେ ପଦକ୍ଷେପ ତୁରନ୍ତ ନେବା ପାଇଁ ନବୀନ ଅନୁରୋଧ କରିଛନ୍ତି ।

ଚିଠିରେ ନବୀନ ଲେଖିଛନ୍ତି ଯେ କୃଷି ହେଉଛି ଓଡ଼ିଶାର ଜୀବନ ରେଖା । ମାତ୍ର ପ୍ରଶାସନିକ ଉଦାସୀନତା ଓ ଲୋକଙ୍କୁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପାଳନରେ ବିଫଳତା ଯୋଗୁ ଚଳିତ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆମ ଚାଷୀମାନଙ୍କ ପାଇଁ ଏକ ସଂଘର୍ଷମୟ ସ୍ଥିତି ସୃଷ୍ଟି କରିଛି । ୨୦୨୪ ନିର୍ବାଚନ ସମୟରେ ବିଜେପିର ନିର୍ବାଚନୀ ଇସ୍ତାହାରର ଦୁଇ ନମ୍ବର ପଏଣ୍ଟରେ ଧାନର ସର୍ବାଧିକ ସହାୟକ ମୂଲ୍ୟ ବୃଦ୍ଧି ଓ କଟନୀ-ଛଟନୀ ସମ୍ପୂର୍ଣ୍ଣ ବନ୍ଦ କରିବା ସମ୍ପର୍କରେ ଆମର ଚାଷୀ ଭାଇ ଭଉଣୀ ମାନଙ୍କୁ ପ୍ରତିଶ୍ରୁତି ଦିଆ ଯାଇଥିଲା । କିନ୍ତୁ ବାସ୍ତବ ସ୍ଥିତି ହେଉଛି ଯେ ରାଜ୍ୟରେ ଥିବା ମଣ୍ଡି ଗୁଡିକ ଏବେ ନିର୍ଯାତନାର କେନ୍ଦ୍ର ପାଲଟି ଯାଇଛି । ଅନ୍ନଦାତାମାନଙ୍କଠାରୁ ବିନା କୌଣସି ଅସୁବିଧାରେ ଧାନ ସଂଗ୍ରହ କରିବାକୁ ଆପଣଙ୍କ ସରକାର ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ ଆର୍ଦ୍ରତା ଓ ନିମ୍ନ ମାନର ଧାନ ଆଦି ଆଳରେ ସେମାନଙ୍କ ଠାରୁ କ୍ୱିଣ୍ଟାଲ ପିଛା ୫ ରୁ ୭ କେଜି ପର୍ଯ୍ୟନ୍ତ କଟନୀ-ଛଟନୀ କରାଯିବା ପରିତାପର ବିଷୟ । ଅନେକ ଜିଲ୍ଲାରେ ଏଭଳି ଶୋଷଣ ଚାଷୀମାନଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି । ମିଲର ଓ ସ୍ଥାନୀୟ ଅଧିକାରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଚାଷୀମାନେ ସେମାନଙ୍କ କଠିନ ପରିଶ୍ରମର ମୂଲ୍ୟ ପାଉନାହାନ୍ତି । ନିର୍ବାଚନ ସମୟରେ ବିଜେପି ଦେଇଥିବା ମିଥ୍ୟା ପ୍ରତିଶ୍ରୁତିର ଏହା ଏକ ଉଦାହରଣ ନୁହେଁ କି ? କେବେ ଏ କଟନୀ-ଛଟନୀ ବନ୍ଦ ହେବ ? ଆପଣଙ୍କ ସରକାର ନିର୍ବାଚନ ପ୍ରତିଶ୍ରୁତି କେବେ ପାଳନ କରିବ ? ନିର୍ବାଚନ ଇସ୍ତାହାର ମୁତାବକ ଚାଷୀ କେବେ ନ୍ୟାୟ ପାଇବ ବୋଲି ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି ।

ଇନପୁଟ ସବ୍‌ସିଡି ପ୍ରଦାନ କ୍ଷେତ୍ରରେ ୧୫୦ କ୍ୱିଣ୍ଟାଲ ସିଲିଙ୍ଗ ନିଷ୍ପତ୍ତିକୁ ▶ପୃଷ୍ଠା-୭

## ୧୨ରେ ଦେଶବ୍ୟାପୀ କୃଷକଙ୍କ ଧର୍ମଘଟ

■ ନୂଆଦିଲ୍ଲୀ, ୯।୨ (ଏଜେନ୍ସି): କୃଷକ ସଂଗଠନଗୁଡ଼ିକ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ତୀବ୍ର ସମାଲୋଚନା କରିଛନ୍ତି । ଏହାକୁ ଆମେରିକା ନିକଟରେ 'ସମ୍ପୂର୍ଣ୍ଣ ଆତ୍ମସମର୍ପଣ' ବୋଲି ସଂଘ କହୁଛି । ଏହି ଚୁକ୍ତିକୁ ବିରୋଧ କରି ଫେବୃଆରୀ ୧୨ରେ କୃଷକମାନେ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛନ୍ତି । ନିକଟରେ ଦୁଇ ଦେଶ ପକ୍ଷରୁ ଜାରି ମିଳିତ ବିବୃତ୍ତିର ପରେ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ଅଭିଯୋଗ କରିଛି ଯେ ଭାରତ ଏବଂ ଆମେରିକା ମଧ୍ୟରେ ପ୍ରସ୍ତାବିତ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମାର ଡାଞ୍ଚା ଭାରତୀୟ କୃଷିକୁ ସମ୍ପୂର୍ଣ୍ଣ ଭାବରେ ଆମେରିକୀୟ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ହସ୍ତାନ୍ତର କରିବା ସହିତ ସମାନ । ସଂଘ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ତୁରନ୍ତ ଇସ୍ତଫା ଦାବି କରିଛି । ବାଣିଜ୍ୟ ଚୁକ୍ତିନାମାର ସର୍ତ୍ତାବଳୀ ଅନୁଯାୟୀ, ଭାରତ ସମସ୍ତ ଆମେରିକୀୟ ଶିଳ୍ପ ସାମଗ୍ରୀ ଏବଂ ଅନ୍ୟାନ୍ୟ ଖାଦ୍ୟ ଏବଂ କୃଷି ଉତ୍ପାଦ ଉପରେ ଶୁଳ୍କକୁ ସମାପ୍ତ କରିବ କିମ୍ବା ହ୍ରାସ କରିବ ।

ସଂଯୁକ୍ତ ବିବୃତ୍ତିରେ କୁହାଯାଇଛି ଯେ ଆମେରିକା ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ, ଯେପରିକି ବୟନ ଏବଂ ପୋଷାକ, ଚମଡା ଏବଂ ପାଦୁକା, ପ୍ଲାଷ୍ଟିକ୍ ଏବଂ ରବର, ଜୈବ ରାସାୟନିକ ପଦାର୍ଥ ଏବଂ କିଛି ଯନ୍ତ୍ରପାତି ଉପରେ ୧୮ ପ୍ରତିଶତ ପାରସ୍ପରିକ ଶୁଳ୍କ ହାର ଲାଗୁ କରିବ । ବାଣିଜ୍ୟ ଚୁକ୍ତି ଘୋଷଣା ପରେ ଏହି ସର୍ତ୍ତାବଳୀ ଜାରି କରାଯାଇଥିଲା, ଯେଉଁଥିରେ ଭାରତ ରୁଷରୁ ତୈଳ କ୍ରୟ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିବା କହିଛି । ଏକ ସାମ୍ବାଦିକ ସମ୍ମିଳନୀରେ ▶ପୃଷ୍ଠା-୭

## ଅଭିଯୋଗ ଶୁଣାଣି ପ୍ରଶାସନିକ ପ୍ରକ୍ରିୟାରେ ପରିଣତ ହୋଇଛି: ମୁଖ୍ୟମନ୍ତ୍ରୀ

### ଲୋକଙ୍କ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀଙ୍କ ସହ ୫ ମନ୍ତ୍ରୀ, ବରିଷ୍ଠ ଅଧିକାରୀ




■ ଭୁବନେଶ୍ୱର, ୯।୨ (ସମିସ): ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ୫ ମନ୍ତ୍ରୀ ଓ ବହୁ ବରିଷ୍ଠ ଅଧିକାରୀ ଶୁଣିଛନ୍ତି ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ୧୭ତମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଶତାଧିକ ଲୋକ ନିଜନିଜର ସମସ୍ୟା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିଜର ଅଭିଯୋଗ ବାଢ଼ିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହେଉଛି ଆମ ସରକାରଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । ଚଳିତ ବର୍ଷ ପ୍ରଶାସନକୁ ଅଧିକ ଲୋକଭିମୁଖୀ କରିବା ପାଇଁ ଦିଆଯାଇଥିବା ୧୫ ଦଫା ନିର୍ଦ୍ଦେଶାବଳୀ ମଧ୍ୟରେ ଅଭିଯୋଗ ଶୁଣାଣି ପ୍ରକ୍ରିୟା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ସଚିବାଳୟ ଠାରୁ ଆରମ୍ଭ କରି ବ୍ଲକ, ତହସିଲ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣି ତାର ସମାଧାନ ଦିଗରେ ଯତ୍ନବାନ ହେବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟସ୍ତରରେ ନିୟମିତ ଅଭିଯୋଗ ଶୁଣାଣି ହେଉଥିବାରୁ ଜିଲ୍ଲାସ୍ତରରେ ମଧ୍ୟ ଏହାର ସୁଫଳ ପରିଲକ୍ଷିତ ହେଉଛି । ଏବେ ଜିଲ୍ଲାପାଳ ଓ ଏସ.ପି ମାନେ ନିୟମିତ ଭାବେ ଅଭିଯୋଗ ଶୁଣାଣି କରୁଛନ୍ତି । ଅଭିଯୋଗ ଶୁଣାଣି ବ୍ୟବସ୍ଥା ସାରା ରାଜ୍ୟରେ ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟାରେ ପରିଣତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ୩୨ ଜଣ ଦିବ୍ୟାଙ୍ଗଙ୍କ ମଧ୍ୟରୁ ଜଟିଳ ରୋଗରେ ପୀଡ଼ିତ ଭଦ୍ରକ ଜିଲ୍ଲାର ବ୍ରଜକିଶୋର ▶ପୃଷ୍ଠା-୭

## ବ୍ୟାଙ୍କର ଅସହଯୋଗ; 'ସୂର୍ଯ୍ୟଘର' ଅନ୍ଧାର



**ବିଭିନ୍ନ ଆଳ ଦେଖାଇ ଋଣ ଦେବାକୁ ମନା କରୁଛନ୍ତି**

**ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟରେ ଲାଗିଛି ମାତ୍ର ୨୭ ୬୧୪ଟି ପ୍ୟାନେଲ**

■ ଭୁବନେଶ୍ୱର, ୯।୨ (ସମିସ): ରାଜ୍ୟରେ ପିଏମ୍ ସୂର୍ଯ୍ୟଘର ଯୋଜନାରେ ଛାତ ଉପରେ ବିଜୁଳି ଉତ୍ପାଦନ ପାଇଁ କେନ୍ଦ୍ରଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ବ୍ୟାପକ ସବସିଡି ପ୍ରଦାନ କରୁଛନ୍ତି । ଏହାସତ୍ତ୍ୱେ ଓଡ଼ିଶାରେ ଏହି ଯୋଜନା ସେମିତି ଆଖିଦୃଶିଆ ଅଗ୍ରଗତି ହାସଲ କରିପାରୁ ନାହିଁ । ରାଜ୍ୟରେ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଓଡ଼ିଶାରେ ୧.୫ ଲକ୍ଷ ଏବଂ ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ରାଜ୍ୟରେ ୩ ଲକ୍ଷ ରୁଫଟପ୍ ସୋଲାର ପ୍ୟାନେଲ ଲଗାଇବାକୁ କେନ୍ଦ୍ର ସରକାର ଓଡ଼ିଶାକୁ ଟାର୍ଗେଟ ଦେଇଛନ୍ତି । ମାତ୍ର ଡିସେମ୍ବର ଶେଷ ସୁଦ୍ଧା ଓଡ଼ିଶାରେ ୨୭ ୬୧୪ଟି ପ୍ୟାନେଲ ଲାଗିପାରିଛି । ସୂର୍ଯ୍ୟଘର ଯୋଜନାର ଏପରି ବିଫଳତା ପଛରେ ବ୍ୟାଙ୍କଗୁଡ଼ିକର ଅସହଯୋଗ ପ୍ରମୁଖ କାରଣ ବୋଲି କୁହାଯାଉଛି ।

ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଅଭିଯୋଗ ▶ପୃଷ୍ଠା-୭


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

M.TECH PROGRAMMES
- Structural Engineering
- Electric Vehicle Technology
- Machine Design and Robotics
- Embedded System and VLSI Design
- Computer Science and Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

A monthly stipend will be provided to M.Tech students for a maximum period of two academic years

To apply for admission through SAAT, Please visit: www.soa.ac.in


## ଘୁଞ୍ଚିଘୁଞ୍ଚି ଯାଉଛି ଉପକୂଳ ରାଜପଥ

**ଟେଣ୍ଡର ଖୋଲିବା ପ୍ରକ୍ରିୟା ୩ ମାସ ହେଲା ଘୁଞ୍ଚି ଚାଲିଛି**

**ଦୁଇଟି ପ୍ୟାକେଜ୍‌ରେ ୧୬୦ କିମି ରାସ୍ତା ନିର୍ମାଣ ଲକ୍ଷ୍ୟ**

■ ଭୁବନେଶ୍ୱର, ୯।୨ (ସମିସ): ଓଡ଼ିଶା ୩ ଟି ପ୍ରମୁଖ ଜାତୀୟ ରାଜପଥ ପ୍ରକଳ୍ପର କାମ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି । କ୍ୟାପିଟାଲ୍ ରିଜିଅନ୍ ରିଂ ରୋଡ୍ ସହ ସମ୍ବଲପୁର ରିଂ ରୋଡ୍ ଓ ଟାଙ୍ଗୀ-କନ୍ଦରପୁର ଜାତୀୟରାଜପଥ ପ୍ରକଳ୍ପର ଆନୁସଙ୍ଗିକ ଅଗ୍ରଗତି ଜୋର୍‌ଦାର ଜାରି ରହିଛି । ମାତ୍ର ଓଡ଼ିଶାର ସବୁଠୁ ପ୍ରମୁଖ ଓ ବହୁ ପ୍ରତୀକ୍ଷିତ କୋଷ୍ଟାଲ ହାଇୱେ (ଉପକୂଳ ରାଜପଥ) ପ୍ରକଳ୍ପ ପଦ୍ମ ଘୁଞ୍ଚି ଘୁଞ୍ଚି ଚାଲିଛି । ରାଜ୍ୟର ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ ପାଇଁ ଗତ ନଭେମ୍ବର ମାସରେ ଟେଣ୍ଡର ଆହ୍ୱାନ ହୋଇଥିଲା । ଜାନୁଆରୀ ୧୪ ପର୍ଯ୍ୟନ୍ତ ଏଥିରେ ବିଡ୍ ଦାଖଲ ଓ ୧୫ରେ ବିଡ୍ ଖୋଲିବ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ ଘୋଷଣା ହୋଇଥିଲା । ମାତ୍ର ଧାର୍ଯ୍ୟ ତାରିଖକୁ ଗୋଟିଏ ମାସ ବିତିଯାଇଥିଲେ ମଧ୍ୟ ଏହି ପ୍ରକଳ୍ପ ଟେଣ୍ଡର ଖୋଲା ହୋଇପାରି ନାହିଁ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପ୍ରକଳ୍ପ ପାଇଁ ଚୂଡ଼ାନ୍ତ କ୍ୟାବିନେଟ୍ ଅନୁମୋଦନ ମିଳିନାହିଁ । ଏହାସହିତ ୨ ଟି ଯାକ ପ୍ୟାକେଜରେ ନିର୍ମାଣ ହେବାକୁ ଥିବା ରାସ୍ତା ପାଇଁ ଏବେ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇନି । ଅନୁରୂପ ଭାବରେ ପ୍ରକଳ୍ପ ପାଇଁ ଜଙ୍ଗଲ ଅନୁମତି ମିଳି ନ ଥିବା ବେଳେ ଏହି ଅନୁମତି ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ




ଆବେଦନ ମଧ୍ୟ କରାଯାଇ ନାହିଁ । ତେବେ ଟେଣ୍ଡର ବିଳମ୍ବ ନିମନ୍ତେ ପ୍ରମୁଖ ୩ ଟି କାରଣକୁ ଦାୟୀ କରାଯାଉଛି ।

ସାଧାରଣତଃ କୌଣସି ଏକ ବଡ଼ ଜାତୀୟ ରାଜପଥ ପ୍ରକଳ୍ପକୁ 'ପିପିଏସି' ଅନୁମୋଦନ ମିଳିଯିବା ପରେ ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଥାଏ । ଟେଣ୍ଡର ପ୍ରକ୍ରିୟା ଶେଷ ସୁଦ୍ଧା କ୍ୟାବିନେଟ ଅନୁମୋଦନ ମିଳିଯାଇଥାଏ । ରାଜ୍ୟର ଉପରୋକ୍ତ ୩ ପ୍ରକଳ୍ପ ପାଇଁ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଥିଲା । ମାତ୍ର ଉପକୂଳ ରାଜପଥ ପ୍ରକଳ୍ପ ପାଇଁ 'ପିପିଏସି' ଅନୁମୋଦନ ମିଳିଥିଲେ ମଧ୍ୟ ଆବଶ୍ୟକୀୟ ଅନ୍ୟାନ୍ୟ କାର୍ଯ୍ୟରେ ବିଳମ୍ବ ହେତୁ ଏହାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇପାରୁ ନ ଥିବା ଜଣାପଡ଼ିଛି । ଯଦିଓ ଏହି ଟେଣ୍ଡର ଖୋଲିବା ପ୍ରକ୍ରିୟା ଘୁଞ୍ଚାଯାଇ ଫେବୃଆରୀ ୧୦କୁ ଧାର୍ଯ୍ୟ କରାଯାଇଛି, ହେଲେ ଏଥର ମଧ୍ୟ ▶ପୃଷ୍ଠା-୭






## ହସ୍ପିଟାଲରେ ଶରଦ ପାୱାର ଗଳାରେ ସଂକ୍ରମଣ, ଜ୍ୱର

ପୁଣେ, ୯ ।୨(ଏଜେନ୍ସି): ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା କାରଣରୁ ସୋମବାର ତାଙ୍କୁ ବାରାମତୀରୁ ପୁଣେର ରୁବି ହଲ କ୍ଲିନକକୁ ଅଣାଯାଇଛି। ଶରଦଙ୍କ କାର୍ଯ୍ୟାଳୟ ତରଫରୁ ଏହି ସୂଚନା ଦିଆଯାଇଛି। ସକାଳୁ ୮୫ ବର୍ଷୀୟ ଶରଦଙ୍କର କ୍ରମାଗତ ଭାବେ କାଶ ହୋଇଥିଲା ଓ ସେ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାର ଅଭିଯୋଗ କରିଥିଲେ। ଫଳରେ ପରିବାର ଲୋକ ବ୍ୟସ୍ତ ହୋଇପଡ଼ିଥିଲେ। ପ୍ରଥମେ ସେ ବାରାମତୀରେ ଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ଅଧିକ ଚିକିତ୍ସା ଓ ପରୀକ୍ଷା ପାଇଁ ପୁଣେ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିଶେଷଜ୍ଞ ପରାମର୍ଶ ଓ ସବିଶେଷ ଯାଞ୍ଚ ପାଇଁ ତାଙ୍କୁ ରୁବି ହଲ୍ କ୍ଲିନିକରେ ଭର୍ତ୍ତି କରାଯାଇଛି। ଡାକ୍ତରମାନେ ତାଙ୍କର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରିବେ ଓ ଆବଶ୍ୟକୀୟ ଟେଷ୍ଟ ପରେ ହିଁ ଅସୁସ୍ଥତାର କାରଣ ଜଣାପଡ଼ିବ ବୋଲି ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି। ତେବେ ତାଙ୍କୁ ସମ୍ପୂର୍ଣ୍ଣ ଭବେ ହସ୍ପିଟାଲରେ ଭର୍ତ୍ତି କରାଯିବ କି ନା ସେ ନେଇ କୌଣସି ନିଷ୍ପତ୍ତି ନିଆଯାଇନାହିଁ।

## ପୂର୍ବତନ ସେନାମୁଖ୍ୟ ନର୍ବାଣେଙ୍କ ପୁସ୍ତକର ବିତରଣକୁ ନେଇ ଏତଲା

ନୂଆଦିଲ୍ଲୀ, ୯।୨ (ଏଜେନ୍ସି): ପୂର୍ବତନ ସ୍ଥଳସେନାମୁଖ୍ୟ ଜେନେରାଲ ଏମଏମ ନର୍ବାଣେଙ୍କ ପ୍ରକାଶିତ ହୋଇ ନ ଥିବା ପୁସ୍ତକ 'ଫୋର ଷ୍ଟାର ଅଫ ଡେଷ୍ଟିନି'କୁ ନେଇ ସଂସଦରେ ହଙ୍ଗାମା ଜାରି ରହିଛି। ଏପରି ସମୟରେ ଦିଲ୍ଲୀ ପୁଲିସ ଏହି ପୁସ୍ତକର ବିତରଣକୁ ନେଇ ଏତଲା ରୁଜୁ କରିଛି। ଅଲଗା ଅଲଗା ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏବଂ ଅନଲାଇନ ନ୍ୟୁଜ ଫୋରମରେ ଆସୁଥିବା ଖବରର ଅବଧାରଣା ନେଇ ପୁଲିସ ଏହି ପଦକ୍ଷେପ ନେଇଛି। ପ୍ରକାଶନ ହେବା ପୂର୍ବରୁ ଏହି ପୁସ୍ତକର ପ୍ରିଣ୍ଟ ଉପଲବ୍ଧ ହେଉଛି ବୋଲି ଏଥିରେ ଦାବି କରାଯାଇଥିଲା। ପୁଲିସ ସୂଚନା ଅନୁଯାୟୀ, ଏହି ପ୍ରକାଶନ ପାଇଁ ସମ୍ବନ୍ଧିତ ଅଧିକାରୀଙ୍କଠାରୁ ଏ ପର୍ଯ୍ୟନ୍ତ ଆବଶ୍ୟକୀୟ ମଞ୍ଜୁରି ମିଳି ନାହିଁ। କିଛି ୱେବସାଇଟରେ ପୁସ୍ତକର ପିଡିଏଫ ଥିବା ତଦନ୍ତରୁ ଜଣାପଡ଼ିଛି। ପେଙ୍ଗୁଇନ ର୍ୟାଣ୍ଡମ ହାଉସ ପ୍ରାଇଭେଟ ଲିମିଟେଡ ଯେଉଁ କପି ପ୍ରସ୍ତୁତ କରିଥିଲା ଏହା ତାହା ହୋଇପାରେ ବୋଲି କୁହାଯାଉଛି। କିଛି ଅନ୍‌ଲାଇନ ମାର୍କେଟିଂ ପ୍ଲାଟଫର୍ମରେ ମଧ୍ୟ ପୁସ୍ତକର ପ୍ରଚ୍ଛଦପଟକୁ ଏଭଳି ଦେଖାଯାଇଛି।

## ଫରିଦାବାଦ ଜେଲ୍‌ରେ ଆତଙ୍କବାଦୀ ଅବଦୁଲ ରେହମନ୍‌କୁ ହତ୍ୟା

ନୂଆଦିଲ୍ଲୀ, ୯।୨ (ଏଜେନ୍ସି): ହରିୟାଣା ଫରିଦାବାଦ ଜେଲ୍‌ରେ ବନ୍ଦୀ ଅବଦୁଲ ରହମାନକୁ ହତ୍ୟା କରାଯାଇଛି। ରବିବାର ବିଳମ୍ବିତ ରାତିରେ ହତ୍ୟା ମାମଲାରେ ଜେଲ୍ ଦଣ୍ଡ ଭୋଗୁଥିବା ଅରୁଣ ଚୌଧୁରୀ ଓରଫ ଅଙ୍କୁ ଜାଟ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ଉଭୟେ ଏକ ଉଚ୍ଚ ସୁରକ୍ଷା ବିଶିଷ୍ଟ ବାରାକରେ ଏକାଠି ରହୁଥିଲେ। ଏହାର ସୂଚନା ମିଳିବା ପରେ ଜେଲ୍ ଅଧିକାରୀ ବାରାକରେ ପହଞ୍ଚି ଥିଲେ। ପରେ ରହମାନର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠା ଯାଇଥିଲା। ସୂଚନା ଅନୁଯାୟୀ, ୨୦ ବର୍ଷୀୟ ଅବଦୁଲକୁ ଗତ ବର୍ଷ ମାର୍ଚ୍ଚରେ ଗଜୁରାଟ ଏଟିଏସ ଧରିଥିଲା। ସେ ଅଲକାଏଦା ଇନ ଇଣ୍ଡିଆନ ସବ୍-କଣ୍ଟିନେଣ୍ଟ (ଏକ୍ୟୁଆଇଏସ)ର ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଅବୁ ସୁଫିୟାନ ସହ ଯୋଗାଯୋଗରେ ଥିଲା। ଅନ୍ୟପଟେ ତାକୁ ମାରିଥିବା କଏଦୀ ଅରୁଣର ନାମ ସାମ୍ବାର ଅକ୍ଷୟ ଶର୍ମା ହତ୍ୟାକାଣ୍ଡରେ ଆସିଥିଲା। ପଞ୍ଜାବରେ ହୋଇଥିବା ସଂଘର୍ଷ ପରେ ତାକୁ ଗିରଫ କରାଯାଇଥିଲା।

## ବେଶ୍ୟାବୃତ୍ତି ପାଇଁ ବାଧ କରିବାରୁ ଆତ୍ମହତ୍ୟା କଲେ ମହିଳା

ବେଙ୍ଗାଲୁରୁ, ୯ ।୨(ଏଜେନ୍ସି): ଶାଶୁଘର ଲୋକଙ୍କ ଦ୍ୱାରା ନିର୍ଯାତିତ ହେବା ଓ ବେଶ୍ୟାବୃତ୍ତି ପାଇଁ ବାଧ କରାଯିବା ପରେ ଜଣେ ୨୧ ବର୍ଷୀୟ ମହିଳା ଆତ୍ମହତ୍ୟା କରିଥିବାର ଅଭିଯୋଗ ହୋଇଛି। କର୍ଣ୍ଣାଟକର ବିଦର ଜିଲ୍ଲାର ବାସବକଲ୍ୟାଣ ସହରର ଓମ୍ କଲୋନୀରେ ଥିବା ବାସଭବନରେ ମହିଳାଙ୍କ ମୃତଦେହ ମିଳିଛି। ମୃତକ ମହଳା ହେଉଛନ୍ତି ଅଞ୍ଜନାବାଇ ଶେଖର ପାଟିଲ ଓ ସେ ବିଦର ଜିଲ୍ଲାର ଭଲକିର ବାସିନ୍ଦା। ସେ ୨୦୨୨ରେ ଶେଖର ପାଟିଲଙ୍କୁ ବିବାହ କରିଥିଲେ। ସେମାନଙ୍କର ଏକ ୧୧ ମାସର ଶିଶୁ ସନ୍ତାନ ମଧ୍ୟ ଅଛି। ଅଞ୍ଜନାବାଇ ପିତାଙ୍କ ବିଜୟକୁମାରଙ୍କ ବୟାନ ଆଧାରରେ ପୁଲିସ ମାମଲା ରୁଜୁ କରିଛି। ଅଭିଯୋଗ ହୋଇଛି ଯେ, ଅବୈଧ ସମ୍ପର୍କ ରଖିବାକୁ ମନା କରିବାରୁ ତାଙ୍କ ଝିଅଙ୍କୁ ନିର୍ମମ ଭାବେ ମାଡ଼ ମରାଯାଉଥିଲା। ଏହି ମାନସିକ ଯନ୍ତ୍ରଣା ସହି ନପାରି ଅଞ୍ଜନାବାଇ ଆତ୍ମହତ୍ୟା କରିଛନ୍ତି। ସ୍ଥାନୀୟ ପୁଲିସ ଏହି ଘଟଣାରେ ସ୍ୱାମୀ ଶେଖର ପାଟିଲଙ୍କ ସମେତ ତାଙ୍କ ପରିବାରର ୩ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ୩ ଜଣଙ୍କୁ ପୁଲିସ ହେପାଜତକୁ ନେଇଥିବା ବେଳେ ଘଟଣାର ଅଧିକ ତତନ୍ତ ଜାରି ରହିଛି।

## ବାଂଲାଦେଶରେ ଜମାତ-ବିଏନ୍‌ପି ସଂଘର୍ଷ; ୫୦ ଆହତ

ଢାକା, ୯ ।୨(ଏଜେନ୍ସି): ଆସନ୍ତା ୧୨ ତାରିଖରେ ବାଂଲାଦେଶରେ ସାଧାରଣ ନିର୍ବାଚନ ଆୟୋଜନ ହେବାକୁ ଯାଉଛି। ଏହା ପୂର୍ବରୁ ଦେଶରେ ଏକାଧିକ ହିଂସା କାଣ୍ଡ ଘଟିଛି। ଅବଶ୍ୟ ବାଂଲାଦେଶରେ ଏହା ନୂଆ କଥା ନୁହେଁ। ବାଂଲାଦେଶର ପାତୁଆଖାଲି ଜିଲ୍ଲାରେ ନିର୍ବାଚନ ପ୍ରଚାର ସମୟରେ ଜମାତ-ଏ- ଇସଲାମି ଓ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ସମର୍ଥକଙ୍କ ମଧ୍ୟରେ ହିଂସାତ୍ମକ ସଂଘର୍ଷ ଘଟିଛି। ଏହି ଘଟଣାରେ ଉଭୟ ଦଳର ସ୍ଥାନୀୟ ନେତାଙ୍କ ସମେତ ୫୦ଜଣ ଆହତ ହୋଇଛନ୍ତି। ଏହି ଘଟଣା ରବିବାର ପାତୁଆଖାଲି-୨ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବୌଫାଲ ଉପଜିଲ୍ଲାର ଚନ୍ଦ୍ରଦ୍ୱୀପ ୟୁନିୟନରେ ଘଟିଛି। ପ୍ରତ୍ୟେକ୍ଷଦର୍ଶୀଙ୍କ ଅନୁଯାୟୀ, ଜମାତ ସମର୍ଠଥତ ପ୍ରାର୍ଥୀ ଶଫିକୁଲ ଇସଲାମ ମସୁଦଙ୍କ ସମର୍ଥନରେ ସକାଳ ୧୦ଟାରେ ଏକ ନିର୍ବାଚନୀ ଶୋଭାଯାତ୍ରା ବାହାରିଥିଲା। କିନ୍ତୁ ଅପରାହ୍ନ ୧ଟାରେ ଭଣ୍ଡାରୀ ବଜାର ଅଞ୍ଚଳରେ ୪୦ରୁ ୫୦ ଜଣିଆ ଗୋଷ୍ଠୀ ଲାଠି ଓ ଧାରୁଆ ଅସ୍ତ୍ରଶସ୍ତ୍ରରେ ଶୋଭାଯାତ୍ରା ଉପରେ ଆକ୍ରମଣ କରିଥିଲେ।

## କ୍ଲାସ୍‌ରୁମ୍‌ରେ ଆତଙ୍କ: ଛାତ୍ରୀଙ୍କୁ ହତ୍ୟା କରି ନିଜକୁ ଗୁଳି କଲା ଛାତ୍ର

ତରନ ତାରନ ସାହିବ, ୯ ।୨(ଏଜେନ୍ସି): ପଞ୍ଜାବର ତରନ ତାରନ ସାହିବ ଜିଲ୍ଲାରେ ଚକିତ କଲା ଭଳି ଏକ ଅଜବ କାଣ୍ଡ ଘଟିଛି। ଏକ ଆଇନ ମହାବିଦ୍ୟାଳୟରେ ସୋମବାର ସକାଳେ ଜଣେ ପ୍ରଥମବର୍ଷର ଆଇନ ଛାତ୍ର ନିଜ ସହପାଠିନୀଙ୍କୁ ହତ୍ୟା କରିବା ପରେ ସେହି ବନ୍ଧୁକରେ ନିଜକୁ ଗୁଳି କରିଛନ୍ତି। ଘଟଣାସ୍ଥଳରେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅଭିଯୁକ୍ତ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସମ୍ପୂର୍ଣ୍ଣ ଏହି ଘଟଣା ସିସିଟିଭିରେ ରେକର୍ଡ ହୋଇଛି। ମୃତ ଛାତ୍ରୀଜଣକ ହେଲେ ନୌଶେହରା ପନ୍ନୁଆଁ ବାସିନ୍ଦା ସନ୍ଦୀପ କୌର ଓ ଅଭିଯୁକ୍ତ ଛାତ୍ର ଜଣକ ହେଲେ ଜଳନ୍ଧର ଜିଲ୍ଲା ମିଲ୍ଲିଆନ ଗ୍ରାମର ବାସିନ୍ଦା ପ୍ରିନ୍ସ ରାଜ ବୋଲି ଚିହ୍ନଟ ହୋଇଛନ୍ତି।

ସିସିଟିଭି ଫୁଟେଜ ଅନୁଯାୟୀ, ପ୍ରିନ୍ସ ଶ୍ରେଣୀ ଗୃହରେ ପ୍ରବେଶ କରି ସନ୍ଦୀପ କୌର ପାଖ ଦେଇ ଚାଲିଯାଇଥିଲେ। ସନ୍ଦୀପ କିଛି କହିଥିଲେ ମଧ୍ୟ ପ୍ରିନ୍ସ କିଛି ପ୍ରତିକ୍ରିୟା ଦେଇ ନଥିଲେ। ଏହାପରେ ସନ୍ଦୀପ ବାହରକୁ ଚାଲିଯାଇଥିଲେ। ପ୍ରିନ୍ସ ମଧ୍ୟ ପଛେ ପଛେ ଯାଇଥିଲେ। ଅନ୍ୟଜଣେ ସହପାଠୀ ସେମାନଙ୍କ ମଧ୍ୟରେ ବୁଝାମଣା କରିବାକୁ ଚେଷ୍ଟା କରିଥିଲେ। ଭିଡ଼ିଓରେ ଦେଖିବାକୁ ମିଳିଛି ଯେ, ତୃତୀୟ ସହପାଠିନୀ ଜଣକ ହସୁଛନ୍ତି ଏବଂ ପ୍ରିନ୍ସ ଓ ସନ୍ଦୀପଙ୍କୁ କ୍ଲାସରୁମ ପଛ ପଟକୁ ନେଇଯାଉଛନ୍ତି। ଦୁଇ ଛାତ୍ରୀ ବେଞ୍ଚରେ ବସିଥିବା ବେଳେ ପ୍ରିନ୍ସ ସେମାନଙ୍କ ସାମ୍ନାରେ ବସିଥିଲା। ସନ୍ଦୀପ ଛିଡ଼ା ହୋଇଥିବା ସମୟରେ ପ୍ରିନ୍ସ ନିଜ ବ୍ୟାଗରୁ ପିସ୍ତଲ ବାହର କରି ପଛକୁ ବୁଲି ସନ୍ଦୀପଙ୍କ ମୁଣ୍ଡକୁ ଗୁଳି ମାରିଥିଲା। ଏହାପରେ ମାତ୍ର ୩ ପାଦ ଆଗକୁ ଯିବା ପରେ ପ୍ରିନ୍ସ ନିଜ ମୁଣ୍ଡକୁ ଗୁଳିମାରି ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲା। ଏହି ଦୃଶ୍ୟ ଦେଖି ସହପାଠିନୀଜଣକ ସ୍ତବ୍ଧ ହୋଇଯାଇଥିଲେ। ସେ କିଛି ସମୟ ବାହାରକୁ ଯାଇ ପୁଣି ସନ୍ଦୀପକୁ ଦେଖିବାକୁ ଫେରିଥିଲେ ଓ ଅନ୍ୟମାନଙ୍କ ସହ କ୍ଲାସରୁମ୍‌ରୁ ଦୌଡ଼ି ପଳାଇଥିଲେ। ପୁଲିସ ସୂଚନା ଅନୁଯାୟୀ, ପ୍ରିନ୍ସ କାହିଁକି ସନ୍ଦୀପକୁ ହତ୍ୟା କଲା ତାହାର କାରଣ ଜଣାପଡ଼ିନାହିଁ। ଉଭୟ ଉସ୍‌ମା ଗ୍ରାମରେ ଥିବା ଏକ ଆଇନ କଲେଜର ପ୍ରଥମ ବର୍ଷର ଛାତ୍ରଛାତ୍ରୀ ଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂସଦ, ଦିଲ୍ଲୀ ସ୍କୁଲଗୁଡ଼ିକୁ ପୁଣି ବୋମା ଧମକ

ନୂଆଦିଲ୍ଲୀ, ୯ ।୨(ଏଜେନ୍ସି): ଦେଶର ସଂସଦ ତଥା ପାର୍ଲାମେଣ୍ଟ ସମେତ ଦିଲ୍ଲୀର ୧୫ଟି ସ୍କୁଲକୁ ବୋମା ବିସ୍ଫୋରଣରରେ ଉଡ଼ାଇବାକୁ ଧମକ ମିଳିଛି। ଏକ ଇ-ମେଲ ମାଧ୍ୟମରେ ଏହି ଧମକ ମିଳିଛି ବୋଲି ପୁଲିସ କହିଛି। ଏହି ମେଲ୍‌ରେ ଦାବି କରାଯାଇଛି ଯେ, ଫେବୃଆରୀ ୧୩ ମଧ୍ୟାର୍ଣ୍ଣ ୧.୧୧ ମିନିଟ୍‌ରେ ସଂସଦରେ ବିସ୍ଫୋରଣ କରାଯିବ ଓ ଦିଲ୍ଲୀକୁ ଖଲିସ୍ତାନ କରାଯିବ। ଅଧିକାରୀମାନଙ୍କ ସୂଚନା ଅନୁଯାୟୀ, ପ୍ରାଥମିକ ତଦନ୍ତ ପରେ ୮ଟି ଧମକ ମିଥ୍ୟା ବୋଲି ଜଣାପଡ଼ିଛି। ଇ-ମେଲ୍‌ରେ ଆତଙ୍କବାଦୀ ଅଫଜଲ ଗୁରୁ ଓ ପଞ୍ଜାବକୁ ଖଲିସ୍ତାନ ଭାବେ ଘୋଷଣା କରିବା କଥା ମଧ୍ୟ ଉଲ୍ଲେଖ ରହିଛି। ଧମକ ମିଳିବା ପରେ ସମସ୍ତ ସ୍କୁଲ୍‌ର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଧମକପୂର୍ଣ୍ଣ ଇମେଲ୍‌ରେ ଲେଖାଯାଇଛି ଯେ, ଅଫଜଲ ଗୁରୁ ସ୍ମୃତିରେ ଦିଲ୍ଲୀ ଖଲିସ୍ତାନ ହେବ। ଫବୃଆରୀ ୧୩ରେ ଦିନ ୧.୧୧ରେ ସଂସଦରେ ବିସ୍ଫୋରଣ ହେବ। ପଞ୍ଜାବ ହେବ ଖଲିସ୍ତାନ-ଖଲିସ୍ତାନ ନ୍ୟାସନାଲ ଆର୍ମି। ଦିଲ୍ଲୀ ଅଗ୍ନିଶମ ସେମା (ଡିଏଫ୍‌ଏସ୍) ମୁତାବକ, ସକାଳେ ବିଭିନ୍ନ ଅଞ୍ଚଳରୁ ଜରୁରୀକାଳୀନ କଲ୍ ଆସିବା ପରେ ବୋମା ନିଷ୍କ୍ରିୟକାରୀ ଦଳ ଓ ଡଗ୍ ସ୍କ୍ୱାଡ଼ ସହିତ ପୁଲିସ ତଦନ୍ତ ଜାରି ରଖିଛି। ନ୍ୟୁ ଫ୍ରେଣ୍ଡସ୍ କଲୋନୀସ୍ଥିତ କେମ୍ବ୍ରିଜ ସ୍କୁଲ ସମେତ ଅନ୍ୟ ସ୍କୁଲଗୁଡିକୁ ଖାଲି କରାଯାଇ ଯାଞ୍ଚ କରାଯାଉଛି। ସେହିପରି ବିହାର ପାଟନା ଓ ଭାଗଲପୁର କୋର୍ଟକୁ ମଧ୍ୟ ସମାନ ବୋମା ଧମକ ମିଳିଛି। ସେହିପରି ଫେବୃଆରୀ ୭ରେ ରାଜସ୍ଥାନ ହାଇକୋର୍ଟର ଯୋଧପୁର ଓ ଜୟପୁର ବେଞ୍ଚକୁ ବୋମାରେ ଉଡ଼ାଇ ଦେବାକୁ ଓ ଜାନୁଆରୀ ୨୮ ରେ ଚଣ୍ଡିଗଡ଼ର ୩୦ଟି ସ୍କୁଲକୁ ଖଲିସ୍ତାନୀ ସମର୍ଥକଙ୍କ ପକ୍ଷରୁ ଧମକପୂର୍ଣ୍ଣ ମେଲ୍ ଆସିଥିଲା।

# ପଶ୍ଚିମବଙ୍ଗରେ ଚୂଡ଼ାନ୍ତ ଭୋଟର ତାଲିକା ଜାରି ସମୟସୀମା ସପ୍ତାହେ ବୃଦ୍ଧି



■ ଏସ୍‌ଆଇଆର୍ ପ୍ରକ୍ରିୟାରେ ପ୍ରତିବନ୍ଧକ ଗ୍ରହଣୀୟ ନୁହେଁ
■ ରାଜ୍ୟ ଡିଜିପିଙ୍କୁ ମାଗିଲେ ଜବାବ

ନୂଆଦିଲ୍ଲୀ, ୯।୨ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆର ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟ ସୋମବାର ରାଜ୍ୟଗୁଡ଼ିକୁ ଚେତାବନୀ ଦେଇଛନ୍ତି। ଏସଆଇଆର ପ୍ରକ୍ରିୟାରେ କୌଣସି ପ୍ରକାରର ପ୍ରତିବନ୍ଧକକୁ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ବିପୁଲ ଏମ ପାଞ୍ଚୋଲିଙ୍କ ଖଣ୍ଡପୀଠ କହିଛନ୍ତି। ଏହା ସବୁ ରାଜ୍ୟ ବୁଝିବା ଦରକାର ବୋଲି କୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ଆବଶ୍ୟକ ପଡ଼ିଲେ ଏ ନିର୍ଦ୍ଦେଶ କିମ୍ବା ସ୍ପଷ୍ଟୀକରଣ ଜାରି କରାଯିବ। ଏହା ସହିତ ପଶ୍ଚିମବଙ୍ଗରେ ଚୂଡ଼ାନ୍ତ ଭୋଟର ତାଲିକା ଜାରି ପାଇଁ ଧାର୍ଯ୍ୟ ସମୟସୀମାକୁ ସର୍ବୋଚ୍ଚ ନ୍ୟାୟାଳୟ ସପ୍ତାହେ ବଢ଼ାଇ ଦେଇଛନ୍ତି। ଏବେ ଫେବୃଆରୀ ୧୪ ପରିବର୍ତ୍ତେ ୨୧ରେ ଏହି ତାଲିକା ଜାରି ହେବ। ଏସ୍‌ଆଇଆର ପ୍ରକ୍ରିୟାକୁ ବିରୋଧ କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆବେଦନ ଦାଏର କରିଥିଲେ। ଏହା ଉପରେ ନିର୍ବାଚନ କମିଶନ ଦେଇଥିବା ପ୍ରତିକ୍ରିୟାର ଶୁଣାଣି ସମୟରେ କୋର୍ଟ ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଇସିଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ କିଛି ଅପରାଧି ପଶ୍ଚିମବଙ୍ଗ ଏସଆଇଆର ସମ୍ବନ୍ଧିତ ନୋଟିସକୁ ଜଳାଇ ଦେଇଛନ୍ତି। ମାତ୍ର ଏହାକୁ ନେଇ ଏ ପର୍ଯ୍ୟନ୍ତ କୌଣସି ଏତଲା ହୋଇ ନାହିଁ। ଏହା ଉପରେ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ଡିଜିପିଙ୍କୁ ଜବାବ ମାଗିଛନ୍ତି। ଆଇନ ବ୍ୟବସ୍ଥା ବଜାୟ ରଖିବା ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ କି ପଦକ୍ଷେପ ନିଆଯାଇଛି ତାହାର ସୂଚନା ମାଗିଛନ୍ତି। ସେହିପରି ରାଜ୍ୟ ସରକାରଙ୍କୁ ମଙ୍ଗଳବାର ସନ୍ଧ୍ୟା ୫ଟା ସୁଦ୍ଧା ଗ୍ରୁପ-ବିର ୮, ୫୦୫ ଅଧିକାରୀଙ୍କ ତାଲିକା ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାରଣ ଏ ପର୍ଯ୍ୟନ୍ତ ଅଧିକାରୀଙ୍କ ନିଯୁକ୍ତି ନେଇ କୌଣସି ସୂଚନା ରାଜ୍ୟ ପକ୍ଷରୁ ଦିଆଯାଇ ନ ଥିବା କହିଥିଲେ। ପୂର୍ବରୁ ଏସଆଇଆର ପ୍ରକ୍ରିୟାରେ ଏମାନଙ୍କୁ ନିଯୁକ୍ତି କରିବାକୁ ରାଜ୍ୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଇଆରଓଏସ ଏବଂ ଏଇଆରଓଏସଙ୍କୁ ବଦଳାଇବାକୁ ଏବଂ ଆବଶ୍ୟକ ପଡ଼ିଲେ ଏହି ଅଧିକାରୀଙ୍କ ସେବା ନେବାକୁ ନିର୍ବାଚନ କମିଶନଙ୍କୁ ଅଧିକାର ଦେଇଛନ୍ତି। ଅନ୍ୟ ଅଧିକାରୀଙ୍କ ବାୟୋଡାଟା ଯାଞ୍ଚ କରିବା ପରେ ପୂର୍ବରୁ ନିୟୋଜିତ ମାଇକ୍ରୋ ଅବଜରଭରଙ୍କ ସଂଖ୍ୟା ସମାନ ଲୋକଙ୍କୁ ବାଛି ପାରିବେ। ଇଆରଓଏସ, ଏଇଆରଓଏସ ଏବଂ ମାଇକ୍ରୋ ଅବଜରଭରଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ସେମାନଙ୍କୁ ପ୍ରଶିକ୍ଷଣ ମଧ୍ୟ ଦିଆଯାଇପାରେ। ଏହି ଅଧିକାରୀ କେବଳ ପ୍ରକ୍ରିୟାରେ ସହାୟତା କରିବେ ଏବଂ ଇଆରଓଏସ ଶେଷ ନିଷ୍ପତ୍ତି ନେବେ। ଏହା ପୂର୍ବରୁ ଗତ ଚାରି ତାରିଖରେ ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ମମତା ସୁପ୍ରିମକୋର୍ଟରେ ହାଜର ହୋଇ ଏସଆଇଆର ବିରୋଧରେ ଯୁକ୍ତି ରଖିଥିଲେ।

## ଇରାନରେ ନୋବେଲ ବିଜେତାଙ୍କୁ ୭ ବର୍ଷ ଜେଲ୍



**ଦେଶ ବିରୋଧରେ ଅପପ୍ରଚାର ଅଭିଯୋଗ**

ତେହରାନ, ୯ ।୨(ଏଜେନ୍ସି): ଇରାନର ରିଭୋଲ୍ୟୁସନାରୀ କୋର୍ଟ ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ତଥା ଜଣାଶୁଣା ମାନବାଧିକାର କର୍ମୀ ନର୍ଗିସ ମୋହମ୍ମଦୀଙ୍କୁ ୭ ବର୍ଷରୁ ଅଧିକ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ତାଙ୍କ ଓକିଲଙ୍କ ଅନୁଯାୟୀ, ତାଙ୍କୁ ରାଷ୍ଟ୍ର ବିରୋଧରେ ଷଡ଼ଯନ୍ତ୍ର ଓ ଅପପ୍ରଚାର ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି। ଦଣ୍ଡ ସହିତ ଦୁଇବର୍ଷର ଆଭ୍ୟନ୍ତରୀଣ ନିର୍ବାସନ ଓ ଯାତ୍ରା ଉପରେ କଟକଣା ମଧ୍ୟ ଲଗାଯାଇଛି। ମୋହମ୍ମଦୀ ପେବୃଆରୀ ମାସରୁ ଜେଲରେ ଅନଶନରେ ଅଛନ୍ତି। ସେ ୨୦୨୨ରେ ମହସା ଅମିନୀଙ୍କ ମୃତ୍ୟୁପରେ ହୋଇଥିବା ବିରୋଧ ପ୍ରଦର୍ଶନରେ ଜଣେ ପ୍ରମୁଖ ସମର୍ଥକ ରହିଆସିଛନ୍ତି। ଏହା ପୂର୍ବରୁ ସେ ୧୩ ବର୍ଷ ଜେଲ ଦଣ୍ଡ ଭୋଗୁଥିଲେ ଓ ସ୍ୱାସ୍ଥ୍ୟଗତ କାରଣରୁ ଅସ୍ଥାୟୀ ଭାବେ ଜେଲ୍‌ରୁ ମୁକ୍ତ ଥିଲେ। ମାନବାଧିକାର ସଂଗଠନଗୁଡିକ ଏହି ଦଣ୍ଡାଦେଶକୁ ନିନ୍ଦା କରିଛନ୍ତି। ଏହି ନିଷ୍ପତ୍ତି ଏପରି ସମୟରେ ଆସିଛି ଯେତେବେଳେ ଇରାନ ନିଜର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକା ସହ ଆଲୋଚନା କରୁଛି। ଉଲ୍ଲେଖଥାଉ କି, ନର୍ଗିସଙ୍କୁ ୨୦୨୩ରେ ନୋବେଲ ପୁରସ୍କାର ପାଇଥିଲେ। ଏହି ସମ୍ମାନ ପାଇବାରେ ସେ ଦ୍ୱିତୀୟ ମହିଳା ଥିଲେ। ଇରାନରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ରାଜନୈତିକ କଏଦୀଙ୍କ ସହ ଦୁର୍ବ୍ୟବହାର ବିରୋଧରେ ସ୍ୱର ଉତ୍ତୋଳନ କରିଥିବାରୁ ତାଙ୍କୁ ଏହି ପୁରସ୍କାର ମିଳିଥିଲା। ଗତ ୩୦ ବର୍ଷ ଧରି ସେ ମାନବାଧିକାର ପାଇଁ ଲଢ଼ୁଛନ୍ତି। ଏହି ସମୟରେ ତାଙ୍କୁ ୧୩ ଥର ଗିରଫ କରାଗଲାଣି। ସେ ଜଣେ ଲେଖିକା ଭାବେ ଲୋକପ୍ରିୟତା ପାଇଛନ୍ତି। ସେ ତାଙ୍କ ପୁସ୍ତକ 'ହ୍ୱାଇଟ୍ ଟର୍ଚ୍ଚର; ଇଣ୍ଟରଭ୍ୟୁଜ ୱିଥ୍ ଇରାନିଆନ ୱମ୍ୟାନ ପ୍ରିଜନର୍ସ' ରେ ନିଜର ଓ ଅନ୍ୟ ୧୨ ଜଣ କଏଦୀଙ୍କ ଜେଲ ଅନୁଭୂତି ବିଷୟରେ ଲେଖିଛନ୍ତି।

# ଚନ୍ଦ୍ରଯାନ-୪ ପାଇଁ ଲ୍ୟାଣ୍ଡିଂ ସାଇଟ୍ ଖୋଜୁଛି ଇସ୍ରୋ

**ଚନ୍ଦ୍ରର ଦକ୍ଷିଣ ମେରୁର 'ମନ୍ସ ମାଉଣ୍ଟନ' ପାହାଡ଼ରେ ଓହ୍ଲାଇବ, ମାଟି ଓ ପଥର ଖଣ୍ଡ ଅଣାଯିବ**

ନୂଆଦିଲ୍ଲୀ, ୯ ।୨(ଏଜେନ୍ସି): ଭାରତ ୨୦୨୩ ଜୁଲାଇ ୧୪ରେ ଶ୍ରୀହରିକୋଟାରୁ ଚନ୍ଦ୍ରଯାନ-୩ ଲଞ୍ଚ୍ କରିଥିଲା ଓ ଏହା ସେହିବର୍ଷ ଅଗଷ୍ଟ ୨୩ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳତାର ସହ ଓହ୍ଲାଇଥିଲା। ଏବେ ଇସ୍ରୋ (ଇଣ୍ଡିଆନ ସ୍ପେଶ ରିସର୍ଚ୍ଚ ଅର୍ଗାନାଇଜେସନ) ନିଜର ପରବର୍ତ୍ତୀ ମିଶନ ଚନ୍ଦ୍ରଯାନ-୪ ପାଇଁ ଲ୍ୟାଣ୍ଡିଂ ସାଇଟ୍ ଖୋଜି ବାହର କରିଛି। ଚନ୍ଦ୍ରଯାନ-୨ ଅର୍ବିଟରରୁ ମିଳିଥିବା ଫଟୋ ଆଧାରରେ ବୈଜ୍ଞାନିକମାନେ 'ମନ୍ସ ମାଉଣ୍ଟନ' (ଏମ୍‌ଏନ୍-୪) ଅଞ୍ଚଳକୁ ଲ୍ୟାଣ୍ଡିଂ ପାଇଁ ସବୁଠାରୁ ଉପଯୁକ୍ତ ବୋଲି କହିଛନ୍ତି। ମନ୍ସ ମାଉଣ୍ଟନ ଚନ୍ଦ୍ରର ମେରୁ ନିକଟରେ ଅବସ୍ଥିତ ପ୍ରାୟ ୬, ୦୦୦ ମିଟର ଉଚ୍ଚର ଏକ ପାହାଡ଼। କିନ୍ତୁ ଏହାର ଶିଖର ଅଂଶ ବହୁତ ପରିମାଣରେ ସମତଳ, ଯାହା ଲ୍ୟାଣ୍ଡିଂ ପାଇଁ ଅନୁକୂଳ। ପୂର୍ବରୁ ଏହାକୁ 'ଲିବନିଜ ବିଟା' କୁହାଯାଉଥିଲା। ପରବର୍ତ୍ତୀ ସମୟରେ ନାସାର ଗଣିତଜ୍ଞ ତଥା କମ୍ପ୍ୟୁଟର ପ୍ରୋଗାମର ମେଲବା ରୟ ମାଉଣ୍ଟନଙ୍କ ନାମ ଅନୁସାରେ ଏହାର ନାମ 'ମନ୍ସ ମାଉଣ୍ଟନ' ରଖାଯାଇଥିଲା। ଏହାର ବିଶେଷତ୍ୱ ହେଉଛି, ଏଠାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସୂର୍ଯ୍ୟକିରଣ ରହେ ଓ ଏହି ଅଞ୍ଚଳରେ ଜଳୀୟ ବାଷ୍ପ ବା ବରଫ ଥିବା ସମ୍ଭାବନା ରହିଛି। ଅଧ୍ୟୟନ ଅନୁଯାୟୀ, ମନ୍ସ ମାଉଣ୍ଟନ ଅଞ୍ଚଳରେ ଏମ୍‌ଏମ-୪କୁ ସବୁଠାରୁ ନିରାପଦ ମନେ କରାଯାଉଛି। ଏହାର ହାରହାରି ଢାଲୁ ୫ ଡିଗ୍ରୀ ରହିଛି। ଯେତେବେଳେ କି, ଲ୍ୟାଣ୍ଡର ୧୦ ଡିଗ୍ରୀ ଢାଲୁରେ ଓହ୍ଲାଇପାରିବ। ଏହି ସ୍ଥାନରେ ୧୧ରୁ ୧୨ ଦିନ ପର୍ଯ୍ୟନ୍ତ ସୂର୍ଯ୍ୟକିରଣ ମିଳିବା ସମ୍ଭାବନା ରହିଛି। ପୃଥିବୀ ସହ ରେଡିଓ ଯୋଗାଯୋଗ ପାଇଁ ମଧ୍ୟ ଏହି ସ୍ଥାନ ଅନୁକୂଳ। ୨, ୧୦୪ କୋଟି ଟଙ୍କାର ଏହି ମିଶନର ମୁଖ୍ୟ ଲକ୍ଷ୍ୟ ହେଉଛି ଚନ୍ଦ୍ରର ପଥର ଓ ମାଟି ସଂଗ୍ରହ କରି ପୃଥିବୀକୁ ଫେରିବା। ଏହି ମିଶନରେ ଦୁଇଟି ଅଲଗା ରକେଟ୍ (ଏଲଭିଏମ୍-୩ ଓ ପିଏସ୍‌ଏଲଭି) ବ୍ୟବହାର କରାଯିବ। ଚନ୍ଦ୍ରଯାନ-୪ ଇସ୍ରୋର ଏପର୍ଯ୍ୟନ୍ତ ସବୁଠାରୁ କଷ୍ଟକର ମିଶନ ବୋଲି କୁହାଯାଉଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବୈଜ୍ଞାନିକମାନେ ଏହି ଅଧ୍ୟୟନକୁ 'ଲୁନାର ଆଣ୍ଡ ପ୍ଲାନେଟେରୀ ସାଇନ୍ସ କନଫରେନ୍ସ' (ଏଲ୍‌ପିଏସ୍‌ସି ୨୦୨୬) ରେ ଉପସ୍ଥାପନ କରିଛନ୍ତି।

### ଗୁଟ୍‌ଖା ବ୍ୟବସାୟୀଙ୍କ ନିଶାସକ୍ତ ପୁଅର ଉନ୍ମତ୍ତକାଣ୍ଡ

## ୧୦ ଗାଡ଼ି, ପଥଚାରୀଙ୍କ ଉପରେ ମଡ଼ାଇଦେଲା ଲାମ୍ବୋର୍ଘିନି

କାନପୁର, ୯।୨ (ଏଜେନ୍ସି): ଦୁର୍ବଳ ଆଇନ ବ୍ୟବସ୍ଥା ପାଇଁ ହିଟ୍ ଆଣ୍ଡ ରନ୍ ମାମଲାର ପୁନରାବୃତ୍ତି ହୋଇଛି। ପୁଣି ଜଣେ ଧନୀ ବାପାର ମଦୁଆ ପୁଅ ଇନ୍ଦ୍ରଚନ୍ଦ୍ର ନ ମାନି ମହଙ୍ଗା ଗାଡ଼ିରେ ଦ୍ରୁତଗତିରେ ଆସି ଅନେକ ଲୋକଙ୍କ ସ୍ୱପ୍ନକୁ ଚାପି ଦେଇଛି। ଗୋଟିଏ କି ଦୁଇଟି ନୁହେଁ; ୧୦ଟି ଗାଡ଼ିକୁ ଧକ୍କା ଦେଇ ପଥଚାରୀଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଛି। ଏଥିରେ ୬ ଜଣ ଆହତ ହୋଇଛନ୍ତି। କିଛି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା କୁହାଯାଉଛି। ଉତ୍ତର ପ୍ରଦେଶ କାନପୁରର ଭିଆଇପି ରୋଡରେ ପ୍ରସିଦ୍ଧ ଗୁଟ୍‌ଖା ବ୍ୟବସାୟୀ କେକେ ମିଶ୍ରଙ୍କ ପୁଅ ଶିବମ ମିଶ୍ର ମଦ ପିଇ ଗାଡ଼ି ଚଳାଇ ଏଭଳି କାଣ୍ଡ ଘଟାଇଛି। ରବିବାର ଅପରାହ୍ନ ୩ଟା ୧୫ରେ ରେଭ-୩ ମଲ୍ ନିକଟରେ ଏହି ଘଟଣା ଘଟିଥିଲା। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଥିଲା। ଏବେ ପୁଲିସ ଶିବମଙ୍କ ୧୦ କୋଟି ଟଙ୍କାର ରିଭେଲଟୋ ଗାଡ଼ିକୁ ଜବତ କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ପ୍ରଥମେ କାର୍ ଏକ ଅଟୋରିକ୍ସା ଧକ୍କା ଦେଇ ପାର୍କ ହୋଇଥିବା ରୟାଲ ଏନଫିଲ୍ଡ ସହ ମାଡ଼ ହୋଇଥିଲା। ଏଥିଯୋଗୁଁ ଏନଫିଲ୍ଡରେ ବସିଥିବା ବ୍ୟକ୍ତି ୧୦ ଫୁଟ ଦୂରକୁ ଛିଟିକି ପଡ଼ି ଥିଲେ। ପରେ ଲାମ୍ବୋର୍ଘିନି ଅନ୍ୟ ଗାଡ଼ିଗୁଡ଼ିକ ସହ ରାସ୍ତାରେ ଚାଲି ଯାଉଥିବା ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା।

## ଡିଜିଟାଲ ଆରେଷ୍ଟ ଠକେଇ ନୁହେଁ; ଡକାୟତି: ସୁପ୍ରିମକୋର୍ଟ

**୫୪ ହଜାର କୋଟି ଲୁଟିନେଲେଣି**

ନୂଆଦିଲ୍ଲୀ, ୯।୨ (ଏଜେନ୍ସି): ଡିଜିଟାଲ ଆରେଷ୍ଟ ମାମଲାକୁ ନେଇ ସୁପ୍ରିମକୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଡିଜିଟାଲ ଆରେଷ୍ଟ କରି ଠକ ଲୋକଙ୍କଠାରୁ ୫୪ ହଜାର କୋଟିରୁ ଅଧିକ ଟଙ୍କା ଠକି ନେଲେଣି। ଏହା ଠକେଇ ତଥା ଡକାୟତିଠାରୁ କୌଣସି ଗୁଣରେ କମ୍ ନୁହେଁ। ଏହି ଠକେଇ ରାଶି ଅନେକ କ୍ଷୁଦ୍ର ରାଜ୍ୟର ବଜେଟଠାରୁ ଅଧିକ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ଏଭଳି ମାମଲାର ମୁକାବିଲା ପାଇଁ ମାର୍ଗଦର୍ଶିକା ଆଣିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ସଂଗଠିତ ଭାବେ କିମ୍ବା ବ୍ୟାଙ୍କ ଅଧିକାରୀଙ୍କ ଅବହେଳାରୁ ଏଭଳି ଅପରାଧ ହେଉଛି। ଏଥିପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଆରବିଆଇ ଏବଂ ବ୍ୟାଙ୍କଗୁଡ଼ିକ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ପୂର୍ବରୁ ଆରବିଆଇ ଏ ନେଇ ଏସଓପି ଜାରି କରିସାରିଛି। ଏଥିରେ ସାଇବର ଠକେଇରୁ ବର୍ତ୍ତିବା ଲାଗି ସାମୟିକ ସମୟ ପାଇଁ ଡେବିଟ କାର୍ଡ ବ୍ଲକ କରିବାର ନିୟମ ରହିଛି। ଏହି ଏସଓପିର ଯାଞ୍ଚ ଏବଂ ସମୀକ୍ଷା ସହିତ ଟେଲିକମ ବିଭାଗର ପ୍ରୋଟକଲ ଅନୁଯାୟୀ ନିଷ୍ପତ୍ତି ନେବା ପାଇଁ ସୁପ୍ରିମକୋର୍ଟ ସ୍ୱରାଷ୍ଟ୍ର ମନ୍ତ୍ରାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଅପରାଧକୁ ପ୍ରଭାବୀ ଢଙ୍ଗରେ ମୁକାବିଲା ପାଇଁ ୪ ସପ୍ତାହ ମଧ୍ୟରେ ଏସଓପି ଆଣିବାକୁ କହିଛନ୍ତି। ଡିଜିଟାଲ ଆରେଷ୍ଟ ମାମଲାକୁ ଅଲଗା କରିବା ପାଇଁ ସୁପ୍ରିମକୋର୍ଟ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି।

# ଜାପାନରେ 'ଆଇରନ ଲେଡି'ଙ୍କ ବାଜିମାତ



ଟୋକିଓ, ୯ ।୨(ଏଜେନ୍ସି): ଜାପାନରେ ରବିବାର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ଆଇରନ ଲେଡି' ତଥା ପ୍ରଧାନମନ୍ତ୍ରୀ ସାନେ ତକାଇଚିଙ୍କ ଲିବେରାଲ ଡେମୋକ୍ରାଟିକ ପାର୍ଟି (ଏଲ୍‌ଡିପି) ବଡ଼ ବିଜୟ ହାସଲ କରିଛି। ଏଲ୍‌ଡିପି ମେଣ୍ଟକୁ ୪୬୫ରୁ ୩୫୨ ଆସନ ମିଳିଛି। ଏଲ୍‌ଡିପି ଏକାକୀ ୩୧୬ ଆସନ୍ ଜିତିଛି, ଯାହା ବହୁମତ ପାଇଁ ଆବଶ୍ୟକ ୨୩୩ଠାରୁ ଯଥେଷ୍ଟ ଅଧିକ। ଏହା ଦଳର ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ବିଜୟ ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି। ଏହାପୂର୍ବରୁ ୧୯୮୬ରେ ଦଳ ୩୦୦ଟି ଆସନ ଜିତିଥିଲା। ନିର୍ବାଚନ ଜିତିବା ପରେ ତକାଇଛି କହିଛନ୍ତି ଯେ, ସେ ଜାପାନକୁ ଆହୁରି ଶକ୍ତିଶାଳୀ ଓ ସମୃଦ୍ଧ କରିବା ପାଇଁ କାର୍ଯ୍ୟ କରିବା ଜାରି ରଖିବେ। ଯଦି ଆବଶ୍ୟକ ପରେ ବିରୋଧୀଙ୍କ ସହ ମିଶି ମଧ୍ୟ ସେ କାମ କରିବାକୁ ପଛାଇବେ ନାହିଁ ବୋଲି କହିଛନ୍ତି। ଏହି ବିଜୟ ପରେ ଉପର ସଦନ ବିରୋଧୀଙ୍କ ନିୟନ୍ତ୍ରଣରେ ଥିଲେ ମଧ୍ୟ ତାକାଇଛିଙ୍କୁ ଆଇନ୍ ପାସ୍ କରିବା ପାଇଁ ଶକ୍ତି ମିଳିଯାଇଛି।

ଏହି ଐତିହାସିକ ବିଜୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଏକ୍ସ (ଟୁଇଟର) ରେ ପୋଷ୍ଟରେ ଲେଖିଛନ୍ତି, ମୋର ବିଶ୍ୱାସ ଆପଣଙ୍କ କୁଶଳ ନେତୃତ୍ୱରେ ଆମେ ଭାରତ- ଜାପାନ ବନ୍ଧୁତାକୁ ନୂତନ ଉଚ୍ଚତାକୁ ନେଇଯିବା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ତାକାଇଚିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ସୋସିଆଲ ମିଡ଼ିଆରେ ଲେଖିଛନ୍ତି ଯେ, ତାକାଇଚି ନିଜର ଶକ୍ତିଶାଳୀ ଓ କଞ୍ଜରଭେଟିଭ ଏଜେଣ୍ଡାରେ ସଫଳ ହୁଅନ୍ତୁ। ପୂର୍ବରୁ ଟ୍ରମ୍ପ ତାକାଇଚିଙ୍କୁ ଜଣେ ଶକ୍ତିଶାଳୀ ଓ ବୁଦ୍ଧିମାନ ନେତା ବୋଲି କହିଥିଲେ। ଏହି ବିଜୟ ପରେ ସାମାଜିକ ଗଣମାଧ୍ୟମରେ ତାକାଇଚିଙ୍କୁ କ୍ରେଜ୍‌ରେ ଜବରଦସ୍ତ ବୃଦ୍ଧି ଘଟିଛି। ସାମାଜିକ ଗଣମାଧ୍ୟମରେ 'ସାନାକାସୁ' ନାମକ ଏକ ଟ୍ରେଣ୍ଡ ମଧ୍ୟ ଚର୍ଚ୍ଚାରେ ରହିଛି। ଏଥିରେ ତାଙ୍କ ଦ୍ୱାରା ବ୍ୟବହୃତ ଜିନିଷ ଯେପରିକି ହ୍ୟାଣ୍ଡବ୍ୟାଗ୍ ଓ ସଂସଦରେ ବ୍ୟବହାର କରାଯାଉଥିବା ଗୋଲାପୀ ପେନ୍ ଯୁବପିଢ଼ି ମଧ୍ୟରେ ଲୋକପ୍ରିୟ ହୋଇଛି। ନିକଟରେ ହୋଇଥିବା ଏକ ସର୍ଭେ ଅନୁଯାୟୀ, ୩୦ ବର୍ଷରୁ କମ୍ ବୟସର ୯୦ ପ୍ରତିଶତରୁ ଅଧିକ ଭୋଟର ତାକାଇଚି ସପକ୍ଷରେ ଭୋଟ୍ ଦେଇଛନ୍ତି। ପ୍ରବଳ ତୁଷାରପାତ ମଧ୍ୟ ଲୋକ ଭୋଟ ଦେବାକୁ ଘରୁ ବାହାରିଥିଲେ। ସଂସଦ ଭଙ୍ଗ କରି ତାକାଇଚି ନିର୍ବାଚନ ଘୋଷଣା କରିଥିଲେ। ସେତେବେଳେ ତାଙ୍କ ଲୋକପ୍ରିୟତା ୭୦ ପ୍ରତିଶତରୁ ଅଧିକ ଥିଲା। ତାକାଇଚି ୧୮ ଘଣ୍ଟା କାମ କରିବା ନେଇ ଜଣାଶୁଣା। ଚୀନ୍ ବିରୋଧୀ କଠୋର ଆଭିମୁଖ୍ୟ ପାଇଁ ତାକାଇଚି ବେଶ୍ ଜଣାଶୁଣା। ସେ ଚୀନ୍‌କୁ ଦୃଷ୍ଟିରେ ରଖି ସାମରିକ ଖର୍ଚ୍ଚ ବୃଦ୍ଧି କରିଛନ୍ତି, ଅର୍ଥନୈତିକ ପ୍ୟାକେଜ ଓ ଟିକସ କାଟ ମଧ୍ୟ ଘୋଷଣା କରିଛନ୍ତି। ବିପକ୍ଷ ଦରଦାମ ବୃଦ୍ଧିକୁ ପ୍ରସଙ୍ଗ କରିଥିବା ବେଳେ ତାକାଇଚି ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ।

# ଫେବୃଆରୀ ୧୯ ରୁ ମାଟ୍ରିକ ପରୀକ୍ଷା

## ପରୀକ୍ଷା ଦେବେ ୫.୬୧ ଲକ୍ଷ ଛାତ୍ରଛାତ୍ରୀ

କଟକ,୯।୨ (ସମିସ): ଆସନ୍ତା ଫେବୃଆରୀ ୧୯ତାରିଖରୁ ରାଜ୍ୟରେ ମାଟ୍ରିକ ପରୀକ୍ଷା ସହ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ ମୋଟ ୫ଲକ୍ଷ ୬୧ହଜାର ୯୭୯ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଛନ୍ତି। ପରୀକ୍ଷା ପରିଚାଳନା ପାଇଁ ସାରା ରାଜ୍ୟରେ ୩୦୮୨ଟି ପରୀକ୍ଷା କେନ୍ଦ୍ର ସହ ୩୨୨ଟି ନୋଡାଲ ସେଣ୍ଟର ସ୍ଥାପନ କରାଯାଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ପରୀକ୍ଷାର୍ଥୀଙ୍କ ସଂଖ୍ୟା

- ୩୨୨ଟି ନୋଡାଲ ସେଣ୍ଟରରେ ରହିବ ପ୍ରଶ୍ନପତ୍ର
- ମାଓ ଅଞ୍ଚଳରେ ସଶସ୍ତ୍ର ପୁଲିସ ମୁତୟନ
- ଜିପିଏସ୍ ଜରିଆରେ ପ୍ରଶ୍ନପତ୍ର ଗାଡ଼ି ଉପରେ ରହିବ ନଜର

ପ୍ରାୟ ୫୦ ହଜାର ବୃଦ୍ଧି ପାଇଥିବାରୁ ବୋର୍ଡ ପକ୍ଷରୁ ଅଧିକ ୫୦ଟି ନୂତନ ପରୀକ୍ଷା କେନ୍ଦ୍ର ବୃଦ୍ଧି କରାଯାଇଛି। ପରୀକ୍ଷା ପ୍ରତିଦିନ ସକାଳ ୯ଟାରୁ ଆରମ୍ଭ ହୋଇ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ।

ପରୀକ୍ଷା ପରିଚାଳନା ପାଇଁ ପ୍ରଶ୍ନପତ୍ର ପଠାଇବା ପ୍ରକ୍ରିୟା ଫେବୃଆରୀ ୧୦ତାରିଖରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ପ୍ରଥମ ପର୍ଯ୍ୟାୟରେ ୪ଟି ଜିଲ୍ଲାକୁ ପ୍ରଶ୍ନପତ୍ର ପଠାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ପ୍ରଶ୍ନପତ୍ର ଓ ଅନ୍ୟାନ୍ୟ ଗୋପନୀୟ ସାମଗ୍ରୀ ନେଇ ଯାଉଥିବା ଗାଡ଼ିଗୁଡ଼ିକରେ ଜିପିଏସ୍ ବ୍ୟବସ୍ଥା କରାଯାଇଛି, ଯାହାଦ୍ୱାରା ବୋର୍ଡ କାର୍ଯ୍ୟାଳୟରୁ ସେଗୁଡ଼ିକର ଗତିବିଧି ଉପରେ ନଜର ରଖାଯାଇପାରିବ। ଏହି ଡେସପ୍ୟାଚ୍ ଟିମ୍ ସହ ସଶସ୍ତ୍ର ପୁଲିସ ବଳ ମଧ୍ୟ ମୁତୟନ ରହିବେ। ନୋଡାଲ ସେଣ୍ଟରଗୁଡ଼ିକରେ ପ୍ରଶ୍ନପତ୍ର ପହଞ୍ଚିବା ପରେ ସେଠାରେ ଏଆଇ ସିସି କ୍ୟାମେରା ଜରିଆରେ କଡ଼ା ନଜର ରଖାଯିବ।

ରାଜ୍ୟର ମାଓ ଅଧ୍ୟୁଷିତ ଅଞ୍ଚଳରେ ଥିବା ୧୭ଟି ପରୀକ୍ଷା କେନ୍ଦ୍ର ପାଇଁ ବୋର୍ଡ ପକ୍ଷରୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି। ଏଥି ମଧ୍ୟରୁ କନ୍ଧମାଳରେ ୧୦ଟି ଏବଂ ମାଲକାନଗିରିରେ ୭ଟି କେନ୍ଦ୍ର ରହିଛି। ଏହି କେନ୍ଦ୍ରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସମ୍ପୃକ୍ତ ଜିଲ୍ଲାର ଏସପିଙ୍କ ସହ ଆଲୋଚନା କରିଛନ୍ତି। ସମ୍ବେଦନଶୀଳ କେନ୍ଦ୍ରଗୁଡ଼ିକର ୧୦୦ମିଟର ପରିଧି ମଧ୍ୟରେ ଅଯଥା ଭିଡ଼ ରୋକିବାକୁ କଟକଣା ଜାରି ହେବ। ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ତଦାରଖ କରାଯିବ।

ପରୀକ୍ଷାକୁ ସ୍ୱଚ୍ଛ କରିବା ସହ ପ୍ରଶ୍ନପତ୍ର ଭାଇରାଲ ରୋକିବା ପାଇଁ ବୋର୍ଡ ପକ୍ଷରୁ ଅଭିନବ ପଦକ୍ଷେପ ନିଆଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ହାଇ-ଡେଫିନେସନ୍ ସିସି କ୍ୟାମେରା ଲଗାଯିବା ସହ ପ୍ରଶ୍ନପତ୍ରରେ ସ୍ୱତନ୍ତ୍ର ୱାଟର୍‌ମାର୍କ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ସମୟରେ କୌଣସି ଶିକ୍ଷକ କିମ୍ବା ପରୀକ୍ଷାର୍ଥୀ କେନ୍ଦ୍ର ମଧ୍ୟକୁ ମୋବାଇଲ୍ ଫୋନ୍ ନେଇପାରିବେ ନାହିଁ। ଯଦି କୌଣସି ପରୀକ୍ଷାର୍ଥୀ ଜରୁରୀ ପରିସ୍ଥିତିରେ ୫ମିନିଟ୍ ବିଳମ୍ବରେ ପହଞ୍ଚନ୍ତି, ତଥାପି ସେମାନଙ୍କୁ ପରୀକ୍ଷା ଦେବାକୁ ଅନୁମତି ଦିଆଯିବ। ବର୍ତ୍ତମାନ ବୋର୍ଡର ଷ୍ଟ୍ରଙ୍ଗ୍ ରୁମ୍‌ରେ ପ୍ରଶ୍ନପତ୍ର ଚାରିସ୍ତରୀୟ ସୁରକ୍ଷା ମଧ୍ୟରେ ସିଲ୍ ହୋଇ ରହିଛି।

## +୨ ପରୀକ୍ଷା ପ୍ରସ୍ତୁତି

# ସିସିଟିଭି ମାଧ୍ୟମରେ ପ୍ରଶ୍ନପତ୍ର ଲିକ୍ ଆଶଙ୍କା

ଭୁବନେଶ୍ୱର, ୯।୨(ସମିସ): ଯୁକ୍ତ ୨ ପରୀକ୍ଷା ସମୟରେ ପ୍ରଶ୍ନପତ୍ର ସୁରକ୍ଷା ସହ କପି ରୋକିବା ପାଇଁ ସିସିଟିଭି କ୍ୟାମେରା ଲଗାଯାଇଛି। ହବ୍‌ରେ ଏଆଇ ପରିଚାଳିତ ସିସିଟିଭି ଲାଗିଛି। ମାତ୍ର ଏହି ସିସିଟିଭି ମାଧ୍ୟମରେ ହିଁ ପ୍ରଶ୍ନପତ୍ର ଭାଇରାଲ୍ ହେବାର ଆଶଙ୍କା ପ୍ରକାଶ ପାଇଛି। ପରୀକ୍ଷା ହଲ୍‌ରେ ଲାଗିଥିବା ସିସିଟିଭି ଦ୍ୱାରା ପ୍ରଶ୍ନପତ୍ର ଉତ୍ତୋଳିତ ହେବ ଏବଂ କଣ୍ଟ୍ରୋଲ ରୁମ୍‌ରୁ ଭାଇରାଲ୍ ହେବା ନେଇ ଖୋଦ୍ ହବ୍‌ର ସୁପରିଟେଣ୍ଡେଣ୍ଟ ଆଶଙ୍କା ପ୍ରକାଶ କରିବା ପରେ ପ୍ରଶ୍ନପତ୍ର ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପରୀକ୍ଷା ହଲ୍‌ରେ ଲାଗିଥିବା ସିସିଟିଭି ହାଇ-ରିଜୋଲ୍ୟୁସନ୍‌ର ହୋଇଥିଲେ ବା ଛୋଟ କୋଠରିରେ ପରୀକ୍ଷା ହେଉଥିଲେ, ପ୍ରଶ୍ନପତ୍ର ସିସିଟିଭି କ୍ୟାମେରାରେ କଏଦ୍ ହେବ। ସିସିଟିଭି କଣ୍ଟ୍ରୋଲ୍ ରୁମ୍ ଦାୟିତ୍ୱରେ ଥିବା ବ୍ୟକ୍ତି ଚାହିଁଲେ, ପ୍ରଶ୍ନପତ୍ରକୁ ସେଠାରୁ କପି କରି ପରୀକ୍ଷା ସମୟରେ ହିଁ ଜାଣିପାରିବେ। ପ୍ରଶ୍ନର ଉତ୍ତର ବାହାର କରି ପିଲାଙ୍କୁ ଦେଇପାରିବେ। ଅସାଧୁ ଅଧ୍ୟାପକ ଓ କର୍ମଚାରୀମାନେ ଏପରି କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ବୋଲି ବିଜେବି ଜୁନିଅର କଲେଜ ଅଧ୍ୟକ୍ଷ ଡକ୍ଟର ରଂଜନ ବଳ କହିଛନ୍ତି। ପ୍ରଶ୍ନପତ୍ର ଜଗିବାକୁ ବ୍ୟାପକ ପଦକ୍ଷେପ ନିଆଯାଉଥିବାବେଳେ ଏହି ଗଳାବାଟକୁ ଜଗିବାକୁ କୌଣସି ବ୍ୟବସ୍ଥା ନାହିଁ ବୋଲି ମଧ୍ୟ ସେ ପ୍ରକାଶ କରିଛନ୍ତି।

ଅପରପକ୍ଷରେ, ଏହି ପ୍ରକ୍ରିୟାରେ ପ୍ରଶ୍ନପତ୍ର ଭାଇରାଲ୍ ହେଲେ ହବ୍ ବା ପରୀକ୍ଷା କେନ୍ଦ୍ର ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ଅଧ୍ୟାପକମାନେ ହରଡ଼ଘଣାରେ ପଡ଼ିବେ। ଏଣୁ, ସିସିଟିଭି କଣ୍ଟ୍ରୋଲ୍ ରୁମ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ସହ ସିସିଟିଭି ମାଧ୍ୟମରେ ପ୍ରଶ୍ନପତ୍ର ଯେପରି ପ୍ରଘଟ ନ ହେବ, ସେଥିପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଡ. ବଳ ଦାବି କରିଛନ୍ତି। ଏ ସମ୍ପର୍କରେ ଉଚ୍ଚ ମାଧ୍ୟମିକ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି ଯେ ପରୀକ୍ଷା ହଲ୍‌ରେ ଲାଗିଥିବା ସିସିଟିଭିକୁ ଜୁମ୍ କରାଯାଇପାରିବ ନାହିଁ। ସେହିପରି ପରୀକ୍ଷା ସମୟରେ ସିସିଟିଭି କେବଳ ସୁପରିଟେଣ୍ଡେଣ୍ଟଙ୍କ ତତ୍ତ୍ୱାବଧାନରେ ରହୁଥିବାରୁ ପ୍ରଶ୍ନପତ୍ର ବାହାରକୁ ଆସିବାର କୌଣସି ସମ୍ଭାବନା ନାହିଁ।

## ତ୍ରିକୋଣୀୟ ପ୍ରେମର କରୁଣ ପରିଣତି

# ପ୍ରପୋଜ ଡେ'ରେ ନୂଆ ପ୍ରେମିକ ଗଳା କାଟିଲା ପୁରୁଣା

ଭୁବନେଶ୍ୱର,୯।୨(ସମିସ): ରାଜଧାନୀରେ ତ୍ରିକୋଣୀୟ ପ୍ରେମର କରୁଣ ପରିଣତି ଦେଖିବାକୁ ମିଳିଛି। ପ୍ରତିଶୋଧ ପରାୟଣ ହୋଇ ନୂଆ ପ୍ରେମିକର ଗଳା କାଟିଲା ପୁରୁଣା ପ୍ରେମିକ। ରକ୍ତାକ୍ତ ଅବସ୍ଥାରେ ରାସ୍ତା ଉପରେ ଛଟପଟ ହୋଇ ନୂଆ ପ୍ରେମିକର ଜୀବନ ଚାଲିଗଲା। ହତ୍ୟା ପରେ ଗାର୍ଲଫ୍ରେଣ୍ଡଙ୍କ ସମେତ ଅନ୍ୟ ଜଣେ ଡ୍ରାଇଭର ଥାନାରେ ଅଟକ ରହିଛନ୍ତି। ପୁରୁଣା ପ୍ରେମିକ ଫେରାର୍ ଥିବାରୁ ପୁଲିସ ତାକୁ ଧରିବାକୁ ବିଭିନ୍ନ ସ୍ଥାନରେ ରେଡ୍ କରୁଛି। ପୁଲିସ ହତ୍ୟା ମାମଲା ରୁଜୁ କରି ଏହାର ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ମୁତାବକ, ଲିଜା କାଣ୍ଡି (୨୧) ନାମକ ଯୁବତୀ ରାଜଧାନୀରେ ଏକ ବ୍ୟୁଟିପାର୍ଲର ଖୋଲିଛନ୍ତି। ସେ ଦିନବନ୍ଧୁ ନାୟକ ଓରଫ ଦିନେଶ ନାମକ ଯୁବକଙ୍କୁ ପ୍ରେମ କରୁଥିଲେ। ଲିଜା ଓ ଦିନେଶ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନିଳାଦ୍ରୀ ବିହାର ମଙ୍ଗଳା ମନ୍ଦିର ନିକଟରେ ଏକ ଘର ଭଡା ନେଇଥିଲେ। ଘର ମାଲିକଙ୍କୁ ସେମାନେ ସ୍ୱାମୀ ସ୍ତ୍ରୀର ପରିଚୟ ଦେଇଥିଲେ। କିଛିଦିନ ଏଭଳି ଚାଲିବା ପରେ ସତ୍ୟବ୍ରତ ନାମକ ଯୁବକଙ୍କ ସହ ଲିଜାଙ୍କ ଦ୍ୱିତୀୟ ପ୍ରେମ ହୋଇଥିଲା। ସତ୍ୟବ୍ରତଙ୍କ ଘର ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରେ ହୋଇଥିଲା ବେଳେ ସେ ରାଜଧାନୀରେ ଟ୍ୟାକ୍ସି ଡ୍ରାଇଭର ଭାବେ କାମ କରୁଥିଲେ। ଦ୍ୱିତୀୟ ପ୍ରେମକୁ ନେଇ ଦିନେଶ ସବୁ ସମୟରେ ଖପ୍ପା ହୋଇଯାଉଥିଲେ। ଯାହା ପରବର୍ତ୍ତୀ ସମୟରେ ହତ୍ୟାର ରୂପ ନେଇଥିଲା।

- ଗାର୍ଲଫ୍ରେଣ୍ଡ ଥାନାରେ ଅଟକ, ଇନ୍ଷ୍ଟାଗ୍ରାମ୍ ରିଲ୍‌ରୁ ଷଡ଼ଯନ୍ତ୍ର ଆରମ୍ଭ
- ଗଳାକାଟି ଦିନେଶ ଫେରାର୍, ପୁଲିସ ଗଠନ କଲା ୩ଟିମ୍

ସତ୍ୟବ୍ରତ ଓ ଲିଜା ଉଭୟ ସମୟ ବିତାଇବାକୁ ଲାଗିଲେ। ପ୍ରେମରୁ ଲୁଚକାଳୀ ଖେଳ ଧିରେ ଧିରେ ସମସ୍ତଙ୍କୁ ଦେଖାଗଲା। ଏପରିକି ଗତ ୮ ତାରିଖ ପ୍ରପୋଜ୍ ଡେ'ରେ ସତ୍ୟବ୍ରତ ଲିଜାଙ୍କୁ ପ୍ରପୋଜ୍ କରିଥିଲେ। ଏହାକୁ ଲିଜା ଇନ୍‌ଷ୍ଟାଗ୍ରାମରେ ଅପଲୋଡ୍ କରିଥିଲେ। ଏଠାରୁ ହିଁ ସତ୍ୟବ୍ରତ ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ଆରମ୍ଭ ହୋଇଥିଲା। ସେହିଦିନ ବିଳମ୍ବିତ ରାତି ପ୍ରାୟ ୧ଟା ବେଳେ ଲିଜା ଏବଂ ଦିନେଶ ଭଡା ଘରେ ଥିଲେ। ଏଠାକୁ ସତ୍ୟବ୍ରତ ଆସିଥିଲେ। ଘରେ ମଦ୍ୟପାନ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ୩ଜଣ ଏକାଠୀ ହେବା ପରେ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା। ତ୍ରିକୋଣୀୟ ପ୍ରେମର ଫଳାଫଳ ଉଗ୍ର ରୂପ ନେଇଥିଲା। ପ୍ରତିଶୋଧ ପରାୟଣ ହୋଇ ସତ୍ୟବ୍ରତଙ୍କ ଗଳାକୁ ଛୁରୀରେ କାଟିଦିଆଗଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ବାହାରକୁ ଆସି ତଳେ ପଡ଼ିଯାଇଥିଲେ। ଲିଜା ପାଖରେ ଥିଲା ବେଳେ ଦିନେଶ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ପୁଲିସ ଏବଂ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ପରେ ସତ୍ୟବ୍ରତଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି।

ସତ୍ୟବ୍ରତଙ୍କ ଗଳା କାଟିବା ପରେ ଲିଜା ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୁରୁଣା ପ୍ରେମିକ ଦିନେଶ ଗଳା କାଟି ଫେରାର୍ ହୋଇଯାଇଥିବା କଥା ମଧ୍ୟ କହିଥିଲେ। ହେଲେ ମୃତକଙ୍କ ପରିବାର ଲୋକେ ହତ୍ୟାକାଣ୍ଡରେ ଲିଜାଙ୍କ ସମ୍ପୃକ୍ତ ଥିବା ଅଭିଯୋଗ କରିଛନ୍ତି। ଲିଜା ଏବଂ ଦିନେଶ ମିଶି ଷଡ଼ଯନ୍ତ୍ର କରି ଗଳା କାଟିଥିବା ଅଭିଯୋଗ ହୋଇଛି। ଏନେଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଏକ ମାମଲା ରୁଜୁ କରି ଲିଜା ଏବଂ ଅନ୍ୟ ଜଣେ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏହି ମାମଲାରେ ପୁଲିସ ୩ଟି ଟିମ୍ ଗଠନ କରିଛି। ଫେରାର୍ ଅଭିଯୁକ୍ତ ଦିନେଶଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ରେଡ୍ କରାଯାଉଛି ବୋଲି ସ୍ଥାନୀୟ ଏସିପି ସୋନାଲି ପରମାର କହିଛନ୍ତି। ଲିଜା ସତ୍ୟବ୍ରତଙ୍କୁ ଡକାଇଥିଲେ ନାଆଁ ସତ୍ୟବ୍ରତ ସେଠାକୁ ମନକୁ ଯାଇଥିଲେ। ତାହା ଏବେ ବି ଅସ୍ପଷ୍ଟ। ଅଧିକ ତଦନ୍ତ ହେଲେ ହତ୍ୟାକାଣ୍ଡରେ କାହାର ସବୁ ସମ୍ପୃକ୍ତି ରହିଛି ତାହା ସ୍ପଷ୍ଟ ହେବ ବୋଲି ଶ୍ରୀମତୀ ପରମାର କହିଛନ୍ତି।

# ବିଳମ୍ବରେ ପହଞ୍ଚିବ ପ୍ରଶ୍ନପତ୍ର

ଭୁବନେଶ୍ୱର, ୯।୨(ସମିସ): ଯୁକ୍ତ ୨ ପରୀକ୍ଷା ପାଇଁ ହବ୍‌ରେ ପ୍ରଶ୍ନପତ୍ର ପହଞ୍ଚିବାରେ ବିଳମ୍ବ ହେବ। ଆସନ୍ତା ୧୨ ତାରିଖରେ ୧୦ ଟି ଶ୍ରମିକ ସଂଗଠନ ପକ୍ଷରୁ ଭାରତ ବନ୍ଦ ଡ଼ାକରା ଦେଇଥିବା ଦୃଷ୍ଟିରୁ ପ୍ରଶ୍ନପତ୍ର ଦିନେ ବିଳମ୍ବରେ ବାହାରିବ। ଫଳରେ ସାମାନ୍ୟ ବିଳମ୍ବ ହେବ। ମାତ୍ର ଏହା ପରୀକ୍ଷା ପ୍ରକ୍ରିୟାକୁ କୌଣସି ପ୍ରକାରେ ପ୍ରଭାବିତ କରିବ ନାହିଁ ବୋଲି ସିଏଚ୍ଏସ୍ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ପରୀକ୍ଷା ପାଇଁ ହବ୍‌କୁ ଦୁଇଟି ପର୍ଯ୍ୟାୟରେ ପ୍ରଶ୍ନପତ୍ର ପହଞ୍ଚାଇବାକୁ ଯୋଜନା ହୋଇଛି। ମୋଟ୍ ୨୧୧ ଟି ପରୀକ୍ଷା ପରିଚାଳନା ହବ୍ (ଇଏମ୍ଏଚ୍ଏସ୍) ହୋଇଥିବାବେଳେ ଆସନ୍ତା ୧୨ ବଦଳରେ ୧୩ ତାରିଖରୁ ପ୍ରଥମ ପର୍ଯ୍ୟାୟ ପ୍ରଶ୍ନପତ୍ର ପ୍ରେରଣ କରାଯିବ। ସେହିପରି ମାର୍ଚ୍ଚ ୪ ରୁ ୬ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶ୍ନପତ୍ର ହବ୍‌କୁ ପ୍ରେରଣ କରାଯାଇଥିବା ପରଶ୍ନପତ୍ର ୭ ତାରିଖ ସୁଦ୍ଧା ପହଞ୍ଚିବ।

# ଗଞ୍ଜେଇ ତେଲ ଜବତ, ୪ ଗିରଫ

ମାଲକାନଗିରି, ୯।୨(ସମିସ): ମାଲକାନଗିରି ଜିଲ୍ଲା ପୁଲିସ ପୁଣି ଅନ୍ତଃରାଜ୍ୟ ଗଞ୍ଜେଇ ତେଲ ତିଆରି ଓ ଚାଲାଣକାରୀ ରାକେଟ୍‌କୁ ଧରିବାରେ ସଫଳ ହୋଇଛି। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ବଡ଼ପଦର ଗ୍ରାମ୍ୟ ଜଙ୍ଗଲରେ ପୁଲିସର ସ୍ୱତନ୍ତ୍ର ଟିମ ଗଠନ କରି ୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୨ଜଣ ସୀମାନ୍ତ ଆନ୍ଧ୍ରପ୍ରଦେଶର ବୋଲି ପୁଲିସ ସୂଚନା ଦେଇଛି। ୨କେଜି ଗଞ୍ଜେଇ ତେଲ ସହ ୩୦କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହାସହ ତେଲ ପ୍ରସ୍ତୁତି ମେସିନ, ପ୍ରେସର୍ କୁକର୍, କମ୍ପ୍ରେସର, ଗ୍ୟାସ ବୋରନେର୍ ଆଦି ଜବତ ହୋଇଛି। ୨କେଜି ଗଂଜେଇ ତେଲର ମୂଲ୍ୟ ପାଖାପାଖି ୨୫ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି। ଗତ ୩ ମାସ ପୂର୍ବେ ଅନୁରୂପ ଭାବେ ପୁଲିସ ୬୨କେଜି ଗଞ୍ଜେଇ ତେଲ ଜବତ କରିଥିଲା। ତାହାର ଆନୁମାନିକ ମୂଲ୍ୟ ୭.୫ କୋଟି ଟଙ୍କା ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

# ଧାନ ସଂଗ୍ରହରେ ବିଜେପି ଚାଷୀଙ୍କୁ ପ୍ରତାରଣା ଦେଇଛି: ବିଜେଡି

ଭୁବନେଶ୍ୱର,୯।୨(ସମିସ): ରାଜ୍ୟରେ ଧାନକିଣାକୁ ନେଇ ସୃଷ୍ଟି ହୋଇଥିବା ଅଭାବନୀୟ ପରିସ୍ଥିତିକୁ ନେଇ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛି ବିଜେଡି। ଚାଷୀଙ୍କ ସମସ୍ୟା ସମାଧାନ ଦିଗରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିଠି ଲେଖି ଯେଉଁ ପରାମର୍ଶ ଦେଇଛନ୍ତି, ତାହାକୁ ଗ୍ରହଣ କରି



- ୪୯% ପଞ୍ଜିକୃତ ଚାଷୀଙ୍କଠାରୁ ସଂଗ୍ରହ ହୋଇଛିଧାର୍ଯ୍ୟ ଲକ୍ଷ୍ୟର ୫୭% ଧାନ
- ରାଜ୍ୟରେ ଧାନ ଚାଷକୁ ନିରୁତ୍ସାହିତ କରିବା ପାଇଁ ସରକାର ଚକ୍ରାନ୍ତ କରୁଛନ୍ତି
- ନବୀନଙ୍କ ପ୍ରସ୍ତାବ ଗ୍ରହଣ କରି ତୁରନ୍ତ ଚାଷୀଙ୍କ ସମସ୍ୟାର ସମାଧାନ କର

ସମସ୍ୟା ସମାଧାନ ପାଇଁ ଦଳ ଦାବି କରିଛି।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ରୋହିତ ପୂଜାରୀ, ମୁଖପାତ୍ର ତଥା ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ରାଜ୍ୟ ବିଜେପି ସରକାର ଚାଷୀମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣରେ ବିଫଳ ହେବା ସହିତ ରାଜ୍ୟର ସମଗ୍ର ଚାଷୀକୁଳକୁ ହତାଶ କରିଛନ୍ତି ବୋଲି କହିଛନ୍ତି। ଶ୍ରୀ ଦାସବର୍ମା କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଚିଠିରେ ମୁଖ୍ୟତଃ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଛନ୍ତି। ଗତ ନିର୍ବାଚନ ସମୟରେ ଏମଏସପି ସହିତ ୩୧୦୦ ଟଙ୍କା ଧାନ କ୍ରୟ ମୂଲ୍ୟ ହେବ, ବିନା କଟନୀ ଛଟନୀରେ ସମସ୍ତ ଧାନ କିଣାଯିବା ଓ ୪୮ ଘଣ୍ଟାରେ ଡିବିଟି ମାଧ୍ୟମରେ ଧାନର ମୂଲ୍ୟ କୃଷକ ମାନଙ୍କୁ ପ୍ରଦାନ କରାଯିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଏହି ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ ହୋଇଛି। ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଯୋଗୁଁ ଧାନ ସଂଗ୍ରହ କାର୍ଯ୍ୟ ଅଧାପନ୍ତରିଆ। ୭୩ ଲକ୍ଷ ମେଟ୍ରିକ ଟନ ଖରିଫ୍ ଧାନକିଣା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ୪୧.୯୬ ଲକ୍ଷ ମେଟ୍ରିକ ଟନ ଅର୍ଥାତ ମାତ୍ର ୫୭ ପ୍ରତିଶତ ଧାନ ସଂଗ୍ରହ ହୋଇପାରିଛି। ରାଜ୍ୟର ସମୁଦାୟ ୧୯,୬୬,୧୮୧ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ, ଏବେ ସୁଦ୍ଧା ୯,୬୫,୫୪୬ ଜଣ ଚାଷୀ ଅର୍ଥାତ ମାତ୍ର ୪୯ ପ୍ରତିଶତ ଚାଷୀ ଧାନ ବିକ୍ରି କରିବାକୁ ସକ୍ଷମ ହୋଇଛନ୍ତି। ପଡୋଶୀ ଛତିଶଗଡ଼ରେ ୮୦ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ୧୪୦ ଲକ୍ଷ ମେଟ୍ରିକ ଟନ ଧାନ କିଣା ସରିଲାଣି। ରାଜ୍ୟର ଚାଷୀମାନେ ଆଜି ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। କିନ୍ତୁ ରାଜ୍ୟର ମନ୍ତ୍ରୀମାନେ ବିଭିନ୍ନ ମନ୍ତବ୍ୟ ଦେଇ ରାଜ୍ୟର ଚାଷୀକୁଳକୁ ଅପମାନ କରୁଛନ୍ତି। ରୋହିତ ପୂଜାରୀ କହିଥିଲେ ଯେ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ବିଜେପିର ପୁରୁଣା ଅଭ୍ୟାସ। ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ସ୍ୱାମୀନାଥନ କମିଟି ଲାଗୁ କରିବା ପାଇଁ ଓ ଚାଷୀଙ୍କ ଆୟକୁ ଦ୍ୱିଗୁଣ କରିବା ପାଇଁ, କିନ୍ତୁ ତାହା ହେଲା ନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ତାଙ୍କ ଚିଠିରେ ଧାନ ସଂଗ୍ରହକୁ ନେଇ ସୃଷ୍ଟି ହୋଇଥିବା ଅଭାବନୀୟ ପରିସ୍ଥିତି ପାଇଁ ଉଦବେଗ ପ୍ରକାଶ କରିବା ସହିତ ଏହି ସମସ୍ୟାର ସମାଧାନ ପାଇଁ କେତେକ ପ୍ରସ୍ତାବ ମଧ୍ୟ ଦେଇଛନ୍ତି। ତେଣୁ ନବୀନଙ୍କ ପ୍ରସ୍ତାବ ତଥା ଦାବି ଗୁଡିକ ତୁରନ୍ତ କାର୍ଯ୍ୟକାରୀ କରାଯାଉ। ଏହି ସମସ୍ୟା ତୁରନ୍ତ ସମାଧାନ ନହେଲେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ।

ଭୃଗୁ ବକ୍ସିପାତ୍ର କହିଥିଲେ ଯେ ବିରୋଧୀ ଦଳରେ ଥିଲାବେଳେ ବିଜେପି ନେତା ମାନେ ବିଭିନ୍ନ ମଣ୍ଡିରେ ପହଞ୍ଚି ବିଭିନ୍ନ କଥା କହୁଥିଲେ ଓ ଚାଷୀମାନଙ୍କୁ ସରକାରଙ୍କ ବିରୋଧରେ ଉସକାଉଥିଲେ। କିନ୍ତୁ ଏବେ ମନ୍ତ୍ରୀ ଓ ନେତାମାନେ ଚାଷୀକୁଳ ପ୍ରତି ବିଭିନ୍ନ କଟୁକ୍ତି କରିବା ସହିତ ପରିହାସ କରୁଛନ୍ତି। ବାସ୍ତବରେ ବିଜେପି ସରକାର ଧାନ ଚାଷକୁ ନିରୁତ୍ସାହିତ କରିବା ଉଦ୍ଦେଶ୍ୟରେ ଏପରି କରୁଛନ୍ତି। କେନ୍ଦ୍ର ଅର୍ଥ ବିଭାଗର ସଚିବ କେରଳ ସରକାରଙ୍କୁ ନିକଟରେ ଦେଇଥିବା ଏକ ଚିଠିକୁ ଦେଖାଇଥିଲେ, ଯେଉଁଥିରେ ଧାନ ଓ ଗହମ ସଂଗ୍ରହ ବେଳେ ଯେଉଁ ରାଜ୍ୟମାନେ ବୋନସ ବା ଇନପୁଟ ସବସିଡି ଦେବାକୁ ବାରଣ କରିଛନ୍ତି। ଏହି ଚିଠିରୁ ସ୍ପଷ୍ଟ ହେଉଛି ଯେ କେନ୍ଦ୍ର ସରକାର ଧାନ ଚାଷକୁ ପ୍ରୋତ୍ସାହନ ଦେବାକୁ ଚାହୁଁ ନାହାନ୍ତି। ସମ୍ଭବତଃ ସେହି କାରଣ ପାଇଁ ରାଜ୍ୟ ସରକାର ଓଡ଼ିଶାର ଚାଷୀକୁଳକୁ ଏପରି ହତାଶ କରୁଛନ୍ତ ବୋଲି ଶ୍ରୀ ବକ୍ସିପାତ୍ର କହିଥିଲେ।

## ହାତୀଦାନ୍ତ ଚାଲାଣ ମାମଲା

# ୪ ମାଫିଆଙ୍କୁ ୩ବର୍ଷ ଜେଲ୍

ବାରିପଦା, ୯।୨(ସମିସ): ଏକ ହାତୀଦାନ୍ତ ଚାଲାଣ ମାମଲାର ବିଚାର କରି ଜିଲ୍ଲା ଦୌରାଜଜ୍ କୋର୍ଟ ୪ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ବର୍ଷ ଜେଲ୍ ଓ ୨୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୯ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସେମାନେ ହେଲେ, ଝାଡ଼ଖଣ୍ଡ ରାଜ୍ୟ ପୂର୍ବ ସିଂହଭୂମ ଜିଲ୍ଲା ଅନ୍ତର୍ଗତ ଗଣ୍ଡାନେଟା ଅଞ୍ଚଳର ମଙ୍ଗଳ ସୋରେନ, ଚାକୁଳିଆ ଅଧୀନ କାଣିମହୁଲି ଗ୍ରାମର ବିଜୟ ହାଁସଦା, ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ



ଡାହିସାହି ଅଞ୍ଚଳର ବିର୍ସା ମୁର୍ମୁ ଓ ପାଟଗଡ଼ିଆ ଅଞ୍ଚଳର ଯୋଗେଶ୍ୱର ନାଏକ। ସୂଚନା ମୁତାବକ, ୨୦୨୫ ଜାନୁଆରୀ ୨୨ରେ ବନ ବିଭାଗ ଏମାନଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ଦେଉଳି ବନାଞ୍ଚଳର ୪୯ନଂ ଜାତୀୟ ରାଜପଥରେ ଭୁରୁଷାଣି ଛକରେ ହାତୀଦାନ୍ତ ବିକ୍ରି ପାଇଁ ଉଦ୍ୟମ କରୁଥିବା ବେଳେ ବନବିଭାଗ ସେଠାରେ ଚଢ଼ଉ କରି ଦୁଇଟି ହାତୀଦାନ୍ତ ଓ ବାଇକ୍ ଜବତ କରିଥିଲା। ଏନେଇ ଦେଉଳି ରେଞ୍ଜ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ଏହି ମାମଲାକୁ ଅତିରିକ୍ତ ପିପି ବଜେନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ।

# ରାଜ୍ୟରେ ଚାଲିଛି ୟୁ-ଟର୍ଣ୍ଣ ସରକାର: କଂଗ୍ରେସ

ଭୁବନେଶ୍ୱର, ୯।୨(ସମିସ): ରାଜ୍ୟ ସରକାର ବିଭିନ୍ନ ଯୋଜନା ଏବଂ ନିୟମ ଘୋଷଣା କରି ବାରମ୍ବାର ପଛଘୁଞ୍ଚା ଦେଉଛନ୍ତି। ରତ୍ନଭଣ୍ଡାର ତଥ୍ୟ ସାର୍ବଜନୀନ କରିବା, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲା, ଗୁଟ୍‌ଖା ବ୍ୟାନ୍, ଠିକା ବ୍ୟବସ୍ଥାର ସମାପ୍ତି, ବେଳାଭୂମିରେ ମଦବିକ୍ରି ଅନୁମତି, ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ପେଟ୍ରୋଲ ମନା, ବିଧାୟକଙ୍କ ଦରମା ବୃଦ୍ଧି, ଛାତ୍ର ସଂସଦ ନିର୍ବାଚନ ଭଳି ପ୍ରସଙ୍ଗରେ ସରକାର ୟୁ-ଟର୍ଣ୍ଣ ମାରିଛନ୍ତି। ତେଣୁ ରାଜ୍ୟରେ ବର୍ତ୍ତମାନ ମୋହନ ସରକାର ନୁହେଁ, ୟୁ-ଟର୍ଣ୍ଣ ସରକାର ଚାଲିଛି ବୋଲି ରାଜ୍ୟ କଂଗ୍ରେସ କହିଛି।

ସୋମବାର ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ୧୯ ମାସରେ ୧୯ପରୀକ୍ଷା ବାତିଲ କରି ରାଜ୍ୟ ସରକାର ରେକର୍ଡ ସୃଷ୍ଟି କରିଛନ୍ତି। ମାଗଣା ୩୦୦ ୟୁନିଟ୍ ବିଜୁଳି ଦେବାକୁ କହି ଓଲଟା ସ୍ମାର୍ଟ ମିଟର ନାମରେ ଟାଟା କମ୍ପାନୀ ପାଇଁ ୭୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଆଗୁଆ ପଞ୍ଚାୟତ ନିର୍ବାଚନକୁ ନିର୍ବାଚନ କମିସନ ମନା କରିଥିବା ବେଳେ ସୁଭଦ୍ରା ଟଙ୍କା, ପ୍ରତି ପଞ୍ଚାୟତରୁ ୧୦୦ଜଣଙ୍କୁ ନିଯୁକ୍ତି, ୨୪ଘଣ୍ଟାରେ ଅର୍ଡିନାନ୍ସ ଆଣି ଚିଟ୍‌ଫଣ୍ଡ ପଇସା ଫେରସ୍ତ କରିବାକୁ ବିଜେପି ଦେଇଥିବା ପ୍ରତିଶ୍ରୁତି କେବେ ପୂରଣ ହେବ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ସେହିପରି



ଏସସି/ଏସଟି ଜମି ବିକ୍ରି ଆଇନ, ଚାଲାଣ ଥିଲେ ପ୍ରଦୂଷଣ ସାର୍ଟିଫିକେଟ୍ ମନା, ଜାନୁୟାରୀ ୧ରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ, ମୁଖ୍ୟମନ୍ତ୍ରୀଙ୍କ ମାଗଣା ଅଭଡ଼ା ବଣ୍ଟନ ଯୋଜନା ସବୁ କୁଆଡ଼େ ଗଲା ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି।

କ୍ରୀଡ଼ାମନ୍ତ୍ରୀ ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ ନାମ ଓଡ଼ିଶା କ୍ରୀଡ଼ା ସମ୍ମାନ ରଖାଯିବ ବୋଲି ଘୋଷଣା କଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ସେମିତି କିଛି ଯୋଜନା ନାହିଁ ବୋଲି କହିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହ ସରକାରୀ ନେଣଦେଣ ସମାପ୍ତି ଘୋଷଣା କରିବାର ୧୨ ଘଣ୍ଟା ନ ହେଉଣୁ ଆଦେଶ ପ୍ରତ୍ୟାହୃତ ହେଲା। ଶିକ୍ଷାବର୍ଷ ଆରମ୍ଭରୁ ସ୍କୁଲ ୟୁନିଫର୍ମ ବଣ୍ଟାଯିବ ବୋଲି କହିଥିଲେ। କିନ୍ତୁ, ଏପର୍ଯ୍ୟନ୍ତ ବଣ୍ଟା

## ୧୯ ମାସରେ ୧୯ ପ୍ରତିଶ୍ରୁତି ପାଳନ ହେଲାନି

ନ ହେବାକୁ ନେଇ ସୋନାଲି ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଇଛନ୍ତି।

ଅନ୍ୟତମ ମୁଖପାତ୍ର ଡଃ ମନୀଷା ଦାସ ପଟ୍ଟନାୟକ ବର୍ତ୍ତମାନ ରାଜ୍ୟରେ 'ରିଲ୍ସ ସରକାର' ଚାଲିଛି ବୋଲି କହିଥିଲେ। ଚାଷୀ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ରେଳ ବ୍ୟବସ୍ଥା କିମ୍ବା ମହିଳାଙ୍କ ସୁରକ୍ଷା ଆଦିରେ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ସେ କହିଛନ୍ତି। ଗୋଟିଏ ବିଭାଗର ମନ୍ତ୍ରୀ ଅନ୍ୟ ବିଭାଗର କାମ ଉପରେ କଥା କହୁଛନ୍ତି, ଯାହା ସରକାରୀ ଅବ୍ୟବସ୍ଥାକୁ ସ୍ପଷ୍ଟ କରୁଛି। ଲୋକଙ୍କ ସମ୍ମୁଖରେ ବଡ଼ବଡ଼ ପ୍ରତିଶ୍ରୁତି ଦେଇ କିଛି ଦିନ ପରେ ସରକାର ସେଗୁଡ଼ିକୁ ଭୁଲିଯାଉଛନ୍ତି। ପ୍ରତ୍ୟେକ ଚାଷୀଙ୍କୁ ଏମ୍‌ଏସ୍‌ପି ଦିଆଯିବ ବୋଲି ଘୋଷଣା କରାଗଲା। କିନ୍ତୁ, ଏବେ ହଠାତ୍ ଏକ ସୀମା ଧାର୍ଯ୍ୟ କରାଯାଇଛି। ଏହା ଚାଷୀଙ୍କ ସହିତ ସିଧାସଳଖ ଧୋକା ବୋଲି ସେ କହିଛନ୍ତି। 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ରେ କନ୍ୟାପିତାଙ୍କୁ ଆର୍ଥିକ ସହାୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଗଲା। କିନ୍ତୁ, ଅନେକ ମାମଲାରେ ସେହି ସହାୟତା ମିଳିନାହିଁ। ପରିସ୍ଥିତି ଏତେ ଦୟନୀୟ ଯେ, ବିବାହ ପରେ ମଧ୍ୟ କେତେକ କନ୍ୟା ଶ୍ୱଶୁରଘରକୁ ଯାଇ ପାରିନାହାନ୍ତି। ୧୯ ମାସରେ ଏହି ସରକାର ୧୯ଟି ପ୍ରତିଶ୍ରୁତି ମଧ୍ୟ ପୂରଣ କରିପାରିନାହିଁ। ଶାସନ ପରିବର୍ତ୍ତେ ପ୍ରତ୍ୟେକ କ୍ଷେତ୍ରରେ ୟୁ-ଟର୍ଣ୍ଣ ପରେ ୟୁ-ଟର୍ଣ୍ଣ ଦେଖିବାକୁ ମିଳୁଛି ବୋଲି ଦଳ ପକ୍ଷରୁ କୁହାଯାଇଛି।



# ସୁକିନ୍ଦା ଶିଳ୍ପ ମହୋତ୍ସବ ଉଦ୍‌ଘାଟିତ



**ଯାଜପୁର, ୯।୨(ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ସୁକିନ୍ଦା ଶିଳ୍ପ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଆଜି ସକାଳୁ ଉଦ୍‌ଘାଟନୀ ଉତ୍ସବ ଦାନଗଦି ମିଲ୍‌ଟାରୀ ଛକ ଠାରୁ ମଙ୍ଗଳାପାଟ ଠାରେ ଥିବା ସୁକିନ୍ଦା ଶିଳ୍ପ ମହୋତ୍ସବ ପର୍ଯ୍ୟନ୍ତ ଏକ ମାରାଥନ ରାଲି କରାଯାଇଥିଲା। ଶିଳ୍ପ ମହୋତ୍ସବ ଆରମ୍ଭରୁ ଏକ ମାରାଥନ ଦୌଡ଼ର ଆୟୋଜନ କରାଯାଇଥିଲା।ଦାନଗଦି ମିଲିଟାରୀ ଛକରୁ ମାରାଥନ ଦୌଡ଼ ଆରମ୍ଭ ହୋଇ ଦାନଗଦି ବ୍ଲକ ମଙ୍ଗଳପୁର ପଞ୍ଚାୟତର ଡେଲିବାହାଳି ମହାପାଟ ମହୋତ୍ସବ ପଡ଼ିଆ ପର୍ଯ୍ୟନ୍ତ ହୋଇଥିଲା। ମିଲଟାରୀ ଛକରୁ ଦୀପ ପ୍ରଜ୍ୱଳନ କରି ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଶିଳ୍ପ ମହୋତ୍ସବର ଉଦ୍‌ଘାଟନ କରିଥିଲେ। ଏକ ବିରାଟ ପଟୁଆରରେ ମନ୍ତ୍ରୀଙ୍କ ସହିତ ଆମନ୍ତ୍ରିତ ଅତିଥି କୋରେଇ ବିଧାୟକ, ଧର୍ମଶାଳା ବିଧାୟକ ଓ ବଡଚଣା ବିଧାୟକ ପ୍ରମୁଖଙ୍କୁ ପାଛୋଟି ଅଣାଯାଇଥିଲା। ବାଜା ବାଣ ରୋଷଣୀରେ ପଟୁଆର ପ୍ରକମ୍ପିତ ହୋଇଥିଲା। ଆଜିର ଶୋଭାଯାତ୍ରାରେ ଅନେକ ଛାତ୍ରଛାତ୍ରୀ ପ୍ରମୁଖ ଭାଗ ନେଇଥିଲେ। ସୁକିନ୍ଦା ଶିଳ୍ପ ମହୋତ୍ସବ କଳା, ସଂସ୍କୃତି, ପରମ୍ପରାର ମହୋତ୍ସବ ବୋଲି ଅତିଥି ମାନେ କହିଥିଲେ। ସୁକିନ୍ଦା ଶିଳ୍ପ ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ସୁକିନ୍ଦା ଶିଳ୍ପ ମହୋତ୍ସବ ଏକ ବର୍ଣ୍ଣାଢ୍ୟ ସମାରୋହରେ ଉଦ୍‌ଘାଟନ ହୋଇଛି। ଏଥିରେ ଯାଜପୁର ଜିଲ୍ଲା ବିଜେପି ସଭାପତି ଦେବକାନ୍ତ ପ୍ରଧାନ, ଦାନଗଦି ବିଡ଼ିଓ ପ୍ରଦୀପ କୁମାର ସେଠୀ, ସୁକିନ୍ଦା ୱାର୍କସ ୟୁନିୟନ ସଭାପତି ସବ୍ୟସାଚୀ ବଳ ସାମନ୍ତ, ସୁକିନ୍ଦା ଶିଳ୍ପ ମହୋତ୍ସବ କମିଟି ସଭାପତି ପ୍ରଶାନ୍ତ ରାୟ, ସମ୍ପାଦକ ସୁଧାଂଶୁ ଭଞ୍ଜ, ସରପଞ୍ଚ ମଙ୍ଗଳପୁର ବାବୁଲି ନାଟିଆ, ବିଜେପିର ବିଭିନ୍ନ ମଣ୍ଡଳ ସଭାପତି ପ୍ରମୁଖ ଯୋଗଦେଇଥିଲେ। ଆଜିର କାର୍ଯ୍ୟକ୍ରମକୁ ରଙ୍ଗାରଙ୍ଗ କରିବା ପାଇଁ ଓଡ଼ିଆ ଚଳଚ୍ଚିତ୍ର ଜଗତର କଣ୍ଠଶିଳ୍ପୀ ଅସୀମା ପଣ୍ଡା ଯୋଗଦେଇଥିଲେ।

## ପତ୍ନୀ ହତ୍ୟା ଅଭିଯୋଗରେ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ



**ଯାଜପୁର, ୯।୨(ସମିସ):** ପତ୍ନୀଙ୍କୁ ହତ୍ୟା କରିବା ଅଭିଯୋଗରେ ସୋମବାର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ ଅଭିଯୁକ୍ତ ସୁଧା ମଲ୍ଲିକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ଲକ୍ଷ ଟଙ୍କା ଜରିମାନା ଆଦାୟ ପାଇଁ ରାୟ ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ବର୍ଷେ କାରାଦଣ୍ଡରେ ଦଣ୍ଡିତ ହେବେ ବୋଲି ରାୟରେ ଉଲ୍ଲେଖ ରହିଛି। ବିବରଣୀରୁ ପ୍ରକାଶ, ଗତ ୨୦୨୫ ମସିହା ଜୁନ ମାସ ୧୫ ତାରିଖ ବିଞ୍ଝାରପୁର ଥାନା ଚନ୍ଦ୍ରମୁହିଁ ଗ୍ରାମର ଅତୁଳି ମଲ୍ଲିକଙ୍କ ପୁଅ ସୁଧା ମଲ୍ଲିକ (୫୪) ରାତି ୧୦ଟା ସମୟରେ ମଦ୍ୟ ପାନ କରି ନିଶାଖୋର ଅବସ୍ଥାରେ ପତ୍ନୀ ଶାନ୍ତିଲତା ମଲ୍ଲିକ ଘରେ ଶୋଇଥିବା ସମୟରେ ଏକ ଶାବଳରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏକାଧିକବାର ଶାବଳରେ ପତ୍ନୀ ଶାନ୍ତିଲତାଙ୍କୁ ଆକ୍ରମଣ କରିଥିଲେ। ପରିବାର ଲୋକେ ଶାନ୍ତିଲତାଙ୍କୁ ଚିକିତ୍ସାଳୟକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ଶାନ୍ତିଲତାଙ୍କ ଭାଇ ଚିନ୍ମୟ ମଲ୍ଲିକ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବିଞ୍ଝାରପୁର ପୁଲିସ ୮୮/୨୫ରେ ଏକ ହତ୍ୟା ମାମଲା ରୁଜୁ କରିବା ସହ ଏସ୍‌ଆଇ ମହମ୍ମଦ ସୁରଜ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଭିଯୁକ୍ତ ସୁଧା ମଲ୍ଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସୋମବାର ଦିନ ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୨ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପୁଲିସର ୧୭ଟି ଦସ୍ତାବିଜ୍‌କୁ ଆଧାର କରି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଅଭିଯୁକ୍ତ ସୁଧା ମଲ୍ଲିକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ଲକ୍ଷ ଟଙ୍କା ଜରିମାନା ଅନାଦେୟରେ ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାଟିକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର (କ୍ୟାଡର) ବିପ୍ଳବ କୁମାର ମୁଦୁଲି ପରିଚାଳନା କରିଥିଲେ।

## ବୋଲେରୋ ଧକ୍କାରେ ରାଜମିସ୍ତ୍ରି ମୃତ

**କୁଆଖିଆ, ୯।୨(ସମିସ):** କୁଆଖିଆ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଖଣ୍ଡିତର ନିକଟରେ ଆଜି ସକାଳେ ଦୁର୍ଘଟଣାରେ ଜଣେ ରାଜ ମିସ୍ତ୍ରୀଙ୍କର ମୃତ୍ୟୁ ହୋଇଛି। ସୁଚନା ଅନୁସାରେ କୁଆଖିଆ ନିକଟସ୍ଥ ଚଣ୍ଡୀପୁର ଗ୍ରାମର ଗିରିଧାରୀ ବେହେରାଙ୍କ ପୁଅ କାର୍ତ୍ତିକ ବେହେରା ରାଜମିସ୍ତ୍ରି କାମ କରନ୍ତି। ଆଜି ସକାଳେ କାମ କରିବାକୁ ସେ ବାଇକ୍‌ରେ ପାଣିକୋଇଲି ଯାଉଥିଲେ। କିନ୍ତୁ ରାସ୍ତାରେ ତାଙ୍କୁ ଯେମିତି ମୃତ୍ୟୁ ଛକି ବସିଥିଲା। ଖଣ୍ଡିତର ନିକଟରେ ରାସ୍ତା କଡରେ ବାଇକ୍ ରଖି ସେ ପରିଶ୍ରା କରୁଥିବା ସମୟରେ କୁଆଖିଆ ପଟରୁ ଏକ ଦ୍ରୁତଗାମୀ ବୋଲେରୋ ତାଙ୍କ ବାଇକ୍ କୁ ଧକ୍କାଦେବା ସହିତ ତାଙ୍କୁ ମଧ ଧକ୍କା ଦେଇ ପାଣିକୋଇଲି ଆଡକୁ ଚାଲି ଯାଇଥିଲା। କିଛି ଦୁରରେ ଥିବା ଲୋକ ଦୁର୍ଘଟଣା ଦେଖିଥିଲେ ମଧ ବୋଲେରୋକୁ ଚିହ୍ନଟ କରିପାରିନଥିଲେ କିମ୍ବା ଅଟକାଇ ପାରିନଥିଲେ। ଖବରପାଇ କୁଆଖିଆ ପୋଲିସ ଘଟଣା ସ୍ଥଳରେ ପହଁଚି ଗୁରୁତର ଥିବା କାର୍ତିକଙ୍କୁ ଧର୍ମଶାଳା ସିଏଚସିକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସମ୍ପର୍କରେ କୁଆଖିଆ ଥାନାରେ ଏକ ମାମଲା (କେସ୍ ନଂ ୫୪/୨୬) ରୁଜୁ ହୋଇଛି। ଏଏସଆଇ ନରେନ ଦାସ ଘଟଣାର ତଦନ୍ତ କରୁଛନ୍ତି।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ଉତ୍ସବ

**ସୁକିନ୍ଦା, ୯।୨(ସମିସ):** ସୁକିନ୍ଦା ସ୍ଥିତ ସତ୍‌ସଙ୍ଗ ବିହାରରେ ଠାକୁର ଶ୍ରୀଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦିବସ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଯଥା ବେଦ ମାଙ୍ଗଳିକ, ଉଷା କୀର୍ତ୍ତନ, ବିନତି ପ୍ରାର୍ଥନା, ନଗର କୀର୍ତ୍ତନ, ମାତୃ ସମ୍ମିଳନୀ ଏବଂ ଆଧ୍ୟାନିକ ପ୍ରବୋଚନ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ବୁଦ୍ଧିମନ୍ତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରବୋଚନ କାର୍ଯ୍ୟକ୍ରମରେ ଗୋପବନ୍ଧୁ ନାୟକ, ରଞ୍ଜିତ ମୁଦୁଲି ପ୍ରମୁଖ ଠାକୁରଙ୍କ ବହୁବିଦ୍ଧି ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଓ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏକ ସୁସଜ୍ଜିତ ରଥକୁ ନେଇ ଶତାଧିକ ଶ୍ରଦ୍ଧାଳୁ ନାମ ସଙ୍କୀର୍ତ୍ତନ କରି ସୁକିନ୍ଦାରେ ନଗର ପରିକ୍ରମା କରି ସତସଙ୍ଗ ବିହାରକୁ ଫେରିଥିଲେ। ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରତିରିତିକ ବୈରାଗୀ ଚରଣ ଦ୍ୱିବେଦୀ, ରମାକାନ୍ତ ମୁଦୁଲି, ଗୁରୁଭାଇ ମନୋରଞ୍ଜନ ଦ୍ୱିବେଦୀ ଓ ଅନ୍ୟାନ୍ୟ ଗୁରୁଭାଇମାନେ ସମସ୍ତ ଅତିଥିଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଏହି ଅବସରରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଯେଉଁଥିରେ ବିଭିନ୍ନ ବିଭାଗର ଡାକ୍ତର ମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟସେବା ଯୋଗାଇଥିଲେ।

## ଘରୁ ଲୁଟିନେଲେ ୨୫ ଲକ୍ଷ ଟଙ୍କାର ସୁନାଗହଣା

**ଭଦ୍ରକ, ୯।୨(ସମିସ):** ଝିଅ ବାହାଘର ପାଇଁ ସଜବାଜ ହେଉଥିଲେ ପରିବାର, କଳାକନା ବୁଲେଇଦେଲେ ଚୋର। ଭଦ୍ରକ ଟାଉନ ଥାନା ଅଧୀନ ମଠସାହି ଅଞ୍ଚଳର ଗୌରହରି ସାହୁଙ୍କ ଘରୁ ୨୫ ଲକ୍ଷରୁ ଅଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ୭୦ ହଜାର ଟଙ୍କା ଚୋରି ହୋଇଛି। ଆଗାମୀ କିଛି ଦିନ ଭିତରେ ଝିଅ ବାହାଘର ପାଇଁ ପ୍ରସ୍ତୁତ ହେଉଥିଲେ। ଏଥିପାଇଁ ସୁନା ଗହଣା କିଣିଥିଲେ ପରିବାର ଲୋକେ। ଗୌରହରିଙ୍କ ସ୍ତ୍ରୀ ରବିବାର ଘରେ ନ ଥିବାରୁ ସେ ଅନ୍ୟ ଏକ ରୁମ୍‌ରେ ଶୋଇଥିଲେ। ପରେ ସ୍ତ୍ରୀ ସୋମବାର ଅପରାହ୍ଣରେ ଆସି ଦେଖନ୍ତି ତାଙ୍କ ରୁମ୍‌ର ଝରକା ଗ୍ରୀଲ୍ ତଡ଼ାହୋଇଛି। ସବୁ ଜିନିଷ ଓ ଆଲମାରୀ ଖୋଲାମେଲା ହୋଇ ପଡ଼ିଛି। ଘରେ ରଖିଥିବା ଲକ୍ଷାଧିକ ଟଙ୍କାର ସମସ୍ତ ସୁନାଗହଣା ଚୋରି ହୋଇଯାଇଛି। ରବିବାର ରାତିରେ ପଛପଟୁ ଆସି ଝରକା ଗ୍ରୀଲ୍ ତାଡ଼ି ଟଙ୍କା ଓ ସୁନା ଚୋରି ହୋଇଥିବା ଭଦ୍ରକ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଡଗ୍ ସ୍କ୍ୱାଡ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଥାନା ଆଇଆଇସିସ୍ତରରେ ଅଦଳବଦଳ

**ଯାଜପୁର, ୯।୨(ସମିସ):** ଯାଜପୁର ଜିଲ୍ଲାର ବିଭିନ୍ନ ଥାନାରେ କାର୍ଯ୍ୟରତ ଥାନା ଅଧିକାରୀଙ୍କ ଅଦଳ ବଦଳ କରାଯାଇଛି। ମଙ୍ଗଳପୁର ଥାନା ଅଧିକାରୀ ଜଗଦିଶ କୁମାର କରଙ୍କୁ ବଡଚଣା ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ଦଶରଥପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ନାୟକଙ୍କୁ ଯାଜପୁର ଟାଉନ ଥାନା, ବରୀ ଥାନା ଅଧିକାରିଣୀ ଜ୍ୟୋତିର୍ମୟୀ ସେଠୀଙ୍କୁ ଯାଜପୁର ରୋଡ ଥାନା, ସୁକିନ୍ଦା ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀଙ୍କୁ ବିଞ୍ଝାରପୁର ଥାନା, ଟମକା ଥାନା ଅଧିକାରୀ ପ୍ରମୋଦିନି ସାହୁଙ୍କୁ ଜଖପୁରା ଥାନା, କୁଆଖିଆ ଥାନା ଅଧିକାରିଣୀ ଚିନ୍ମୟୀ ସାହୁଙ୍କୁ ବରୀ ଥାନା, ବିଞ୍ଝାରପୁର ଥାନାର ଭାରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କୁ ପାଣିକୋଇଲି ପୁଲିସ ମୁଖ୍ୟାଳୟ, କାଳିଆପାଣି ଥାନା ଅଧିକାରୀ ଶିବ ଚରଣ ବେହେରାଙ୍କୁ ପୋଲିସ ମୁଖ୍ୟାଳୟ, ପୁଲିସ ମୁଖ୍ୟାଳୟରେ ଥିବା ଯଥାକ୍ରମେ ରମାକାନ୍ତ ମୁଦୁଲିଙ୍କୁ ସୁକିନ୍ଦା ଥାନା, ବିଭୁ ପ୍ରସାଦ ରାଉତଙ୍କୁ ଅଳକୁଣ୍ଡ ଥାନା, ସୁବ୍ରତ ସାହୁଙ୍କୁ ଅତିରିକ୍ତ ଥାନା ଅଧିକାରୀ ଧର୍ମଶାଳା ଥାନା, ଦିଲ୍ଲୀପ କୁମାର ମହାନ୍ତିଙ୍କୁ ଅତିରକ୍ତ ଥାନା ଅଧିକାରୀ, ଯାଜପୁର ଟାଉନ ଥାନା, ରଞ୍ଜନ କୁମାର ବେହେରାଙ୍କୁ ମଙ୍ଗଳପୁର ଥାନା, ସୁଶାନ୍ତ କୁମାର ସେଠୀଙ୍କୁ କୁଆଖିଆ ଥାନା, ବିନତୀ ଦାସଙ୍କୁ ଟମକା ଥାନା ଅଧିକାରୀ ଭାବେ ବଦଳୀ କରାଯାଇଛି। ହେମଲତା ଦାସଙ୍କୁ ଦଶରଥପୁର ଥାନା ଅଧିକାରୀ ଭାବେ ବଦଳୀ କରାଯାଇଥିବା ବେଳେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଥିବା ସୁରେନ୍ଦ୍ର ଜେନାଙ୍କୁ ସେହି ଠାରେ ଅବସ୍ଥାପିତ ରହିବା ସହିତ ଟ୍ରାଫିକ ଥାନାର ଭାର ସମ୍ଭାଳିବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି।

## ଜିଲ୍ଲାସ୍ତରୀୟ ସ୍କାଉଟ୍ ଓ ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଘାଟିତ



**ଯାଜପୁର, ୯।୨(ସମିସ):** ଯାଜପୁର ସଦର ବ୍ଲକ ଚଇନପୁର ପଞ୍ଚାୟତ ସ୍ଥିତ ସୁଦର୍ଶନ ପାଢ଼ୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସ୍କାଉଟ୍ ଗାଇଡ୍ସ କ୍ୟାମ୍ପୋରୀ ୨୦୨୬ର ଉଦଘାଟନୀ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଭାରତ ସ୍କାଉଟ୍ ଗାଇଡର ମୁଖ୍ୟ କମିଶନର ତଥା ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ସଭାପତିତ୍ୱ କରିଥିଲେ। ଜିଲ୍ଲା ସ୍କାଉଟ୍ ଓ ଗାଇଡ୍ସର ସମ୍ପାଦକ ତଥା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସବୀତା ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା କ୍ୟାମ୍ପୋରୀ ସଂଘଠନର ସମ୍ପାଦକ ଆଲୋକ କୁମାର ବନ୍ଧ, ଦଶରଥପୁର ବ୍ଲକର ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ କୁମାର ମଲ୍ଲିକ, ମଣ୍ଡଳ ଶିକ୍ଷାଧିକାରୀ ତଥା ଜିଲ୍ଲା କମିଶନର (କବ) ଦେବିଲାଲ୍ ମଲ୍ଲିକ, ଜିଲ୍ଲା କମିଶନର ସ୍କାଉଟ୍ ରବି ପ୍ରସାଦ ସାମଲ, ଜିଲ୍ଲା ମୁଖ୍ୟାଳୟ କମିଶନର ବିଶ୍ୱମ୍ବର ମିଶ୍ର, ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁଗ୍ମ ସମ୍ପାଦକ ସବିତା ନାୟକ ବାର୍ଷିକ ବିବରଣୀ ପାଠ କରି ଥିଲେ। ଜହିରୁଦ୍ଦିନ୍ ଖାଁ, ଉପେନ୍ଦ୍ର ସାହୁ, ଜିଲ୍ଲା ସଂଯୋଜକ ଅବିନାଶ ଖୁଣ୍ଟିଆ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରି ଥିଲେ। ନିରଞ୍ଜନ ସାମଲ୍ ଓ ନିରଞ୍ଜନ ଶତପଥୀ, ସଭା ପରିଚାଳନା କରିଥିଲେ। ଉକ୍ତ ଉତ୍ସବରେ ଯାଜପୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।୭୦ ଜଣ ସ୍କାଉଟ୍ ମାଷ୍ଟର ଓ ଗାଇଡ କ୍ୟାପଟେନ ଏବଂ ୬୫୦ରୁ ଊର୍ଦ୍ଧ୍ୱ ସ୍କାଉଟ୍ ଓ ଗାଇଡସ୍ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। ସୁଦର୍ଶନ ପାଢ଼ୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ସହଯୋଗ କରିଥିଲେ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଉପସ୍ଥିତ ସ୍କାଉଟ୍ ଓ ଗାଇଡ ମାନଙ୍କୁ ବିଭିନ୍ନ ଉପାଦେୟ ବାର୍ତ୍ତା ପ୍ରଦାନ କରିଥିଲେ। ସର୍ବଶେଷରେ ସୁଦର୍ଶନ ପାଢ଼ୀ ଉଚ୍ଚ ବିଦ୍ୟାଳୟ ଚଇନପୁର ର ପ୍ରଧାନ ଶିକ୍ଷକ ଦାମୋଦର ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ସ୍କାଉଟ ଓ ଗାଇଡ୍ସ ମାନଙ୍କୁ ଏଆଇ ସମ୍ବନ୍ଧରେ ସୂଚନା ଦେଇ ଥିଲେ।

## ଆଦର୍ଶ ପ୍ରଧାନଶିକ୍ଷକଙ୍କ ସ୍ମୃତିସଭା




**ଯାଜପୁର, ୯।୨(ସମିସ):** ଯାଜପୁର ଜିଲାର ଆଦର୍ଶ ପ୍ରଧାନଶିକ୍ଷକ ଓଷ୍ଟାର ପ୍ରାପ୍ତ ସଭାପତି ସ୍ୱର୍ଗତ ଗଗନ ବିହାରୀ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ବୈଷ୍ଣବ ଦତ୍ତ ଉଚ୍ଚ ସରକାରୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ଓଷ୍ଟା ସଭାପତି ସୁନନ୍ଦ ରାଉତ ଓ ସମ୍ପାଦକ ପବିତ୍ର ପଣ୍ଡାଙ୍କ ଆୟୋଜିତ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ ଓଷ୍ଟା ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ନିର୍ମଳ କୁମାର ଜେନାଙ୍କ ସମେତ ରାଜ୍ୟ ଓଷ୍ଟାର ବହୁ ନେତୃତ୍ୱ ମଣ୍ଡଳି ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅଂଶ ଗ୍ରହଣ କରିବା ସହ ସ୍ୱର୍ଗତ ମିଶ୍ରଙ୍କ କର୍ମମୟ ଜୀବନ, ଆଦର୍ଶ ଓ କାର୍ଯ୍ୟ ଦକ୍ଷତା ଉପରେ ସ୍ମୃତିଚାରଣ କରିଥିଲେ। ଏହି ସ୍ମୃତି ସଭାରେ ଜିଲାର ପ୍ରତ୍ୟେକ ବ୍ଲକର ଓଷ୍ଟା କର୍ମକର୍ତ୍ତାଙ୍କ ସମେତ ଜିଲାର ବହୁ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗଦେବା ସହ ସ୍ୱର୍ଗତ ମିଶ୍ରଙ୍କ ଜୀବନ ଶୈଳୀ ଓ ନେତୃତ୍ୱ ଉପରେ ନିଜ ନିଜର ଅଭିମତ ରଖିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଜିଲା ସଭାପତି ସୁନନ୍ଦ ରାଉତ ସଭାପତିତ୍ୱ କରିଥିବା ବେଳେ, ବୈଷ୍ଣବଦତ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ।

## ଭରତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**କୁଦନ, ୯।୨(ସମିସ):** ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତ ଅନ୍ତର୍ଗତ ବାଲିପଡ଼ିଆ ଯୁବକ ସଂଘ ପ୍ରାଙ୍ଗଣରେ ବରଦା ତୁର୍କିପଡ଼ିଆ ଠାରେ ଭରତ ମେମୋରିଆଲ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗନେଇଥିବା ବେଳେ ଫାଇନାଲକୁ ମୁଷାଟିଗିରି କ୍ରିକେଟ୍ କ୍ଲବ ଓ କୋଟପଦା କ୍ରିକେଟ୍ କ୍ଲବ ଉନ୍ନିତ ହୋଇଥିଲେ। ଫାଇନାଲ ଖେଳରେ କୋଟପଦା ଟସ୍ ଉଇନ କରି ନିର୍ଦ୍ଧାରିତ ଓଭରରେ ୩୬ ରନ କରିଥିବା ବେଳେ ମୁଷାଟିଗିରି ସମୁଦାୟ ୨୩ ରନ କରି ପରାସ୍ତ ହୋଇଥିଲା। ଉକ୍ତ ଟୁର୍ଣ୍ଣାମେଣ୍ଟ ରୁଦ୍ର ପ୍ରସାଦ ସାମଲ ଓ ଜ୍ୟୋତିସ୍ମାନ ସାମଲ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ବିନୋଦ କୁମାର ରାଉତ, ପ୍ରମୋଦ ବେହେରା ଓ ହିସାବରକ୍ଷକ ଭାବେ ଆକାଶ ରାଉତ ଓ ଆକାଶ ବେହେରା ସହଯୋଗ କରିଥିଲେ। ଉକ୍ତ ଉତ୍ସବରେ ବାଲିପଡ଼ିଆ ଗ୍ରାମ ପଞ୍ଚାୟତ ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ପ୍ରାକ୍ତନ ସରପଞ୍ଚ ଅନିରୁଦ୍ଧ ସାମଲ, ପଣ୍ଡିତ ପ୍ରଭାକର ଉଦଗାତା, ପତ୍ରକାର ପ୍ରବାସ କୁମାର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଇନର ଓ ରନର୍ସ ଟିମକୁ ଚାଲେଞ୍ଜ କପ ଓ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ହରପ୍ରସାଦ ସାମଲ, ମାନସ ରଞ୍ଜନ ପ୍ରଧାନ, ସୁସିଲ ତ୍ରିପାଠୀ, ସୁଧାଂଶୁ ଶେଖର ପ୍ରଧାନ, ଧନଞ୍ଜୟ ବାରିକ, ଶ୍ରୀକାନ୍ତ କୁମାର ପ୍ରଧାନ, ଆୟୁସ୍ମାନ ସାମଲ, ବିପିନ ବିହାରୀ ସାମଲ, ଦେବାଶିଷ ପ୍ରଧାନ, ପ୍ରକାଶ ପ୍ରଧାନ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।

## ପାଲସାହିରେ ୨୨ତମ ହନୁମାନ ବାର୍ଷିକ ଉତ୍ସବ

**ଅସୁରାଳି, ୯।୨(ସମିସ):** ଧାମନଗର ବ୍ଲକ୍ ପାଲସାହି ପଞ୍ଚାୟତ ମହାବୀର କମିଟି ତଥା ପାଲସାହି ଗ୍ରାମବାସୀଙ୍କ ନେତୃତ୍ୱରେ ୨୨ତମ ହନୁମାନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ୭ରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ପ୍ରଥମ ଦିବସରେ ଅଙ୍କୁରାରୋପଣ ଓ ଅଧିବାସ ହୋଇଥିଲା। ଦ୍ୱିତୀୟ ଦିବସରେ ଶହଶହ ଶ୍ରଦ୍ଧାଳୁଙ୍କ ଦ୍ୱାରା ଗ୍ରାମ ପରିକ୍ରମା ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବୈତରଣୀ ନଦୀରୁ ଜଳ ଆସି ଘଟ ସ୍ଥାପନ ହୋଇଥିଲା। ପ୍ରତ୍ୟେକ ଦିନ ହନୁମାନ ଚାଳିଶାରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ସେହିପରି ସୋମବାର ଗୀତା ଯଜ୍ଞ ଅନୁଷ୍ଠିତ ହୋଇଛି। ପଣ୍ଡିତ ଧୀରେନ୍ଦ୍ର କୁମାର ପତି ଶର୍ମା, ପଣ୍ଡିତ ବଦ୍ରି ନାରାୟଣ ପଣ୍ଡା, ପଣ୍ଡିତ ପଞ୍ଚାନନ ମିଶ୍ର, ପଣ୍ଡିତ ବିଭୂତିଭୂଷଣ ଶତପଥୀ, ରମାକାନ୍ତ ସାଆନ୍ତ, ଦୀପ୍ତିରଞ୍ଜନ ଦେବଶର୍ମା ପ୍ରମୁଖ ରୀତିନୀତି ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରିଥିଲେ।

## ଗୋଚର ଜମିରୁ ମାଫିଆ ଲୁଟିନେଲେ ମାଟି



**କୁଦନ, ୯।୨(ସମିସ):** ବଡ଼ଚଣା ବ୍ଲକ ତଥା ଦର୍ପଣ ତହସିଲ ଅଧୀନ ବନ୍ଦରେଶ୍ୱର ରାଜସ୍ୱ ସର୍କଲ କେଶରାଇପୁର ମୌଜାରେ ଥିବା ଗୋଚର ଜମିରୁ କିଛି ମାଟି ମାଫିଆ ମାଟି ଲୁଟ କରିନେବା ପରେ ଉକ୍ତ ସ୍ଥାନରେ ଜଳାଶୟ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ଏହାକୁ ବିରୋଧ କରି ବନ୍ଦରେଶ୍ୱର ରାଜସ୍ୱ ନିରିକ୍ଷକଙ୍କୁ ଅବଗତ କରାଇଛନ୍ତି। ଖବରରୁ ପ୍ରକାଶ କେଶରାଇପୁର ମୌଜାର ଖାତା ନଂ ୨୬୩ ଓ ପ୍ଲଟ ନଂ ୨୯୪ ଗୋଚର କିଶମ ଜମିରୁ ମାହାଙ୍ଗା ଥାନା ଅଧିନ ଲଳିତଗିରି ଗ୍ରାମର କିଛି ମାଟି ମାଫିଆ ଉକ୍ତ ଜମିରୁ ମାଟି ଲୁଟ କରି ସେଠାରେ ଏକ ଜଳାଶୟ ସୃଷ୍ଟି କରିଛନ୍ତି। ସମ୍ପୃକ୍ତ ଜମିରୁ ଶହ ଶହ ଟ୍ରିପ ମାଟି ବିକ୍ରି କରି ମାଫିଆ ମାନେ ଲକ୍ଷାଧିକ ଟଙ୍କା ମୁନାଫା କମାଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଥାଉକି ଉକ୍ତ ଜମି ବଡ଼ଚଣା ଅଞ୍ଚଳର ହୋଇଥିବା ବେଳେ ମାହାଙ୍ଗା ଅଞ୍ଚଳର ମାଫିଆ ମାନେ ମାଟି ଲୁଟ କରିଥିବାରୁ ଅଞ୍ଚଳବାସୀଙ୍କ ମନରେ ଘୋରଅସନ୍ତୋଷ ଦେଖାଦେଇଛି। ଏ ନେଇ ବନ୍ଦରେଶ୍ୱର ରାଜସ୍ୱ ନିରୀକ୍ଷକ ତପନ କୁମାର ମିଶ୍ରଙ୍କୁ ପଚାରିବାରେ ଘଟଣାର ସତ୍ୟାସତ୍ୟକୁ ସ୍ୱୀକାର କରି ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କୁ ରିପୋର୍ଟ ପ୍ରଦାନ କରିଥିବା କହିଛନ୍ତି। ଦର୍ପଣ ତହସିଲଦାର ଏ ସମ୍ପର୍କରେ ତଦନ୍ତ କରି ସମ୍ପୃକ୍ତ ମାଟି ମାଫିଆଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ତହସିଲଦାର କେବେ ତଦନ୍ତ ଓ କି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର। ଏ ନେଇ ଦର୍ପଣ ତହସିଲଦାର ଶ୍ରୀ ତ୍ରିପାଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇନଥିଲା।

## ମାରଣାସ୍ତ୍ରରେ ଆକ୍ରମଣ କରି ସୁନାଚେନ୍ ଲୁଟ୍ ଉଦ୍ୟମ

**ଭଦ୍ରକ, ୯।୨(ସମିସ):** ଜନୈକ ବ୍ୟକ୍ତିଙ୍କଠାରୁ ସୁନାଚେନ୍ ଲୁଟ୍ ଉଦ୍ୟମବେଳେ ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି। ଭଦ୍ରକ ଟାଉନ୍ ଥାନା ଅଧୀନ ବନ୍ତ ଛକସ୍ଥିତ ବସ୍‌ଷ୍ଟାଣ୍ଡରେ ଏମିତି ଘଟଣା ଘଟିଛି। ସୂଚନା ଅନୁଯାୟୀ, ବାରିପଦା ଅଞ୍ଚଳର ଜ୍ୟୋତିରଞ୍ଜନ ପୃଷ୍ଟି ଚାନ୍ଦବାଲିସ୍ଥିତ ଶଶୁର ଘରୁ ଫେରୁଥିଲେ। ବନ୍ତ ଛକରେ ବାରିପଦା ବସ୍ ପାଇଁ ଅପେକ୍ଷା କରିଥିଲେ। ଏହି ସମୟରେ ୪ ଜଣ ଦୁର୍ବୃତ୍ତ ସେ ପିନ୍ଧିଥିବା ସୁନାଚେନ୍ ଲୁଟ୍ ଉଦ୍ୟମ କରିଥିଲେ। ଏହାକୁ ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ଡାହାଣ ଗୋଡ଼ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଭଦ୍ରକ ସହରାଞ୍ଚଳ ପୁଲିସ ବସ୍‌ଷ୍ଟାଣ୍ଡ ନିକଟ ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ କରୁଛି।

**ବିଜେପିରେ ଜୋର ଧରୁଛି ପୁରୁଣା-ନୂଆ ଲଢ଼େଇ**

# କୋଣଠେସା ପୁରୁଣା କାର୍ଯ୍ୟକର୍ତ୍ତା

**ଯାଜପୁର, ୯।୨(ସମିସ)**

ଯାଜପୁର ଜିଲ୍ଲାରେ ପ୍ରଥମ ଥର ପାଇଁ ୩ଟି ବିଧାନସଭା ଆସନ ହାତେଇଛି ବିଜେପି। ଧର୍ମଶାଳା ଆସନଟି ସ୍ୱାଧୀନ ବିଧାୟକ ହାତେଇଥିଲେ ହେଁ ସେ ବିଜେପି ପାଇଁ ପ୍ରଚାର କରି ଦଳର ମଙ୍ଗ ଧରିଛନ୍ତି। ନୂଆ ସରକାର ଆସିବାର ଦୁଇ ବର୍ଷ ପୂରିବାକୁ ଯାଉଛି। କିନ୍ତୁ ଜିଲ୍ଲାର ବିଜେପି ସଂଗଠନ ଆଉ କୌଣସି ପୁରୁଣା କାର୍ଯ୍ୟକର୍ତ୍ତାଙ୍କ ନିୟନ୍ତ୍ରଣରେ ଥିବା ପରି ମନେ ହେଉନି। ଯାହାକୁ ନେଇ ପୁରୁଣା କାର୍ଯ୍ୟକର୍ତ୍ତାମାନେ ନିଜ ନିଜର ଅସନ୍ତୋଷ ଖୋଲାଖୋଲି ସାମାଜିକ ଗଣମାଧ୍ୟମରେ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। କାରଣ ୪ ଜଣ ବିଧାୟକ ମୂଳତଃ ବିଜେପି ଦଳର ନୁହେଁ। ବଡ଼ଚଣା ବିଧାୟକ ଅମର ନାୟକ ମୂଳତଃ ବିଜୁ ଜନତା ଦଳରୁ ଆସିଛନ୍ତି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବିଜୁ ଜନତା ଦଳରୁ ଆସିଛନ୍ତି। ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏକଦା ବିଜେଡି ସହିତ ସମ୍ପୃକ୍ତ ଥିବା ସହିତ ପ୍ରଫୁଲ୍ଲ ଘଡ଼େଇଙ୍କ ଏକାନ୍ତ ସହଯୋଗୀ ଥିଲେ। ସେହିପରି କୋରେଇ ବିଧାୟକ ନଗଦ ଗତ ସାଧାରଣ ନିର୍ବାଚନରେ ବିଜେଡି ଛାଡି ବିଜେପି ଦଳରେ ସାମିଲ ହୋଇଛନ୍ତି। କେବଳ ଏହି ୪ଟି ବିଧାନସଭା ଆସନରେ ନୁହେଁ ଅନ୍ୟ ୩ଟି ବିଧାନସଭା ଆସନରେ ମଧ ବିଜେପିର ନେତୃତ୍ୱ ନେଉଥିବା ନେତା ଅନ୍ୟ ଦଳରୁ ଆମଦାନୀ ହୋଇ ଆସିଛନ୍ତି। ଯାଜପୁରର ନେତା ଗୌତମ ରାୟ ବିଜେଡିରୁ ଆସିଥିବା ବେଳେ ବିଞ୍ଝାରପୁରର ନେତ୍ରୀ ବବିତା ମଲ୍ଲିକ କଂଗ୍ରେସରୁ ଆସି ବିଜେପିରେ ସାମିଲ ହୋଇଥିବା ବେଳେ ବରୀର ଉମେଶ ଜେନା ମଧ କଂଗ୍ରେସରୁ ଆସି ଦଳର ନେତୃତ୍ୱ ନେଉଛନ୍ତି। ଦଳର ଏଭଳି ସ୍ଥିତିକୁ ଦେଖି ଏବେ ପୁରୁଣା କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ହତାଶ ଭାବ ଏବଂ ଅସନ୍ତୋଷ ଦାନା ବାନ୍ଧୁଛି। ସତେ ଯେମିତି ଦଳର ପୁରୁଣା କାର୍ଯ୍ୟକର୍ତ୍ତା ଦଳ କ୍ଷମତାକୁ ଆସିବା ପରେ ଅଲୋଡ଼ା ହୋଇପଡ଼ିଛନ୍ତି ନ ହେଲେ ସେହି କ୍ୟାଡର ମାନଙ୍କ ପାଖରେ ଦକ୍ଷତାର ଅଭାବ ରହିଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ଦଳ ଶାସନରେ ନଥିବା ବେଳେ କ୍ୟାଡର ମାନଙ୍କ ମଧ୍ୟରେ ସେତେଟା ପ୍ରତିକ୍ରିୟା ଦେଖିବାକୁ ମିଳୁନଥିଲା। କିନ୍ତୁ ଚଳିତ ଥର ଦଳ କ୍ଷମତାକୁ ଆସିବା ପରେ ପୁରୁଣା କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଧୀରେ ଧୀରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦଳ ପାଇଁ ଲହୁ ଓ ଲୁହ ଦେଇଥିବା କାର୍ଯ୍ୟକର୍ତ୍ତା କେବଳ ଜିନ୍ଦାବାଦ ଓ ପତାକା ଧରିବା ଭିତରେ ସିମିତ ଥିବା ବେଳେ ଅନ୍ୟ ଦଳରୁ ଆମଦାନୀ ହୋଇ ଆସୁଥିବା ନେତା ଏବେ ପ୍ରକୃତ କ୍ଷମତା ଉପଭୋଗ କରୁଛନ୍ତି। ଖାଲି ଏତିକି ନୁହେଁ ଦଳରେ ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା କରାଯାଇ ଅନ୍ୟ ଦଳରୁ କାର୍ଯ୍ୟକର୍ତ୍ତାଙ୍କୁ ଆମଦାନୀ କରି ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ କରାଯିବା ଘଟଣାକୁ ଦଳୀୟ କ୍ୟାଡର ମାନେ ନାପସନ୍ଦ କରୁଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ଯେଉଁ ମାନେ ପୂର୍ବରୁ ବିଭିନ୍ନ ବିଧାନସଭା ଆସନରେ ବିଧାୟକ ଓ ସାଂସଦ ଭାବେ ଲଢ଼ି ପରାଜୟ ବରଣ କରିଥିଲେ ସେମାନେ ଏବେ ଆମଦାନୀ ନେତାଙ୍କ ପଛେ ପଛେ ରହି ନିଜର ଆତ୍ମସମ୍ମାନ ରକ୍ଷା କରିବାକୁ ବାଧ ହେଉଛନ୍ତି। ଆଉ କେତେକ ଦଳୀୟ କାର୍ଯ୍ୟକ୍ରମରୁ ଦୂରରେ ରହିଛନ୍ତି। ନିକଟରେ ବଡଚଣା ଅଞ୍ଚଳର ଯୁବ କ୍ୟାଡର ଆଇନଜୀବ ଉଦୟନାଥ ସାହୁ ଏକ ପୁରୁଣା ଫଟୋ ପୋଷ୍ଟ କରି ଏହି ମର୍ମରେ ନିଜ ଭିତରର ପୁଞ୍ଜିଭୂତ ଅସନ୍ତୋଷ ଜାହିର କରିଥିବା ଦେଖିବାକୁ ମିଳୁଛି। କେବଳ ବଡ଼ଚଣା ନୁହେଁ ଯାଜପୁର, କୋରେଇ, ସୁକିନ୍ଦା, ଧର୍ମଶାଳା ଆଦି ଅଞ୍ଚଳର ପୁରୁଣା କାର୍ଯ୍ୟକର୍ତ୍ତା ମାନେ ନିଜର ଦଳୀୟ ଅସନ୍ତୋଷ ଜାହିର କରିବା ସହିତ ଠିକ୍ ସମୟରେ ଠିକଣା ନିଷ୍ପତି ନେବେ ବୋଲି ଅବଗତ କରିଛନ୍ତି।

## ବାଲ ବିକାଶ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



**ବ୍ୟାସନଗର, ୯।୨(ସମିସ):** ବ୍ୟାସନଗର ପୌରାଞ୍ଚଳ ଦଳା ଛକସ୍ଥିତ ବାଲ ବିକାଶ ପବ୍ଲିକ୍ ସ୍କୁଲ ୧୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇଥିଲେ । ସ୍କୁଲ କୋର୍ଡିନେଟର ତଥାଗତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀ ଯୋଗଦେଇ ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ଏପରି ଶିକ୍ଷା ଦିଆଯାଉ ଯେପରି ଭବିଷ୍ୟତରେ ସମୟାନୁବର୍ତ୍ତିତା ହେବା ସହ ସମାଜ ବର୍ତ୍ତୀ ହେବେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଅଧକ୍ଷ ସୁବାସ ବଳ, କାହ୍ନୁ ଚରଣ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଡ. ମୋହନ ଚରଣ ଖୁଣ୍ଟିଆ, ଝାଡ଼େଶ୍ୱର ମହାବିଦ୍ୟାଳୟ ଅଧକ୍ଷ ଡ. ଅକ୍ଷୟ କୁମାର ପଣ୍ଡା, ସାମ୍ବାଦିକ ବିଜୟ କୁମାର ସାହୁ ଯୋଗଦେଇଥିଲେ । ପ୍ରିନ୍ସପାଲ ପ୍ରବିଣା ମିଶ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ପ୍ରଜ୍ଞାପାରମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଯୋଗଦେଇଥିବା ଅତିଥି ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବାର୍ଷିକ କ୍ରୀଡ଼ାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପିଲାମାନଙ୍କ ମଧ୍ୟରେ ନାଚ, ଗୀତ, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷୟିତ୍ରୀ ସୋହନା ପରବିନ, ରୋଜାଲିନ ବଳ, ଦୀପ୍ତିମୟୀ ସାହୁ, ପ୍ରଜ୍ଞା ପରମିତା ଶତପଥୀ, ଦେବଯାନୀ ରାଉତ, ଜ୍ୟୋତିର୍ମୟୀ ସାହୁ, ସ୍ନେହା ସ୍ମୃତି, ଜୟନ୍ତୀ ପରିଡା, କଳା ଶିକ୍ଷକ ଭୋଳାନାଥ ବୋଷ, ବାଇଧର ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବ୍ରାହ୍ମଣୀ ବ୍ରିଜ୍ ଉପରେ ଗାଡ଼ି ବ୍ରେକ୍‌ଡାଉନ
# ୩ ଘଣ୍ଟା ଜାତୀୟ ରାଜପଥ ଜାମ୍

**କବାଟବନ୍ଧ, ୯।୨(ସମିସ):**




ଚଣ୍ଡିଖୋଲ- ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ପ୍ରାୟ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା । ଏହି ରାଜପଥର ଜେନାପୁର ଥାନା ଅନ୍ତର୍ଗତ ବ୍ରାହ୍ମଣୀ ବ୍ରିଜ୍ ନିକଟରେ ଏକ ହାଇୱା ଗାଡ଼ି ଖରାପ ହୋଇ ବ୍ରେକ୍‌ଡାଉନ ହୋଇଥିଲା । ଫଳରେ ଜନସାଧାରଣଙ୍କ ଯାତାୟାତ ପ୍ରଭାବିତ ହୋଇଥିଲା । ପରିସ୍ଥିତି ଏମିତି ହୋଇଥିଲା ଯେ ସାଧାରଣ ବାଇକ୍‌ଟିଏ ମଧ୍ୟ ଯିବା ଆସିବା କରିବା ମୁସ୍କିଲ ହୋଇପଡ଼ିଥିଲା । ସୋମବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଏହି ଘଟଣା ଘଟିଥିବା ବେଳେ ଜାତୀୟ ରାଜପଥରେ ଏହି ଟ୍ରାଫିକ ସମସ୍ୟା ପ୍ରାୟ ଅନେକ ସମୟରେ ହେଉଥିବା ଦେଖିବାକୁ ମିଳୁଛି । ୱାନ ୱେ ବ୍ରିଜ୍ ଏହାର ମୁଖ୍ୟ କାରଣ ହୋଇଥିବା ବେଳେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଦୈନିକ ହଜାର ହଜାର ସଂଖ୍ୟାରେ ଯାନବାହନ ଚଳାଚଳ ସହିତ କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ଏହା ମୁଖ୍ୟ ରାଜପଥ ଅଟେ । ଏତେ ସଂଖ୍ୟକ ଗାଡ଼ି ଗୋଟିଏ ବ୍ରିଜ୍ ଉପରେ ଯିବା ଆସିବା କରିବା ସମୟରେ କୌଣସି ଗୋଟିଏ ଗାଡ଼ି ଖରାପ ହେଲେ ଏହି ସମସ୍ୟା ସୃଷ୍ଟି ହେଉଛି । ଯାହାକୁ ନେଇ ଜନସାଧାରଣ ବହୁ ମାତ୍ରାରେ ପ୍ରଭାବିତ ହେଉଛନ୍ତି । ଦ୍ୱିତୀୟ ବ୍ରାହ୍ମଣୀ ସେତୁ କାର୍ଯ୍ୟ ଶେଷ ନ ହେଲେ ଏହି ସମସ୍ୟା ଲାଗି ରହିବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି । ସନ୍ଧ୍ୟା ପ୍ରାୟ ୬ଟା ବେଳକୁ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ବଛୋଳରେ ରକ୍ତଦାନ ଶିବିର

**ସିଂହପୁର, ୯।୨(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବଛୋଳ କଲ୍ୟାଣ ମଣ୍ଡପ ରେ ଆଜି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଯାଜପୁର ରକ୍ତ ଭଣ୍ଡାରର କର୍ମକର୍ତ୍ତାଙ୍କ ସହଯୋଗରେ ୩୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଆୟୋଜକ ରାଜେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଉପଦେଷ୍ଟା ପରମେଶ୍ୱର ବେହେରା, ସେବା ନିବୃତ୍ତ ଶିକ୍ଷକ ଅକ୍ଷୟ କୁମାର ସାମଲ, ନାଟ୍ୟକାର କବି ଖଗେଶ୍ୱର ସାହୁ, ଯୁବ ସମାଜସେବୀ ସୁଧାଂଶୁ ଶେଖର ଧଳ, ନରେନ୍ଦ୍ର ନାୟକ, ପ୍ରମୋଦ ଦାସ, ସୁମତି ଅପା, ବାସନ୍ତୀ ଅପା, ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଭାତ ସାହୁଙ୍କ ସହିତ ଅନେକ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ ।



## ଠାକୁର ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ

**ବାଲିଚନ୍ଦ୍ରପୁର, ୯।୨(ସମିସ):** ବାଲିଚନ୍ଦ୍ରପୁର ସତ୍‌ସଙ୍ଗ କେନ୍ଦ୍ର ପକ୍ଷରୁ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ଓ ୪୨ତମ ବାର୍ଷିକ ମହୋତ୍ସବ ପତରାଜପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟୁଷରୁ ବେଦ ମାଙ୍ଗଳିକ ଓ ଉଷା କୀର୍ତ୍ତନ, ପ୍ରାତଃକାଳୀନ ବିନତୀ, ସଦ୍‌ଗ୍ରନ୍ଥ ପାଠ ଓ ଅମର ସଙ୍ଗୀତ ଗାନ କରାଯାଇଥିଲା । ସକାଳ ୮ଘଟିକାରେ ଉତ୍ସବ କେନ୍ଦ୍ର ଠାରୁ ପତରାଜପୁର ଗ୍ରାମ ଓ ବାଲିଚନ୍ଦ୍ରପୁର ବଜାର ଗ୍ରାମ ଦେଇ ନଗର କୀର୍ତ୍ତନ କରାଯାଇଥିଲା । ପୂର୍ବାହ୍ନ ୧୧ଘଟିକା ସମୟରେ ସହ ପ୍ରତି ରତିକ ପ୍ରମୋଦ କୁମାର ଶତପଥିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ସହ ପ୍ରତିରତିକ୍ ସନାତନ ନାୟକ, ଯାଜକ ଜୟଦ୍ରଥ ମହାନ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମହୋତ୍ସବରେ ସହ ପ୍ରତିରତିକ୍ କମଳାକାନ୍ତ ରାୟ ସତ୍ୟାନୁଶରଣ ଗ୍ରନ୍ଥ ପାଠ କରିଥିବାବେଳେ ନାରୀର ନୀତି ପାଠ କରିଥିଲେ ଭାଗୀରଥି ଦାସ ମହାପାତ୍ର । ଏହି ଉତ୍ସବ ପ୍ରାରମ୍ଭରେ ଶିଶିର କୁମାର ସାହୁ, କୁଆଖିଆରୁ ଆଗତ କୃତିକାନ୍ତ ତାରିଣୀ, ଆଦିତ୍ୟ କୁମାର ସାହୁ, କୁଞ୍ଜ ମା', ଶିଶୁକଣ୍ଠ ଶିଳ୍ପୀ ତପସ୍ୱିନୀ ସାହୁ ଓ ବିଭୂ ପ୍ରସାଦ ସାହୁ ପ୍ରମୁଖ ଭକ୍ତ ସଂଗୀତ ଓ କୀର୍ତ୍ତନ ପରିବେଷଣ କରିଥିଲେ । ଅପରାହ୍ଣରେ ସବିତା ବାରିକଙ୍କ ଅଧକ୍ଷତାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଗୁରୁ ଭାଇ ବିଶ୍ୱଜିତ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଧନ୍ୟବାଦ ଜଣାଇଥିଲେ ଗୁରୁ ଭାଇ ଭକ୍ତ ଚରଣ ସାହୁ । ଉକ୍ତ କାର୍ଯ୍ୟକ୍ରମକୁ ସତ୍‌ସଙ୍ଗ କେନ୍ଦ୍ରର ରବିନ୍ଦ୍ର ନାରାୟଣ ସିଂହ, ପ୍ରଭାକର ଜେନା, ଦିବାକର ମଲ୍ଲିକ, ପ୍ରେମାନନ୍ଦ ବିଶ୍ୱାଳ, ମୁରଲୀ ଧର ପୃଷ୍ଟି, ତପସ୍ୱିନୀ ସ୍ୱାଇଁ, ମେଘନା ପ୍ରିୟଦର୍ଶିନୀ ପ୍ରମୁଖ ଉତ୍ସବକୁ ପରିଚାଳନ କରିଥିଲେ ।



## ନମିତାଙ୍କୁ ମିଳିଲା ମା' ବିରଜା ସମ୍ମାନ



**ବିଞ୍ଝାରପୁର, ୯।୨(ସମିସ):** ବିଞ୍ଝାରପୁର ବ୍ଲକ କପିଳା ଗ୍ରାମପଞ୍ଚାୟତ ରାହଁସ ଗୁହାଳୀ ଗ୍ରାମର ବିଶିଷ୍ଟ କଣ୍ଠଶିଳ୍ପୀ ନମିତା ଦାସଙ୍କୁ ତାଙ୍କର ଅସାଧାରଣ ସଂଗୀତ ପ୍ରତିଭା ପାଇଁ ଯାଜପୁର ଟାଉନ୍ ସ୍ଥିତ ଗୌତମବୁଦ୍ଧ ସଂସ୍କୃତି ଭବନ ଠାରେ ରାଜ୍ୟସ୍ତରୀୟ ଶୀତ ଉତ୍ସବରେ ମା' ବିରଜା ସମ୍ମାନରେ ସମ୍ମାନିତ କରାଯାଇଛି । ଅନୁଷ୍ଠାନର ସମ୍ପାଦକ ଦୀନେଶ କୁମାର ମଲ୍ଲିକ, ସଭାପତି ବିନୟ କୃଷ୍ଣ ବେହେରାଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ସିନେ ତାରକା ତଥା ଗୀତିକାର ଶ୍ରୀକାନ୍ତ ଗୌତମ ଓ ସାହିତ୍ୟିକ ଗବେଷକ ଶୁଭେନ୍ଦୁ କୁମାର ଭୂୟାଁଙ୍କ ଠାରୁ ନମିତା ଦାସ ମାନପତ୍ର, ପୁଷ୍ପଗୁଚ୍ଛ ସହ ଟ୍ରଫି ଗ୍ରହଣ କରିଥିଲେ । ମଞ୍ଚରେ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ବିଶେଷ ମଧ୍ୟରେ ପୂର୍ବତନ ଜିଲ୍ଲାପରିଷଦ ସଭାପତି ଗୌତମ ରାୟ, ବରିଷ୍ଠ ସାମ୍ବାଦିକ ହରିହର ସ୍ୱାଇଁ, ଗୀତିକାର ସମୀର କୁମାର ମହାନ୍ତି , ସମାଜସେବୀ ପଦ୍ମାକର ଗୁରୁ ଉପସ୍ଥିତ ଥିଲେ ।

## ଧର୍ମଘଟକୁ ସଫଳ କରିବା ପାଇଁ ନିବେଦନ




**ବ୍ୟାସନଗର, ୯।୨(ସମିସ):** ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଆହୁତ ୧୨ ଫେବୃଆରୀ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଆଜି ସ୍ଥାନୀୟ ଗୋପବନ୍ଧୁ ଛକ ଓ ରେଳଷ୍ଟେସନ ଛକ ଠାରେ ଶ୍ରମିକ କର୍ମଚାରୀଙ୍କ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ୨୧ ଦଫା ଦାବିରେ ଆସନ୍ତା ୧୨ ତାରିଖ ସମସ୍ତ ସଂଗଠିତ, ଅଣ ସଂଗଠିତ କର୍ମଚାରୀ, ଚାଷୀ, ମୁଲିଆ ବୁଦ୍ଧିଜୀବୀ, ମହିଳା, ଛାତ୍ର ଐକ୍ୟବଦ୍ଧ ଭାବେ ଏହି ସର୍ବଭାରତୀୟ ଆନ୍ଦୋଳନରେ ସାମିଲ ହେବା ପାଇଁ ନେତାମାନେ ନିବେଦନ କରିଛନ୍ତି । ସିଆଇଟିୟୁ ଯାଜପୁର ଜିଲ୍ଲା ସଭାପତି ପ୍ରଫୁଲ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଆଇୟୁଟିୟୁସି ଯାଜପୁର ଜିଲ୍ଲା ସମ୍ପାଦକ ସୁରେଶ ପ୍ରଧାନ, ଏଆଇଟିୟୁସି ନେତା କରୁଣାକର ମହାରଣା, ଏଆଇୟୁଟିୟୁସିର ରାଜକିଶୋର ମହାନ୍ତ, କେଦାରନାଥ ସାହୁ, ନିରୁପମା ବେହେରା, ଅଲେଖ ମଲ୍ଲିକ, ସିଆଇଟିୟୁର ନିର୍ମଳ ରଥ, ତ୍ରିଲୋଚନ ରାଉତ, ମାଳତୀ ହାଁସଦା, ଜୟରାମ ମୁର୍ମୁ, ଲିଟା ଲାଗୁରୀ ଓ ଲକ୍ଷ୍ମୀ ହେମ୍ବ୍ରମ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ବଧୂ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**କୟାଁଗୋଲା, ୯।୨(ସମିସ):** ବିଷ ଖାଇ ମୃତ୍ୟୁ ଘଟିଥିବା ମହିଳାଙ୍କ ମାମଲାରେ ସ୍ୱାମୀଙ୍କୁ ଅଦାଲତ ଚାଲାଣ କରାଯାଇଛି । ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା କୟାଁ ପଂଚାୟତର ମାଧପୁର ଗ୍ରାମରେ ଜଣେ ମହିଳାଙ୍କୁ ବିଷ ଦେଇ ହତ୍ୟା କରାଯାଇଛି ବୋଲି ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ମୁତାବକ ଶୁଶୁଆ ପଞ୍ଚାୟତ ସଦାବ୍ରତ ଗ୍ରାମର ଦଶରଥ ଜେନାଙ୍କ ଝିଅ ରୋଜି ଜେନା (୨୨) ଗତ ୪ ବର୍ଷ ତଳେ ମାଧପୁର ଗ୍ରାମ ଗୁରୁଆ ଜେନାଙ୍କ ପୁଅ ବିକାଶ ଜେନା (୨୬)ଙ୍କୁ ପ୍ରେମ ବିବାହ କରିଥିଲେ । କିନ୍ତୁ ବିବାହର ଅଳ୍ପ କିଛି ମାସ ପରେ ରୋଜିଙ୍କୁ ଶାଶୂଘର ଲୋକେ ନିର୍ଯାତନା ଦେବା ସହ ଯାନିଯୌତୁକ ଆଦି ଦାବି କରିଆସୁଥିଲେ । ଦୁଃଖ ଓ ପରିତାପର ବିଷୟ ଗୁରୁବାର ରୋଜି ବିଷ ଖାଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲା । ଯାହାଙ୍କର ଶନିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଥିଲା । ତେବେ ବାପଘର ପକ୍ଷରୁ ଶାଶୁ ଘର ଲୋକଙ୍କ ବିରୋଧରେ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ମଙ୍ଗଳପୁର ପୁଲିସ ୪୩/୨୬ରେ ମାମଲା ରୁଜୁ କରି ରୋଜିଙ୍କ ସ୍ୱାମୀ ବିକାଶକୁ ଆଜି ଅଦାଲତ ଚାଲାଣ କରିଥିବା ତଦନ୍ତ ଅଧିକାରିଣୀ ଅନିତା ପ୍ରଧାନ ସୂଚନା ଦେଇଛନ୍ତି ।

## ମଦ୍ରଷା ନୁରିଆର ବାର୍ଷିକ କ୍ରୀଡ଼ା ଉତ୍ସବ

**ମଇଁଦା, ୯।୨(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସୟଦପୁର ପଞ୍ଚାୟତ ଅଧୀନ ମଦ୍ରଷା ନୁରିଆ ପ୍ରାଥମିକ ବିଦ୍ୟାଳୟର କ୍ରୀଡ଼ା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଉପଦେଷ୍ଟା ଆଶାଦୁଲା ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ରାଜ୍ୟ ମଦ୍ରଷା ବୋର୍ଡ ସମ୍ପାଦକ ମୌଲାନ ସେକ ଅନୱାରୁଲ୍ ହକ୍, ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିଦ୍ୟାସାଗର ବେହେରା, ସମ୍ମାନିତ ବକ୍ତା ଭାବେ ସରପଞ୍ଚ ସେକ ସବିର, ସମ୍ମାନିତ ଅତିଥିଭାବେ ମୌଲାନା ଜୁନେଦ ଅଖତର, ବାବୁଗୋସ୍ୱାମୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହବିବୁଲ ମୋହିନି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେକ ଅବଦୁଲ ମୁକ୍ତାଦିର ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଏସ୍‌କେ ବସିରୁଦ୍ଦିନ, ଏସ୍‌କେ ଖାଲିଦ୍, ଏମ୍‌ଡି ଖାଲିଦ୍ ଖାଁ, ସେକ କଷର ଅଲ୍ଲୀ ଓ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ସେକ ସାଜିଦ୍ ଓ ସମସ୍ତ ଅଭିଭାବକ ଓ ଅଭିଭାବିକା ଆଦି ସହଯୋଗ କରିଥିଲେ ।

## ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ଶିବିର

**କୟାଁଗୋଲା, ୯।୨(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର ମହିଳା ମହାବିଦ୍ୟାଳୟରେ ଆ।।ରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷା ଡ. ମିନାକ୍ଷୀ ମିଶ୍ରଙ୍କ ପୌରୋହିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ସଭାପତି ସମାଜସେବୀ ଜଗଦୀଶ ଶଙ୍କର ସାହୁ ଯୋଗଦେଇ ଛାତ୍ରୀ ମାନଙ୍କୁ ଆନରକ୍ଷା କୌଶଳର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହି ଶିବିରରେ ୯୫ ଜଣ ଛାତ୍ରୀ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଅଧାପିକା ପ୍ରମିଳା ବାଇ, ଶୁଭଶ୍ରୀ ଘଡ଼ାଇ, ତପସ୍ୱିନୀ ଭଞ୍ଜ, ରଶ୍ମି ଦଳାଇ, ଶୁଭସ୍ମିତା ସାହୁ, ଶ୍ରଦ୍ଧାଞ୍ଜଳି ନାୟକ, ବ୍ରଜକିଶୋର ସାହୁଙ୍କ ସହ କୁସେନ୍ଦ୍ର ପ୍ରଧାନ, ଚିତରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

## ଜିଲ୍ଲା ଠାକୁରବାଡ଼ି ମହାସଂଘ ବୈଠକ

**ଧର୍ମଶାଳା, ୯।୨(ସମିସ):** ଧର୍ମଶାଳା ବ୍ଲକ ସୁନ୍ଦରିଆ ପଞ୍ଚାୟତ ଠେଙ୍ଗିଆବଟ ପରିସରରେ ଶ୍ରୀଶ୍ରୀ ରାଧାକୃଷ୍ଣଜୀଉ ଠାକୁରବାଡ଼ି ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଙ୍ଘର ସଭାପତି ସୁରେନ୍ଦ୍ର ନାଥ ନାୟକ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସୁନ୍ଦରିଆ ଗ୍ରାମର ମୁରବୀ ରଶ୍ମିରଞ୍ଜନ ପରିଡ଼ା ଓ ପ୍ରଶାନ୍ତ କୁମାର ଦାସ ଅତିଥି ଭାବେ ଯୋଗଦେଇଥିଲେ । ଚଳିତ ବର୍ଷ ଦୋଳମିଳନକୁ ସଂସ୍କାରିତ, ସରସସୁନ୍ଦର କରିବା ସହିତ ଡକବାଜି ଯନ୍ତ୍ର ୧୦୦୦ ୱାଟ ମଧ୍ୟରେ ସୀମିତି ରଖିବା ଓ ଦିବା ୧ଟା ମଧ୍ୟରେ ମିଳନ ସାରିବା ପାଇଁ ସଙ୍ଘ ପକ୍ଷରୁ ସ୍ଥିର କରାଯାଇଥିଲା । ମୁନ୍‌ସୀ ମିଳନ କମିଟିର ଉପସଭାପତି ଆଲୋକ ଲେଙ୍କା ସଙ୍ଘର ସ୍ଥାୟୀ ଗୃହ ପାଇଁ ବିଧାୟକଙ୍କ ଦୃଷ୍ଟି ଗୋଚର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରବର୍ତ୍ତୀ ବୈଠକ ଦୋଳ ମିଳନ ପରେ ଦେଓଦା ଗ୍ରାମରେ ଅନୁଷ୍ଠିତ ହେବା ପାଇଁ ନିଷ୍ପତି ନିଆଯାଇଥିଲା । ପରେ ସଙ୍ଘ ପକ୍ଷରୁ ଠେଙ୍ଗିଆବଟ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ସୂର୍ଯ୍ୟମଣି ପଣ୍ଡା ଶ୍ଳୋକ ଆବୃତି କରିଥିବା ବେଳେ କାର୍ଯ୍ୟକାରୀ ସଭାପତି କରୁଣାକର ବରାଳ ମଞ୍ଚ ପରିଚାଳନା କରିଥିଲେ । ସମ୍ପାଦକ ଜୟନାରାୟଣ ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧକ୍ଷ ଯତୀନ୍ଦ୍ର ମହାନ୍ତି ଆୟବ୍ୟୟର ହିସାବ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅମୂଲ୍ୟ କୁମାର ବରାଳ, ସୁବାସ ଚନ୍ଦ୍ର ରାଉତରାୟ, କୁଳମଣି ପଣ୍ଡିତ, ଦିଲ୍ଲୀପ କୁମାର ନାୟକ, ସୁନୀଲ ସାହାଣୀ, ସଞ୍ଜୟ ରାଉତ, ଦେବେନ୍ଦ୍ର ରାଉତ, ମୁରଲୀଧର ପାଣ୍ଡବ, ବାସୁଦେବ ପାଣି, ବ୍ରଜକିଶୋର ମହାନ୍ତି, କୈଳାଶ ପ୍ରଧାନ ପ୍ରମୁଖ ପରିଚାଳନା କରିଥିବା ବେଳେ ସୁନ୍ଦରିଆ ଗ୍ରାମର ଯୁବକମାନେ ସହଯୋଗ କରିଥିଲେ । ଶେଷରେ ଅମରେନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



## ମଙ୍ଗଳପୁର ପୁଲିସ ବିରୋଧରେ ଏସ୍‌ପିଙ୍କ ଦ୍ୱାରସ୍ଥ



**ପାଣିକୋଇଲି, ୯।୨(ସମିସ):** ଗାଳି, ମାଡ଼, ଧମକ ପରେ ଥାନାକୁ ଗଲେ ମିଳୁନି ନ୍ୟାୟ । ଘଟଣାର ୧୪ ଦିନ ପରେ ବି ପୁଲିସ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଓଲଟି ଧମକ ଦେବାରୁ ଜୀବନ ପ୍ରତି ବିପଦ ଦର୍ଶାଇ ନ୍ୟାୟ ପାଇଁ ଏସ୍‌ପିଙ୍କୁ ଗୁହାରି କରିଛନ୍ତି ପୀଡ଼ିତର ମା' । ପ୍ରକାଶଯେ ମଙ୍ଗଳପୁର ଥାନା ଅନ୍ତର୍ଗତ ଥାଲକୁଡି ଗ୍ରାମର କରୁଣାକର ଦାସଙ୍କ ସ୍ତ୍ରୀ ମମତା ଦାସଙ୍କ ଅଭିଯୋଗ ମୁତାବକ ତାଙ୍କ ସାନପୁଅ ସଞ୍ଜୟ ଗତ ଜାନୁଆରୀ ୨୭ ତାରିଖ ମଙ୍ଗଳପୁର ବଜାରକୁ ଯାଇଥିଲେ । ସେଠାରେ ତାଙ୍କ ଗ୍ରାମର ଶଶିକାନ୍ତ ବାରିକ, ରତିକାନ୍ତ ବାରିକ, କୁଳମଣି ବାରିକ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ବିଧା, ଗୋଇଠା ମାରି ଆକ୍ରମଣ କରିଥିଲେ । ପୁନଃର୍ବାର ସନ୍ଧ୍ୟା ସମୟରେ ଘରକୁ ଯାଇ ଗାଳିଗୁଲଜ କରିବା ସହ ବଂଶ ନିପାତ କରିବାର ଧମକ ଦେଇଥିଲେ । ଏନେଇ ମଙ୍ଗଳପୁର ଥାନାରେ ଅଭିଯୋଗ କରିଥିଲେ । କିନ୍ତୁ ପୁଲିସ୍ ଆଜିକାଲି କହି ସମୟ ଗଡ଼ାଇ ଶେଷରେ ଓଲଟି ଗାଳିଗୁଲଜ କରିଥିଲେ । ଫଳରେ ଥାନାରୁ ନ୍ୟାୟ ନ ପାଇବାରୁ ଓ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଅଭିଯୁକ୍ତ ମାନେ ଖୁଲମଖୁଲା ଧମକ ଓ ଗାଳି ଦେଇ ଚାଲିଛନ୍ତି । ଯାହା ଫଳରେ ତାଙ୍କ ପରିବାରର ଜୀବନ ପ୍ରତି ବିପଦ ରହିଛି । ସବୁଠୁ ନିରାଶ ହୋଇ ଶେଷରେ ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଞ୍ଚି ନ୍ୟାୟ ପାଇଁ ଗୁହାରୀ ମମତା କରିଛନ୍ତି ।

## ଅନନ୍ତ କୁମାରୀ ଗାର୍ଲସ୍ ହାଇସ୍କୁଲର କ୍ରୀଡ଼ା ଉତ୍ସବ



**ଧର୍ମଶାଳା, ୯।୨(ସମିସ):** ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅନନ୍ତ କୁମାରୀ ଗାର୍ଲସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଅଭିମନ୍ୟୁ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ମାଧ୍ୟମକ ଶିକ୍ଷକ ସଂଘର ସଂପାଦକ ପବିତ୍ର ମୋହନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ଧର୍ମଶାଳା ସାହିତ୍ୟ ସମାଜର ସାଧାରଣ ସଂପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡା ଛାତ୍ରଛାତ୍ରୀ ମାନସିକ ଓ ଶାରୀରିକ ବିକାଶ ଘଟାଇ ଥାଏ ବୋଲି କହିଥିଲେ । ସୁଦାମ ଚରଣ ପଣ୍ଡା, ବନମାଳୀ ମହାରଣା, ଆନନ୍ଦ କିଶୋର ଜେନା, ହରିହର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଉପକାରିତା ସଂପର୍କରେ ଆଲୋକପାତ କରିଥିଲେ । ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷୟିତ୍ରୀ ମମତା ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । କ୍ରୀଡା ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପାଢ଼ୀ ସୂଚନା ପ୍ରଦାନ କରିଥିଲେ । ଏହି କ୍ରୀଡ଼ା ଉତ୍ସବରେ ବିଭିନ୍ନ କ୍ରୀଡା ସହିତ ବକ୍ତୃତା, ଚିତ୍ରାଙ୍କନ, କବିତା ଲିଖନ ଓ ସାଧାରଣ ଜ୍ଞାନ ପରୀକ୍ଷା କରାଯାଇଥିଲା । ଏହି କ୍ରୀଡାରେ ଛାତ୍ରୀ ପ୍ରିୟଙ୍କା ରାମ ଚାମ୍ପିଅନ ହୋଇଥିଲେ । ଶିକ୍ଷୟିତ୍ରୀ ସତ୍ୟଭାମା ମହଲା ଧନ୍ୟବାଦ ଦେଇଥିଲେ ।

## ଟିଚର୍ସ କ୍ଲବ୍‌ର ପ୍ରତିଭା ପ୍ରତିଯୋଗିତା

**ସିଂହପୁର, ୯।୨(ସମିସ):** ସତ୍ୟଭାମା ଗଣେଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, କପିଳାଠାରେ ବିଞ୍ଝାରପୁର ବ୍ଲକ ଟିଚର୍ସ କ୍ଲବ ଆନୁକୂଲ୍ୟରେ ଏକ ପ୍ରତିଭା ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ୧୪୫ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ମୋଟ ଆଠଟି ବିଷୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ବିଭାଗରେ ନିରୀକ୍ଷକ ଭାବେ ଶିକ୍ଷାବିତ ଅର୍ଜୁନୀ ଦାଶ, ଭାରତ ଭୂଷଣ ମଲ୍ଲିକ, ଅକ୍ଷୟ କୁମାର ସେଠୀ, ରବିନାରାୟଣ ସାମଲ, ରାମଚନ୍ଦ୍ର ନାୟକ, ଗଙ୍ଗାରାଣୀ ମିଶ୍ର ଯୋଗ ଦେଇଥିଲା ବେଳେ କନିଷ୍ଠ ବିଭାଗରେ ଶିକ୍ଷକ ଚନ୍ଦ୍ରଭାନୁ ଜେନା, ରତିକାନ୍ତ ସାମଲ, ଇନ୍ଦ୍ରଜିତ ପୂଜାରୀ ଓ ରବୀନ୍ଦ୍ର କୁମାର ଦାସ ନିରୀକ୍ଷକ ଦାୟିତ୍ୱ ତୁଲାଇଥିଲେ । ଶିକ୍ଷାବିତ ନାରାୟଣ ଦାସ, ଅକ୍ଷୟ କୁମାର ସାମଲ, ସରୋଜ କୁମାର ମଲ୍ଲିକ, ଶରତ ଚନ୍ଦ୍ର ପରିଡ଼ା, ପ୍ରମୋଦ କୁମାର ସାମଲ, ବାସୁଦେବ ମିଶ୍ର, ଛାୟାପତି ଜେନା, ଅନ୍ତର୍ଯ୍ୟାମୀ ମହାପାତ୍ର, ଶଙ୍କର ମାରାଣ୍ଡି, ଦୀନବନ୍ଧୁ ଧଳ, ପର୍ଶୁରାମ ସାମଲ ଓ ରଶ୍ମିବାଳା ମଲ୍ଲିକ ବିଚାରକ ଭାବେ ଯୋଗ ଦେଇ ପ୍ରତିଯୋଗୀମାନଙ୍କ ଦକ୍ଷତାର ମାନ ନିର୍ଦ୍ଧାରଣ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ବେହେରା, ଶିକ୍ଷକ ସମରେନ୍ଦ୍ର ମାଝୀ, ସର୍ବୋଦୟ ରଥ, ଉମେଶ ଚନ୍ଦ୍ର ସାମଲ, ପ୍ରମଥେସ ଦାସ ଓ ସନ୍ତୋଷ କୁମାର ପତି ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ । ମାର୍ଚ୍ଚ ମାସରେ ହେବାକୁ ଥିବା ଟିଚର୍ସ କ୍ଲବର ବାର୍ଷିକ ଉତ୍ସବରେ ବିଜେତାମାନଙ୍କୁ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଥିଲା ।



## ବରୀରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

**ବରୀ, ୯।୨(ସମିସ):**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବରୀ ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡ଼ିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୯୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୨ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୪ଟି ରେଡ୍‌କ୍ରସ୍ ପାଣ୍ଠିରୁ ୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୨୮ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ପ୍ରଶାନ୍ତ କୁମାର ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବରୀ ଅସିତ୍ କୁମାର ମହାନ୍ତି, ତହସିଲଦାର, ଦିପ୍ତିମୟୀ ବେହେରା ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ପଣ୍ଡା, ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ କୁମାର ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।




SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ସର୍କଲ ବେସ୍‌ଡ ଅଫିସରଙ୍କ ନିଯୁକ୍ତି**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ସର୍କଲ ବେସ୍‌ଡ ଅଫିସର୍ ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

**ଖାଲି ପଦବୀ ସଂଖ୍ୟା: 2273**
**(ବ୍ୟାକଲଗ୍ ଖାଲି ପଦବୀ ସହିତ)**

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ବିଜ୍ଞାପନ ନମ୍ବର **CRPD/CBO/2025-26/18** ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.01.2026 ରୁ 18.02.2026 ପର୍ଯ୍ୟନ୍ତ ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ **https://sbi.bank.in/web/careers/current-openings.**

**ସ୍ଥାନ:** ମୁମ୍ବାଇ
**ତାରିଖ:** 30.01.2026
**ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)**



ଆମ ଅନ୍ତରାତ୍ମାରେ ପ୍ରଜ୍ଞାର ପ୍ରଦୀପକୁ ଯିଏ ପ୍ରଜ୍ୱଳିତ କରନ୍ତି ସେ ହିଁ ପ୍ରକୃତ ଗୁରୁ।
-ସ୍ୱାମୀ ବିବେକାନନ୍ଦ

ସକାଳ
THE SAKALA

# ମଧ୍ୟପ୍ରାଚ୍ୟରେ ବିଷମ ସ୍ଥିତି

ଆମେରିକାର ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ସମଗ୍ର ମଧ୍ୟପ୍ରାଚ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଇରାନ ମଧ୍ୟ ପାଲଟା ଜବାବ ଦେବା ସକାଶେ ପ୍ରସ୍ତୁତି ଜାରି ରଖିଛି। କେବଳ ଟ୍ରମ୍ପଙ୍କ ଚୂଡ଼ାନ୍ତ ନିଷ୍ପତ୍ତିକୁ ଅପେକ୍ଷା। ଏହି ଆକ୍ରମଣ ଓ ମୁକାବିଲାର ଆହ୍ୱାନ ମଧ୍ୟରେ ଆରବ ରାଷ୍ଟ୍ର ସମୂହ ଏପରିକି ଇସ୍ରାଏଲ ମଧ୍ୟ କ୍ଷତିଗ୍ରସ୍ତ ହେବା ଆଶଙ୍କାରେ ଚାପ ପ୍ରୟୋଗ କରୁଥିବାରୁ ସମୟ ଗଡ଼ାଇ ଚାଲିଛନ୍ତି ଟ୍ରମ୍ପ । ତେଣୁ ଶାନ୍ତି ଆଲୋଚନାର ଦ୍ୱାର ଉନ୍ମୁକ୍ତ ହୋଇଛି। ନାଟୋ ସଦସ୍ୟ ତୁର୍କୀ ଓ ସାଉଦୀ ଆରବର ମଧ୍ୟସ୍ଥତାରେ ଆରମ୍ଭ ହୋଇଥିବା ଆଲୋଚନାରେ ଯୁଦ୍ଧ ଏଡ଼ାଇଯିବା ସମ୍ଭାବନା ଊଣା କହିଲେ ଚଳେ। ଓମାନରେ ଦୁଇଟି ପର୍ଯ୍ୟାୟ କଥାବାର୍ତ୍ତା ଏଥିମଧ୍ୟରେ ଶେଷ ହୋଇଛି। ତୃତୀୟ ଓ ଶେଷ ପର୍ଯ୍ୟାୟ ଆଲୋଚନା କେବେ ହେବ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଯେତେଦୂର ମନେ ହୁଏ କିଛି କଠୋର କାର୍ଯ୍ୟାନୁଷ୍ଠାନ ପୂର୍ବରୁ କଥାବାର୍ତ୍ତା ମାଧ୍ୟମରେ ଟ୍ରମ୍ପ ଦିନ ଗଡ଼ାଇବାକୁ ଚାହାନ୍ତି। ଏକଥା ବି ହୋଇପାରେ ଯୁଦ୍ଧ ନିଷ୍ପତ୍ତିରୁ ଓହରିଯିବା ସକାଶେ ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ପ୍ରତିବନ୍ଧକ ଲଗାଇ ନିଜର ପତିଆରା ଜାହିର କରିବାକୁ ଚାହୁଁଛି ଆମେରିକା। ଏଠାରେ ଏତିକି କୁହାଯାଇପାରେ କି ଆପୋସ ଆଲୋଚନା କେବଳ ଏକତରଫା ନିଷ୍ପତ୍ତିରେ ସମ୍ଭବ ନୁହେଁ। ବିନିମୟରେ ଇରାନ ଉପରେ ଅର୍ଥନୈତିକ ପ୍ରତିବନ୍ଧକ ମଧ୍ୟ ପ୍ରତ୍ୟାହାର କରିବାକୁ ପଡ଼ିବ। ଏଭଳି ଏକ ମୁଲଚାଲକୁ ଟ୍ରମ୍ପ କେତେଦୂର ବରଦାସ୍ତ କରିବେ ତାହା ମଧ୍ୟ ବିଚାର୍ଯ୍ୟ।

ମଧ୍ୟପ୍ରାଚ୍ୟର ଦୃଶ୍ୟପଟ୍ଟ ଆମେରିକା ପାଇଁ ସହାୟକ ନୁହେଁ। ସାଉଦୀ ଆରବ, ଆରବ ଏମିରେଟ, କାତାର ଓ ଓମାନରେ ଆମେରିକାର ନିଜସ୍ୱ ସାମରିକ ଘାଟି ଥିଲେ ମଧ୍ୟ ଇରାନ ଆକ୍ରମଣର ରଣଭୂମି ହେବାକୁ ସଂପୃକ୍ତ ରାଷ୍ଟ୍ରପକ୍ଷରୁ ରୋକଠୋକ୍ ମନା କରି ଦିଆଯାଇଛି। କାରଣ ଏହା ଆଞ୍ଚଳିକ ଯୁଦ୍ଧ ଘନାଘଟା ପାଇଁ ପଥ ପରିଷ୍କାର କରିବ। ଆରବ ରାଷ୍ଟ୍ରଙ୍କ ତୈଳ ଅର୍ଥନୀତିକୁ ବିପର୍ଯ୍ୟୟରୁ ଏଡ଼ାଇ ଯିବା ସକାଶେ ସେମାନେ ସହଯୋଗର ହାତ ବଢ଼ାଇବାକୁ ନାରାଜ। ଅନ୍ୟପକ୍ଷରେ ଗତବର୍ଷ ଜୁନରେ ଇରାନ ଉପରେ ହୋଇଥିବା ଆକ୍ରମଣରେ ଇସ୍ରାଏଲ ଯେଉଁ କ୍ଷତିର ସମ୍ମୁଖୀନ ହୋଇଥିଲା ସେହି ଭୟ ଓ ଆତଙ୍କ ଏବେ ମଧ୍ୟ ମନରୁ ତୁଟିନାହିଁ। ସେତେବେଳେ ଓମାନରେ ଶାନ୍ତି ଆଲୋଚନା ଚାଲିଥିବା ବେଳେ ଇସ୍ରାଏଲ ଓ ଆମେରିକା ପକ୍ଷରୁ ଏହି ଅତର୍କିତ ଆକ୍ରମଣ କରାଯାଇଥିଲା। ଆମେରିକା ନିଜର ଶକ୍ତିଶାଳୀ ଯୁଦ୍ଧ ବିମାନ ବି-୨ ପ୍ରୟୋଗ କରି ଇରାନରେ ଆଣବିକ କେନ୍ଦ୍ର ଧ୍ୱଂସ କରିଦେଇଥିବା ଘୋଷଣା ମାଧ୍ୟମରେ ସମଗ୍ର ବିଶ୍ୱକୁ ଚମକାଇ ଦେଇଥିଲା। ଏସବୁ ସତ୍ତ୍ୱେ ପୁଣି କାହିଁକି ଇରାନ ଆଣବିକ କାର୍ଯ୍ୟକ୍ରମ ଉପରେ କଟକଣା ପ୍ରୟୋଗର ଆବଶ୍ୟକତା ଉପୁଜିଲା? ତେଣୁ ତ ଆମେ କହୁଛୁ କେବଳ ସମୟ ଅତିବାହିତ କରିବା ସକାଶେ ପୁଣି ଥରେ ଶାନ୍ତି ଆଲୋଚନା ଚାଲିଛି। ଏଠରେ ଉଲ୍ଲେଖ କରାଯାଇ ପାରେ କି ଗତବର୍ଷ ଜୁନ ପରଠାରୁ ଇରାନ ଏଥିମଧ୍ୟରେ ନିଜର ସାମରିକ ସାମର୍ଥ୍ୟ ବଢ଼ାଇବା ପାଇଁ ଅତି ଶକ୍ତିଶାଳୀ କ୍ଷେପଣାସ୍ତ୍ର ପ୍ରସ୍ତୁତିରେ ଲାଗିପଡ଼ିଛି। ଏପରିକି ଶାନ୍ତି କଥାବାର୍ତ୍ତା ଚାଲିଥିବା ବେଳେ ମଧ୍ୟ ଚମକ ସୃଷ୍ଟି କଲା ଭଳି ଅତି କ୍ଷମତାସଂପନ୍ନ କ୍ଷେପଣାସ୍ତ୍ର ପରୀକ୍ଷା ଜାରି ରଖିଛି ଇରାନ। ଏଥିରୁ ସ୍ପଷ୍ଟ ଯେ ବିନା ଭୟ ଓ ଆତଙ୍କରେ ପରିସ୍ଥିତିର ମୁକାବିଲା କରିବାକୁ ସେ ନିଜକୁ ପ୍ରସ୍ତୁତ କରୁଛି। ବେଗ, ଲକ୍ଷ୍ୟ ଓ କ୍ଷମତା ଦୃଷ୍ଟିରୁ ବିଚାର କଲେ ଇରାନ କ୍ଷେପଣାସ୍ତ୍ର ସବୁଠାରୁ ଆଗରେ। ଏପରିକି ଏହା ପୂର୍ବ ଆମେରିକାରେ ମଧ୍ୟ ବିପର୍ଯ୍ୟୟ ସୃଷ୍ଟି କରିପାରେ। ଅବଶ୍ୟ ଆମେରିକାର ଶକ୍ତି ଓ ସାମର୍ଥ୍ୟ ଦୃଷ୍ଟିରୁ ଇରାନ ଯେ ସମକକ୍ଷ ଏକଥା ନୁହେଁ। ତେବେ ସାମରିକ ମୁକାବିଲା ବେଳେ କେତେବେଳେ କ'ଣ ଘଟିବ ତାହାକୁ ଆକଳନ କରିବା ଏତେ ସହଜ ନୁହେଁ। ସର୍ବୋପରି ଆମେରିକାର ଦାବି ସତ୍ତ୍ୱେ ଇରାନର ଆଣବିକ କାର୍ଯ୍ୟକ୍ରମ ଯେ ନିଶ୍ଚିହ୍ନ ହୋଇଯାଇଛି ଏକଥା ନୁହେଁ। ସେମାନେ ଯେଭଳି ଅତି ଗୋପନୀୟ ଭାବେ ନିଜର ଆଣବିକ କାର୍ଯ୍ୟକ୍ରମକୁ ସଜାଡ଼ି ଓ ସୁଧାରି ପାରିଛନ୍ତି ସେଥିରେ ବୋମା ପ୍ରସ୍ତୁତ ଯେ ହୋଇନଥିବ ଏକଥା କିଏ କହିବ?

ଏବେ ଆସିବା ଓମାନରେ ଚାଲିଥିବା ଶାନ୍ତି କଥାବାର୍ତ୍ତାର ବିଷୟବସ୍ତୁ ଉପରକୁ। ଆମେରିକା ପକ୍ଷରୁ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ୱିଟକଫ ଓ ଜାମାତା ନେତୃତ୍ୱ ନେଇଥିବା ବେଳେ ଇରାନର ସର୍ବୋଚ୍ଚ ନେତା ଖେମିନିଙ୍କ ବିଶ୍ୱସ୍ତ ବୈଦେଶିକ ମନ୍ତ୍ରୀ ଆବାସ ଆର୍ଗାନି ଅଂଶଗ୍ରହଣ କରିଛନ୍ତି। ତେବେ ଆମେରିକା ଓ ଇରାନ ମଧ୍ୟରେ ପ୍ରରୋକ୍ଷ କଥାବାର୍ତ୍ତା ବଦଳରେ ଓମାନ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟସ୍ଥତା ଓ ବାର୍ତ୍ତାବିନିମୟ ହିଁ ଥିଲା ମାଧ୍ୟମ। ଇସ୍ରାଏଲ ସ୍ୱାର୍ଥ ସମ୍ବଳିତ ଦୁଇଟି ପ୍ରସଙ୍ଗକୁ ୱିଟ୍‌କଫ୍ ଦେଇଥିଲେ ସର୍ବାଧିକ ଗୁରୁତ୍ୱ। ଇରାନ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ସୀମିତ କରିବା ସହ ଲକ୍ଷ୍ୟଭେଦ କ୍ଷମତା ହ୍ରାସ ପାଇଁ ଆଗତ ପ୍ରସ୍ତାବକୁ ଆର୍ଗାନି ରୋକ୍‌ଠୋକ୍ ପ୍ରତ୍ୟାଖ୍ୟାନ କରିଥିଲେ। ନିଜର ସ୍ୱାୟତ୍ତତା ଓ ସୁରକ୍ଷା ପ୍ରସଙ୍ଗରେ ଇରାନ ସାଲିସ କରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟ ପ୍ରସଙ୍ଗଟି ହେଲା, ହମାସ, ହାଉଥି ଓ ହେଜବୁଲ୍ଲାକୁ ସହାୟତା ପ୍ରଦାନରୁ ନିବୃତ୍ତ ରହିବା। ପାଲେଷ୍ଟାଇନ ପ୍ରତିଷ୍ଠାକୁ ଇରାନ ନୀତିଗତ ଭାବେ ସମର୍ଥନ ଦେଇଆସିଛି। ଏକ୍ଷେତ୍ରରେ ତିନି ଅଗ୍ରଣୀ ସଂଗଠନ ସହ ସହାୟତା ଓ ସମର୍ଥନ ଅତୁଟ ରହିବ ବୋଲି ଆର୍ଗାନି ସ୍ପଷ୍ଟ କରିଥିଲେ। ଏସବୁ ସତ୍ତ୍ୱେ ଶାନ୍ତି କଥାବାର୍ତ୍ତା ବିଫଳ ହୋଇଛି। ତୃତୀୟ ପର୍ଯ୍ୟାୟରେ ଇରାନର ଆଣବିକ କାର୍ଯ୍ୟକ୍ରମ ରହିବ ମୁଖ୍ୟ ବିଷୟବସ୍ତୁ। ଟ୍ରମ୍ପଙ୍କ ଅହଂକାରରେ 'ନା' ର ପ୍ରଶ୍ନ ନାହିଁ। ତେଣୁ ଇରାନର ଏହି ଅନମନୀୟ ଆଚରଣ ଘଟଣା ପ୍ରବାହକୁ ଯୁଦ୍ଧ ଆଡ଼କୁ ଟାଣି ନେଉଥିବା ଭଳି ମନେ ହୁଏ।

ମଧ୍ୟ-ପ୍ରାଚ୍ୟରେ ଆମେରିକାର ରଣନୀତିକ ସମରସଜ୍ଜା ଯେ ଭିତ୍ତିପ୍ରଦ ଏଥିରେ କାହାର ଦ୍ୱିମତ ହେବାର ନାହିଁ। ବିଶ୍ୱର ସର୍ବଶକ୍ତିମାନ ୟୁଏସଏସ ଆବ୍ରାହମ ଲିଙ୍କନ ବିମାନବାହୀ ଯୁଦ୍ଧ ପୋତ ଇରାନ ଉପକୂଳରେ ନିର୍ଦ୍ଦେଶକୁ ଅପେକ୍ଷା କରି ଅଟକି ରହିଛି। ଏଥିସହ ଆଉ ଦୁଇଟି ଯୁଦ୍ଧ ଜାହାଜ ସହାୟତା କରିବାକୁ ସେଠାରେ ପ୍ରସ୍ତୁତ ଅଛନ୍ତି। ଅନ୍ୟପକ୍ଷରେ ଜୋର୍ଡାନ ଓ ସାଇପ୍ରସରେ ଆକ୍ରମଣ କରିବାକୁ ପ୍ରସ୍ତୁତ ଅଛନ୍ତି ଶହଶହ ସଂଖ୍ୟାରେ ଲଢୁଆ ବିମାନ। ମଧ୍ୟପ୍ରାଚ୍ୟ ଆକାଶରେ ଯୁଦ୍ଧର କଳାବାଦଲ ଏକପ୍ରକାର ଘୋଟି ରହିଛି କହିଲେ ଭୁଲ ହେବ ନାହିଁ। ଏଭଳି ଏକ ପ୍ରତିକୂଳ ପରିସ୍ଥିତିରେ ରାଇାନକୁ ଶାନ୍ତି ଆଲୋଚନା ପାଇଁ ଆହ୍ୱାନ ଦେବା ଅର୍ଥ ବନ୍ଧୁକ ମୁନରେ ଆତ୍ମସମର୍ପଣ କଲା ଭଳି ପରିସ୍ଥିତି। ତଥାପି ତେହେରାନ ନିଜ ସ୍ୱାୟତ୍ତତା. ଓ ସ୍ୱାଭିମାନ ଅତୁଟ ରଖିଛି। ଟ୍ରମ୍ପ ଶାସନର ଏହି ନୂଆ ଦିଗ ବିଶ୍ୱବାସୀଙ୍କୁ ନିଶ୍ଚୟ ବିସ୍ମିତ କରୁଥିବ। ପରିଣତି ଓ ପରିଣାମକୁ ବେଖାତିର କରି ମୁକାବିଲା କରିବାର ମାନସିକତା ଇରାନଠାରୁ ଶିଖିବାର ଅଛି। ଚୀନ ଓ ରୁଷ ସହ ଭୂ-ରାଜନୈତିକ ସଂଘର୍ଷ ଆଧାରରେ ଇରାନ ଯଦି ସଫଳତା ହାସଲ କରେ ତେବେ ବିଶ୍ୱରେ ସମାନ୍ତରାଳ ଶକ୍ତି କେନ୍ଦ୍ରର ଅଭ୍ୟୁଦୟ ଘଟିବା ଏକପ୍ରକାର ନିଶ୍ଚିତ।

# ଏପ୍‌ଷ୍ଟାଇନ୍ ଫାଇଲ୍: କ୍ଷମତା ଓ ବ୍ୟଭିଚାରର ଦସ୍ତାବେଜ୍

**ସୌମ୍ୟ ରଞ୍ଜନ ଦାଶ**

କେତେକ ରହସ୍ୟ ସମାଜର ମୂଳଦୁଆକୁ ଏପରି ଭାବେ ଦୋହଲାଇ ଦିଏ, ଯାହା ପରେ ମାନବ ସଭ୍ୟତାର ନୈତିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରେ। ବର୍ତ୍ତମାନ ସମଗ୍ର ବିଶ୍ୱରେ ଚହଳ ପକାଇ ଦେଇଥିବା 'ଏପଷ୍ଟାଇନ୍ ଫାଇଲ୍ସ' ଠିକ୍ ସେହିପରି ଏକ ବିସ୍ଫୋରକ ଅଧ୍ୟାୟ ଇତିହାସରେ ଲେଖିଦେଇଛି। ଏହା କେବଳ କିଛି ଗୁପ୍ତ ଦଲିଲର ସମାହାର ନୁହେଁ, ବରଂ ଏହା ହେଉଛି କ୍ଷମତା, ଅର୍ଥ ଓ ପାଶବିକ ପ୍ରବୃତ୍ତିର ଏକ କୁହେଳି, ଯାହାକୁ ଭେଦ କରି ସତ୍ୟ ବାହାରକୁ ଆସିବା ପାଇଁ ଦଶନ୍ଧି ଦଶନ୍ଧି ଧରି ସଂଗ୍ରାମ କରିବାକୁ ପଡ଼ିଛି। ଜେଫ୍ରି ଏପଷ୍ଟାଇନ୍ ଥିଲେ ଜଣେ ରହସ୍ୟମୟ ପୁଞ୍ଜିନିବେଶକ, ଯିଏ ନିଜର ଦାମୀ ଘରୋଇ ଦ୍ୱୀପରେ ଏକ ଯୌନ ଶୋଷଣର ସାମ୍ରାଜ୍ୟ ଗଢ଼ିଥିଲେ। ତାଙ୍କ ସହ ଜଡ଼ିତ ସମସ୍ତ ଗୁପ୍ତ ତଥ୍ୟ ବର୍ତ୍ତମାନ ସାର୍ବଜନୀନ ହେବାରେ ଲାଗିଛି। ଏହି ତଥ୍ୟଗୁଡ଼ିକ କେବଳ ଆମେରିକାର ରାଜନୀତି ନୁହେଁ, ବରଂ ସମଗ୍ର ବିଶ୍ୱର ପ୍ରଭାବଶାଳୀ ରାଷ୍ଟ୍ରମାନଙ୍କ ମଧ୍ୟରେ ଏକ ଅଜଣା ଆତଙ୍କ ସୃଷ୍ଟି କରିଛି।

ଏହି ମାମଲାର ଆଇନଗତ ଇତିହାସ ଅତି ଜଟିଳ ଓ ବିଚିତ୍ର। ଘଟଣାଟି ପ୍ରଥମେ ୨୦୦୫ ମାର୍ଚ୍ଚ ମାସରେ ସାମ୍ନାକୁ ଆସିଥିଲା, ଯେତେବେଳେ ଜଣେ ଅସହାୟ ମା' ନିଜର ୧୪ ବର୍ଷୀୟା ନାବାଳିକା କନ୍ୟା ସହ ହୋଇଥିବା ପାଶବିକ ଅତ୍ୟାଚାର ବିଷୟରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ସେତେବେଳେ ପାଲ୍ମ ବିଚ୍ ପୁଲିସ ତଦନ୍ତ କରି ଏପଷ୍ଟାଇନ୍‌ଙ୍କ ବିରୋଧରେ ଅନେକ ସାଂଘାତିକ ପ୍ରମାଣ ପାଇଥିଲେ। ତାଙ୍କ ବିରୋଧରେ ମାମଲା ଚାଲିଲା ଏବଂ ସେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଗଲେ। କିନ୍ତୁ ଏପ୍‌ଷ୍ଟାଇନ୍ ରାଜନୈତିକ ପ୍ରଭାବ ଓ ଅର୍ଥ ବଳରେ ଗୁପ୍ତ ବୁଝାମଣା କରି ମାତ୍ର କିଛିମାସର ଜେଲଦଣ୍ଡ ଭୋଗ କରି ମୁକ୍ତ ହୋଇଯାଇଥିଲେ। ପାପର ଘଡ଼ା ଦିନେ ନା ଦିନେ ପୂର୍ଣ୍ଣ ହୁଏ। ୨୦୧୯ ଜୁଲାଇ ୬ ତାରିଖରେ ନ୍ୟୁୟର୍କରେ ମାନବ ଚାଲାଣ ଓ ନାବାଳିକା ଶୋଷଣ ଅଭିଯୋଗରେ ତାଙ୍କୁ ପୁଣି ଥରେ ଗିରଫ କରାଗଲା। ଏହି ଗିରଫଦାରୀ ପରେ ବିଶ୍ୱର ଅନେକ ବଡ଼ ବଡ଼ ବ୍ୟକ୍ତିଙ୍କ ମୁଖା ଖୋଲିଯିବାର ଆଶଙ୍କା ଦେଖାଦେଲା।

ଏହି ସମଗ୍ର ନାଟକରେ ସବୁଠାରୁ ବଡ଼ ରହସ୍ୟ ଥିଲା ଏପଷ୍ଟାଇନ୍‌ଙ୍କ ମୃତ୍ୟୁ। ୨୦୧୯ ଅଗଷ୍ଟ ୧୦ ତାରିଖ ସକାଳେ ନ୍ୟୁୟର୍କର ଏକ ଅତି ସୁରକ୍ଷିତ ମେଟ୍ରୋପଲିଟାନ୍ ଜେଲ୍ କୋଠରି ଭିତରେ ତାଙ୍କର ମୃତଦେହ ଝୁଲୁଥିବା ଅବସ୍ଥାରେ ମିଳିଥିଲା। ପ୍ରଶାସନ ପକ୍ଷରୁ ଏହାକୁ 'ଆତ୍ମହତ୍ୟା' ବୋଲି ଘୋଷଣା କରାଯାଇଥିଲେ ମଧ୍ୟ ମୃତ୍ୟୁପୂର୍ବରୁ ସିସିଟିଭି କ୍ୟାମେରା ଅଚଳ ହୋଇଯିବା ଏବଂ ସେଠାରେ ଥିବା ସୁରକ୍ଷାକର୍ମୀମାନେ ରହସ୍ୟମୟ ଭାବେ ଅନୁପସ୍ଥିତ ରହିବା ଏକ ବଡ଼ ଷଡ଼ଯନ୍ତ୍ର ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କଲା। ବିଶ୍ୱବ୍ୟାପୀ ଚର୍ଚ୍ଚା ହେଲା ଯେ ଏପଷ୍ଟାଇନ୍‌ଙ୍କ ପାଖରେ ଥିବା ପ୍ରଭାବଶାଳୀ ବ୍ୟକ୍ତିଙ୍କ କଳଙ୍କିତ ଗୁପ୍ତ ତଥ୍ୟକୁ ଚାପି ଦେବା ପାଇଁ ତାଙ୍କୁ ହତ୍ୟା କରାଯାଇଛି। ଦୀର୍ଘବର୍ଷର ନୀରବତା ପରେ ୨୦୨୬ ମସିହା ଜାନୁଆରୀ ଶେଷ ଭାଗରେ ପ୍ରାୟ ୩୫ ଲକ୍ଷରୁ ଅଧିକ ପୃଷ୍ଠାର ସମସ୍ତ ଗୁପ୍ତ ଦଲିଲ ପର୍ଯ୍ୟାୟକ୍ରମେ ପ୍ରକାଶ କରାଗଲା। ଏହା ଜରିଆରେ ବିଶ୍ୱର ବିଭିନ୍ନ କୋଣରୁ ଭୟଙ୍କର ସତ୍ୟ ବାହାରକୁ ଆସିବାରେ ଲାଗିଛି।

ଏହି ଫାଇଲ୍ସରେ ପ୍ରକାଶିତ ନାମଗୁଡ଼ିକର ତାଲିକା ଯେତିକି ବିଶାଳ, ସେତିକି ଚକିତକର। ଏଥିରେ ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱମାନଙ୍କ ସମ୍ପୃକ୍ତି ଦେଖିବାକୁ ମିଳିଛି। ଆମେରିକାର ଦୁଇ ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ଓ ଡୋନାଲ୍ଡ ଟ୍ରମ୍ପଙ୍କଠାରୁ ଆରମ୍ଭ କରି ବ୍ରିଟେନର ରାଜପରିବାର ସଦସ୍ୟ ପ୍ରିନ୍ସ ଆଣ୍ଡ୍ରୁଙ୍କ ପର୍ଯ୍ୟନ୍ତ ଏହି ବିବାଦୀୟ ତାଲିକାରେ ଅଛନ୍ତି। କେବଳ ରାଜନେତା ନୁହନ୍ତି, ବରଂ ବିଜ୍ଞାନ ଜଗତର ଶ୍ରେଷ୍ଠ ବୁଦ୍ଧିଜୀବୀ ଷ୍ଟିଫେନ୍ ହକିଂ, ଶିଳ୍ପ ଜଗତର ମହାରଥୀ ବିଲ୍ ଗେଟ୍ସ, ଏଲନ୍ ମସ୍କଙ୍କ ପରି ବ୍ୟକ୍ତିଙ୍କ ସମ୍ପର୍କ ଏପଷ୍ଟାଇନ୍‌ଙ୍କ ସହ ଥିବା ଜଣାପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ଏହି କଳଙ୍କିତ ଜାଲରେ ଅନେକ ଭାରତୀୟ ବ୍ୟକ୍ତିତ୍ୱ ମଧ୍ୟ ଛନ୍ଦି ହୋଇ ରହିଛନ୍ତି। ଭାରତର କେତେକ ଶୀର୍ଷସ୍ତରୀୟ ରାଜନେତା, ପ୍ରଭାବଶାଳୀ ଶିଳ୍ପପତି ଓ ମନୋରଞ୍ଜନ ଜଗତର ଅନେକ ପ୍ରସିଦ୍ଧ ଅଭିନେତା ଓ ନିର୍ଦ୍ଦେଶକମାନଙ୍କ ନାମ ଏହି ଦଲିଲରେ ବାରମ୍ବାର ଦେଖିବାକୁ ମିଳିଛି, ଯାହା ଭାରତୀୟ ପ୍ରଶାସନ ଓ ସମାଜ ପାଇଁ ମଧ୍ୟ ଏକ ଗଭୀର ଚିନ୍ତାର ବିଷୟ ପାଲଟିଛି।

ବର୍ତ୍ତମାନର ବୁଦ୍ଧିଜୀବୀ ଓ ବିଶ୍ଳେଷକମାନେ ମତ ଦେଉଛନ୍ତି ଯେ ଏହି ଘଟଣା ସମଗ୍ର ବିଶ୍ୱର ରାଜନୀତି ଓ ଅର୍ଥନୀତି ଉପରେ ଏକ ଭୟଙ୍କର ପ୍ରଭାବ ପକାଉଛି। ସେମାନଙ୍କ ମତାନୁସାରେ, ଯେତେବେଳେ ଏହି ଫାଇଲ୍ସର ସତ୍ୟତା ସାମ୍ନାକୁ ଆସିଲା, ଠିକ୍ ସେହି ସମୟରେ ହିଁ ବିଶ୍ୱ ବଜାରରେ ସୁନା ଓ ରୁପା ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦରରେ ଅହେତୁକ ବୃଦ୍ଧି ଓ ହ୍ରାସ ଘଟିବା ଏକ ସୁଚିନ୍ତିତ ଅର୍ଥନୈତିକ ରଣନୀତି ହୋଇପାରେ। ଏହା ମାଧ୍ୟମରେ ଜନସାଧାରଣଙ୍କ ଦୃଷ୍ଟିକୁ ଏପଷ୍ଟାଇନ୍ ମାମଲାରୁ ହଟାଇବା ପାଇଁ ଏକପ୍ରକାର ଆର୍ଥିକ ଭୟର ବାତାବରଣ ସୃଷ୍ଟି କରାଯାଉଛି। ସେହିପରି ଆମେରିକା ପକ୍ଷରୁ ଅନ୍ୟ ରାଷ୍ଟ୍ରମାନଙ୍କ ଉପରେ ହଠାତ୍ ସାମରିକ ଆକ୍ରମଣ କିମ୍ବା ଯୁଦ୍ଧର ଧମକ ଦେବା ମଧ୍ୟ ଏହି ' ଆଟେନ୍‌ସନ୍ ଡାଇଭର୍ସନ' ରଣନୀତିର ଏକ ଅଂଶ ବୋଲି ଅନେକ ମତ ଦିଅନ୍ତି। ଜନମାନସରେ ଦେଶପ୍ରେମ କିମ୍ବା ଆନ୍ତର୍ଜାତୀୟ ସଙ୍କଟର ଭୟ ସୃଷ୍ଟି କରି ଶକ୍ତିଶାଳୀ ବ୍ୟକ୍ତିମାନେ ନିଜର ଦୋଷ ଲୁଚାଇବାକୁ ଚେଷ୍ଟା କରୁଛନ୍ତି, ଯାହା ବିଶ୍ୱ ରାଜନୀତିକୁ ଏକ ଅଶାନ୍ତ ମୋଡ଼ରେ ଠିଆ କରିଛି।

ସାମ୍ପ୍ରତିକ ସ୍ଥିତିରେ ସାମାଜିକ ଗଣମାଧ୍ୟମରେ ଅନେକ ବୀଭତ୍ସ ଗୁଜବ ମଧ୍ୟ ବ୍ୟାପିବାରେ ଲାଗିଛି। କୁହାଯାଉଛି ଯେ ସେହି ଗୁପ୍ତ ଦ୍ୱୀପରେ କୁଆଡ଼େ ଶିଶୁମାନଙ୍କୁ ନେଇ ତାନ୍ତ୍ରିକ ବିଧି କିମ୍ବା ଅତି ଭୟଙ୍କର ରୀତିନୀତି ପାଳନ କରାଯାଉଥିଲା। ଦୁଇ-ତିନି ବର୍ଷର ଶିଶୁଙ୍କ ଫଟୋ ସାର୍ବଜନୀନ ହେବା ପରେ ଅନେକ ଲୋକ 'ନରଭକ୍ଷଣ' ଭଳି ଦିଗ ପ୍ରତି ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ଯଦିଓ ଏଭଳି ଅତିରଞ୍ଜିତ କାହାଣୀର କୌଣସି ବଳିଷ୍ଠ ସରକାରୀ ପ୍ରମାଣ ଏପର୍ଯ୍ୟନ୍ତ ମିଳିନାହିଁ, କିନ୍ତୁ ଏହି ସବୁ ଖବର ଲୋକଙ୍କ ମଧ୍ୟରେ ଘୃଣା ଓ ଆଶଙ୍କାକୁ ଦ୍ୱିଗୁଣିତ କରିଦେଇଛି। ବୁଦ୍ଧିଜୀବୀଙ୍କ ମତରେ, ଏହି ସବୁ ଶକ୍ତିଶାଳୀ ଲୋକଙ୍କ କଦର୍ଯ୍ୟ ରୁଚି ଓ ବେଆଇନ କାର୍ଯ୍ୟକଳାପକୁ ଦେଖିଲେ ଉପରୋକ୍ତ ଆଶଙ୍କା ଓ ଧାରଣାକୁ ସମ୍ପୂର୍ଣ୍ଣ ରୂପେ ଏଡ଼ାଇ ଦେବା କଷ୍ଟକର।

ଏହି କଳଙ୍କିତ ଦଲିଲ ପ୍ରକାଶ ପାଇବା ପରେ ସଂପୃକ୍ତ ବ୍ୟକ୍ତିମାନଙ୍କର ପ୍ରତିକ୍ରିୟା ଅତି ବିଚିତ୍ର ରହିଛି। ପ୍ରାୟ ସମସ୍ତେ ଏକ ସ୍ୱରରେ ଏପଷ୍ଟାଇନ୍‌ଙ୍କ ସହ କୌଣସି ଅନୈତିକ ସମ୍ପର୍କ ଥିବା କଥାକୁ ପ୍ରତ୍ୟାଖ୍ୟାନ କରି ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରୁଛନ୍ତି। କେହି ଏହାକୁ କେବଳ ବ୍ୟବସାୟିକ ସାକ୍ଷାତକାର କହୁଛନ୍ତି ତ ପୁଣି କେହି ଏହାକୁ ଏକ ପୂର୍ବରୁ ହୋଇଥିବା ପରୋପକାରୀ ସମ୍ପର୍କର ନାମ ଦେଉଛନ୍ତି। କିନ୍ତୁ ପୀଡ଼ିତାମାନଙ୍କ ବୟାନ ଓ ପ୍ରକାଶିତ ତଥ୍ୟ କିଛି ଅଲଗା କାହାଣୀ କହୁଛି। ଏହି ଶକ୍ତିଶାଳୀ ବ୍ୟକ୍ତିମାନେ ଯେଉଁ ସୁରକ୍ଷା ଓ ବିଳାସର ଆଢୁଆଳରେ ରହୁଥିଲେ, ତାହା ପଛରେ ଯେ ଶହ ଶହ ଶିଶୁଙ୍କ ଜୀବନ ବଳି ପଡୁଥିଲା, ତାହା ଏବେ ବିଶ୍ୱ ବିବେକକୁ ଆନ୍ଦୋଳିତ କରୁଛି। ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ ସାରା ବିଶ୍ୱରେ ମାନ୍ଦାବସ୍ଥାର ଭୟ ଦେଖାଇ ଯେଉଁଭଳି ଭାବେ ନ୍ୟାୟିକ ପ୍ରକ୍ରିୟାକୁ ବିଳମ୍ବିତ କରିବାକୁ ଚେଷ୍ଟା କରାଯାଉଛି, ତାହା ପ୍ରଭାବଶାଳୀ ଶ୍ରେଣୀର ଷଡ଼ଯନ୍ତ୍ରକୁ ସ୍ପଷ୍ଟ କରୁଛି।

ସଂକ୍ଷେପରେ କହିବାକୁ ଗଲେ, 'ଏପଷ୍ଟାଇନ୍ ଫାଇଲ୍ସ' ହେଉଛି ଆମ ସଭ୍ୟ ସମାଜର ମୁହଁରେ ଏକ ଶକ୍ତ ଚାପୁଡ଼ା। ଏହା ପ୍ରମାଣ କରୁଛି ଯେ ଯେତେବେଳେ ଅର୍ଥ ଓ କ୍ଷମତା ଅସୀମିତ ହୋଇଯାଏ, ସେତେବେଳେ ମଣିଷ ନିଜର ମାନବିକତା ହରାଇ ଏକ ପଶୁରେ ପରିଣତ ହୁଏ। ଯଦିଓ ଶକ୍ତିଶାଳୀ ବ୍ୟକ୍ତିମାନେ ଯୁଦ୍ଧ, ଅର୍ଥନୈତିକ ସଙ୍କଟ କିମ୍ବା ରହସ୍ୟମୟ ଗୁଜବ ଆଢୁଆଳରେ ନିଜର ଦୋଷ ଲୁଚାଇବାକୁ ଚେଷ୍ଟା କରୁଛନ୍ତି, ତଥାପି ପୀଡ଼ିତାମାନଙ୍କ ନ୍ୟାୟ ପାଇଁ ଆଜି ସାରା ବିଶ୍ୱରେ ସ୍ୱର ଉତ୍ତୋଳନ ହେଉଛି। ଆଗାମୀ ଦିନରେ ଏହି ଫାଇଲ୍ସ ଆହୁରି କେତେ ଭୟଙ୍କର ସତ୍ୟ ବାହାରକୁ ଆଣିବ, ତାହା ଦେଖିବାକୁ ବାକି ରହିଲା। ସୂର୍ଯ୍ୟଙ୍କ କିରଣରେ ଯେପରି ଅନ୍ଧକାର ନିଶ୍ଚିହ୍ନ ହୁଏ, ସେହିପରି ଦିନେ ଏହି ସମସ୍ତ ଅପରାଧୀ କାଠଗଡ଼ାରେ ଠିଆ ହେବେ ଏବଂ ସତ୍ୟର ବିଜୟ ହେବ ବୋଲି ସମାଜ ଆଶା କରୁଛି। ଏହି ଘଟଣା ବିଶ୍ୱର ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ସବୁଦିନ ପାଇଁ ଦୋହଲାଇ ଦେଇଛି। ଯେପର୍ଯ୍ୟନ୍ତ ଶେଷ ଅପରାଧୀ ଦଣ୍ଡ ନ ପାଇଛି, ସେ ପର୍ଯ୍ୟନ୍ତ ଏହି କଳଙ୍କିତ ରହସ୍ୟର ପୃଷ୍ଠାଗୁଡ଼ିକ ବିଶ୍ୱର ପ୍ରତ୍ୟେକ ନାଗରିକର ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବ।

(ଅଧ୍ୟାପକ, ବିରଜା ଆଇନ ମହାବିଦ୍ୟାଳୟ)
ଯାଜପୁର, ମୋ: ୮୮୯୫୯୫୬୩୧୫

# ଭାରତୀୟ ସଂସଦ: ସହଯୋଗର ସଭାଗୃହ ନା ସଂଘର୍ଷର ମଞ୍ଚ?

**ବିଭୂତି ଭୂଷଣ କର**

ଭାରତୀୟ ସଂସଦ କେବଳ ଏକ ସୁଦୃଶ୍ୟ ନିର୍ମାଣ ଢାଞ୍ଚା ନୁହେଁ, ଏହା ଗଣତନ୍ତ୍ରର ଜୀବନ୍ତ ପ୍ରାଣକେନ୍ଦ୍ର। ଏଠାରେ ନିର୍ବାଚିତ ପ୍ରତିନିଧିମାନେ ଜନତାର ଆକାଂକ୍ଷା ଓ ଆଶାର ପ୍ରତିଫଳନ କରାନ୍ତି। ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ଏକ ଜଟିଳ ଚିତ୍ର ଦୃଷ୍ଟିଗୋଚର ହୁଏ। ଏକପକ୍ଷରେ ସହଯୋଗ, ବିଚାର-ବିମର୍ଶ ଓ ସଂବିଧାନିକ ମର୍ଯ୍ୟାଦାର ଉଜ୍ଜ୍ୱଳ ପରମ୍ପରା, ଅପରପକ୍ଷରେ ତୀବ୍ର ବାଦାନୁବାଦ, ରାଜନୈତିକ କାଦୁଅ ଫିଙ୍ଗା ଓ କାର୍ଯ୍ୟ ସମ୍ପାଦନରେ ବାଧାର ଦୀର୍ଘ ଇତିହାସ। ବିରୋଧୀ ଦଳ ଓ ସରକାରୀ ଦଳ ମଧ୍ୟରେ ସମୟାନୁକ୍ରମେ ଦେଖାଦେଇଥିବା ଏହି ସଂଘର୍ଷମୟ ସମ୍ପର୍କ ଗଣତନ୍ତ୍ରର ପରିପକ୍ୱତା ଓ ଆବଶ୍ୟକତାକୁ ଗଭୀର ଭାବେ ସଂକ୍ରମିତ କରେ।

ସ୍ୱାଧୀନତାର ପ୍ରାରମ୍ଭିକ ଦଶକଗୁଡ଼ିକରେ ସଂସଦରେ ଉଲ୍ଲେଖନୀୟ ଏକତା ଦେଖାଯାଉଥିଲା। ଜବାହରଲାଲ ନେହେରୁଙ୍କ ନେତୃତ୍ୱରେ କଂଗ୍ରେସ ଦଳର ପ୍ରଭାବଶାଳୀ ଉପସ୍ଥିତି ଥିଲେ ମଧ୍ୟ ସଂସଦୀୟ ଆଲୋଚନା ଅତ୍ୟନ୍ତ ସୁସଂସ୍କୃତ, ବିଷୟଭିତ୍ତିକ ଓ ରଚନାତ୍ମକ ଥିଲା। ବିରୋଧୀ ଦଳର ପ୍ରତିନିଧିତ୍ୱ କମ୍ ଥିଲେ ମଧ୍ୟ ଡାକ୍ତର ରାମ ମନୋହର ଲୋହିଆ, ଅଟଳ ବିହାରୀ ବାଜପେୟୀ, ଏଚ୍.ଭି. କାମଥଙ୍କ ଭଳି ନେତାମାନେ ତୀବ୍ର ମତବାଦୀ ଭୂମିକା ନେଇଥିଲେ। ସେମାନଙ୍କର ଭୂମିକା ମୁଖ୍ୟତଃ ଭାରତୀୟ ବିଚାରଧାରା, ରାଷ୍ଟ୍ର ନିର୍ମାଣ ଓ ବିକାଶ ଉପରେ କେନ୍ଦ୍ରିତ ଥିଲା। ସେହି ସମୟରେ ବିରୋଧର ମାନ୍ୟତା ରହିଥିଲା ଏବଂ ସରକାର ବିରୋଧୀ ମତକୁ ଗୁରୁତ୍ୱ ଦେଉଥିଲେ।

୧୯୭୦ ଦଶକ ଆଡ଼କୁ ଏହି ଚିତ୍ର ବଦଳିବା ଆରମ୍ଭ ହେଲା। ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ କାର୍ଯ୍ୟନିର୍ବାହୀର ପ୍ରଭାବ ବୃଦ୍ଧି ପାଇଲା ଏବଂ ସଂସଦକୁ ନିୟନ୍ତ୍ରଣ କରିବାର ପ୍ରବୃତ୍ତି ଦେଖାଦେଲା। ୧୯୭୫ର ଜରୁରୀକାଳୀନ ଅବସ୍ଥା ଏହାର ଚରମ ପରିଚୟ ଥିଲା, ଯାହା ସଂସଦୀୟ ପ୍ରଣାଳୀ ଉପରେ ଏକ ଗଭୀର ଆଘାତ ଥିଲା। ଏହି ଘଟଣା ପରଠାରୁ ବିରୋଧୀ ଦଳମାନେ ଅଧିକ ଆକ୍ରମଣାତ୍ମକ ଏବଂ ରାଜନୈତିକ ସଂଘର୍ଷ ଉପରେ କେନ୍ଦ୍ରିତ ହେବା ଆରମ୍ଭ କଲେ। ଅଟଳ ବିହାରୀ ବାଜପେୟୀ, ଜର୍ଜ ଫର୍ଣ୍ଣାଣ୍ଡେସ୍, ମଧୁ ଲିମୟେ ଆଦି ନେତାମାନେ ସଂସଦରେ ଜନପକ୍ଷର ପ୍ରତିନିଧିତ୍ୱ କରି ତୀବ୍ର ବିରୋଧର ସମ୍ମୁଖୀନ ହେଲେ।

୧୯୯୦ ଦଶକରେ ଉଦାରୀକରଣ ଏବଂ ବହୁଦଳୀୟ ଶାସନ ପଦ୍ଧତୀୟ ଯୁଗର ଆରମ୍ଭ ହେଲା। ଏହି ସମୟରେ ଗଠନମୂଳକ ବିରୋଧୀ ଦଳର ଅଭାବ ପରିଲକ୍ଷିତ ହେଲା। ଏହି ଶୂନ୍ୟତା ପୂରଣ କରିବାକୁ ଦ୍ରୁତଗତିରେ ବଢୁଥିବା 'ଭାରତୀୟ ଜନତା ପାର୍ଟି' ସମେତ ଅନ୍ୟାନ୍ୟ କ୍ଷେତ୍ରୀୟ ଦଳମାନେ ସାମ୍ନାକୁ ଆସିଲେ। ଏହି ଯୁଗରେ ସଂସଦୀୟ ଆଲୋଚନା ଅପେକ୍ଷା ଗଣମାଧ୍ୟମ ପାଇଁ ପ୍ରଦର୍ଶନ ଓ ଧର୍ମଘଟ ଅଧିକ ଗୁରୁତ୍ୱପୂର୍ଣ୍ଣ ହେବା ଆରମ୍ଭ ହେଲା। ବିରୋଧୀ ଦଳମାନେ ସଂସଦକୁ ଜନସମ୍ପର୍କର ରଙ୍ଗମଞ୍ଚ ଭାବରେ ବ୍ୟବହାର କରିବା ଆରମ୍ଭ କଲେ।

ବର୍ତ୍ତମାନର ପରିସ୍ଥିତି ଅଧିକ ଜଟିଳ। ଦଳୀୟ ରାଜନୀତିର ଉଗ୍ରତା, ୨୪ ଘଣ୍ଟା ଖବରଚକ୍ର ଓ ସାମାଜିକ ଗଣମାଧ୍ୟମର ପ୍ରଭାବ ସଂସଦୀୟ ପ୍ରଣାଳୀକୁ ଗଭୀର ଭାବେ ପ୍ରଭାବିତ କରିଛି। ବିରୋଧୀ ଦଳମାନେ ଆଲୋଚନା ବଦଳରେ ଅବରୋଧ, ଧର୍ମଘଟ ଓ ସଂସଦ ବାହାରେ ବିଶାଳ ଆନ୍ଦୋଳନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ସରକାରୀ ଦଳ ମଧ୍ୟ ବିରୋଧୀ ମତକୁ ଅବମାନନା କରିବାର ପ୍ରବୃତ୍ତି ରଖୁଛି। ଫଳସ୍ୱରୂପ, ସଂସଦର କାର୍ଯ୍ୟଦିବସଗୁଡ଼ିକ ନିରର୍ଥକ ହେବାରେ ଲାଗିଛି। ବିଲ୍‌ଗୁଡ଼ିକ ଆବଶ୍ୟକୀୟ ଆଲୋଚନା ବିନା ଦ୍ରୁତଗତିରେ ସଂସଦୀୟ ମଞ୍ଜୁରୀ ପାଉଛି ଏବଂ ଉତ୍ତରଦାୟୀ ପ୍ରଣାଳୀ ଦୁର୍ବଳ ହେଉଛି। ଫଳତଃ ମଞ୍ଜୁରୀ ପ୍ରାପ୍ତ ବିଲ୍‌ଗୁଡ଼ିକ ପରବର୍ତ୍ତୀ ସମୟରେ ଦୃଢ଼ ବିରୋଧର ସମ୍ମୁଖୀନ ହେଉଛି। କୃଷି ବିଲ୍‌ଠାରୁ ଆରମ୍ଭ କରି ୱାକଫ୍ ବିଲ୍ ପର୍ଯ୍ୟନ୍ତ ଅନେକ ସୁସ୍ଥ ଆଲୋଚନାର ପୃଷ୍ଠଭୂମିରେ ମଞ୍ଜୁର ହୋଇ ନ ଥିବାରୁ ପରବର୍ତ୍ତୀ ସମୟରେ ବିରୋଧର ସମ୍ମୁଖୀନ ହୋଇ ପ୍ରତ୍ୟାହାର ହୋଇଛି।

ସରକାରୀ ଦଳ ଓ ବିରୋଧୀ ଦଳ ଉଭୟଙ୍କୁ ସଂସଦୀୟ ମର୍ଯ୍ୟାଦା ପୁନରୁଦ୍ଧାର ପାଇଁ ସମ୍ମିଳିତ ଭାବେ ପ୍ରତିଶ୍ରୁତିବଦ୍ଧ ହେବା ଆବଶ୍ୟକ। ବିରୋଧକୁ ଦେଶଦ୍ରୋହ ନ ଭାବି ଗଣତନ୍ତ୍ରର ଅଙ୍ଗ ଭାବରେ ଗ୍ରହଣ କରିବା ଜରୁରୀ। ସଭାପତି ଓ ଅଧ୍ୟକ୍ଷଙ୍କୁ ସଂସଦୀୟ ନିୟମାବଳୀ କଠୋର ଭାବେ ପ୍ରୟୋଗ କରିବାର ଅଧିକାର ଓ କର୍ତ୍ତବ୍ୟ ନିର୍ଦ୍ଦେଶ ଦିଆଯିବା ଉଚିତ। ଅସଭ୍ୟ ଆଚରଣ, ଅବରୋଧ ଓ ଧ୍ୱନି ବିସ୍ଫୋରକ ବ୍ୟବହାର ଉପରେ କଡ଼ା ନିୟନ୍ତ୍ରଣ ଆବଶ୍ୟକ। ବିରୋଧୀ ଦଳଙ୍କୁ ଗୁରୁତ୍ୱପୂର୍ଣ୍ଣ ସଂସଦୀୟ କମିଟିରେ ଯଥାର୍ଥ ପ୍ରତିନିଧିତ୍ୱ, ଆଲୋଚନା ପାଇଁ ଯଥେଷ୍ଟ ସମୟ ଏବଂ ନିୟମିତ ରୂପେ ସରକାରୀ ନିଷ୍ପତ୍ତି ଉପରେ ପ୍ରଶ୍ନ କରିବାର ସୁଯୋଗ ଦେବା ଜରୁରୀ। ରାଜନୈତିକ ଦଳମାନେ ନିଜ ସଦସ୍ୟମାନଙ୍କୁ ଶିଷ୍ଟାଚାର, ବିଷୟଭିତ୍ତିକ ଆଲୋଚନା ଓ ସଂସଦୀୟ ପ୍ରଣାଳୀ ଶିକ୍ଷା ଦେବା ଉଚିତ। ଗଣମାଧ୍ୟମ ପ୍ରସାରଣରେ ସଂଘର୍ଷର ଦୃଶ୍ୟ ବଦଳରେ ଗଠନମୂଳକ ଆଲୋଚନାର ଦୃଶ୍ୟ ଓ ବିଷୟକୁ ପ୍ରାଧାନ୍ୟ ମିଳିବା ଉଚିତ। ଜନତା ରାଜନୈତିକ ଦଳ ଓ ନିର୍ବାଚିତ ପ୍ରତିନିଧିଙ୍କଠାରୁ ଉତ୍ତରଦାୟିତ୍ୱ ଦାବି କରିବା ଉଚିତ। ସାଧାରଣ ନାଗରିକ, ଶିକ୍ଷାବିତ୍ ଓ ନାଗରିକ ସମାଜ ସଂସଦୀୟ ସୁଶାସନ ପାଇଁ ଚାପ ସୃଷ୍ଟି କରିବା ବାଞ୍ଛନୀୟ।

ଭାରତୀୟ ସଂସଦ ଏକ 'ସମୃଦ୍ଧ ଓ ପ୍ରଭାବଶାଳୀ ସଭାଗୃହ' ଭାବରେ ପରିଚିତ। ବର୍ତ୍ତମାନର ସଂଘର୍ଷମୟ ପରିବେଶ ଏହି ପରମ୍ପରାକୁ ଅନେକାଂଶରେ ନଷ୍ଟ କରୁଛି। ଗଣତନ୍ତ୍ରର ମୂଳଦୁଆ ହେଉଛି ବିଶ୍ୱାସ ଓ ସମ୍ମାନ। ସରକାରୀ ଦଳ ଓ ବିରୋଧୀ ଦଳ ଉଭୟେ ଯଦି ଏହି ସତ୍ୟକୁ ଗୁରୁତ୍ ଦିଅନ୍ତେ ସଂସଦ ଦେଶର ଜଟିଳ ସମସ୍ୟା ସମାଧାନ ପାଇଁ ଏକ କାର୍ଯ୍ୟକ୍ଷମ ଓ ପ୍ରଭାବଶାଳୀ ପ୍ଲାଟଫର୍ମ ଭାବେ ବିବେଚିତ ହେବ। ଏହି ମାଧ୍ୟମରେ ହିଁ ଭାରତୀୟ ସଂସଦୀୟ ବ୍ୟବସ୍ଥା ସମଗ୍ର ବିଶ୍ୱରେ 'ଗଣତନ୍ତ୍ରର ମନ୍ଦିର' ଏବଂ ଭାରତ 'ଗଣତନ୍ତ୍ରର ଜନନୀ' ଭାବେ ପ୍ରସିଦ୍ଧି ପାଇପାରିବ।

(ରାଜ୍ୟ ସଭାପତି, ଉତ୍କଳ ସାମ୍ବାଦିକ ସଂଘ)
ଭୁବନେଶ୍ୱର, ମୋ. ୯୪୩୭୦୦୬୩୬୩

# କୃତ୍ରିମ ଆଲୋକ ଓ ବିସ୍ମୃତି

**ଶ୍ରୀନନ**

**ବିଜ୍ଞାନ ବାର୍ତ୍ତା**

ଦିନକୁ ଦିନ ବଢ଼ିବାରେ ଚାଲିଛି ଆମର କୃତ୍ରିମ ଆଲୋକ ମଧ୍ୟରେ ବିତାଉଥିବା ସମୟ। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କାର୍ଯ୍ୟରତ କର୍ମଚାରୀ ଏବଂ ପଢୁଥିବା ଛାତ୍ରଛାତ୍ରୀ, ଦୀର୍ଘସମୟ ଧରି ମୋବାଇଲ୍ ଓ କମ୍ପ୍ୟୁଟର ଉପରେ ଦୃଷ୍ଟିନିବଦ୍ଧ ଆଦି ଏହାର ଉଦାହରଣ। ସହରାଞ୍ଚଳ ଏବଂ ଅନେକ ଗ୍ରାମାଞ୍ଚଳରେ ରାତ୍ରିର ଆଲୋକମାଳାକୁ ଅଧିକରୁ ଅଧିକ ଉଜ୍ଜ୍ୱଳ କରାଯାଉଛି। ଏହି ଆଲୋକ ପ୍ରଦୂଷଣ ନିର୍ଦ୍ଦିଷ୍ଟଭାବେ ଆମ ମସ୍ତିଷ୍କ ଓ ସ୍ମରଣଶକ୍ତିକୁ ପ୍ରଭାବିତ କରୁଛି ବୋଲି କହିଛନ୍ତି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜିନୀୟ ବିଜ୍ଞାନୀ ପ୍ରଫେସର ସୁରଜିତ ସରକାର। ତାଙ୍କ ମତରେ ଆମ ପ୍ରାକୃତିକ ଦୈନିକ ଜୈବ-ଘଟିକାର ଛନ୍ଦ (ସିର୍କାଡିଆନ୍ ରିଦମ୍) ପ୍ରଭାବିତ ହେଉଛି, ଯାହାକି ଆମ ସୁନିଦ୍ରାରେ ବ୍ୟାହତ ଆଣୁଛି ଏବଂ ମସ୍ତିଷ୍କର ଅବକ୍ଷୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି। ପ୍ରଥମଥର ପାଇଁ ପ୍ରଫେସର ସରକାର ଏବଂ ତାଙ୍କ ସହଯୋଗୀମାନେ ପ୍ରମାଣିତ କରିଛନ୍ତି ଯେ ଏପ୍ରକାର 'ଆଲୋକ ପ୍ରଦୂଷଣ' ଏବଂ ଅନ୍ୟାନ୍ୟ ଜୀବନଚର୍ଯ୍ୟା ଯୋଗୁଁ ନିଦ୍ରାହୀନତା, କମ୍ ବୟସରୁ ବାର୍ଦ୍ଧକ୍ୟର ଲକ୍ଷଣମାନ ପ୍ରକଟିତ କରିବା ଏବଂ ଆଲ୍‌ଝିମରସ, ପାର୍କିନସନସ ଆଦି ମସ୍ତିଷ୍କ ରୋଗର କାରଣ ହେଉଛି।

ଗବେଷକମାନେ କିଛି ଫଳମାଛିଙ୍କଠାରେ ଜିନୀୟ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ 'ଆଲ୍‌ଝିମରସ୍' ସହ ସଂପୃକ୍ତ ଏବଂ ମଣିଷଠାରେ ଥିବା ବିଷାକ୍ତ 'ଟାଉପ୍ରୋଟିନ୍' ସୃଷ୍ଟି କରାଇଥିଲେ। ସେମାନେ ଦେଖିଲେ ଯେ ଏଗୁଡ଼ିକ କୃତ୍ରିମ ଆଲୋକର ସମ୍ମୁଖୀନ ହେଲେ ତାଙ୍କ ନିଦ୍ରାରେ ବ୍ୟାଘାତ ଘଟିଲା ଏବଂ ସେମାନଙ୍କ ମସ୍ତିଷ୍କର ଜୀବକୋଷଗୁଡ଼ିକର ଦ୍ରୁତ ଅବକ୍ଷୟ ହେବାକୁ ଲାଗିଲା। ଏହା ସେଗୁଡ଼ିକଠାରେ 'ଟାଉପ୍ରୋଟିନ୍' କୁ ଅଧିକ ଅଠାଳିଆ କରିଦେଲା। ଫଳରେ ତାହା ମୁଣ୍ଡା ବାନ୍ଧି ସ୍ନାୟୁକୋଷଗୁଡ଼ିକୁ ଅବରୋଧ କରିବାକୁ ଲାଗିଲା। ସମ୍ଭବତଃ କୃତ୍ରିମ ଆଲୋକକୁ ଦୀର୍ଘସମୟ ଧରି ଉନ୍ମୁକ୍ତ ରହିବା ଏହିଭଳି ପ୍ରକ୍ରିୟାରେ ଆମଠାରେ 'ବିସ୍ମୃତି' ବା 'ଡିମେନସିଆ'ର କାରଣ ହୋଇଥାଏ।

ପ୍ରଫେସର ସରକାର ଏବଂ ତାଙ୍କ ସହଯୋଗୀଙ୍କ ଏହି ଅଧ୍ୟୟନର ଫଳାଫଳ ପ୍ରକାଶ ପାଇଛି ଆର୍ନ୍ତଜାତିକ ସ୍ନାୟୁବିଜ୍ଞାନ ପତ୍ରିକା 'ନ୍ୟୁରୋକେମେଷ୍ଟ୍ରି ଇଣ୍ଟରନ୍ୟାସନାଲ୍' (ଅକ୍ଟୋବର ୨୦୨୫) ରେ। ସେଥିରେ ସେମାନେ ଦର୍ଶାଇଛନ୍ତି ଯେ ଯଥେଷ୍ଟ ମାତ୍ରାରେ ସୁନିଦ୍ରା ଏସବୁ ପ୍ରକାର ସ୍ନାୟୁଦୁର୍ବଳକାରୀ ରୋଗକୁ ବିଳମ୍ବିତ କିମ୍ବା ତା'ର ଆଶଙ୍କାକୁ ହ୍ରାସ କରେ। ତେବେ ରାତ୍ରିର କୃତ୍ରିମ ଆଲୋକ ଏଥିରେ ବ୍ୟାଘାତ ଆଣୁଛି। କାରଣ ଆମ ନିଦ୍ରାକୁ ନିୟନ୍ତ୍ରିତ କରୁଥିବା ହରମୋନ ମେଲାଟୋନିନ୍ ଅନ୍ଧକାରରେ ହିଁ ଯଥେଷ୍ଟ ମାତ୍ରାରେ କ୍ଷରିତ ହୋଇଥାଏ।

ବର୍ତ୍ତମାନ ବିସ୍ମୃତି ବା ଡିମେନ୍‌ସିଆ ଏବଂ ଅନ୍ୟାନ୍ୟ ବୟସ ସହିତ ସଂପୃକ୍ତ ମସ୍ତିଷ୍କ ବିଶୃଙ୍ଖଳା ଆହ୍ୱାନ ରୂପେ ମୁଣ୍ଡ ଟେକିଛି। ବୟସ୍କ ଲୋକଙ୍କ ମଧ୍ୟରେ ପ୍ରାୟ ଦୁଇ-ତୃତୀୟାଂଶ ଅନ୍ତେବହୁତ ଆଲ୍‌ଝିମରସ୍‌ର ଶିକାର। ପୂର୍ବାନୁମାନ ଅନୁସାରେ ୨୦୫୦ ମସିହା ବେଳକୁ ଆମ ଦେଶର ପ୍ରାୟ ୧୪.୩ ନିୟୁତ ଲୋକ ବିସ୍ମୃତ ପଣ ଅନୁଭବ କରିବେ। ଏହାର ଲକ୍ଷଣଗୁଡ଼ିକ ହେଲା, ସ୍ମୃତିହୀନତା, ବାଉଳା ହେବା, ସାମାଜିକ ଜୀବନ ପ୍ରତି ବିତୃଷ୍ଣା ଭାବ ଏବଂ ଦୈନନ୍ଦିନ କାର୍ଯ୍ୟନିର୍ବାହରେ ଅକ୍ଷମତା।

ଅନ୍ୟ ଏକ ଅଧ୍ୟୟନ ଅନୁଯାୟୀ କୃତ୍ରିମ ଆଲୋକକୁ ଉନ୍ମୁକ୍ତ ହେବା ବା 'ଆଲୋକ ପ୍ରଦୂଷଣ' ହେତୁ ବାରମ୍ବାର ନିଦ୍ରାଭଙ୍ଗ ସହିତ ସଂପୃକ୍ତ ଉପରୋକ୍ତ ଲକ୍ଷଣମାନ କମ୍ ବୟସରୁ ଦେଖାଯିବା ଏବଂ ତାହା ଅଧିକ ଜଟିଳ ହେବାର କରଣ। ଆଲୋକ ଆମ ମସ୍ତିଷ୍କର ଆଭ୍ୟନ୍ତରୀଣ ଛନ୍ଦ ରକ୍ଷା କରିବାରେ ବଳିଷ୍ଠ ଭୂମିକା ଗ୍ରହଣ କରେ। କିନ୍ତୁ ଆଜିର ଦୁନିଆରେ ଆଲୋକ ଅଧିକରୁ ଅଧିକ ପ୍ରଖର ହେବାରେ ଲାଗିଛି। ଲୋକେ ଆହୁରି ମଧ୍ୟ ଟେଲିଭିଜନ୍, କମ୍ପ୍ୟୁଟର, ଲାପ୍‌ଟପ୍ ଓ ମୋବାଇଲ ଦେଖିବା।ରେ ଅଧିକ ସମୟ କଟାଉଛନ୍ତି। ପ୍ରଫେସର ସରକାରଙ୍କ ମତରେ ଏ ପ୍ରକ୍ରିୟାରେ କ୍ରିୟାବିଧି ସଂପୂର୍ଣ୍ଣ ହୃଦୟଙ୍ଗମ କରିବାକୁ ଲୋଡ଼ା ଅଧିକ ଅଧ୍ୟୟନ। ତେବେ ମସ୍ତିଷ୍କକୁ ସୁସ୍ଥ ରଖିବା ପାଇଁ ଏବଂ ସ୍ମୃତି ଶକ୍ତି ସହ ସଂପୃକ୍ତ ସ୍ନାୟବିକରୋଗ ବ୍ୟାଧିରୁ ମୁକ୍ତ ରହିବା ପାଇଁ ତଥା ଦୈନିକ ଜୈବଘଟିକାର ଛନ୍ଦକୁ ପ୍ରାକୃତିକ ରଖିବା ପାଇଁ ଯଥାସମ୍ଭବ କୃତ୍ରିମ ଆଲୋକ, ଅର୍ଥାତ୍ ଆଲୋକ ପ୍ରଦୂଷଣଠାରୁ ଦୂରେଇ ରହିବା ଉଚିତ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସରକାର-ବିରୋଧୀ ନିଜ ଜିଦରେ ଅଟଳ

# ଚାଲିପାରୁନି ଲୋକସଭା, ପୁଣି ମୁଲତବୀ

ନୂଆଦିଲ୍ଲୀ, ୯।୨: ସରକାର ଏବଂ ବିରୋଧୀ ଦଳ ନିଜ ନିଜ ଜିଦରେ ଅଟଳ ରହିଥିବାରୁ ଲୋକସଭାରେ ଅଚଳାବସ୍ଥା ଜାରି ରହିଛି। ଆଜି ମଧ୍ୟ ବିନା କୌଣସି କାର୍ଯ୍ୟରେ ଲୋକସଭା ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରହିଛି। ବଜେଟ ଆଲୋଚନା ପୂର୍ବରୁ ବିରୋଧୀଦଳର ନେତା ରାହୁଲ ଗାନ୍ଧୀଙ୍କୁ କିଛି ପ୍ରସଙ୍ଗରେ ମତାମତ ରଖିବାକୁ ଅନୁମତି ଦିଆଯାଉ ବୋଲି ବିରୋଧୀ ଦଳ ଜିଦ୍ ଧରିଥିବା ବେଳେ ସରକାର ଏଥିପାଇଁ ରାଜି ହେଉ ନାହାନ୍ତି। ଆଜି ସକାଳେ ଦୁଇ ଥର ମୁଲତବୀ ହେବାପରେ ଦିନ ୨ଟାରେ ଗୃହ କାର୍ଯ୍ୟ ପୁଣି ଆରମ୍ଭ ହୋଇଥିଲା। କିନ୍ତୁ ପରିସ୍ଥିତିରେ କୌଣସି ପରିବର୍ତ୍ତନ ନହେବାରୁ ଏହାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ହୋଇଯାଇଛି।

ଆଜି ଦିନ ୧୧ଟାରେ ଲୋକସଭା ବୈଠକ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ରାହୁଲଙ୍କୁ କହିବାକୁ ଅନୁମତି ଦିଆଯାଉ ବୋଲି ଦାବି କରିଥିଲେ। କିନ୍ତୁ ବାଚସ୍ପତି ଓମ୍ ବିର୍ଲା ଏଥିପାଇଁ ଅନୁମତି ଦେଇନଥିଲେ। ବିଶୃଙ୍ଖଳ ଆଚରଣ ପାଇଁ ସେ ବିରୋଧୀଙ୍କୁ ଭର୍ତ୍ସନା କରି କହିଥିଲେ ଯେ ସେମାନେ ଗୃହ ଚଳାଇ ନଦେବାଲାଗି ଯୋଜନା କରିଛନ୍ତି। କିନ୍ତୁ ନିୟମ ବାହାରେ କୌଣସି କାମ ହେବାକୁ ଦେବେନାହିଁ ବୋଲି ସ୍ପଷ୍ଟ କରିଦେଇଥିଲେ। ହଟ୍ଟଗୋଳ ଜାରି ରହିବାରୁ ସେ ଗୃହକୁ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୨ଟା ପରେ ମଧ୍ୟ ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ୨ଟା ପରେ ଗୃହ ବୈଠକ ଆରମ୍ଭ ହୋଇଥିବା ବେଳେ ଅଧ୍ୟକ୍ଷତା କରୁଥିଲେ ସନ୍ଧ୍ୟା ରାୟ। ବଜେଟ ଆଲୋଚନା ପାଇଁ ସେ କଂଗ୍ରେସ ସାଂସଦ ଶଶୀ ଥରୁରଙ୍କୁ ଡାକିଥିଲେ। କିନ୍ତୁ ଥରୁର କହିଥିଲେ ଯେ ବଜେଟ ଆଲୋଚନା ପୂର୍ବରୁ ସ୍ପଷ୍ଟୀକରଣ ରଖିବା ଲାଗି ରାହୁଲଙ୍କୁ ପ୍ରଥମେ ସୁଯୋଗ ଦିଆଯାଉ। ବାଚସ୍ପତିଙ୍କ ସହିତ ବିରୋଧୀ ଦଳର ସଭ୍ୟଙ୍କ ବୈଠକରେ ଏଥିପାଇଁ

### ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ଆଣିପାରନ୍ତି ବିରୋଧୀ

ସହମତି ପ୍ରକାଶ ପାଇଛି। ମାତ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏଭଳି କିଛି ଆଲୋଚନା ଓ ସହମତି ହୋଇଥିବା କଥାକୁ ଖଣ୍ଡନ କରିଥିଲେ। ସେ କହିଥିଲେ ଯେ ରାହୁଲ ଯଦି ବାଚସ୍ପତିଙ୍କ ସଂପର୍କରେ କିଛି କହିବାକୁ ଚାହୁଁଛନ୍ତି, ତାହାହେଲେ ବାଚସ୍ପତି ବିର୍ଲାଙ୍କ ଉପସ୍ଥିତିରେ ଯାହା କହିବା କଥା କୁହନ୍ତୁ। କିନ୍ତୁ ବିରୋଧୀ ସାଂସଦ ସେମାନଙ୍କ ଜିଦର ଅଡ଼ିବସିବାରୁ ଶ୍ରୀମତୀ ରାୟ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ।

ସୂଚନାଯୋଗ୍ୟ ଯେ ଗତ ତିନି ତାରିଖରେ ପୂର୍ବତନ ସେନା ଅଧ୍ୟକ୍ଷ ଜେନେରାଲ ନରବାଣେଙ୍କ ଅପ୍ରକାଶିତ ପୁସ୍ତକର କିଛି ଅଂଶ ପଢ଼ିବାରୁ ରାହୁଲ ଉଦ୍ୟମ କରିଥିବା ବେଳେ ବାଚସ୍ପତି ତାଙ୍କୁ ଏଥିପାଇଁ ଅନୁମତି ଦେଇନଥିଲେ। ଏହି ପୁସ୍ତକରେ ଭାରତ-ଚୀନ ଲଦାଖ ସଂଘର୍ଷ ବିଷୟରେ ଉଲ୍ଲେଖ ରହିଛି। ସେହିଦିନ ଠାରୁ ଗୃହ ଅଚଳ ରହିଛି। ହଟ୍ଟଗୋଳ ଯୋଗୁ ୪ ତାରିଖରେ ପ୍ରଧାନମନ୍ତ୍ରୀ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇପାରିନଥିଲେ। ତାଙ୍କ ପ୍ରତି ବିରୋଧୀ ସାଂସଦଙ୍କ ପକ୍ଷରୁ ଅଦୃଶ୍ୟ ବିପଦ ଥିବା ଦର୍ଶାଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଗୃହକୁ ନ ଆସିବା ଲାଗି ବାଚସ୍ପତି ପରାମର୍ଶ ଦେଇଥିଲେ। ତେବେ ବିରୋଧୀ ଦଳ ବାଚସ୍ପତିଙ୍କ ଏପରି ଟିପ୍ପଣୀର ସମାଲୋଚନା କରିଛନ୍ତି। ବିରୋଧୀଙ୍କ ପକ୍ଷରୁ ଏଭଳି କୌଣସି ବିପଦ ନଥିଲା ବୋଲି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି। ଆଜି ରାହୁଲ ଏ ସଂପର୍କରେ ସ୍ପଷ୍ଟୀକରଣ ଦେବାକୁ ମଧ୍ୟ ଚାହିଥିଲେ।

ଇତିମଧ୍ୟରେ ଖବର ମିଳିଛି ଯେ ବାଚସ୍ପତି ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ଲାଗି ବିରୋଧୀ ଦଳ ଯୋଜନା କରିଛନ୍ତି। ସେମାନେ ଆଜି ଲୋକସଭା ମହାସଚିବଙ୍କୁ ଭେଟି ନୋଟିସ ଦେଇଥିବା ଜଣାପଡ଼ିଛି। ଅନାସ୍ଥା ପାଇଁ ୧୪ ଦିନର ନୋଟିସ ଦରକାର ଥିବାରୁ ଲୋକସଭା ବଜେଟ ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ଏହା ଉପରେ ଆଲୋଚନା ହୋଇପାରେ। ଜାନୁଆରୀ ୨୮ରେ ଆରମ୍ଭ ହୋଇଥିବା ଲୋକସଭା ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୩ ରେ ଶେଷ ହୋଇଯିବ। ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ରେ ଆରମ୍ଭ ହୋଇ ଏପ୍ରିଲ ୨ ତାରିଖ ଯାଏଁ ଚାଲିବ।

# ଏକସଙ୍ଗେ ୪ ସନ୍ତାନ ପ୍ରସବ କରି ଚର୍ଚ୍ଚାରେ ମହିଳା

କୋମନା, ୯।୨(ସମିସ): ଏକସଙ୍ଗେ ୪ ସନ୍ତାନ ପ୍ରସବ କରି ଚର୍ଚ୍ଚାରେ ମହିଳା। ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଅଧୀନ କୁରୁମପୁରୀ ସେକ୍ଟର୍‌ର ଚୌକାପଡ଼ା ଗ୍ରାମରେ



ଏପରି ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ପୁଷ୍ପା ଧରୁଆ ନାମ୍ନୀ ଜଣେ ମହିଳା ଏକାସାଙ୍ଗେ ୪ଟି ସନ୍ତାନକୁ ଜନ୍ମ ଦେଇଛନ୍ତି। ଭୋଜରାଜ ମାଝୀଙ୍କ ପତ୍ନୀ ପୁଷ୍ପାଙ୍କ ଏହା ପ୍ରଥମ ଗର୍ଭଧାରଣ ଥିଲା। ଗତ ୭ ତାରିଖରେ ପଡ଼ୋଶୀ ଛତିଶଗଡ଼ ମହାସମୁନ୍ଦ ହସ୍ପିଟାଲରେ ତାଙ୍କର ପ୍ରସବ କରାଯାଇଥିଲା। ସେଠାରେ ସେ ଚାରୋଟି ଶିଶୁକନ୍ୟାଙ୍କୁ ଜନ୍ମ ଦେଇଥିଲେ। ହସ୍ପିଟାଲ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ପ୍ରସବ ପ୍ରକ୍ରିୟା ସଫଳ ହୋଇଥିବା ବେଳେ ବର୍ତ୍ତମାନ ମା' ଏବଂ ଚାରୋଟି ଯାକ ଶିଶୁ ସୁସ୍ଥ ଅଛନ୍ତି।

# ଅବକାରୀ ମାମଲାରେ ଗାଡ଼ି ବାଜ୍ୟାପ୍ତି ପୂର୍ବରୁ ସନ୍ତୋଷଜନକ କାରଣ ଓ ପ୍ରମାଣ ଆବଶ୍ୟକ

କଟକ, ୯।୨(ସମିସ): ଓଡ଼ିଶା ଅବକାରୀ ଆଇନ ଅନୁଯାୟୀ, ଗାଡ଼ି ବାଜ୍ୟାପ୍ତି ପ୍ରକ୍ରିୟା ଅପରାଧିକ ମାମଲାର ବିଚାରଠାରୁ ସମ୍ପୂର୍ଣ୍ଣ ସ୍ୱାଧୀନ। କିନ୍ତୁ ଏହି ମାମଲାରେ ଗାଡ଼ି ବାଜ୍ୟାପ୍ତି ପୂର୍ବରୁ ଗାଡ଼ିଟି ଅପରାଧରେ ବ୍ୟବହୃତ ହୋଇଛି ବୋଲି କର୍ତ୍ତୃପକ୍ଷଙ୍କୁ ଏଥିପାଇଁ ସନ୍ତୋଷଜନକ କାରଣ ଦର୍ଶାଇବାକୁ ହେବ। କେବଳ ତଦନ୍ତକାରୀ ଅଧିକାରୀଙ୍କ ରିପୋର୍ଟ ଉପରେ ନିର୍ଭର ନକରି କର୍ତ୍ତୃପକ୍ଷ ନିଜର ସନ୍ତୋଷଜନକ ଯୁକ୍ତି ଓ ପ୍ରମାଣ ଆଧାରରେ ନିଷ୍ପତ୍ତି ନେବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି।

### ଆଦେଶର ପୁନର୍ବିଚାର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ବେଆଇନ ମଦ ପରିବହନ ଅଭିଯୋଗରେ ଏକ ଗାଡ଼ି ବାଜ୍ୟାପ୍ତି ପ୍ରସଂଗରେ ରୁଜୁ ମାମଲାର ଶୁଣାଣି କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଉମେଶ ପାତ୍ର ନାମକ ଜଣେ ବ୍ୟକ୍ତିଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି. ରାଉତରାୟ ଏପରି ରାୟ ପ୍ରଦାନ କରିଛନ୍ତି। ପୂର୍ବରୁ ହୋଇଥିବା ବାଜ୍ୟାପ୍ତି ନିର୍ଦ୍ଦେଶର ପୁନଃବିଚାର କରିବା ପାଇଁ ଅବକାରୀ କମିଶନରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ଆବେଦନକାରୀଙ୍କୁ ନିଜର ପକ୍ଷ ରଖିବା ପାଇଁ ସୁଯୋଗ ଦେଇ ଏକ ସ୍ପଷ୍ଟ ଓ ଯୁକ୍ତିଯୁକ୍ତ ଆଦେଶ ପ୍ରଦାନ କରିବାକୁ ଅଦାଲତ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଜାମଡ଼ା ଥାନା ଗୋହିରା ସେତୁ ନିକଟରୁ ଏକ ମାରୁତି ସୁଜୁକି ସେଲେରିଓ ଗାଡ଼ିରୁ ୨୦୨୫ ଏପ୍ରିଲ ୧୧ ତାରିଖରେ ୫୧ ଲିଟର ବେଆଇନ ବିଦେଶୀ ମଦ ଜବତ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୦ଟି ଦେଶରେ...

କରିଛନ୍ତି। କିଛି ବଡ଼ ନାମ, ସାମ୍ନାକୁ ଆସିବା ପରେ ସେମାନଙ୍କୁ ସର୍ବସାଧାରଣରେ କ୍ଷମା ମାଗିବାକୁ ପଡ଼ିଛି। ଏମାନଙ୍କ ମଧ୍ୟରେ ମାଇକ୍ରୋସଫ୍ଟ ସହ- ପ୍ରତିଷ୍ଠାତା ବିଲ ଗେଟ୍ସ କ୍ଷମା ମାଗିଛନ୍ତି। ସେହିପରି ପୂର୍ବତନ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଏହୁଦ ବାରାକଙ୍କ ନାମ ମଧ୍ୟ ଏହି ଫାଇଲରେ ରହିଛି।

ଏପଷ୍ଟିନ କଣ୍ଟନରୁ ବ୍ରିଟେନ ମଧ୍ୟ ବାଦ୍ ପଡ଼ିପାରି ନାହିଁ। ଏହାକୁ ନେଇ ପ୍ରଧାନମନ୍ତ୍ରୀ କେର ଷ୍ଟାରମରଙ୍କ ପଦ ଏବେ ସଙ୍କଟରେ ପଡ଼ିଛି। ପୂର୍ବତନ ବ୍ରିଟିଶ ରାଷ୍ଟ୍ରଦୂତ ପିଟର ମେଣ୍ଡେଲସନ ଓ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନଙ୍କ ମଧ୍ୟରେ ଥିବା ସମ୍ପର୍କ ସାମ୍ନାକୁ ଆସିବା ପରେ ଷ୍ଟାରମରଙ୍କ ଇସ୍ତଫା ପାଇଁ ଦାବି ଜୋର ଧରିଛି। ବ୍ରିଟେନରେ ଏବେ ଜଣେ ମୁସଲିମ ମହିଳା ପ୍ରଧାନମନ୍ତ୍ରୀ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ସେ ହେଉଛନ୍ତି ଶବାନା ମେହମୁଦ। ସେ ଜଣେ ପାକିସ୍ତାନୀ ବଂଶୋଦ୍ଭବ। ସେ ବର୍ମିଂହାମରେ ପାକିସ୍ତାନୀ ମୂଳର ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ପେସାଦାର ବାରିଷ୍ଟର ଓ ଅକ୍ସଫୋର୍ଡ ବିଦ୍ୟାଳୟରୁ ଆଇନ୍ ଶିକ୍ଷା ଲାଭ କରିଛନ୍ତି। ବର୍ତ୍ତମାନର ସ୍ୱରାଷ୍ଟ୍ର ମନ୍ତ୍ରୀ (ହୋମ ସେକ୍ରେଟାରୀ) ଶବାନା ପ୍ରଧାନମନ୍ତ୍ରୀ ପଦ ପାଇଁ ଜଣେ ଶକ୍ତିଶାଳୀ ଦାବିଦାର ଭାବେ ଉଭା ହୋଇଛନ୍ତି। ଷ୍ଟାରମର ପିଟରଙ୍କୁ ଆମେରିକାରେ ବ୍ରିଟେନର ରାଷ୍ଟ୍ରଦୂତ ଭାବେ ନିଯୁକ୍ତ କରିଥିଲେ। କିନ୍ତୁ ଏପଷ୍ଟିନ ସହ ତାଙ୍କର ସମ୍ପର୍କ ଷ୍ଟାରମରଙ୍କ ପଦକୁ ବିପଦରେ ପକାଇଛି। ନିଜ ଲେବର ପାର୍ଟିରେ ମଧ୍ୟ ତାଙ୍କୁ ବିରୋଧ କରାଯାଉଛି। ତେଣୁ ଏହି ସ୍ଥିତି ଶବାନାଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଶାବନା ବ୍ରିଟେନର ପ୍ରଥମ ମୁସଲିମ ମହିଳା ସାଂସଦମାନଙ୍କ ମଧ୍ୟରୁ ଜଣେ। ଜେଲ ସଂସ୍କାର, ଶରଣାର୍ଥୀ ନୀତି ଉପରେ ତାଙ୍କର କଠୋର ଆଭିମୁଖ୍ୟ ପାଇଁ ସେ ବେଶ ଜଣାଶୁଣା।

### ମଣ୍ଡି ପାଲଟିଛି...

ନେଇ ମଧ୍ୟ କଡ଼ା ସମାଲୋଚନା କରିଛନ୍ତି ନବୀନ। ରାଜ୍ୟର ସବୁ ଚାଷୀ ଭାଇ ଭଉଣୀଙ୍କୁ କ୍ୱିଣ୍ଟାଲ ପିଛା ଇନପୁଟ୍ ସବ୍‌ସିଡି ୮୦୦ ଟଙ୍କା ଲେଖାଏଁ ଦେବା ପାଇଁ ବିଜେପି ସରକାର ଘୋଷଣା କରିଥିଲେ; କିନ୍ତୁ ନିକଟରେ ଆପଣଙ୍କ ସରକାର ଏହି ସବ୍‌ସିଡି ପାଇଁ ଚାଷୀ ପିଛା ସର୍ବାଧିକ ୧୫୦ କ୍ୱିଣ୍ଟାଲ ସିଲିଙ୍ଗ୍ ଧାର୍ଯ୍ୟ କରିବା ପ୍ରତିଶ୍ରୁତି ଭଙ୍ଗର ନିଛକ ଉଦାହରଣ। ଏହି ସିଲିଙ୍ଗ୍ ଅଧିକ ଉତ୍ପାଦନ କରୁଥିବା ଚାଷୀମାନଙ୍କ ପାଇଁ ଦଣ୍ଡ ସ୍ୱରୁପ ଏବଂ ଏହା ବିଜେପି ସଂକଳ୍ପ ପତ୍ରର ବିରୁଦ୍ଧାଚରଣ କରୁଛି। ଚାଷୀଙ୍କୁ ସେମାନଙ୍କର ସମଗ୍ର ଉତ୍ପାଦନ ଉପରେ ୩୧୦୦ ଟଙ୍କା ଇନପୁଟ୍ ସବ୍‌ସିଡି ଦେବା ପାଇଁ ଘୋଷଣାରୁ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି ? ନିକଟରେ ଭାରତ ସରକାର ଧାନର ସଂଗ୍ରହ ମୂଲ୍ୟରେ ୬୯ ଟଙ୍କା ବୃଦ୍ଧି କରିଛନ୍ତି। ଓଡିଶାର ଚାଷୀଙ୍କୁ ଏହି ବର୍ଦ୍ଧିତ ୬୯ ଟଙ୍କା ନ ଦେବା ଏକ ପ୍ରତାରଣା ନୁହେଁ କି ବୋଲି ନବୀନ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ନବୀନ କହିଛନ୍ତି ଯେ ଦୁଃଖର ସହ ଜାଣାଇବାକୁ ଚାହେଁ ଯେ ମଣ୍ଡିଗୁଡ଼ିକରେ ଧାନ ସଂଗ୍ରହ ପ୍ରକ୍ରିୟା ଆଶ୍ଚର୍ଯ୍ୟଜନକ ଭାବରେ ମନ୍ଥର ଗତିରେ ଚାଲିଛି। ତେଣୁ ଧାନକୁ କାକର ଓ ଚୋରୀରୁ ରକ୍ଷା କରିବା ପାଇଁ ଚାଷୀମାନଙ୍କୁ ରାତିସାରା ଜଗି ରହିବାକୁ ପଡୁଛି। ମଣ୍ଡି ଗୁଡିକରେ ସର୍ବନିମ୍ନ ସୁବିଧାର ଅଭାବ, ଟୋକନ ବ୍ୟବସ୍ଥାରେ ବିଫଳତା ଏବଂ ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବ ଆଦି ସମସ୍ୟା ଚାଷୀ ମାନଙ୍କୁ ଆନ୍ଦୋଳନାତ୍ମକ ମାର୍ଗ ବାଛିବାକୁ ବାଧ କରୁଛି। ବିଜେପି ନିର୍ବାଚନୀ ଇସ୍ତାହାରର ଦୁଇ ନମ୍ବର ପଏଣ୍ଟରେ ୪୮ ଘଣ୍ଟା ମଧ୍ୟରେ ଡିବିଟି ଜରିଆରେ ପ୍ରାପ୍ୟ ଦେବା ପାଇଁ କୁହା ଯାଇଥିଲା, କିନ୍ତୁ ଅଧିକାଂଶ କ୍ଷେତ୍ରରେ ଚାଷୀ ମାନଙ୍କୁ ସେମାନଙ୍କର ହକ୍ ପାଇବାକୁ ଏକ ସପ୍ତାହରୁ ଅଧିକ ସମୟ ଲାଗୁଛି। ସେହିପରି ଅଭାବୀ ବିକ୍ରି ପ୍ରସଙ୍ଗ ଉତ୍ଥାପନ କରି ନବୀନ କହିଛନ୍ତି ଯେ କଟନୀ-ଛଟନୀ, ୧୫୦ କ୍ୱିଣ୍ଟାଲ ସିଲିଙ୍ଗ୍ ଏବଂ ଧାନ ସଂଗ୍ରହ ଓ ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛି, ଯାହା ଦ୍ୱାରାକି ଚାଷୀମାନେ ଅସାଧୁ ବ୍ୟବସାୟୀ ଓ ମିଲର ମାନଙ୍କ ଶୋଷଣର ଶୀକାର ହେଉଛନ୍ତି। ଚାଷୀକୁ ତାର ଋଣ ପରିଶୋଧ କରିବା ପାଇଁ ବାଧ ହୋଇ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ବହୁତ କମ୍ ଦରରେ ଧାନ ବିକିବାକୁ ପଡୁଛି। ଅତଏବ ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ସରକାର ତୁରନ୍ତ ୪ଟି ପଦକ୍ଷେପ ଗ୍ରହଣ କରିବାକୁ ନବୀନ ଦାବି କରିଛନ୍ତି।

କଟନୀ-ଛଟନୀ ବନ୍ଦ କରିବା ପାଇଁ ତୁରନ୍ତ ମଣ୍ଡି ଗୁଡିକରେ ସ୍ୱେଶାଲ ସ୍କ୍ୱାର୍ଡ ନିୟୋଜିତ କରାଯିବା ସହ ଦୋଷୀ ମିଲ୍ ମାଲିକ ଓ ସରକାରୀ ଅଫିସରଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନବୀନ ଅନୁରୋଧ କରିଛନ୍ତି। ଇନପୁଟ୍ ସବ୍‌ସିଡି ପ୍ରଦାନ ପାଇଁ ରଖାଯାଇଥିବା ଚାଷୀ ପିଛା ସର୍ବାଧିକ ୧୫୦ କ୍ୱିଣ୍ଟାଲ ସିଲିଙ୍ଗ୍ ସର୍ତ୍ତ ତୁରନ୍ତ ପ୍ରତ୍ୟାହାର କରାଯାଉ ଏବଂ ରେଜେଷ୍ଟ୍ରିଭୁକ୍ତ ସବୁ ଚାଷୀଙ୍କଠାରୁ ସବୁ ଧାନ କିଣାଯାଉ। ବିଜେପିର ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ସବୁ ଚାଷୀଙ୍କୁ ଧାନ ସଂଗ୍ରହର ୪୮ ଘଣ୍ଟା ମଧ୍ୟରେ ଡିବିଟି ଜରିଆରେ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଉ। ସେହିପରି ୭୨ ଘଣ୍ଟା ମଧ୍ୟରେ ମଣ୍ଡି ଗୁଡିକରେ ଖୋଲାରେ ପଡିଥିବା ସବୁ ଧାନ ଗୁଡ଼ିକୁ ଶତ ପ୍ରତିଶତ ଉଠାଯାଉ ବୋଲି ନବୀନ ଅନୁରୋଧ ଦେଇଛନ୍ତି।

### ଅଭିଯୋଗ ଶୁଣାଣି...

ବନ୍ଧାଙ୍କୁ ୧ ଲକ୍ଷ ଟଙ୍କା ଓ ଯାଜପୁର ଜିଲ୍ଲାର କାର୍ତ୍ତିକ ସି ଙ୍କୁ ୧.୫୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିଲେ। ଅନୁରୂପ ଭାବରେ ପାଟଣାଗଡ଼ର ଉଭୟ କିଡନୀ ଓ ସ୍ନାୟୁଗତ ରୋଗରେ ପୀଡ଼ିତା ତିଳୋତ୍ତମା ପାଣ୍ଡେ ଓ ଅନ୍ୟମାନଙ୍କ ଚିକିତ୍ସା ଓ ଯାତାୟତ ଖର୍ଚ୍ଚ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ୧୬ଟି ପାଳିସୁଦ୍ଧା ଗ୍ରହଣ କରାଯାଇଥିବା ୧୪,୦୫୪ଟି ଅଭିଯୋଗ ମଧ୍ୟରୁ ୧୩,୧୬୯ଟି ଅଭିଯୋଗର ସମାଧାନ କରାଯାଇଛି। ଯାହା ଶତକଡା ୯୪ ପ୍ରତିଶତ।

ମୁଖ୍ୟମନ୍ତ୍ରୀଙ୍କ ସହ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସହ ଗୃହବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ଶାଶ୍ୱତ ମିଶ୍ର ରାଜସ୍ୱ ବିଭାଗ ଏସିଏସ୍ ଅରବିନ୍ଦ ପାଢ଼ୀ, ଜିଏ ବିଭାଗ ଏସିଏସ୍ ସୁରେନ୍ଦ୍ର କୁମାର ପ୍ରମୁଖ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ବ୍ୟାଙ୍କର ଅସହଯୋଗ...

ଅନୁଯାୟୀ ସୂର୍ଯ୍ୟଘର ଯୋଜନାରେ ବ୍ୟାଙ୍କରୁ ଋଣ ଆଣିବାକୁ କୌଣସି ହିତାଧିକାରୀ ଆବେଦନ କଲେ ବ୍ୟାଙ୍କ କର୍ତ୍ତୃପକ୍ଷ ସହଯୋଗ କରୁନାହାନ୍ତି। ଘରୋଇ ବ୍ୟାଙ୍କଗୁଡ଼ିକ ଆଦୌ ଏହି ବ୍ୟବସ୍ଥା ମଧ୍ୟରେ ପ୍ରବେଶ କରିବାକୁ ନାରାଜ। ଏପଟେ ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକ ପୂର୍ବରୁ ଥିବା ଋଣ ଖିଲାପ ରେକର୍ଡ, କାଗଜପତ୍ରରେ ନାନାଦି ସମସ୍ୟାର ଆଳ ଦେଖାଇ ବ୍ୟାଙ୍କ ପକ୍ଷରୁ ହିତାଧିକାରୀଙ୍କୁ ଋଣ ଦେବାକୁ ସିଧାସିଧା ମନା କରାଯାଉଛି। ହିତାଧିକାରୀଙ୍କ ମତ ଅନୁଯାୟୀ ରୁଫଟପ୍ ସୋଲାର ପ୍ୟାନେଲରେ ୧ କିଲୋୱାଟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୫ ହଜାର ଟଙ୍କାର ସବସିଡି ପ୍ରଦାନ କରୁଛନ୍ତି। ସେହିପରି ୨ କିଲୋୱାଟ ପାଇଁ ୧.୧୦ ଲକ୍ଷ ଏବଂ ୩ କିଲୋୱାଟ ପାଇଁ ୧.୩୮ ଲକ୍ଷ ଟଙ୍କା ସବସିଡି ପ୍ରଦାନ କରୁଛନ୍ତି। ତେବେ ଏହି ସବସିଡି ଅର୍ଥ ପ୍ୟାନେଲ ଲଗାଯିବା ପରେ ହିତାଧିକାରୀଙ୍କ ଖାତାକୁ ଆସୁଛି। ଯାହାକୁ ହିତାଧିକାରୀ ଶୁଝିଦେବା ପରେ ହିତାଧିକାରୀଙ୍କୁ ବ୍ୟାଙ୍କକୁ ଋଣ ବାବଦରେ ସୁଝିବାକୁ ମାତ୍ର ଅଳ୍ପ କିଛି ଅର୍ଥ ବଳକା ଭାବେ ରହିଯାଉଛି। ତେଣୁ ହିତାଧିକାରୀଙ୍କ ନିକଟରୁ ସୁଧ ବାବାଦରେ ବ୍ୟାଙ୍କକୁ ସେପରି କିଛି ଲାଭ ମିଳୁନଥିବା ହେତୁ ବ୍ୟାଙ୍କମାନେ ଏଥିରୁ ପଛଘୁଞ୍ଚା ଦେଉଥିବା ମତପ୍ରକାଶ ପାଇଛି। ଫଳସ୍ୱରୂପ ରାଜ୍ୟରେ ଏହି ଯୋଜନା ବିଶେଷ ଭାବେ ଆଗେଇ ପାରୁନଥିବା ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ସର୍ବଭାରତୀୟସ୍ତରରେ ଓଡ଼ିଶା ସୋଲାର ପ୍ୟାନେଲ ଲଗାଇବାରେ ୧୨ତମ ସ୍ଥାନରେ ରହିଥିବା ବେଳେ ଅନେକ ଛୋଟ ରାଜ୍ୟ ଓଡ଼ିଶା ଉପରେ ରହିଛନ୍ତି। କେରଳ, ଆସାମ ଓ ଉତ୍ତରାଖଣ୍ଡର ସଫଳତା ହାର ଓଡ଼ିଶାଠାରୁ ଅଧିକ। କେରଳରେ ଗତ ଡିସେମ୍ବର ଶେଷ ସୁଦ୍ଧା ୧ ଲକ୍ଷ ୭୭ ହଜାର ୩୯୨ଟି ରୁଫଟପ୍ ସୋଲାର ପ୍ୟାନେଲ ଲାଗିସାରିଛି। ସେହିପରି ଆସାମରେ ୭୧୮ ୯୮, ଉତ୍ତରାଖଣ୍ଡରେ ୫୮ ୫୬୨ଟି ପ୍ୟାନେଲ ଲାଗି ସାରିଛି। ଆୟତନ, ଆର୍ଥିକ ସମ୍ବଳ ଦୃଷ୍ଟିରୁ ଉପରୋକ୍ତ ରାଜ୍ୟଗୁଡ଼ିକ ଓଡ଼ିଶାଠାରୁ ବେଶ୍ ପଛରେ ଥିବାବେଳେ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଅପେକ୍ଷା ବେଶ୍ ସଚେତନ ଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି। ସମାନ ସମୟରେ ଓଡ଼ିଶାରେ ଏନେଇ ନିରାଶାଜନକ ପ୍ରଦର୍ଶନ ରାଜ୍ୟ ଶକ୍ତି ବିଭାଗ ଏବଂ ବିତରକ କମ୍ପାନୀର ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକୃତରେ ଯଦି ରାଜ୍ୟ ସରକାର ଏବଂ ଶକ୍ତି ବିଭାଗ ଏହି ଯୋଜନା ଯେପରି ଅଧିକ ଆଦୃତ ହୋଇପାରିବ, ସେନେଇ ଚାହାନ୍ତି ତାହେଲେ ବ୍ୟାଙ୍କ ଗୁଡ଼ିକ ଉପରେ ଲଗାମ କଷନ୍ତୁ। ଯେପରି ବିନା ଦ୍ୱିଧାରେ ହିତାଧିକାରୀ ବ୍ୟାଙ୍କରୁ ଋଣ ହାସଲ କରିପାରିବେ ସେନେଇ ରାଜ୍ୟ ସରକାର ତ୍ୱରିତ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ୧୨ରେ ଦେଶବ୍ୟାପୀ...

ଉଦବୋଧନ ଦେଇ ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତାମାନେ କହିଛନ୍ତି ଯେ ଦେଶର ବିଭିନ୍ନ ଗାଁରେ ପ୍ରତିବାଦ କରାଯିବ ଏବଂ ସେମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରିବେ। ଅଖିଳ ଭାରତ କିଷାନ ସଭାର ନେତା କୃଷ୍ଣ ପ୍ରସାଦ କହିଛନ୍ତି ଯେ ବାଣିଜ୍ୟ ଚୁକ୍ତି କୃଷି କ୍ଷେତ୍ର ଉପରେ ଗଭୀର ପ୍ରଭାବ ପକାଇବ କାରଣ ଏହା ଶୃଙ୍ଖଳା ଶସ୍ୟ, ପଶୁ ଖାଦ୍ୟ ଏବଂ ସୋୟାବିନ୍ ତେଲ ଭଳି ସାମଗ୍ରୀ ପାଇଁ ବଜାର ଖୋଲିବ। ସେ ଏହା ମଧ୍ୟ ଦାବି କରିଛନ୍ତି ଯେ ଏହା ଦୁଗ୍ଧ କ୍ଷେତ୍ରକୁ ପ୍ରଭାବିତ କରିବ। ସେ କହିଛନ୍ତି ଯେ ଆମେରିକା ଏବଂ ୟୁରୋପୀୟ ସଂଘ (ଇୟୁ) ସହ କରାଯାଉଥିବା ଚୁକ୍ତିନାମା ସେମାନଙ୍କର "ସ୍ଥିର" ଅର୍ଥନୀତିକୁ ଲାଭ ଦେବା ପାଇଁ କରାଯାଉଛି ଏବଂ ଏହା ଭାରତର ସ୍ୱାର୍ଥରେ ନୁହେଁ। ଏହି ସମୟରେ, ହିମାଚଳ ପ୍ରଦେଶର ସେଓ ଚାଷୀମାନେ ଫେବୃଆରୀ ୧୨ରେ ଦେଶବ୍ୟାପୀ କୃଷକ ଧର୍ମଘଟରେ ଯୋଗଦେବା ପାଇଁ ପ୍ରସ୍ତୁତି ଜୋରଦାର କରିଛନ୍ତି ଏବଂ ଦିଲ୍ଲୀ ଅଭିମୁଖେ ଏକ ପଦଯାତ୍ରା ଘୋଷଣା କରିଛନ୍ତି। ସେମାନେ ଚେତାବନୀ ଦେଇଛନ୍ତି ଯେ ଭାରତ-ଆମେରିକା ଏବଂ ଅନ୍ୟାନ୍ୟ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଅନୁଯାୟୀ ସମ୍ପ୍ରତି ଆମଦାନୀ ଶୁଳ୍କ ହ୍ରାସ ପାହାଡିଆ ରାଜ୍ୟର ସେଓ-ଆଧାରିତ ଅର୍ଥନୀତିକୁ ନଷ୍ଟ କରିପାରେ। ଅପରପକ୍ଷେ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ବାରମ୍ବାର ପ୍ରତିଶ୍ରୁତି ଦେଇଛନ୍ତି ଯେ ଭାରତୀୟ ସେଓ ଚାଷୀମାନଙ୍କ ସ୍ୱାର୍ଥ ସୁରକ୍ଷିତ ରହିବ।

### ଘୁଞ୍ଚିଘୁଞ୍ଚି ଯାଉଛି...

ପୁଣି ଏହାକୁ ଘୁଞ୍ଚାଇ ଦିଆଯିବା ନେଇ ଏକ ପ୍ରକାର ନିଶ୍ଚିତ ହୋଇଛି। କାହିଁକି ଏହି ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବିତ ହେଉଛି ତାହା କାହାକୁ ଜଣା ନ ଥିବା ବେଳେ ଏଥି ପାଇଁ ସ୍ଥାନୀୟ ରାଜନୈତିକ ଉଦାସୀନତାକୁ ମଧ୍ୟ ପରୋକ୍ଷରେ ଦାୟୀ କରାଯାଉଛି। ଉପରୋକ୍ତ ୩ ଟି ପ୍ରକଳ୍ପର ଅଗ୍ରଗତି ପାଇଁ ସ୍ଥାନୀୟ ସାଂସଦମାନେ ବିଭିନ୍ନ ସମୟରେ ଦାବି କରିଥିଲେ। ମାତ୍ର ଉପକୂଳ ରାଜପଥର ସିଂହ ଭାଗ ଅଂଶ ରହୁଥିବା ପୁରୀ ଓ ଜଗତସିଂହପୁର ସାଂସଦ ଏହି ପ୍ରକଳ୍ପକୁ ନେଇ ଥରୁଟିଏ ମଧ୍ୟ ଦିଲ୍ଲୀରେ ମୁହଁ ଖୋଲି ନାହାନ୍ତି। ଯାହାକୁ ନେଇ ବିଶେଷଜ୍ଞମାନେ ପରୋକ୍ଷରେ ଡବଲ ଇଂଜିନର ସାଂସଦଙ୍କ ଚୁପ୍ ରହିବାକୁ ଏହି ପ୍ରକଳ୍ପ ବିଳମ୍ବର ଅନ୍ୟତମ କାରଣ ଭାବେ ଦାୟୀ କରୁଛନ୍ତି।

ଉପକୂଳ ରାଜପଥ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧାର ବଡ଼ପୋଖରିଆ ଠାରୁ କେନ୍ଦ୍ରାପଡ଼ାର ମସାକଣି ପର୍ଯ୍ୟନ୍ତ ୧୬୦.୧୮୦ କିମି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ ହୋଇଛି। ଗୋଟିଏ ପ୍ୟାକେଜ୍‌ରେ ଖୋର୍ଦ୍ଧାର ବଡ଼ପୋଖରିଆଠାରୁ ପୁରୀର କୋଣାର୍କ ପର୍ଯ୍ୟନ୍ତ ୭୯.୪ କିମି ୪ ଥାକିଆ ଆକ୍ସେସ କଣ୍ଟ୍ରୋଲଡ୍ ରାସ୍ତା ନିର୍ମାଣ କରାଯିବ। ଏହି ଜାତୀୟ ରାଜପଥ ନିର୍ମାଣ ନିମନ୍ତେ ପ୍ୟାକେଜ-୧ ରେ ୩୬୪୫ କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟର ଟେଣ୍ଡର ଆହ୍ୱାନ କରାଯାଇଅଛି। ସେହିପରି ଅନ୍ୟ ପ୍ୟାକେଜ୍‌ରେ ପୁରୀର କୋଣାର୍କଠାରୁ କେନ୍ଦ୍ରାପଡ଼ାର ମସାକଣି ପର୍ଯ୍ୟନ୍ତ ୮୦ କିମି ୨ ଥାକିଆ ପେଭଡ୍ ଶୋଲଡର ଜାତୀୟ ରାଜପଥ ନିର୍ମାଣ ନିମନ୍ତେ ପ୍ୟାକେଜ-୨ ରେ ୧୮୫୫ କୋଟି ପ୍ରକଳ୍ପ ମୂଲ୍ୟର ଟେଣ୍ଡର ଆହ୍ୱାନ କରାଯାଇଛି। ବଡ଼ପୋଖରିଆରୁ ମସାକଣି ଉପକୂଳ ରାଜପଥଟି ଏନଏଚ ୧୬, ଏନଏଚ ୫୩ ଏବଂ ଏନଏଚ ୩୧୬ ର ବିକଳ୍ପ ଜାତୀୟ ରାଜପଥ ଭାବେ କାର୍ଯ୍ୟ କରିବ। ଏହି ଜାତୀୟ ରାଜପଥଟି ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଅର୍ଥନୈତିକ ହବ୍ ଯଥା ପୁରୀ, କୋଣାର୍କ ଏବଂ ପାରାଦୀପକୁ ଯୋଡ଼ିବା ସହ ମାଲ ପରିବହନ ଏବଂ ଗମନାଗମନର ଉନ୍ନତି କରିବ ବୋଲି ଆଶା ରହିଛି।


**ରାଜ୍ୟ ଉପଭୋକ୍ତା ବିବାଦ ଫଏସଲା ଆୟୋଗ, କଟକଙ୍କ ଇଜଲାସ**

**ଏଫ୍.ଏ. ନଂ.: ୨୦ / ୨୦୨୫**

**ଶାଖା ପ୍ରବନ୍ଧକ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଢ଼େଙ୍କାନାଳ ଶାଖା** ...ଆବେଦକ

ବନାମ

**ଶିତୀ କାନ୍ତ ପଟ୍ଟନାୟକ** ...ପ୍ରତିପକ୍ଷ

**ପ୍ରାପ୍ତେଷୁ,**

୧. **ଶିତୀ କାନ୍ତ ପଟ୍ଟନାୟକ,** ପିତା: ୰ ନୃସିଂହ ପଟ୍ଟନାୟକ, ସା.: ମହାବୀର ବଜାର, ପୋ/ଥାନା/ଜିଲ୍ଲା: ଢ଼େଙ୍କାନାଳ, ଓଡ଼ିଶା-୭୫୯୦୦୧

**ଖବରକାଗଜ ପ୍ରକାଶନ ଦ୍ୱାରା ସମନ / ନୋଟିସ୍**

ଏତଦ୍‌ଦ୍ୱାରା ଆପଣଙ୍କୁ ଅବଗତ କରାଇ ଦିଆଯାଉଛି କି, ମାନ୍ୟବର ଜିଲ୍ଲା ଉପଭୋକ୍ତା ବିବାଦ ଫଏସଲା ଆୟୋଗ, ଢ଼େଙ୍କାନାଳଙ୍କ ଦ୍ୱାରା ଉପଭୋକ୍ତା ଅଭିଯୋଗ କେସ୍ ନଂ.: ୬୮/୨୦୨୨ର ଜାରି ତା୦୫.୧୨.୨୦୨୪ରିଖ ନିଷ୍ପତ୍ତିକୁ ଚାଲେଞ୍ଜ କରି ଆବେଦକ ଏଫ୍.ଏ ୨୦/୨୦୨୫ ଆବେଦନ ଦାୟର କରିଛନ୍ତି। ଏହି କମିଶନଙ୍କ ଦ୍ୱାରା ପ୍ରତିପକ୍ଷଙ୍କୁ ନୋଟିସ୍ ପ୍ରେରଣ କରାଯାଇଥିଲା। କିନ୍ତୁ ସେହି ନୋଟିସ୍ ଆପଣଙ୍କୁ ପ୍ରଦାନ କରାଯାଇ ନପାରି ଏହି ଆୟୋଗଙ୍କ ନିକଟକୁ ଫେରସ୍ତ ଆସିଛି। ତେଣୁ, ଏତଦ୍‌ଦ୍ୱାରା ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି କି, ଆପଣ ଅୟୋଗଙ୍କ ଇଜିଲାସରେ ବ୍ୟକ୍ତିଗତ ଭାବେ କିମ୍ବା ଆଡଭୋକେଟଙ୍କ ମାଧମରେ ତା୨୩.୦୨.୨୦୨୬ରିଖରେ, ହାଜିର ହୁଅନ୍ତୁ। ଅନ୍ୟଥା ଉପରୋକ୍ତ ଅପିଲ ଆପଣଙ୍କ ଅନୁପସ୍ଥିତିରେ ଆଇନ ଅନୁସାରେ ଶୁଣାଣୀ କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ।

କମିଶନଙ୍କ ଦସ୍ତଖତ ଏବଂ ସହି ମୋହର ସହ ମୋ ଦ୍ୱାରା **ତା.୦୨.୦୨.୨୦୨୬ରିଖରେ** ଆଦିଷ୍ଟ।

ସେକ୍ରେଟାରୀ



**OFFICE OF THE DIVISIONAL FOREST OFFICER**
**NAYAGARH DIVISION** 8001/32/2526
**Email:- dfo.nayagarh@odisha.gov.in**

**Tender Notice for sale of confiscated vehicles**

| | | | |
|---|---|---|---|
| 1. | Name of the work | : | Disposal of confiscated vehicles |
| 2. | Total no of vehicles | : | 13 Nos. |
| 3. | Period of Completion | : | On dt.16.02.2026 at 5.30 P.M |
| 4. | Type of tender | : | Sealed Cover Tender |
| 5. | Date and time of availability of Bid documents | : | 10.00 A.M. of dated 02.02.2026 to 5.30 P.M. of dated 16.02.2026 |
| 6. | Submission of documents PAN card, Aadhar card, EMD (original) | : | During office hours from 10.00 A.M. on dt. 02.02.2026 to 5.30 PM on dt.16.02.2026 in the office of the undersigned. |
| 7. | Date of opening of Bid | : | Dt. 17.02.2026 at 3.00 P.M in the office of the undersigned. |
| 8. | Name & address of the O.I.T (Officer Inviting tender) | : | Divisional Forest Officer. Nayagarh Division, Nayagarh. |

-Sd-
**Divisional Forest Officer**
**Nayagarh Division**

OIPR-8001/8026/1/25-26/0003



**NATIONAL COMPETITIVE BIDDING THROUGH e-Procurement**
**Tel. No.06752222092, e-mail id-eerwpuri@gmail.com**

25001/52/2526 **TCN NO. TENDER ONLINE - 18 OF 2025-26**

**No. 1609/ Dt. 04.02.2026**

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 4 Nos. of work for the year 2025-26 in the District of Puri.

1. Total no. of works: **4 nos.**
2. Tender cost of packages: Amount varies from **Rs.5.42 lakh to 17.90 lakh.**
3. Class of contractor: **As per DTCN.**
4. Period of completion: **15 (fifteen) days & 25 (Twenty five) days**
5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer Rural Works Division, Puri. | Online- 18 | 11.02.2026 at 11.00 A.M. | 18.02.2026 up to 5.00 P.M. | 17.02.2026 up to 01.30 P.M. | 19.02.2026 11.30 A.M. Office of the S.E.,R.W. Division, Puri. |

6. Other details can be seen in the bidding documents, which is available in website "https://tendersodisha.gov.in".

Superintending Engineer,
R.W. Division. Puri.

OIPR-25001/25065/1/25-26/0001



**ODISHA LIFT IRRIGATION CORPORATION LIMITED** 32001/49/2526
(A Government of Odisha Undertaking)
**Office of the Executive Engineer, Lift Irrigation Division, Cuttack**
**Phone: (0671) 2955600 (O) / eeolic_ctc@yahoo.in**

**Quotation Call Notice for Hiring of Vehicle – 09/2026-27 Dt. 09.02.2026**

Sealed quotations/tenders are invited from interested reputed Travel Agencies / Tour Operators / Individuals for private diesel driven vehicles with registration not more than 3 years old from the date of initial registration having minimum 7 seating capacity including driver, which shall conform to the terms and conditions for official use in Office of the Assistant Executive Engineer, L.I. Sub-Division, Tirtol & Balikuda on monthly rent basis.

The application form of quotation containing General Bid Information & Terms and Conditions for Hiring of Vehicles etc. will be available with Office of the Executive Engineer, L.I. Division, Pratap Nagar, Cuttack – 754001 on payment of Rs.200/- (+18% GST) or can be downloaded from Odisha Govt. website: www.odisha.gov.in from 10.02.26 to 17.02.26.

The quotation complete in all respect should be uploaded online or reach the Office of the Executive Engineer, L.I. Division, Pratap Nagar, Cuttack-754001 on or before 17.02.2026 by 2.00 PM and shall be opened on the same day at 3.00 PM.

The authority reserves the right to accept or reject any or all the quotations and may increase or decrease quantity of items without assigning any reason thereof.

**Executive Engineer**
**L.I. Division, Cuttack**

OIPR-32001/32304/1/25-26/0001



**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar on 27.01.2026, I, NIKITA PADHAN, D/o Kartika Padhan, R/o Gaikanpali, Dist. Sundargarh, Odisha-770024, have changed my name from **NITU PADHAN to NIKITA PADHAN.** Henceforth, I shall be known as **NIKITA PADHAN** for all purposes.

**Sd/- NIKITA PADHAN**

**AFFIDAVIT**

By virtue of an affidavit **no. 246** sworn before the **Additional Tahasildar-cum-Executive Magistrate, Kandhamal,** dated 09.02.2026, I, Paul Kanhar, resident of At- Guaneju, P.O.- Pabingja, P.S.-Phiringia, Dist- Kandhamal, Odisha-762011 hereby declare that I have changed my minor daughters name from **Diptimayee Kanhar to Kuntima Kanhar.** Henceforth, she will be known as **Kuntima Kanhar** for all purposes.

**Sd/- Paul Kanhar**

**AFFIDAVIT**

I, Sumitra Soren, wife of Army No 4263429M Hav Anpa Soren (Retd) residing at Vill-Boring, PO-Padiabeda, PS-Thakurmunda, Dist-Mayurbhanj, Odisha , have changed my name and DOB from Sumitra Soren, DOB-12.12.1971 to Sumitra Hembram, DOB-01.03.1967 vide affidavit dated 29.01.2026 before The Court of Executive Magistarate, Panchpir, Karanjia (Odisha). Hence both name Sumitra Soren, DOB-12.12.1971 and Sumitra Hembram, DOB-01.03.1967 are same and one person. Henceforth, I will be known as **Sumitra Hembram,** DOB 01/03/1967 for all purpose.

**AFFIDAVIT**

I, Sheikh Amir Ali, S/o: Sk. Ajgar Ali, resident of At: Kokilapur, PO: Piteipur, Kaduapada, Jagatsinghapur, Odisha, PIN-754106, declare by this Affidavit No.: 57/2026, dated: 09.02.2026, that now onwards I shall be known as **Sk. Amir Ali** for all future purposes.

**AFFIDAVIT**

By virtue of an affidavit sworn before the **Executive Magistrate, Jaleswar,** I Balaram Mohanty, At- Adinaga, Po. Kamarsalia , Ps- Jaleswar, Dist- Balasore, Odisha, declare that I have changed my daughter's name from **Sunayana Mohanty to Aparna Suneyna Mohanty.** Henceforth, she shall be known as **Aparna Suneyna Mohanty** for all purposes.

**Balaram Mohanty**

**AFFIDAVIT**

I, Dilip Kumar Mulia, aged about 42 years, S/o- Debendra Kumar Mulia, resident of Plot No- 1390, Sai Vihar, Canal Road, Bomikhal, Ps- Laxmisagar, Bhubaneswar, Dist- Khurda, Pin- 751025, do hereby declare by this affidavit No. 771, dtd- 07/02/2026, that now onwards I shall be known as **DILLIP KUMAR MULIA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Bhadrak on dated- 22nd July, 2025, I, **Chandini Ghadai,** Address: At- Bhaskarganj-B, Railway Colony, PO- Sahadevkhunta, PS- Sahadevkhunta, Dist.- Balasore, Pin-756001, Odisha, declare that I have changed the name of my Son from **SK Ayan** to **Ayan Kumar Ghadai.** Henceforth, he shall be known as **Ayan Kumar Ghadai** for all purposes.

**Chandini Ghadai**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 9.02.26, I Jitanjali Sahoo, permanent resident of Jaipur, PS – Tirtol, Dist - Jagatsinghpur, Odisha – 754162, currently residing at Flat No.-101, Plot No.-561, Vivekananda Marg, Laxmi Bhawan, Old Town, Bhubaneswar – 751002, Khordha, Odisha, declare that I have changed my daughter's name from **Debanshi to Debanshi Sahoo.** Henceforth, she shall be known as **Debanshi Sahoo** for all future purposes.

**Jitanjali Sahoo**

ଭଦ୍ରକ ଜିଲ୍ଲାରେ ଏମିତି ଚାଲିଛି ଧାନକିଣା... ମଣ୍ଡିରେ ପଡ଼ିଛି ୨.୮୫ ଲକ୍ଷ କ୍ୱିଣ୍ଟାଲ ଧାନ

# ମିଲରଙ୍କ ଦୁଆରେ ଚାଷୀଙ୍କ ଟ୍ରାକ୍ଟର ଧାଡ଼ି

- ଜିଲ୍ଲାକୁ ୨ୟ ପର୍ଯ୍ୟାୟରେ ୧୮ ଲକ୍ଷ କ୍ୱିଣ୍ଟାଲ ଟାର୍ଗେଟ ମିଳିଲା
- ଲାପ୍ସ ହୋଇଥିବା ୬୦୬ ଚାଷୀଙ୍କ ଟୋକନ ଅବଧି ବଢ଼ାଇଲେ ଜିଲ୍ଲାପାଳ



ଭଦ୍ରକ, ୯।୨(ସମିସ): ଭଦ୍ରକ ଜିଲ୍ଲାରେ ଚଳିତ ଧାନକିଣା କାର୍ଯ୍ୟକ୍ରମ ନେଇ ଚାଷୀ ଅସନ୍ତୋଷ ବଢୁଥିବାବେଳେ ମଣ୍ଡିରୁ ଯେତେ ଧାନ ଉଠିବା କଥା ଉଠୁନାହିଁ। ସରକାରୀ ହିସାବ ଅନୁଯାୟୀ, ଗତ ରବିବାର ସୁଦ୍ଧା ଜିଲ୍ଲାର ୧୪୧ଟି ମଣ୍ଡିରେ ୨ ଲକ୍ଷ ୮୫ ହଜାର କ୍ୱିଣ୍ଟାଲ ଧାନ ପଡ଼ି ରହିଛି। ମଣ୍ଡିରୁ ଧାନ ନ ଉଠିବା କାରଣରୁ ଚାଷୀମାନେ ବିବ୍ରତ ହୋଇପଡ଼ିଛନ୍ତି। ଜିଲ୍ଲାରେ ଧାନକିଣା ଏଭଳି ଚାଲିଛି, ମଣ୍ଡିରୁ ମିଲର ହିଁ ଧାନ ଉଠାଇବାକୁ ଥିବାବେଳେ ଚାଷୀ ସିଧାସଳଖ ମିଲରଙ୍କ ଦୁଆରେ ଟ୍ରାକ୍ଟର ବୋଝେଇ କରି ରଖିଲେଣି। ଅନ୍ୟପକ୍ଷରେ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଜିଲ୍ଲା ନିଗମକୁ ତାଗିଦ୍ ପରେ ତାଗିଦ୍ କରି ଚାଲିଛନ୍ତି। ସ୍ଥିତି ସୁଧାରିବା ଲାଗି ରବିବାର ଛୁଟି ଦିନରେ ବି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ସନ୍ଧ୍ୟାରେ ମିଲରମାନଙ୍କ ବୈଠକ ଡାକି ସହଯୋଗ ଲୋଡ଼ିଛନ୍ତି। ମିଲରମାନେ ମଧ୍ୟ ଉକ୍ତ ବୈଠକରେ ସରକାରଙ୍କଆଡୁ ରହିଥିବା ସମସ୍ୟା ବା ଅବହେଳା ସମ୍ପର୍କରେ ଉପଜିଲ୍ଲାପାଳଙ୍କ ପାଖରେ ତଥ୍ୟ ରଖିଛନ୍ତି। ବିଳମ୍ବରେ ଧାନକିଣାକୁ ନେଇ ଆରମ୍ଭରୁ ସୃଷ୍ଟ ଅସନ୍ତୋଷ ବଢ଼ି ବଢ଼ି ଚାଲିଥିବାବେଳେ ରବିବାର ସନ୍ଧ୍ୟାରେ ପ୍ରଶାସନ ଓ ମିଲରଙ୍କ ବୈଠକଟି ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶନିବାର ସୁଦ୍ଧା କିଣାଯାଇଥିବା ଧାନର ପରିସଂଖ୍ୟାନ ଉପରେ ତର୍ଜମା କରାଯାଇଥିଲା।

ସୂଚନାନୁଯାୟୀ, ଜିଲ୍ଲାରେ ଏବେ ସୁଦ୍ଧା ୨୪ ହଜାର ୧୫୬ ଜଣ ଚାଷୀ ମୋଟ ୯ ଲକ୍ଷ ୪୬ ହଜାର ୮୩୫ କ୍ୱିଣ୍ଟାଲ ଧାନ ମଣ୍ଡିରେ ବିକ୍ରି କରିଛନ୍ତି। ମିଲରମାନେ ମଣ୍ଡିରୁ ୬ ଲକ୍ଷ ୬୧ ହଜାର ୨୭୨ କ୍ୱିଣ୍ଟାଲ ଧାନ ଉଠାଇ ସାରିଥିବାବେଳେ ଆହୁରି ୨ ଲକ୍ଷ ୮୫ ହଜାର ୫୬୩ କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିଛି। ଏହାବାଦ୍ ଧାନ ଟ୍ରାକ୍ଟର ସହ ବହୁ ଚାଷୀ ମଣ୍ଡିଠାରୁ ମିଲର ଦୁଆର ଯାଏଁ ଡେରା ପକାଇଥିବା ଲକ୍ଷ୍ୟ କରାଯାଉଛି। ତେବେ ସ୍ଥିତି କେମିତି ହାଲୁକା ହେବ, ମଣ୍ଡିରୁ କେମିତି ଧାନ ଶୀଘ୍ର ଉଠିବ ସେନେଇ ଉପଜିଲ୍ଲାପାଳ ସନ୍ଧ୍ୟାରେ ମିଲର ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ମିଲରମାନେ ମଧ୍ୟ ଦେଇଥିବା ଅମାନତ ରାଶି ମୂଳେ ଧାନ ନିଶ୍ଚିତ ଉଠାଇବେ ବୋଲି ପ୍ରଶାସନକୁ ଅବଗତ କରାଇଥିଲେ। ମାତ୍ର ଗୋଦାମରେ ଜାଗା ଅଭାବ ଓ ଏକ ସମୟରେ ପରିବହନ ଲାଗି ସାଧନ ଅଭାବକୁ ଦାୟୀ କରିଥିଲେ। ପ୍ରଥମତଃ ସରକାର ଗତ ବର୍ଷର ମିଲିଂ ବାବଦ ସମସ୍ତ ଚାଉଳ ଏ ଯାଏ ମିଲରମାନଙ୍କୁ ନେଇନାହାନ୍ତି। ପିଛିଲା ବର୍ଷର ୮୦ ହଜାର କ୍ୱିଣ୍ଟାଲ ଚାଉଳ ଏବେ ବି ମିଲରଙ୍କ ଗୋଦାମରେ ଗଚ୍ଛିତ ଥିବା ଓ ଏବର୍ଷ ଲାଗି ମିଲିଂ କରିବାକୁ ସରକାରୀ ଅନୁମତି ଏଯାଏ ନ ଆସିବା ମିଲରଙ୍କ ଗୋଦାମରେ ସ୍ଥାନାଭାବର କାରଣ ହୋଇଥିବା ଦର୍ଶାଯାଇଛି। ମିଲରଙ୍କ ସମସ୍ୟା ବବାଦରେ ଜାଣିବା ପରେ ଏ ବାବଦରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଆଶ୍ୱାସନା ଦିଆଯାଇଥିଲା। ତେବେ ବର୍ତ୍ତମାନ ସ୍ଥିତିରେ ମିଲରମାନେ ମଣ୍ଡିରୁ ଧାନ ଉଠାଣକୁ ତ୍ୱରାନ୍ୱିତ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଚାଷୀଙ୍କ ହିତ ଦୃଷ୍ଟିରୁ ମିଲରମାନେ ସମସ୍ତ ମଣ୍ଡିରୁ ଧାନ କେମିତି ଶୀଘ୍ର ଉଠିବ ସେ ବ୍ୟବସ୍ଥା ମିଲରମାନେ ନିଜଆଡୁ ନିଅନ୍ତୁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା।

ସେହିଭଳି ନିକଟରେ ଭଦ୍ରକ ଗସ୍ତରେ ଆସିଥିବା ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଜିଲ୍ଲାରେ ୫୦ ମିଲର ଧାନକିଣାରେ ସାମିଲ୍ ହେବା କଥା କହିଥିବାବେଳେ ସେ ଦିଗରେ ବି କିଛି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ମାତ୍ର ୨୦ଟି ଜିଲ୍ଲାର ମିଲର ଏଥର ଧାନକିଣାରେ ସାମିଲ୍ ହେବା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବହୁ ଚାଷୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାକୁ ପ୍ରଥମ ପର୍ଯ୍ୟାୟରେ ୧୩ ଲକ୍ଷ ୩୦ ହଜାର କ୍ୱିଣ୍ଟାଲ ଧାନକିଣା ଟାର୍ଗେଟ ଦେଇଥିବାବେଳେ ସୋମବାର ୧୮ ଲକ୍ଷ କ୍ୱିଣ୍ଟାଲ ଧାନକିଣା ଟାର୍ଗେଟ ଦେଇଥିବା ଆଡିସ୍‌ନାଲ ସିଏସ୍‌ଓ ଅସିତ୍ ମହାନ୍ତିଙ୍କ ସୂତ୍ରରୁ ଜଣାଯାଇଛି। ସେହିଭଳି ଲାପ୍ସ ହୋଇଥିବା ଜିଲ୍ଲାର ୬୦୬ ଜଣ ପଞ୍ଜିକୃତ ଚାଷୀଙ୍କ ଟୋକନ୍‌କୁ ଜିଲ୍ଲାପାଳ ଅବଧି ବୃଦ୍ଧି କରିଥିବା ସେ ସୂଚନା ଦେଇଥିଲେ। ଯାହାବି ହେଉ ଜିଲ୍ଲାରେ ଧାନକିଣା କାର୍ଯ୍ୟକ୍ରମର ଗଛପ ଗତିକୁ ଦୂର କରି ଚାଷୀଙ୍କ ଦୁର୍ଦ୍ଦଶା ହ୍ରାସ ପାଇଁ ସରକାର ଗୁରୁତ୍ୱର ସହ ଚିନ୍ତା କରିବାକୁ ଦାବି ହେଉଛି।

● ଧାନ କିଣା ଟାର୍ଗେଟ୍ ଶେଷ

# ଚାଷୀଙ୍କ ଗାଡ଼ି ଛିଡ଼ା ହୋଇଛି; ମିଲରଙ୍କ ଦେଖାନାହିଁ



ବାରିକପୁର, ୯।୨(ସମିସ): ଚଳିତ ବର୍ଷ ସରକାରୀ ଭାବେ ଖରିଫ ଧାନ ବିକ୍ରି ମଣ୍ଡି ଖୋଲିବାକୁ ଇତି ମଧ୍ୟରେ ଏକମାସ ଅତିକ୍ରାନ୍ତ ହୋଇଛି। ତଥାପି ଭଣ୍ଡାରିପୋଖରୀ ବ୍ଲକ୍‌ର ଚାଷୀମାନେ ଏଯାଏଁ ସୁରୁଖୁରୁରେ ଧାନ ମୁଠାଏ ବିକିପାରୁ ନାହାନ୍ତି। ପ୍ରଥମେ ବିଳମ୍ବରେ ମଣ୍ଡି ଶୁଭାରମ୍ଭ ହୋଇଥିବାବେଳେ ପରେ ମିଲର ଓ ପ୍ରଶାସନ ମଧ୍ୟରେ ଟଣାଓଟରା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାରି ମଧ୍ୟରେ ଧର୍ମକୁ ଆଖିଠାର ଭଳି ଯୋଗାଣ ମନ୍ତ୍ରୀ ଭଦ୍ରକ ଜିଲ୍ଲା ଗସ୍ତରେ ଆସି ଧାନ କ୍ରୟ ବାବଦରେ ସବୁ ଠିକ୍‌ଠାକ୍ ଚାଲିଛି ବୋଲି ଗଣମାଧ୍ୟମରେ ବିବୃତି ଦେଇଗଲେ। ଏହା ପରେ ପରିସ୍ଥିତି ଅଧିକ ବିଗିଡ଼ି ଗଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏପରିକି ମିଲରମାନେ ଆନ୍ଦୋଳନ ପାଇଁ ପ୍ରଶାସନକୁ ଚେତାବନୀ ଦେଇଥିଲେ। ଯଦିଓ ପ୍ରଶାସନ ହସ୍ତକ୍ଷେପ ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି କିନ୍ତୁ ଚାଷୀଙ୍କ ଦୁର୍ଦ୍ଦଶା ଦୂର ହୋଇନାହିଁ। ସରକାରଙ୍କ ପକ୍ଷରୁ ଧାନ କ୍ରୟ ପାଇଁ ପ୍ରଥମ ପର୍ଯ୍ୟାୟରେ ଯେତିକି ଟାର୍ଗେଟ ଜିଲ୍ଲାକୁ ଦିଆଯାଇଥିଲା ତାହା ରବିବାରଠାରୁ ପ୍ରାୟ ଶେଷ ହୋଇଛି। ଏପଟେ ପ୍ରଥମ ପର୍ଯ୍ୟାୟ ଟୋକନ୍ ପାଇବା ପରେ ଆଖି ସ୍କାନ୍ କରି ଯେଉଁ ଚାଷୀମାନେ ମଣ୍ଡିକୁ ଧାନ ଆଣିଛନ୍ତି ସେମାନଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ମଣ୍ଡିରେ ଚାଷୀମାନଙ୍କ ଗାଡ଼ି ଲମ୍ବା ଲାଇନ୍‌ରେ ରହିଥିବାବେଳେ ମିଲରଙ୍କ ଗାଡ଼ି ଆସୁନାହିଁ। କେତେକ ମଣ୍ଡିକୁ ଆବଶ୍ୟକ ଅନୁଯାୟୀ ଗାଡି ଆସୁଥିବା କାରଣରୁ ଦିନ ଦିନ ଧରି ଧାନ ବସ୍ତା ପଡି ରହୁଛି। ଏଥିପାଇଁ ଚାଷୀମାନେ ଅଧିକ ଖର୍ଚ୍ଚାନ୍ତ ହେଉଥିବାବେଳେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଧାନ କିଣାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥିବାବେଳେ ଚଳିତ ବର୍ଷ କିନ୍ତୁ ଏଥିରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେଉଛି ବୋଲି ଶହଶହ ଚାଷୀ ଅଭିଯୋଗ କରିଛନ୍ତି। ଏପରିକି ବାହାର ରାଜ୍ୟର ବେପାରୀଙ୍କୁ ଧାନ ବିକିଲେ ବରଂ ଲାଭ ହୁଅନ୍ତା ବୋଲି ଅନେକ ଚାଷୀ କ୍ଷୋଭର ସହିତ ଜଣାଇଛନ୍ତି। ସେ ଯାହାବି ହେଉ ଏବେ କେତେକ ଚାଷୀଙ୍କ ଟୋକନ୍ ଲାପ୍ସ ସମୟ ପାଖେଇ ଆସୁଥିବାବେଳେ ମିଲର ମଧ୍ୟ ସଠିକ୍ ଭାବେ ଧାନ ସ୍ଥାନାନ୍ତରିତ କରୁନାହାନ୍ତି। ଏହାଛଡ଼ା ଧାନ କ୍ରୟ ଟାର୍ଗେଟ ମଧ୍ୟ ଶେଷ ହୋଇଛି। ଏସବୁ ବିଷୟରେ ସରକାରୀ ବାବୁମାନେ ମୁହଁ ଖୋଲୁନାହାନ୍ତି। ତେଣୁ ଏହା ଉପରେ ପ୍ରଶାସନ ତୁରନ୍ତ ବିଚାର ବିମର୍ଶ କରି ମଣ୍ଡି ବ୍ୟବସ୍ଥାକୁ ସ୍ୱାଭାବିକ ନ କଲେ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ଏଥିରେ ସନ୍ଦେହ ନାହିଁ।

## ଉପଭୋକ୍ତାଙ୍କୁ ମିଳିବନି ୪ ମାସର ମାଗଣା ଚାଉଳ !

ଦୋଳସାହି, ୯।୨(ସମିସ): ସରକାରଙ୍କ ପକ୍ଷରୁ ସମସ୍ତ ରାସନ କାର୍ଡ ହିତାଧିକାରୀଙ୍କୁ କାର୍ଡ ପିଛା ୫ କିଲୋ ମାଗଣା ଚାଉଳ ଯୋଗାଇଦେବା ପାଇଁ କରିଥିବା ଘୋଷଣା ଉପଭୋକ୍ତାଙ୍କୁ ମିଳିବନି ବୋଲି ଜଣାଯାଇଛି। ସୂଚନା ମୁତାବକ, ସାରା ରାଜ୍ୟରେ ସମସ୍ତ ରାସନ କାର୍ଡ ହିତାଧିକାରୀଙ୍କୁ ଚଳିତ ବର୍ଷ ଜାନୁଆରୀ, ଫେବୃଆରୀ, ମାର୍ଚ୍ଚ ଓ ଏପ୍ରିଲ ମାସର କାର୍ଡ ପିଛା ୫ କିଲୋ ମାଗଣା ଚାଉଳ ଯୋଗାଇଦେବା ପାଇଁ ସରକାର ଘୋଷଣା କରିଥିଲେ। ଫେବୃଆରୀ ମାସର ପ୍ରଥମ ସପ୍ତାହରେ ଏହି ମାଗଣା ଚାଉଳ ପ୍ରଦାନ କରାଯିବ ନାହିଁ ବୋଲି ସୂଚନା ମିଳିଥିଲାବେଳେ ସାଧାରଣରେ ଆଲୋଚନା ହେଉଛି ମିଳିବନି ୪ ମାସର ମାଗଣା ଚାଉଳ। ତିହିଡ଼ି ବ୍ଲକ୍‌ରେ ୩୨ ହଜାରରୁ ଅଧିକ ବେଆଇନ ରାସନ ହିତାଧିକାରୀଙ୍କୁ ବାଦ୍ ପଡୁଥିବା ନେଇ ସାଧାରଣରେ ଆଲୋଚନା ହେଉଥିଲାବେଳେ ଏହି ବେଆଇନ ରାସନକାର୍ଡଧାରୀ କାର୍ଡ ଫେରସ୍ତ କରିବା ପରିବର୍ତ୍ତେ ବେଆଇନ ଭାବେ ଚାଉଳ ଉଠାଉଥିବା ଜଣାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ସରକାରୀ କର୍ମଚାରୀଙ୍କ ସମ୍ପର୍କୀୟ ଓ ଇନ୍‌କମ୍ ଟ୍ୟାକ୍ସ ଦେଉଥିବା ସମ୍ପର୍କୀୟମାନେ ବେଆଇନ ଭାବେ ରାସନ ସାମଗ୍ରୀ ଉଠାଉଥିବାବେଳେ ସରକାରଙ୍କ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ସାଧାରଣରେ ତଥା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ବେଆଇନ ରାସନ କାର୍ଡ ହିତାଧିକାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଗୋହିରାଟିକିରି ମଠରେ ମହନ୍ତ-ଗ୍ରାମବାସୀ ମୁହାଁମୁହିଁ

**ଗୁଣିଗାରେଡ଼ି ଭୟ ଦେଖାଇ ଚୁପ୍ କରିବାକୁ ଷଡ଼ଯନ୍ତ୍ର !**

ଦୋବଲ, ୯।୨(ସମିସ): ଧାମନଗର ବ୍ଲକ୍ ମୁସ୍ତଫାପୁରସ୍ଥିତ ଐତିହାସିକ ଗୌରବ ବହନ କରୁଥିବା ଗୋହିରାଟିକିରି ମଠ ଏବେ ବିବାଦର କେନ୍ଦ୍ରବିନ୍ଦୁ ସାଜିଛି। ମଠର ବର୍ତ୍ତମାନର ମହନ୍ତ ଜଗନ୍ନାଥ ସାହୁଙ୍କ ବିରୋଧରେ ଗ୍ରାମବାସୀ ସାଙ୍ଘାତିକ ଅଭିଯୋଗ ଆଣିଥିବାବେଳେ ଏକ 'ଭାଇରାଲ୍ ଅଡିଓ' ଏହି ବିବାଦକୁ ଆହୁରି ତୀବ୍ର କରିଛି।

ଗୋହିରାଟିକିରି କେବଳ ଏକ ଧାର୍ମିକ ପୀଠ ନୁହେଁ, ଏହା ଓଡ଼ିଶା ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥଳ। ୧୫୬୮ ମସିହାରେ ଓଡ଼ିଶାର ଶେଷ ସ୍ୱାଧୀନ ଗଜପତି ମୁକୁନ୍ଦଦେବ ଏହି ସ୍ଥାନରେ ଶେଷ ଯୁଦ୍ଧ ଲଢ଼ି ସହିଦ ହୋଇଥିଲେ। ଏହି ମଠ ସେହି ବୀରତ୍ୱର ମୂକସାକ୍ଷୀ ଭାବେ ଦୀର୍ଘ ବର୍ଷ ଧରି ସ୍ଥାନୀୟ ଅଞ୍ଚଳର ଆଧ୍ୟାତ୍ମିକ ଓ ସାଂସ୍କୃତିକ କେନ୍ଦ୍ର ହୋଇ ରହିଆସିଛି। ଗତବର୍ଷ ମାର୍ଚ୍ଚ ମାସରେ ଜଗନ୍ନାଥ ସାହୁ ମହନ୍ତ ଦାୟିତ୍ୱ ନେବା ପରଠାରୁ ସ୍ଥାନୀୟ ଗୋବିନ୍ଦାଗଡ଼ିଆ ଗ୍ରାମବାସୀଙ୍କ ସହ ତାଙ୍କର ମତଭେଦ ଦେଖାଦେଇଛି। ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ମହନ୍ତ ମଠରେ 'ମେରି ରାୟ' ନୀତି ଚଳାଇଛନ୍ତି ଏବଂ ଶ୍ରଦ୍ଧାଳୁ ମହିଳାଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ସ୍ଥାନୀୟ ପୁରୁଷଙ୍କୁ ଗାଳିଗୁଲଜ କରିବା ସହ ଜାତିଗୋତ୍ର ନେଇ ଆକ୍ଷେପ କରୁଥିବା ଅଭିଯୋଗ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ୫ଖଣ୍ଡ ଗାଁର ଲୋକେ ଦୁଇଥର ବୈଠକ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସବୁଠାରୁ ଚାଞ୍ଚଲ୍ୟକର ବିଷୟ ହେଉଛି ମହନ୍ତ ଓ ଜଣେ ଗୁଣିଆଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପର ଏକ ଅଡିଓ ଭାଇରାଲ୍ ହେବା। ଅଡିଓରେ ମହନ୍ତ କହୁଛନ୍ତି ଯେ, ନୂଆ ସରକାର ଅମଳରେ ମଠର ବିକାଶ ପାଇଁ କୋଟି କୋଟି ଟଙ୍କା ଆସିବାକୁ ଅଛି, ଯାହା ଗ୍ରାମବାସୀଙ୍କ ସହ୍ୟ ହେଉନାହିଁ। ସେମାନେ ମୋତେ ହଟାଇ ସମ୍ପତ୍ତି ହଡ଼ପ କରିବାକୁ ଚାହୁଁଛନ୍ତି। ଅପରପକ୍ଷରେ ଉକ୍ତ ଗୁଣିଆ ଜଣକ ମହନ୍ତଙ୍କୁ ସତର୍କ କରାଇ କହୁଛନ୍ତି ଯେ ଗାଁ ଲୋକେ ତାଙ୍କ ନାଁରେ ମିଥ୍ୟା ନାରୀ ନିର୍ଯାତନା ମାମଲା କରିବେ। ଏଥିରୁ ବର୍ତ୍ତିବା ପାଇଁ ଗୁଣିଆ ଜଣକ ମହନ୍ତଙ୍କୁ ୧ ଲକ୍ଷ ଟଙ୍କା ମାଗିଛନ୍ତି, ଯାହା ବଦଳରେ ସେ ଗୁଣି କରି ଗାଁ ଲୋକଙ୍କୁ ଚୁପ୍ କରିଦେବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ଏହି ଅଡିଓ ପ୍ରଘଟ ହେବା ପରେ ଗୁଣିଗାରେଡ଼ି ଭୟରେ ଗ୍ରାମବାସୀ ଧାମନଗର ଥାନାରେ ଏତଲା ଦେଇଛନ୍ତି। ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ନୂତନ ଥାନା ଅଧିକାରୀ ଶୁଭ୍ରଜିତ୍ ଦାସ କହିଛନ୍ତି ଯେ, ପୁଲିସ ଏତଲା ଗ୍ରହଣ କରିଛି। ତଦନ୍ତ ଚାଲିଛି ଏବଂ ସଠିକ୍ ତଥ୍ୟ ମିଳିବା ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବାବେଳେ, ଐତିହାସିକ ଗୋହିରାଟିକିରି ମଠର ପବିତ୍ରତା ରକ୍ଷା ପାଇଁ ପ୍ରଶାସନିକ ହସ୍ତକ୍ଷେପ ଲୋଡ଼ିଛନ୍ତି ଅଞ୍ଚଳବାସୀ।

## ବ୍ଲକ୍ ସମ୍ମୁଖରେ ଦିବ୍ୟାଙ୍ଗଙ୍କ ଆମରଣ ଅନଶନ



ବନ୍ତ/ଆଗରପଡ଼ା, ୯।୨(ସମିସ): ବକେୟା ଅର୍ଥ ପାଇବା ଦାବିରେ ବ୍ଲକ୍ ସମ୍ମୁଖରେ ଦିବ୍ୟାଙ୍ଗଙ୍କ ଆମରଣ ଅନଶନ। ବନ୍ତ ବ୍ଲକ୍ ସେଣ୍ଡତୀରା ପଞ୍ଚାୟତ ଫୁଲଗଡ଼ିଆ ଗ୍ରାମର କୈଳାଶ ଚନ୍ଦ୍ର ମହାପାତ୍ର ବ୍ଲକ୍ ସିଡିପିଓଙ୍କ କାର୍ଯ୍ୟାଳୟରେ ଗତ ୧୩.୧୨.୨୦୧୨ରୁ ୧୨.୨.୨୦୧୫ ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ନିୟୋଜିତ ଥିବା ଗାଡ଼ିର ଚାଳକ ଭାବେ କାର୍ଯ୍ୟ କରୁଥିଲାବେଳେ ତାଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବା ପରେ ବକେୟା ଅର୍ଥ ବାବଦ ୫୨ହଜାର ୧୬୬ ଟଙ୍କା ତାଙ୍କୁ ପ୍ରଦାନ କରାଯାଇ ନ ଥିଲା। ଫଳରେ ଏହାକୁ ନେଇ ସେ ବିଭାଗୀୟ ଅଧିକାରୀଙ୍କୁ ବହୁବାର ଅବଗତ କରିଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ସେ ୩୦.୧୨.୨୦୨୪ ଏବଂ ୮.୯.୨୦୨୫ରେ ମୁଖ୍ୟମନ୍ତ୍ରୀଙ୍କୁ ଏ ବାବଦରେ ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଯୋଗ ଗ୍ରହଣ କରି ଜିଲ୍ଲା ପ୍ରଶାସନକୁ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଦ୍ୟାବଧି ସେ ବକେୟା ଅର୍ଥ ପାଇପାରୁ ବଞ୍ଚିତ ହୋଇଛନ୍ତି। ସେହିପରି ଗତ ୨ ବର୍ଷ ହେବ ସେ ପାରାଲିସିସ୍‌ରେ ଆକ୍ରାନ୍ତ ହୋଇ ୮୦ ପ୍ରତିଶତ ଶାରୀରିକ ଅକ୍ଷମ ହୋଇଥିଲେ ମଧ୍ୟ ତାଙ୍କୁ ୧୨୦୦ ଟଙ୍କା ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଉଛି। ତେଣୁ ପରିବାର ପ୍ରତିପୋଷଣ କରିବା ତାଙ୍କ ପକ୍ଷେ କଷ୍ଟସାଧ ହୋଇଛି। ନିଜର ବକେୟା ପ୍ରାପ୍ୟ ଓ ବର୍ଦ୍ଧିତ ଭତ୍ତା ପାଇବା ଦାବିରେ ବ୍ଲକ୍ ସମ୍ମୁଖରେ ସେ ଅନଶନରେ ବସି ରହିଛନ୍ତି।

## ବନ୍ତ ଥାନାରେ ଯୋଗଦେଲେ ନୂତନ ଅଧିକାରୀ



ବନ୍ତ/ଆଗରପଡ଼ା, ୯।୨ (ସମିସ): ବନ୍ତ ଥାନାରେ ନୂତନ ଥାନାଧିକାରୀ ଭାବେ ସୁପ୍ରକାଶ ମହାନ୍ତି ଯୋଗଦେଇ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଜିଲ୍ଲା ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଥିଲେ। ଥାନାରେ ପହଞ୍ଚିବା ପରେ ଥାନା ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି। କାର୍ଯ୍ୟରେ ଯୋଗଦେବା ପରେ ସେ ଅଞ୍ଚଳରେ ଚୋରି, ରାହାଜାନି, ଚୋରାଅବକାରୀବ୍ୟବସାୟଉପରେ ରୋକ୍ ଲଗାଇବା ଦିଗରେ କଠୋର ପଦକ୍ଷେପ ଗ୍ରହଣ କରିବା ନେଇ ପ୍ରତିକ୍ରିୟା ରଖିଛନ୍ତି।

## ମାତିଲେ ଗ୍ୟାସ୍ ସିଲିଣ୍ଡର ଲୁଟେରା

ବନ୍ତ/ଆଗରପଡ଼ା, ୯।୨(ସମିସ): ବନ୍ତରେ ମାତିଛନ୍ତି ଗ୍ୟାସ୍ ସିଲିଣ୍ଡର୍ ଲୁଟେରା। ଗୋଟିଏ ରାତିରେ ୬ଟି ଗ୍ୟାସ୍ ସିଲିଣ୍ଡର୍ କଲେ ଚୋରି। ବନ୍ତ ଥାନା ଅନ୍ତର୍ଗତ ଚଣ୍ଡୀପୁର ଗ୍ରାମର ମାଧବ ଚନ୍ଦ୍ର ମହାକୁଡ଼, ବଟକୃଷ୍ଣ ଦାସ, ସନାତନ ଜେନା, କାଳନ୍ଦୀ ଚରଣ ଜେନାଙ୍କ ତରାପୁରସ୍ଥିତ ଘର ଭିତରୁ ୬ଟି ଗ୍ୟାସ୍ ସିଲିଣ୍ଡରକୁ ଦୁର୍ବୃତ୍ତମାନେ ଚୋରି କରିଥିବା ନେଇ ବନ୍ତ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ବନ୍ତ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ତେବେ କ୍ରମାଗତ ଭାବେ ଅଞ୍ଚଳରେ ଗ୍ୟାସ୍ ସିଲିଣ୍ଡର ଚୋରଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଲାଗିଥିବାବେଳେ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଚୋରମାନଙ୍କୁ ତୁରନ୍ତ ଠାବ କରି ଗିରଫ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ତିହିଡ଼ି ମହୋତ୍ସବ ଉଦ୍‌ଘାଟିତ

ତିହିଡ଼ି, ୯।୨(ସମିସ): ତିହିଡ଼ି ମାଟିର କଳା, ସଂସ୍କୃତି ଏବଂ ସମୃଦ୍ଧ ଐତିହ୍ୟକୁ ଓଡ଼ିଶା ଦରବାରରେ ପହଞ୍ଚାଇବା ଲକ୍ଷ୍ୟରେ ବହୁ ପ୍ରତୀକ୍ଷିତ "ତିହିଡ଼ି ମହୋତ୍ସବ' ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଏହି ସାଂସ୍କୃତିକ ମହାକୁମ୍ଭର ଶୁଭାରମ୍ଭ କରିଥିଲେ। ମହୋତ୍ସବ କମିଟିର ସଭାପତି ସୋମନାଥ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ନିଜ ଅଭିଭାଷଣରେ କହିଥିଲେ ଯେ ନିଜ ମାଟି ପାଇଁ ଉତ୍ସର୍ଗୀକୃତ ରହିବା ସହ ପୂଜ୍ୟପୂଜା ଓ ଆମ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ଅବନ୍ତି ଦାସ, ମହୋତ୍ସବ କମିଟି ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି ଉପସ୍ଥିତ ଥିଲେ। ଡ. ଲକ୍ଷ୍ମୀଧର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ବାସୁଦେବପୁର ବିଧାୟକ ଶ୍ରୀ ଦାସ ତିହିଡ଼ିର କଳାକାର ଓ ପ୍ରତିଭାମାନଙ୍କ ପାଇଁ ଏହି ମହୋତ୍ସବ ଏକ ବଡ଼ ସୁଯୋଗ ବୋଲି ଅଭିହିତ କରିଥିଲେ। ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଡ. ଅମୂଲ୍ୟ ସେନାପତିଙ୍କ ସଞ୍ଚାଳନରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନୃତ୍ୟ କାର୍ଯ୍ୟକ୍ରମ ହୋଇଥିଲା। ବରିଷ୍ଠ ରାଜନେତା, ପୂର୍ବତନ ମନ୍ତ୍ରୀ ନେତ୍ରାନନ୍ଦ ମଲ୍ଲିକ, ବରିଷ୍ଠ ସମାଜସେବୀ, ତ୍ୟାଗଭୂମି ମୁଖ୍ୟ ଅଜୟ ନାୟକ, ବେଷ୍ଟ ଗ୍ରାଜୁଏଟ ପାଇଁ ରାଷ୍ଟ୍ରପତିଙ୍କଠାରୁ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଛାତ୍ରୀ ଲିପିପୁଷ୍ପା ଗୁଇଁ, ଡାକ୍ତର ରଞ୍ଜିତ ଖଟୁଆ, ଏମ୍‌ସ ହସ୍ପିଟାଲରେ ମେଡିସିନ ବିଭାଗର ପ୍ରଫେସର ଶ୍ରୀକାନ୍ତ ବେହେରା, ତିହିଡ଼ି ଓକିଲ ସଂଘ, ଆସ୍ଥା ଫାଉଣ୍ଡେସନ ସଭାପତି ପି. ହୃଷୀକେଶ, ସଙ୍ଗୀତ ମହାବିଦ୍ୟାଳୟ ଆଦି ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକଙ୍କ ପ୍ରତିନିଧି ସରୋଜ ଦାସ, ସାଂସଦଙ୍କ ତିହିଡ଼ି ବ୍ଲକ୍ ପ୍ରତିନିଧି ସୀତାକାନ୍ତ ନାୟକ, ସମାଜସେବୀ ରଘୁନାଥ ପାତ୍ର, ସରପଞ୍ଚ ପ୍ରଦୀପ ବଳ, ଶୁଭ୍ରନାରାୟଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



## ବେସରକାରୀ ଆଇଟିଆଇ ସଂଘ ପକ୍ଷରୁ 'ଆଇଟିଆଇ ଫେଷ୍ଟ'

ଦୋଳସାହି, ୯।୨(ସମିସ): ରାଜ୍ୟ ବେସରକାରୀ ଆଇଟିଆଇ ସଂଘ ପକ୍ଷରୁ ତିହିଡ଼ି ବ୍ଲକ୍ ଦୋଳସାହି ରାମନାରାୟଣ ହାଇସ୍କୁଲ ପଡ଼ିଆରେ ଆଇଟିଆଇ ଫେଷ୍ଟ ଗତ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି। ଉତ୍ସବର ପ୍ରଥମ ଦିନରେ ତିହିଡ଼ି ତହସିଲ୍‌ଦାର ଜୟଦ୍ରଥ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦୋଳସାହି ସରପଞ୍ଚ ଗୌରୀଶଙ୍କର ଜେନା, ପୂର୍ବତନ ସରପଞ୍ଚ ସୁଶାନ୍ତ ସେଠୀ, ଆର୍‌ଏନ୍ ହାଇସ୍କୁଲ ପ୍ରଧାନଶିକ୍ଷକ ଅଧର କୁମାର ତରାଇ ଓ ମ୍ୟାନେଜିଂ କମିଟି ସଭାପତି ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୦୦ ମିଟର ଦୌଡ଼, ୨୦୦ ମିଟର ଦୌଡ଼, କବାଡ଼ି, କ୍ରିକେଟ, ସଟ୍‌ପୁଟ ସହିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୧୮ଟି ବେସରକାରୀ ଆଇଟିଆଇ କଲେଜ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନେ ବହୁ ଉତ୍ସାହର ସହ କ୍ରୀଡ଼ାରେ ଭାଗନେଇ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ଶେଷ ଦିନରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ତିହିଡ଼ି ଅତିରିକ୍ତ ତହସିଲ୍‌ଦାର ସସ୍ମିତ୍ କୁମାର ରାଉତ, ରାଜ୍ୟ ବେସରକାରୀ ଆଇଟିଆଇ ସଂଘର ସଭାପତି ଡ. ଅରୁଣ ନାୟକ, ଉପସଭାପତି ତ୍ରିଲୋଚନ ରାୟ ଓ ବୈସିଙ୍ଗା ପୂର୍ବତନ ବିଧାୟିକା ପ୍ରମିଳା ଗିରି ପ୍ରମୁଖ ଯୋଗଦେଇଥିଲେ।




ଅତିଥିମାନେ କ୍ରୀଡ଼ାରେ ବିଜୟୀ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ତିହିଡ଼ି ଆଇଟିଆଇ କଲେଜର ପ୍ରତିଷ୍ଠାତା ଗଣେଶ ପ୍ରସାଦ ବିଶ୍ୱାଳ, ମାଧବାନନ୍ଦ ତାଲିମ କେନ୍ଦ୍ରର ଚେୟାରମ୍ୟାନ୍ ସ୍ୱାଧୀନ ନାୟକ ଓ ତିହିଡ଼ି ଶିଳ୍ପ କେନ୍ଦ୍ରର ନିର୍ଦ୍ଦେଶକ ପ୍ରୀତମ୍ ଶଙ୍କର ବିଶ୍ୱାଳ ପରିଚାଳନା କରିଥିଲେ।

● ପାଖେଇ ଆସୁଛି ଜାଗର; ସଜେଇ ହେଲାଣି ବାବା ଆଖଣ୍ଡଳମଣିଙ୍କ ମନ୍ଦିର

# ରାସ୍ତା ମରାମତି ନ ହେଲେ ସେବାପୂଜା ବନ୍ଦ

ଭଦ୍ରକ/ଆରଡ଼ି, ୯।୨(ସମିସ): ବାବା ଆଖଣ୍ଡଳମଣିଙ୍କ ଜାଗର ଯାତ୍ରା ପାଇଁ ସଜେଇ ହେଲାଣି ମୁଖ୍ୟ ମନ୍ଦିର ସହ ବେଢ଼ା ପରିସର। ଚିତ୍ରକର ସେବାକାରୀଙ୍କ ପକ୍ଷରୁ ଦିନରାତି ଚାଲିଛି ରଙ୍ଗ କାର୍ଯ୍ୟ। ସେହିପରି ଚଳିତ ବର୍ଷ ମନ୍ଦିର ପରିସର ଓ ପୀଠକୁ ଆକର୍ଷଣୀୟ ଆଲୋକସଜ୍ଜା କରାଯିବ ବୋଲି ଭଦ୍ରକ ଉପଜିଲ୍ଲାପାଳ ତଥା ମନ୍ଦିର ଟ୍ରଷ୍ଟବୋର୍ଡ ଟ୍ରଷ୍ଟି ସୌରଭ ଚକ୍ରବର୍ତ୍ତୀ କହିଛନ୍ତି। ସୋମବାର ବାବାଙ୍କ ଅତିଥି ଭବନ ପରିସରରେ ଜାଗର ଯାତ୍ରା ପାଇଁ ୨ୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଶୁଭେନ୍ଦୁ ସାମଲ, ଉପଜିଲ୍ଲାପାଳ ତଥା ଟ୍ରଷ୍ଟି ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ବିଧାୟକ ପ୍ରତିନିଧି ତଥା ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସରାକେଶ ନାୟକ, ଚାନ୍ଦବାଲି ତହସିଲ୍‌ଦାର ଭବତୋଷ ମଲ୍ଲିକ, ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଧୂଷୁରୀ ଥାନା ଅଧିକାରୀ ଅଜୟ ବାଗେ, ଟ୍ରଷ୍ଟବୋର୍ଡ ସଭ୍ୟ ସରୋଜ ଦାସ, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ, ସେବାୟତ ବିଜୟ କୁମାର ଦାଶ, ଆଶିଷ ପାଢ଼ୀ, ଅରବିନ୍ଦ ପାଢ଼ୀଙ୍କ ସହ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଏସ୍‌ଡିଓ, ଜିଲ୍ଲା ଜଳ ଓ ପରିମଳ ବିଭାଗ, ରାସ୍ତା ଗୃହ ନିର୍ମାଣ ବିଭାଗର ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ, ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କ ସହ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ଉକ୍ତ ବୈଠକରେ ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟ ରାସ୍ତାର ଦୀର୍ଘ ୧୦ କି.ମି. ରାସ୍ତା ଖାଲଖମା ସୃଷ୍ଟି ହେବା ସହ ସେଣ୍ଟ୍ରାଲ ଓ କ୍ରସର ଗୁଣ୍ଡ କୁଡ଼କୁଡ଼ ପଡ଼ି ରହିଥିବାରୁ ବହୁ ଦୁର୍ଘଟଣା ଘଟୁଛି। ଏପରିକି ଜାଗର ଯାତ୍ରାରେ ଲକ୍ଷାଧିକ ଭକ୍ତ ଯାତାୟାତ କରିବେ। ଏଥିପାଇଁ ରାସ୍ତା ମରାମତି ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ପୂର୍ବ ବୈଠକରେ କୁହାଯାଇଥିଲେ ମଧ୍ୟ ମରାମତି ଶେଷ ହୋଇ ନ ଥିବାରୁ ବୈଠକରେ ଅସନ୍ତୋଷ ଦେଖାଦେଇଥିଲା। ଏପରିକି ସେବାୟତମାନେ ଏନେଇ ହଟ୍ଟଗୋଳ କରିବା ସହ ଯଦି ଜାଗର ଯାତ୍ରା ପୂର୍ବରୁ ରାସ୍ତା ମରାମତି ନ ହୁଏ, ତାହେଲେ ଜାଗର ନୀତିକାନ୍ତି ବନ୍ଦ କରିବେ ବୋଲି କହିଥିଲେ। ସେହିପରି ପୀଠକୁ ସଂଯୋଗ କରୁଥିବା ଧାନଖଣିଆ-ଆରଡ଼ି ରାସ୍ତା ସହ କୁଳେଇପଦାଠାରୁ ଚାନ୍ଦପୁର ଯାଏଁ ଖାଲଖମା ରାସ୍ତାର ମରାମତି ପାଇଁ ଆଲୋଚନା କରାଯାଇଥିଲା। ତାହା ସହ ପୀଠରେ ଅଚଳ ଥିବା ଷ୍ଟ୍ରିଟ୍ ଲାଇଟ୍‌ର ତୁରନ୍ତ ମରାମତି, ଶୌଚାଳୟଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଆଦି ଉପରେ ଗୁରୁତ୍ୱର ଭାବେ ଆଲୋଚନା କରାଯାଇଥିଲା। ଚଳିତ ଜାଗର ଯାତ୍ରାରେ ବ୍ୟାପକ ପୁଲିସ ମୁତୟନ ରହିବା ସହ ଭିଡ଼ ସ୍ଥାନରେ ସିସିଟିଭି କ୍ୟାମେରା ଓ ଡ୍ରୋନ୍ ଦ୍ୱାରା ଭିଡିଓ ଉତ୍ତୋଳନ କରାଯିବା ପାଇଁ ଅତିରିକ୍ତ ଏସ୍‌ପି ଶ୍ରୀ ଦ୍ୱିବେଦୀ କହିଥିଲେ। ପରେ ଅଧିକାରୀମାନେ ମନ୍ଦିର ପରିସର ସହ ନଦୀଘାଟ, ଦର୍ଶନ, ବ୍ୟାରିକେଡ୍ ଆଦି ସ୍ଥାନ ବୁଲି ଦେଖିଥିଲେ।



### ଭଦ୍ରକର ପ୍ରାଚୀନ ଶକ୍ତିପୀଠ ମା' କୋଚିଲା ନାୟକାଣୀଙ୍କ ମନ୍ଦିର

# ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି



ଅସୁରାଳି, ୯।୨ (ସମିସ): ଧାମନଗର ବ୍ଲକ୍, ନଦୀଗାଁ ପଞ୍ଚାୟତ ତିନିଘରିଆ ଗ୍ରାମ ନିକଟରେ ଅବସ୍ଥିତ ମା' କୋଚିଲା ନାୟକାଣୀଙ୍କ ପୀଠ। ପ୍ରାୟ ୨୦୦ ବର୍ଷରୁ ଅଧିକ ସମୟ ଧରି ଭକ୍ତମାନଙ୍କର ଆସ୍ଥାର କେନ୍ଦ୍ରବିନ୍ଦୁ ହୋଇ ରହିଛି। କିମ୍ବଦନ୍ତୀ ଅନୁସାରେ, ୧୮୬୬ ମସିହାରେ ନଦୀଗାଁର ଜମିଦାର ସ୍ୱର୍ଗତ କୃଷ୍ଣଚନ୍ଦ୍ର ରାଏମହାପାତ୍ରଙ୍କ ପୁତ୍ର ବୃନ୍ଦାବନ ଚନ୍ଦ୍ର ହରିଚନ୍ଦନ ରାଏମହାପାତ୍ର ପ୍ରଜାଙ୍କ ଜଳକଷ୍ଟ ଦୂର ପାଇଁ ନଦୀ ଖନନ କରାଇଥିଲେ। ସେତେବେଳେ କୋଚିଲା ବୃକ୍ଷ ମୂଳରେ ପୂଜା ପାଉଥିବା ଗ୍ରାମଦେବୀଙ୍କୁ 'କୋଚିଲା ନାୟକାଣୀ' ନାମରେ ପରିଚିତ କରାଯାଇଥିଲା। ଏହି ନାମାନୁସାରେ ଖୋଦା ନଦୀକୁ 'କୋଚିଲା ନଦୀ' ବୋଲି ନାମକରଣ କରାଯାଇଥିଲା। ମା'ଙ୍କ ପୀଠରେ ପ୍ରତି ପୂର୍ଣ୍ଣିମା, ସଂକ୍ରାନ୍ତିରେ ବିଶେଷ ପୂଜା ହୁଏ। ବିଷୁବ ସଂକ୍ରାନ୍ତିରେ ବଡ଼ ପର୍ବ ପାଳନ ହୋଇ ବିଶ୍ୱଶାନ୍ତି ମହାଯଜ୍ଞ, ଭଜନ, କୀର୍ତ୍ତନ, ପ୍ରବଚନ ଆଦିରେ ସହସ୍ରାଧିକ ଭକ୍ତଙ୍କ ସମାଗମ ହୁଏ। ଶୀତକାଳରେ ପର୍ଯ୍ୟଟକମାନେ ବଣଭୋଜି ପାଇଁ ଏଠାରେ ଭିଡ଼ କରନ୍ତି।

ଭକ୍ତମାନଙ୍କ ବିଶ୍ୱାସ ଅନୁସାରେ ମା'ଙ୍କୁ ଡାକିଲେ ମନସ୍କାମନା ପୂରଣ ହୁଏ। ସ୍ଥାନୀୟ ଶିକ୍ଷକ, ସରପଞ୍ଚ, ସମିତିସଭ୍ୟ ଓ ସାହିତ୍ୟିକମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି ଯେ, ଏହି ପ୍ରାଚୀନ ଶକ୍ତିପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଉ। ସେହିପରି ପ୍ରଫେସର ଡ. ରାମଚନ୍ଦ୍ର ପଣ୍ଡା, ବାଣୀକବି ଦୟାନିଧି ମିଶ୍ର, ଅଧ୍ୟାପକ ବିଜୟ କୁମାର ଦାଶ, ସରପଞ୍ଚ ଝରଣା ମାଝୀ, ସରପଞ୍ଚ ଅଜୟ କୁମାର ମଲ୍ଲିକ, ସମିତିସଭ୍ୟ ବିଦ୍ୟାଧର ରାଉତ ପ୍ରମୁଖ ଉକ୍ତ ପୀଠକୁ ଅବହେଳା କରା ନ ଯାଉ, ଏଥିପ୍ରତି ସରକାର ବିଚାର କରିବା ଉଚିତ୍, ମା'ଙ୍କ ପୀଠ ଓଡ଼ିଶା ମାନଚିତ୍ରରେ ସ୍ଥାନ ପାଇବା ଉଚିତ୍ ତଥା ପର୍ଯ୍ୟଟନସ୍ଥଳୀର ମାନ୍ୟତା ଉଦ୍ୟମ ପାଇଁ ମନ୍ତ୍ରୀଙ୍କ ନିକଟରେ ଦାବି ରଖାଯାଇଛି ବୋଲି କହିଛନ୍ତି। ଆଗାମୀ ଦିନରେ ସରକାର ଏହି ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇ ଭଦ୍ରକ ଜିଲ୍ଲାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରିଚୟକୁ ଆଗକୁ ନେବେ ବୋଲି ବିଶ୍ୱାସ ରହିଛି। ମା' କୋଚିଲା ନାୟକାଣୀ ଭଦ୍ରକର ଏକ ଅବହେଳିତ ଶକ୍ତିପୀଠ ଭାବେ ଜଣାପଡ଼ିଛି। ପର୍ଯ୍ୟଟନ ମାନଚିତ୍ରରେ ଏହାକୁ ସ୍ଥାନ ଦେବା ପାଇଁ ଦାବି କରାଯାଇଛି।

## 'ସକାଳ' ପ୍ରଭାବ: ବଣୁଆଙ୍କୁ ଆବାସ ପାଇଁ ପ୍ରସ୍ତୁତି ଆରମ୍ଭ



ବନ୍ତ/ଆଗରପଡ଼ା, ୯।୨(ସମିସ): ଗତ ଜାନୁଆରୀ ୮ ତାରିଖ 'ଅଧିକାରୀଙ୍କ ପ୍ରତିଶ୍ରୁତି ପାଣିର ଗାର; ପ୍ରଧାନମନ୍ତ୍ରୀ ଆବାସରୁ ବଞ୍ଚିତ ବଣୁଆ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଉକ୍ତ ଖବରକୁ ସୂଚନା ଅଧିକାର କର୍ମୀ ବିକାଶ ଧଳ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁସାରେ ଇତି ମଧ୍ୟରେ ବ୍ଲକ୍ ପ୍ରଶାସନ ପକ୍ଷରୁ ବଣୁଆଙ୍କୁ ଆବାସ ପ୍ରଦାନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାପଡ଼ିଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଗୋପିନାଥପୁର ପଞ୍ଚାୟତ ଅନ୍ତର୍ଗତ ତାଜିପୁର ଗ୍ରାମ ଆଦିବାସୀ ସାହିରେ ବସବାସ କରୁଥିବା ବଣୁଆ ମୁଣ୍ଡା ଆବାସ ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ବ୍ଲକ୍ ପ୍ରଶାସନର ଅବହେଳାରୁ ତାଙ୍କ ନାମ ତାଲିକାରୁ କଟିଯାଇଥିଲା। ପରେ ଏ ନେଇ ଅଭିଯୋଗ ହେବାରୁ ୨୦୨୪ ମେ' ମାସରେ ତାଙ୍କ ନାମକୁ ହିତାଧିକାରୀ ତାଲିକାରେ ଯୋଡ଼ିବାକୁ ବ୍ଲକ୍ ପ୍ରଶାସନ ପକ୍ଷରୁ ଅନୁରୋଧ କରିଥିବା ଜନ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ସୂଚନାରୁ ଜଣାପଡ଼ିଥିଲା।

ବଣୁଆ ଜଣେ ଜନଜାତି ସମ୍ପ୍ରଦାୟର ବ୍ୟକ୍ତି ହେବା ସହ ଅତ୍ୟନ୍ତ ଗରିବ ଶ୍ରେଣୀୟ ଅଟନ୍ତି। ୩ ପୁଅ ଓ ସ୍ତ୍ରୀଙ୍କୁ ନେଇ ତାଙ୍କ ସଂସାର। ସେ ଦିନମଜୁରିଆ ହିସାବରେ କାର୍ଯ୍ୟକରି ସେଥିରେ ତାଙ୍କ ପରିବାର ଚଳାଇଥା'ନ୍ତି। ପ୍ରତିଦିନ ଦୁଇମୁଠା ପେଟପୂରା ଦାନା ମିଳିବା ତାଙ୍କ ପରିବାରପକ୍ଷେ ସମ୍ଭବପର ହୋଇପାରେ ନାହିଁ। ନୂଆଣିଆ ଚାଳଘରକୁ ପ୍ରତିବର୍ଷ ଛାଉଣି କରିପାରୁ ନ ଥିବାରୁ ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର କିରଣ ଘର ଭିତରକୁ ପଡ଼ିଥାଏ। ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ପଲିଥିନ୍ ଖଣ୍ଡମାନ ଛପର ସାରା ଭର୍ତ୍ତି। ରାସନ କାର୍ଡ ମାଧ୍ୟମରେ କେବଳ ସରକାରୀ ସହାୟତା ତାଙ୍କ ପାଇଁ ସୀମିତ। ସେ ଆବାସଟିଏ ପାଇବା ପାଇଁ ବ୍ଲକ୍‌କୁ ଦୌଡ଼ିଦୌଡ଼ି ନୟାନ୍ତ ହେବା ସତ୍ତ୍ୱେ ଏହା ତାଙ୍କ ଭାଗ୍ୟରେ ଆଜିଯାଏ ଜୁଟିପାରି ନାହିଁ। ଅପରପକ୍ଷରେ ଶ୍ରୀ ଧଳ ଉକ୍ତ ସମସ୍ୟାକୁ ନେଇ ରାଜ୍ୟ ମାନବାଧିକାର ଆୟୁକ୍ତଙ୍କଠାରେ ଅଭିଯୋଗ କରିବା ପରେ ଅଭିଯୋଗକୁ ଗ୍ରହଣ କରି ରାଜ୍ୟ ମାନବାଧିକାର ଆୟୁକ୍ତ ଉକ୍ତ ଘଟଣାକୁ ତଦନ୍ତ ପରିସରଭୁକ୍ତ ମଧ୍ୟ କରିଛନ୍ତି। ତେଣୁ ଅଧିକାରୀ ଦେଇଥିବା ପ୍ରତିଶ୍ରୁତିକୁ ଯଥାଶୀଘ୍ର ପାଳନ କରିବା ପୂର୍ବକ ବଣୁଆଙ୍କୁ ଆବାସ ପାଇବାର ସୁବନ୍ଦୋବସ୍ତ କରିବା ପାଇଁ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା।

## ଭୈରବପୁର ଛକରେ ଜଳିଗଲା ବାଇକ୍

ବାସୁଦେବପୁର, ୯।୨(ସମିସ): ରାସ୍ତାଘାଟରେ ଇଭି ବାଇକ୍ ଜଳିଯିବାର ଦେଖିବାକୁ ମିଳିଥିଲା। ହେଲେ ଏବେ ଜଳିଗଲା କଳା ପଲ୍‌ସର। ଅଳ୍ପକେ ବର୍ତ୍ତିଗଲେ ବାପ-ପୁଅ। କିଛି ଜାଣିବା ଆଗରୁ ଆଖି ଆଗରେ ଜଳିଗଲା ପଲ୍‌ସର ବାଇକ୍। ଏମିତି ଘଟଣା



ଘଟିଛି ବାସୁଦେବପୁର ପୌରପାଳିକାର ଭୈରବପୁର ଛକରେ। ବାସୁଦେବପୁର ପୌରପାଳିକାର ରାଧାନାଥପୁର ଆଡ଼ିଆ ଯୁବରାଜ ମାଇତି ଓ ପୁଅ ରଣଜିତ୍ ମାଇତି କଳା ପଲ୍‌ସର ବାଇକ୍‌ରେ ଯାଉଥିଲେ। ଭୈରବପୁର ଛକରେ ଏକ ଦୋକାନରୁ ଖୁଚୁରା ପେଟ୍ରୋଲ ପକାଇଥିଲେ। ବାଇକ୍‌ରେ ବସି ସେଲ୍ଫ ଷ୍ଟାର୍ଟ ମାରୁଥିବାବେଳେ ହଠାତ୍ ବାଇକ୍‌ରେ ନିଆଁ ଲାଗିଗଲା। ବାଇକ୍‌ରୁ ଡେଇଁ ପଡ଼ି ଅଳ୍ପକେ ବାପ ଓ ପୁଅ ବର୍ତ୍ତିଗଲେ। ଆଖି ଆଗରେ ହୁତୁହୁତୁ ହୋଇ ବାଇକ୍‌ଟି ଜଳିଗଲା। ଅଗ୍ନିକାଣ୍ଡର ସଠିକ୍ କାରଣ ଜଣାପଡ଼ିନାହିଁ। ବାଟରେ ବେଆଇନ ଭାବେ ପେଟ୍ରୋଲ ରଖିବାକୁ କିଏ ଅନୁମତି ଦେଇଥିଲା। ପୁଲିସ ଏହି ବାଟ ଦେଇ ଯାଉଥିଲେ ମଧ୍ୟ ରାସ୍ତା ପାଖରେ କାହିଁକି ବିକ୍ରିକୁ ବନ୍ଦ କରାଗଲା ନାହିଁ। ପେଟ୍ରୋଲ କିଛି ଅପମିଶ୍ରିତ ହୋଇଥିଲା କି। ଘଟଣାର ତଦନ୍ତ କଲେ ଦୁର୍ଘଟଣାର କାରଣ ଜଣାପଡ଼ିବ।

### ● ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଇଲେଭେନ୍ ଷ୍ଟାର୍ ଯାଜପୁର ଚାମ୍ପିଅନ



ଦୋବଲ, ୯।୨(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ଜାହାଙ୍ଗୀର ବଜାରସ୍ଥିତ କାଳୀ ପଡ଼ିଆରେ ମା' ଶ୍ୟାମାକାଳୀ ୟୁଥ୍ କ୍ଲବ୍ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ପାରାଦୀପ କ୍ରିକେଟ୍ କ୍ଲବ୍ ଓ ଇଲେଭେନ୍ ଷ୍ଟାର ଯାଜପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଲେଭେନ୍ ଷ୍ଟାର ଯାଜପୁର ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ପାରାଦୀପ ଦଳ ୧୭.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୭ ରନ୍ କରିଥିଲା। ଜବାବରେ ଇଲେଭେନ୍ ଷ୍ଟାର୍ ଯାଜପୁର ୧୩.୪ ଓଭରରେ ୪ଟି ୱିକେଟ୍ ହରାଇ ୧୦୮ ରନ୍ ସଂଗ୍ରହ କରି ଫାଇନାଲ୍ ମ୍ୟାଚ୍‌ରେ ବିଜୟ ହାସଲ କରି ଚାମ୍ପିଅନ ହୋଇଥିଲା। ଏହି ମ୍ୟାଚ୍‌ର ଅମ୍ପାୟାର ଭାବେ ସନ୍ୟାସୀ ନାୟକ ଓ ପିନାକୀ ସାହୁ ପରିଚାଳନା କରିଥିବାବେଳେ ସ୍କୋରର୍ ଦାୟିତ୍ୱ ନେଇଥିଲେ ଚିତ୍ତରଞ୍ଜନ ପଣ୍ଡା ଓ ସୂର୍ଯ୍ୟକାନ୍ତ ଘଡ଼ାଇ। ଧାରାବିବରଣୀ ଦେଇଥିଲେ ଶୁଶାନ୍ତ ଦାଶ, ବିଶ୍ୱଜିତ୍ ପାଢ଼ୀ ଓ ରାଧେଶ୍ୟାମ ଜେନା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଲୋକପ୍ରିୟ ଯାତ୍ରା ଅଭିନେତା ଗୌର ଦାସ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ଇନ୍ଦୁପୁରକୁ ହରାଇ ଇଲେଭେନ ଷ୍ଟାର୍ ଚାମ୍ପିଅନ

ବାରିକପୁର, ୯।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ୍ ମେଡିକାଲ ପଡ଼ିଆଠାରେ ମହାବୀର କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଶକୁନ୍ତଳା ଲେଙ୍କା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଜେଏସି ଇନ୍ଦୁପୁରକୁ ହରାଇ ଇଲେଭେନ ଷ୍ଟାର୍ ଯାଜପୁର ଚାମ୍ପିଅନ ହୋଇଛି। ଇଲେଭେନ ଷ୍ଟାର୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ୱିକେଟ ହରାଇ ୧୪୬ ରନ୍ ସଂଗ୍ରହ



କରିଥିଲା। ଜବାବରେ ଇନ୍ଦୁପୁର ୧୬.୪ ଓଭରରେ ସମସ୍ତ ୱିକେଟ ହରାଇ ୯୧ ରନ୍ କରିବାରେ ସକ୍ଷମ ହୋଇଥିଲା। କାଳନ୍ଦୀ ପଣ୍ଡା ଓ ସତ୍ୟବ୍ରତ ଜେନା ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବାବେଳେ ଚିନ୍ମୟୀ ସେନାପତି ରେଫରୀ ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସଂଘମିତ୍ରା ପଣ୍ଡା, ବ୍ଲକ୍ କଂଗ୍ରେସ ସଭାପତି ଅଜୟ ସାହୁ, ଶରତ ଚନ୍ଦ୍ର ଦାସ, ସୁଜାତା ଜେନା, କ୍ଲବ୍‌ର ସଭାପତି ଗୋପୀନାଥ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ନାଆମୀ ସମବାୟ ସମିତି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

### ଅଧାରୁ ରାସ୍ତା କାମ ଛାଡ଼ି ଚାଲିଗଲେ ଠିକାଦାର

## ବାରମ୍ବାର ଅଭିଯୋଗ ପରେ ବି କନିଷ୍ଠ ଯନ୍ତ୍ରୀ ଚୁପ୍



ଭଣ୍ଡାରିପୋଖରୀ, ୯।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ୧ କିଲୋମିଟର ଦୂରତା ମଧ୍ୟରେ ବୟାବନାପର ଗ୍ରାମ ପଞ୍ଚାୟତର ଚାନ୍ଦ୍ରଭାନୁପୁର ଗ୍ରାମର ପିତଗଡ଼ିଆ ରାସ୍ତା କାମ ନିମ୍ନମାନର ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଠିକାଦାର ନିମ୍ନମାନର କାମ କରିବା ଏବଂ ଅଧାରୁ କାମ ଛାଡ଼ି ଚାଲିଯିବା ଏ ସବୁ ସମସ୍ୟା ବାବଦରେ କନିଷ୍ଠ ଯନ୍ତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କୁ ଗ୍ରାମବାସୀମାନେ ଜଣାଇଥିଲେ ମଧ୍ୟ ସେ ଶୁଣି ନ ଶୁଣିଲା ପରି କାର୍ଯ୍ୟ କରୁଛନ୍ତି। କିନ୍ତୁ ଏତିକିରେ ଗ୍ରାମବାସୀମାନଙ୍କର ଦୁଃଖ ସରି ନ ଥିଲା। ପରେ ବ୍ଲକ୍ କାର୍ଯ୍ୟାଳୟରେ ଭଣ୍ଡାରିପୋଖରୀ ବିଧାୟକ ସମସ୍ତ କର୍ମଚାରୀଙ୍କୁ ନେଇ କାର୍ଯ୍ୟ ବାବଦରେ ରିଭ୍ୟୁ ମିଟିଂ ଚାଲୁଥିବା ସମୟରେ ଗ୍ରାମବାସୀମାନେ ଯାଇ ସେଠାରେ ଲିଖିତ ଅଭିଯୋଗ କରିଥିଲେ। ତତ୍‌କ୍ଷଣାତ୍ ବିଧାୟକ ବିଡିଓ ଦେବଦତ୍ତ ଦାସଙ୍କୁ ଏହି କାର୍ଯ୍ୟ ବାବଦରେ ତଦାରଖ କରିବା ନିମନ୍ତେ ଆଦେଶ ଦେଇଥିବା ସୂଚନା ମିଳିଛି ବୋଲି ଗ୍ରାମବାସମାନେ କୁହନ୍ତି। ଦୁଃଖର ବିଷୟ ଯୋଜନାର ନାମ ବିକଶିତ ଗାଁ ବିକଶିତ ଓଡ଼ିଶା ହେଇଥିବାବେଳେ କିନ୍ତୁ ଠିକାଦାର ଓ ଯନ୍ତ୍ରୀଙ୍କ କାର୍ଯ୍ୟ ଓଲଟା। ପେଭର ବ୍ଲକ୍ ରାସ୍ତା ୧୦ ଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ ଦବିଯିବାରୁ ଉଚ୍ଚ ଖାଲ ଦିଶିଲାଣି। ରାସ୍ତାର ଶେଷ ଭାଗରେ କୌଣସି ୱାଲ୍ ତିଆରି ନ କରି ଫିଲିଂ ବାଲି ଉପରେ ସିମେଣ୍ଟର ଭାଗ ଯାହା ରହିବା କଥା ତାହା ନ ମିଶେଇ ପକାଇଥିବା ଢଳେଇରେ ହାତ ମାରିଲେ ବାହାରି ଯାଉଛି। ଗୋଟାଏ କିମ୍ବା ଦୁଇ ଥର ବର୍ଷାରେ ସେଗୁଡ଼ିକ ଧୋଇଯିବା ଭଳି ଦିଶୁଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଏବଂ ବ୍ଲକ୍ ଅଧିକାରୀ ଦୃଷ୍ଟି ଦେବାକୁ ଅନନ୍ତ ତ୍ରିପାଠୀ, ବୈଦ୍ୟନାଥ ପଣ୍ଡା, ଚିନ୍ମୟ ଦ୍ୱିବେଦୀ ପ୍ରମୁଖ ଅନୁରୋଧ କରିଛନ୍ତି। ଏହି କାମ ବାବଦରେ ଉଚ୍ଚ ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପିତଗଡ଼ିଆବାସୀ ଦାବି କରିଛନ୍ତି।

## ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୯।୨(ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଶିଶୁ ସୁରକ୍ଷା ୟୁନିଟ୍ ଓ ଚାଇଲ୍ଡ ହେଲ୍ପ ଲାଇନ୍ ପକ୍ଷରୁ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜାତୀୟ ଛାତ୍ର ସେବା ସଂଗଠନ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଇଲ୍ଡ ହେଲ୍ପ ଲାଇନର ସଂଯୋଜିକା ଶୁଭଶ୍ରୀ ପଢ଼ିଆରୀଙ୍କ ମଞ୍ଚ ସଞ୍ଚାଳନରେ ମୁଖ୍ୟ ଅତିଥି ରୂପେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗା ଶଙ୍କର ଦାସ, ସମ୍ମାନିତ ଅତିଥି ରୂପେ ଅଧ୍ୟାପକ ଡ. ସୁଦର୍ଶନ ଦାସ, ଗିରିଶ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ତଥା ବିଷୟ ବିଶାରଦ ରୂପେ ଶିଶୁ ସୁରକ୍ଷା ଆଇନ ଅଧିକାରୀ ସୁବ୍ରତ ଦାସ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ନିଜ ବକ୍ତବ୍ୟରେ ଶିଶୁ ସୁରକ୍ଷା ଆଇନ ଜାଣିବା ଓ ପିଲାମାନେ ବିଭିନ୍ନ ଆଇନ ବିଷୟରେ ଅବଗତ ହେଲେ ସଚେତନତା ବ୍ୟାପକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭିକ ସୂଚନାରେ ସଂଯୋଜିକା ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାକୃତ ଭାବେ ଶିଶୁ ସହଯୋଗ ଗ୍ରୁପ୍ ସହ ସାମିଲ୍ ହୋଇ ସଚେତନ ହେବା ପାଇଁ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତା ତଥା ବିଷୟ ବିଶାରଦ ଶ୍ରୀ ଦାସ ଶିଶୁମାନଙ୍କ ପାଇଁ ଆଇନ ବ୍ୟବସ୍ଥାରେ ବିଭିନ୍ନ ଉଦାହରଣ ଓ ଦୃଷ୍ଟାନ୍ତ ମାଧ୍ୟମରେ ବାଲ୍ୟ ବିବାହ ଆଇନ, ଘରୁ ଲୁଚି ପଳାଉଥିବା ଶିଶୁ, ଶିଶୁ ନିର୍ଯାତନା, ସାଇବର ଅପରାଧ, କିଶୋର ନ୍ୟାୟ ବ୍ୟବସ୍ଥା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିପଦରେ ଥିବା ଶିଶୁମାନଙ୍କୁ ତ୍ୱରିତ ସେବା ପହଞ୍ଚାଇବା ପାଇଁ (୧୦୯୮) ନିଃଶୁଳ୍କ ନମ୍ବର ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଥିଲା। ଜାତୀୟ ଛାତ୍ର ସେବା ସଂଗଠନର ମୁଖ୍ୟ ଓମ୍ ପ୍ରକାଶ ପଣ୍ଡା, ମାମା ଦାସ, ଆଶିଷ ଦାସ, ଦୀପ୍ତିଶିଖା ମିଶ୍ରଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଚାଇଲ୍ଡ ଲାଇନ୍ ପରାମର୍ଶଦାତା ଲକ୍ଷ୍ମଣ ଜେନା, ଟିମ୍ ମେମ୍ବର କାହ୍ନୁ ମଲ୍ଲିକ, ରମାକାନ୍ତ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଲକ୍ଷ୍ମଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ



ଧାମନଗର, ୯।୨(ସମିସ): ଧାମନଗର ଅଞ୍ଚଳର ସୁପରିଚିତ ଦୈନିକ 'ସକାଳ'ର ବ୍ଲକ୍ ପ୍ରତିନିଧି ସେକ୍ ଜାଫର ଅଲ୍ଲୀଙ୍କ ବଡ଼ ଭାଉଜ ତଥା ସମାଜସେବୀ ସେକ୍ ଅଜଗର ଅଲ୍ଲୀଙ୍କ ସହଧର୍ମିଣୀ ହେଦାତୁନ ନିଶା(୫୫)ଙ୍କର ପରଲୋକ ହୋଇଛି। ସେ ଦୀର୍ଘ ଦିନ ହେଲା କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥିତ ଉତ୍କଳ ହସ୍‌ପିଟାଲରେ ଚିକିତ୍ସାଧୀନ ଥିଲେ। ସେ ଜଣେ ସ୍ନେହି, ମିଷ୍ଟଭାଷୀ, ପରୋପକାରୀ ଓ ମେଳାପୀ ବ୍ୟକ୍ତି ଥିଲେ। ମୃତ୍ୟୁ ସମୟରେ ସ୍ୱାମୀ, ଏକ ମାତ୍ର ପୁତ୍ର, ଝିଅ, ଜ୍ୱାଇଁ, ନାତି ନାତୁଣୀ, ଭଣଜା ଭାଣିଜୀ ସହ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ମୁସଲମାନ ରୀତିନୀତି ଅନୁସାରେ ଖାନକା ସରିଫ୍‌ଠାରେ ସୟଦ ଫାରୁକ୍ ରଜା ହବିବିଙ୍କ ଦ୍ୱାରା ଜନାଜା ନମାଜ (ସମୂହ ପ୍ରାର୍ଥନା) ପରେ ଗ୍ରାମର କବରସ୍ଥାନ ପରିସରରେ କବର ଦିଆଯାଇଛି। ଏହି ଦୁଃଖଦ ଖବର ଶୁଣି ବିଜେଡି ନେତା ତଥା ଦୈନିକ 'ସକାଳ'ର ପ୍ରକାଶକ ଅମିତ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ବିଜେଡି ନେତା ଡ. ସଞ୍ଜୀୟ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସୁରଥ ସେଠୀ, ସମିତିସଭ୍ୟ ଭାରତ ବିଜୟ ଦଳେଇ, ପୋଷ୍ଟମାଷ୍ଟର ଗଙ୍ଗାଧର ସାହୁ, ସମାଜସେବୀ ଏମ୍‌ଡି ଫଜଲେ ବାରି, ଗୋଲାମ ଜିଲାନି ହବିବି, ସେକ୍ ଅବ୍‌ଦୁଲ ହାକିମ, ସେକ୍ ମକଦୁମ, ସେକ୍ ହମିଦ, ଧାମନଗର ମିଡିଆ କ୍ଲବ୍ ସଭାପତି ସାମ୍ବାଦିକ ବିବେକାନନ୍ଦ ପଣ୍ଡା, ସମ୍ପାଦକ ସୁଶାନ୍ତ ରାଉତ, ସହ ସମ୍ପାଦକ ଦୁର୍ଗାପ୍ରସାଦ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଶାନ୍ତ ଦ୍ୱିବେଦୀ, ସଦସ୍ୟ କୁମାରେଶ ଖିଲାର, ଦୀନକୃଷ୍ଣ ମହାପାତ୍ର, ଶିକ୍ଷକ ମନ୍ମଥ ରାଉତ, ସ୍ୱେଚ୍ଛାସେବୀ ସଂଗଠନ ମୁଖ୍ୟ ଡି.ବି. ହୃଦୟ, ସଂଗଠନ ବରିଷ୍ଠ ସଦସ୍ୟ କଣ୍ଠଶିଳ୍ପୀ ନାରଣ ପୋଥାଳଙ୍କ ସହିତ ସାମ୍ବାଦିକ କୃଷ୍ଣ ଚନ୍ଦ୍ର ଜେନା, ସମାଜସେବୀ ରମାକାନ୍ତ ସାହୁ, ବୁଦ୍ଧିଜୀବୀ, ବନ୍ଧୁ ବାନ୍ଧବ ଓ ଗ୍ରାମବାସୀ ଦୁଃଖ ପ୍ରକାଶ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ୨୨ରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର 'ରଜତ ଜୟନ୍ତୀ'

ଭଦ୍ରକ, ୯।୨(ସମିସ): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର 'ରଜତ ଜୟନ୍ତୀ' ଉତ୍ସବ ପାଳନ ନିମନ୍ତେ ସଂଘର ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' ପରିସରରେ ସଭାପତି ଅବସରପ୍ରାପ୍ତ କମିଶନର ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସଭାପତି, କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତି, ଉପସଭାପତି ଡ. ଗୋଲକ ବିହାରୀ ସାହୁ, ହରମୋହନ କୁଅଁର, ଶାନ୍ତନୁ ରାଉତ, ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ, ଯୁଗ୍ମ ସମ୍ପାଦକ ଅଜିତ୍ ନାୟକ, କରୁଣାକର ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନା ପରେ ସର୍ବସମ୍ମତି କ୍ରମେ ଆସନ୍ତା ୨୨ ତାରିଖରେ 'ରଜତ ଜୟନ୍ତୀ' ଉତ୍ସବ ପାଳନ ହେବାର ଦିନ ଧାର୍ଯ୍ୟ ହେଲା। ଉତ୍ସବକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ କମିଟି ଗଠିତ ହୋଇ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। ପୂର୍ବାହ୍ଣ ଅଧିବେଶନରେ ଆସନ୍ତା ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା



ବିଧିବଦ୍ଧ ଭାବେ ନିର୍ବାଚନ କରାଯିବ। ସଂଘର ୨୦୨୫ ମସିହାରେ ୮୦ ବର୍ଷ ଅତିକ୍ରମ କରିଥିବା ଓ ପୂର୍ବରୁ ସମ୍ବର୍ଦ୍ଧିତ ହୋଇ ନ ଥିବା ଆଜୀବନ ସଦସ୍ୟ ସଦସ୍ୟା, ଜଣେ ଶିକ୍ଷୟିତ୍ରୀ, ଜଣେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଉତ୍ସବରେ ସଂଘର 'ରଜତ ଜୟନ୍ତୀ' ଉତ୍ସବ ସ୍ମରଣିକା ଅତିଥିଙ୍କ ଦ୍ୱାରା ଲୋକାର୍ପଣ କରାଯିବ। ମୁକ୍ତିକାନ୍ତ ମହାପାତ୍ର, ଆଦିତ୍ୟ ନାୟକ, ଅନାଦି ଚରଣ ଦାସ, ସ୍ନେହଲତା ବେହେରା, ଶାନ୍ତିଲତା ବାରିକ, କୈଳାଶ ଚନ୍ଦ୍ର ପଣ୍ଡା, ରମାକାନ୍ତ ନାୟକ, ପ୍ରଶାନ୍ତ କୁମାର ଦେ, ହରେକୃଷ୍ଣ ସାହୁ, ତାରକ ଦାସ ଆଢ୍ୟ, ଘନଶ୍ୟାମ ଲେଙ୍କା, ରାଜେନ୍ଦ୍ର ପାତ୍ର, ଉପେନ୍ଦ୍ର ରାଉତ, ରମେଶ ଦାସ, ବସନ୍ତ ସାହାଣୀ, ସୁରେଶ ସାହୁ, ବାଦଲ କିଶୋର ମହାପାତ୍ର, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ମଦନମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୨ରେ ଭାରତ ବନ୍ଦକୁ ସଫଳ ପାଇଁ ଶୋଭାଯାତ୍ରା

ଚାନ୍ଦବାଲି, ୯।୨(ସମିସ): ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ୍ କରିବା, ଚାଷୀ ଫସଲର ଉଚିତ୍ ଦର ପାଇଁ ଏମ୍‌ଏସ୍ ସ୍ୱାମୀନାଥନ କମିଶନଙ୍କ ସୁପାରିସ୍ ଅନୁଯାୟୀ ଏମ୍‌ଏସ୍‌ପି ଯୁକ୍ତ ଆଇନ ପ୍ରଣୟନ କରିବା, ଭିବିଜୀ ରାମ ଜୀ ଆଇନ ବାତିଲ୍ କରି ପୂର୍ବପରି ମନରେଗାକୁ କାର୍ଯ୍ୟକାରୀ କରିବା, ଛାତ୍ର ବିରୋଧୀ ବିକଶିତ ଭାରତ ଶିକ୍ଷା ପ୍ରତିଷ୍ଠାନ ବିଲ୍-୨୦୨୫ ପ୍ରତ୍ୟାହାର କରିବା, ବିଦ୍ୟୁତ୍ ସଂଶୋଧନ ବିଲ-୨୦୨୫ ବାତିଲ୍ କରିବା, ବିହନ ବିଲ୍-୨୦୨୫ ବାତିଲ୍ କରିବା, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା ଆଦି ବିଭିନ୍ନ ଦାବି ନେଇ ଓଡ଼ିଶା କୃଷକ ସଭା, ସିଆଇଟିୟୁ, ଏଆଇଟିୟୁସି, ୟୁଟିୟୁସି, ଚାଷୀ ମୂଲିଆ ସଂଘ ପକ୍ଷରୁ ମିଳିତ ଭାବେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା କୃଷକ ସଭା ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥଙ୍କ ସଭାପତିତ୍ୱରେ ଚାନ୍ଦବାଲିସ୍ଥିତ ସହିଦ ଭଗତ ସିଂ ପାଠାଗାର ସମ୍ମୁଖରେ ଏହା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା କୃଷକ ସଭା ପୂର୍ବତନ ଜିଲ୍ଲା ସଭାପତି ନିରଞ୍ଜନ ପାଣି, ଓଡ଼ିଶା କୃଷକ ସଭା ଚାନ୍ଦବାଲି ବ୍ଲକ୍ ସଭାପତି ଗୌରାଙ୍ଗ ଯେନା, ସମ୍ପାଦକ ଅଶୋକ ବେହେରା, ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ସିଆଇଟିୟୁ ଚାନ୍ଦବାଲି ବ୍ଲକ୍ ସଭାପତି ମଳୟ ଭୋଇ, ମହିଳା ନେତ୍ରୀ ପ୍ରତିଭା ପଣ୍ଡା, ଅଙ୍ଗନବାଡ଼ି ସଂଘ ନେତ୍ରୀ କୁମୁଦିନୀ ଭୋଇ, ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ନେତ୍ରୀ ଅନ୍ନପୂର୍ଣ୍ଣା ସେଠୀ, ଓଡ଼ିଶା ଆଶାକର୍ମୀ ସଂଘ ନେତ୍ରୀ ଯଶୋଦା ସାହୁ, ଚାଷୀ ମୂଲିଆ ସଂଘ ସମ୍ପାଦକ ସୁଶାନ୍ତ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଆସନ୍ତା ଫେବୃଆରୀ ୧୨ ଭାରତ ବନ୍ଦକୁ ଚାନ୍ଦବାଲି ବ୍ଲକ୍‌ରେ ସଫଳ କରିବାକୁ ଆହ୍ୱାନ ଜଣାଇଥିଲେ। ସଭା ପରେ ସଂଯୁକ୍ତ କୃଷକ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଗୁଡ଼ିକ ମିଳିତ ମଞ୍ଚ ପକ୍ଷରୁ ଏକ ଲାଲ୍ ଶୋଭାଯାତ୍ରା ସହିଦ ଭଗତ ସିଂ ପାଠାଗାର ପାଖରୁ ବାହାରି ଚାନ୍ଦବାଲି ସହର ପରିକ୍ରମା କରି ଚାନ୍ଦବାଲି ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଶୋଭାଯାତ୍ରା ଶେଷ




ହୋଇଥିଲା। ଏହି ସଭା ଓ ଶୋଭାଯାତ୍ରାରେ ୩୦୦ରୁ ଊର୍ଦ୍ଧ୍ୱ କୃଷକ, ଶ୍ରମିକ, କୃଷି ଶ୍ରମିକ, ଆଶାକର୍ମୀ, ପାଚିକା ସହାୟିକା, ଅଙ୍ଗନବାଡ଼ି କର୍ମୀମାନେ ଅଂଶଗ୍ରହଣ କରିଥିଲେ।

**ତିହିଡ଼ି**

ସେହିପରି ତିହିଡ଼ି ଡାକ ବଙ୍ଗଳା ଛକରେ ସିଆଇଟିୟୁ ତିହିଡ଼ି ବ୍ଲକ୍ ସଭାପତି ବିଷ୍ଣୁ ଦାଶଙ୍କ ସଭାପତିତ୍ୱରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଓଡ଼ିଶା କୃଷକ ସଭା ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ, ଓଡ଼ିଶା କୃଷକ ସଭା ପୂର୍ବତନ ଜିଲ୍ଲା ସଭାପତି ନିରଞ୍ଜନ ପାଣି, ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ଓଡ଼ିଶା କ୍ଷେତ ମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢ଼ୀ, ୟୁଟିୟୁସି ଜିଲ୍ଲା ସଭାପତି ରାମଚନ୍ଦ୍ର ଶଙ୍ଖୁଆ, ଓଡ଼ିଶା କୃଷକ ସଭା ତିହିଡ଼ି ବ୍ଲକ୍ ସଭାପତି ଭାଗବତ ସେନାପତି, ସମ୍ପାଦକ ଜ୍ୟୋତିର୍ମୟ ମଳିକ, ଆଇନଜୀବୀ ଧନେଶ୍ୱର ନାୟକ, ଓଡ଼ିଶା କ୍ଷେତମଜଦୂର ୟୁନିୟନ ପୂର୍ବତନ ବ୍ଲକ୍ ସମ୍ପାଦକ ନିର୍ମଳ ଦଳେଇ, କୃଷକ ନେତା କୃଷ୍ଣଚନ୍ଦ୍ର ମଳିକ, ସତ୍ୟବ୍ରତ କୁଣ୍ଡ, ଶ୍ରୀଧର ଜେନା, ପିତାମ୍ବର ମଲିକ୍ ପ୍ରମୁଖ ବକ୍ତବ୍ୟ ରଖି ଫେବୃଆରୀ ୧୨ ଭାରତ ବନ୍ଦକୁ ତିହିଡ଼ି ଅଞ୍ଚଳରେ ସଫଳ କରିବାକୁ ଆହ୍ୱାନ ଜଣାଇଥିଲେ।

**ବାରିକପୁର**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ଆସନ୍ତା ୧୨ ତାରିଖ ଦିନ ୪ଟି କର୍ମଚାରୀ ଟ୍ରେଡ୍ ୟୁନିୟନ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ ଡକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ କାଳୀମଣ୍ଡପଠାରେ ହରତାଳକୁ ସଫଳ କରିବା ପାଇଁ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏଆଇଟିୟୁସି ଜିଲ୍ଲା ସଂଗଠକ ରାମଚନ୍ଦ୍ର ଶଙ୍ଖୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାରେ ଦିବ୍ୟସିଂହ ନାୟକ, ପ୍ରଫୁଲ୍ଲ ପାଢ଼ୀ, ପର୍ଶୁରାମ ଲେଙ୍କା, ରମେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଧର୍ମଘଟକୁ ସଫଳ କରିବା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ।

**ପିଞ୍ଚାବଣିଆ ଦୋଳ ମେଳା ପାଇଁ ପ୍ରସ୍ତୁତି**

# ଶେଷ ପର୍ଯ୍ୟାୟରେ ମେଳଣ ପଡ଼ିଆ ରାସ୍ତା କାମ

ପୁରୁଣିଆ, ୯।୨(ସମିସ):



ଉତ୍ତର ଓଡ଼ିଶାର ସର୍ବବୃହତ ଦୋଳ ମେଳା ପାଇଁ ପିଞ୍ଚାବଣିଆ ପ୍ରସିଦ୍ଧ। ଏହି ମେଳା ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଗୋଟିଏ ପଡ଼ିଆରେ ଅନୁଷ୍ଠିତ ହେଉଥିବାରୁ ମେଳାର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଏହି ମେଳାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବାକୁ ପ୍ରସ୍ତୁତି ଚାଲିଛି। ଏବେ ପଡ଼ିଆ ସଂଲଗ୍ନ ରାସ୍ତା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ଅଞ୍ଚଳରୁ ଲୋକମାନେ ମେଳା ଦେଖିବା ପାଇଁ ଆସୁଥିବାରୁ ମେଳାରେ ପ୍ରବଳ ଭିଡ ଲାଗି ରହେ। ବାଲେଶ୍ୱର ଜିଲ୍ଲାର ରୂପସା ଷ୍ଟେସନରୁ ମେଳାକୁ ପିଚୁରାସ୍ତା ରହିଥିବାବେଳେ ମୟୂରଭଞ୍ଜ ଜିଲ୍ଲା ଆଡୁ ମାଟିରାସ୍ତା ହିଁ ଏକମାତ୍ର ଭରସା ଥିଲା। ଗତବର୍ଷ ଦୋଳମେଳା ପୂର୍ବରୁ ମେଳା ପଡିଆ ପର୍ଯ୍ୟନ୍ତ ପିଚୁରାସ୍ତା ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଶା କରାଯାଉଥିଲା ମାଟିରାସ୍ତା ବଦଳରେ ପିଚୁରାସ୍ତାରେ ମେଳା ଯିବା ହେବ। ତେବେ ଠିକାଦାର କାମ ବିଳମ୍ବ କରିବାରୁ ତାହା ସମ୍ଭବ ହୋଇପାରିନଥିଲା। ଚଳିତ ବର୍ଷ ଦୋଳମେଳା ପୂର୍ବରୁ ମେଳା ପଡିଆକୁ ପିଚୁ ସଂଯୋଗ କାମ ସଂପୂର୍ଣ୍ଣ ଶେଷ ହୋଇଯିବ। ବର୍ତ୍ତମାନ ୯୦ ପ୍ରତିଶତ କାମ ଶେଷ ହୋଇଥିବାବେଳେ ଚଳିତ ସପ୍ତାହରେ ରାସ୍ତା ସଂପୂର୍ଣ୍ଣ ହୋଇଯିବାର ଆକଳନ କରାଯାଉଛି। ପିଚୁରାସ୍ତା ହେବା କାରଣରୁ ଆଗଭଳି ଧୂଳି ଓ ଟ୍ରାଫିକ ଜାମ ସମସ୍ୟା ହେବନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି। ମେଳାର ଏକମାସ ପୂର୍ବରୁ ପିଚୁରାସ୍ତା କାମ ସରିଯାଉଥିବାରୁ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି।

## ୧୨୬ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

ଆନନ୍ଦପୁର, ୯।୨(ସମିସ): ଘସିପୁରା ବ୍ଲକ୍ କାର୍ଯ୍ୟାଳୟ ପରିସରରେ କେନ୍ଦୁଝର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୬ ଅଭିଯୋଗର ଶୁଣାଣି କରାଯାଇଥିଲା। ବିଡିଓ ବିନୀତା ବିଜୟିନୀଙ୍କ ସଂଯୋଜନାରେ ଜିଲ୍ଲାପାଳ ବିଶାଳ ସିଂ ଅଭିଯୋଗ ଶୁଣାଣି କରି ତଦନ୍ତ ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣିରେ କେନ୍ଦୁଝର ଏସ୍‌ପି କୁସଲକର ନୀତିନ ଦାଗଡୁ,




ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ପିଡି କୁମାର ନାଗଭୂଷଣ, ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡା, ଉପ ଜିଲ୍ଲାପାଳ ନୀଳମାଧବ ସୁନା, ବିଡିଓ ବିନୀତା ବିଜୟିନୀ, ଘସିପୁରା ଥାନା ଅଧିକାରୀ କିଶୋର ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସୂଚନାଯୋଗ୍ୟ ଯେ ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ଆନନ୍ଦପୁର ପୌରାଞ୍ଚଳ, ଆନନ୍ଦପୁର ବ୍ଲକ୍ ଓ ଘଷିପୁରା ବ୍ଲକ୍ ଅଞ୍ଚଳର ସମୁଦାୟ ୧୨୬ଟି ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଗ୍ରାମାଞ୍ଚଳ ଥାନାଞ୍ଚଳରେ ବଢୁଛି ବାଇକ୍ ଚୋରି

ରାଇରଙ୍ଗପୁର, ୯।୨(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାଞ୍ଚଳରେ ବାଇକ୍ ଚୋରି ବୃଦ୍ଧି ପାଇବାରେ ଲାଗିଛି। ବାଇକ୍ ଚୋର ଗ୍ୟାଙ୍ଗ ସକ୍ରିୟ ଥିବାବେଳେ ଗ୍ରାମାଞ୍ଚଳରେ ହେଉଥିବା କ୍ରୀଡ଼ା କାର୍ଯ୍ୟକ୍ରମରୁ ବାଇକ ଚୋରି କରୁଛନ୍ତି। ଯାହାକୁ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ବାରମ୍ବାର ଅଭିଯୋଗ ହେଉଛି। ନୁଷାଡି ଖେଳ ପଡ଼ିଆ ପରିସରରୁ ପୁଣି ବାଇକ ଚୋରି ହୋଇଛି। ଏ ନେଇ ବଡ଼ବେଳପାହାଡ଼ି ଗ୍ରାମର ଯଦୁନାଥ ହେମ୍ବ୍ରମ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୁଲିସ ଚୋରକୁ ଧରିବାରେ ବିଫଳ ହେଉଥିବା ଅଭିଯୋଗ ହୋଇଛି।

## ଛାତ୍ରଛାତ୍ରୀଙ୍କ ଦିନିକିଆ ଏକ୍ସପୋଜର ଭିଜିଟ୍




ରାଇରଙ୍ଗପୁର, ୯।୨(ସମିସ): କୁସୁମୀ ବ୍ଲକ୍ ଅନ୍ତର୍ଗତ ପିଏମ୍‌ଶ୍ରୀ ଜନତା ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦିନିକିଆ ଏକ୍ସପୋଜର ଭିଜିଟ ବୋବେଇଯୋଡା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଐତିହାସିକ ଗ୍ରାମ ବବେଇଯୋଡ଼ା ଗାଁକୁ ସ୍ୱଚ୍ଛତାର ଗାଁ ବୋଲି ପରିଚିତ ଅଟେ। ବୋବେଇଯୋଡା ଗାଁର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ସେମାନଙ୍କର ଗାଁ ଦାଣ୍ଡ ଓ ଘର କାନ୍ଥରୁ ଜଣାପଡ଼େ। ଗାଁର ଯୁବତୀ ଓ ମହିଳାମାନେ ଝରଣା ଓ ପାହାଡ଼ରୁ ମାଟି ଆଣି ପେଜ ଓ ଅଠା ମିଶାଇ ନିଜେ ରଙ୍ଗ ପ୍ରସ୍ତୁତ କରନ୍ତି। ତୁଳି ସାହାଯ୍ୟରେ ନିଜ ନିଜ କାନ୍ଥରେ ଅଙ୍କିଥା'ନ୍ତି ଆକର୍ଷଣୀୟ କଳାକୃତି। ମାଟି କାନ୍ଥରେ ଅଙ୍କା ଯାଇଥିବା ଏହି ଚିତ୍ର କୁହେ ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରାର କଥା। ସ୍ୱଚ୍ଛତା ପ୍ରତି ସଭିଏଁ ସଚେତନ ଥିବାରୁ ସମସ୍ତେ ଡଷ୍ଟବିନ ବ୍ୟବହାର କରିଥା'ନ୍ତି। ଖାଲି ସେତିକି ନୁହେଁ ଗାଁର ବିଭିନ୍ନ ଜାଗାରେ ସିସି କ୍ୟାମେରା ରହିଛି। ପରିଷ୍କାର ପରିଚ୍ଛନ୍ନତା ନେଇ କାହାକୁ ବାଧ୍ୟବାଧକତା କରାଯାଉ ନ ଥିଲେ ମଧ୍ୟ ତାହା ସେମାନଙ୍କ ପାଇଁ ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ପ୍ରଧାନଶିକ୍ଷକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଏକ୍ସପୋଜର ଭିଜିଟରେ ଛାତ୍ରଛାତ୍ରୀ ବୋବେଇଯୋଡା ବାସିନ୍ଦାଙ୍କ ସହ ଭାବବିନିମୟ ଓ ଆଲୋଚନା କରିବା ପରେ ପ୍ରାକୃତିକ ରଙ୍ଗ ତିଆରି କରିବା ଶିଖିବା ସହ ନିଜେ ନିଜ ନିଜ ଗାଁକୁ ସ୍ୱଚ୍ଛ ରଖିବା ନେଇ ପ୍ରତିଜ୍ଞା କରିଥିଲେ।

## ମାର୍ଚ୍ଚ ୧୫ରୁ ସର୍ବଭାରତୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ କପ୍ କ୍ରିକେଟ୍

**ପରିଚାଳନା କମିଟି ଗଠିତ**

ବାରିପଦା, ୯।୨(ସମିସ): ମୟୂରଭଞ୍ଜ ମହୋତ୍ସବ କମିଟି ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ପ୍ରଥମ ସର୍ବଭାରତୀୟ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ କପ୍ ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୧୫ରୁ ୨୨ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି। ମୟୂରଭଞ୍ଜର ୨ଟି ଦଳ ସମେତ ରାଜ୍ୟ ଓ ରାଜ୍ୟ ବାହାରୁ ୧୬ ଟି ଦଳକୁ ନେଇ ଟି-୨୦ ଫର୍ମାଟରେ ଖେଳ ହେବ। ଚାମ୍ପିଅନ ଦଳକୁ ୫ ଲକ୍ଷ ଓ ରନର୍ସଅପ ଦଳକୁ ୩ ଲକ୍ଷ ପୁରସ୍କାର ରାଶି ଓ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ। ଏହି ଟୁର୍ଣ୍ଣାମେଣ୍ଟର ସୁପରିଚାଳନା ନିମନ୍ତେ ଆଜି ଏକ ପରିଚାଳନା କମିଟି ଗଠନ କରାଯାଇଛି।

ଉକ୍ତ ପରିଚାଳନା କମିଟିର ଅଧ୍ୟକ୍ଷ ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଭାବେ ସାରସକଣା ବିଧାୟକ ଭାଦବ ହାଁସଦା, ସଭାପତି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ସଞ୍ଜୀବ ଦ୍ୱିବେଦୀ ଓ ଗୌରୀ ଶଙ୍କର ସିହ୍ନା, ଉପସଭାପତି ଲଲାଟେନ୍ଦୁ ବେହେରା, ଅମୀୟ ବଳ, ପଙ୍କଜ ଦାସ, ସତ୍ୟରଞ୍ଜନ ସାହୁ, ସୁରେନ୍ଦ୍ର ନାୟକ, ସଞ୍ଜୟ ମହାନ୍ତି ଓ ବଳବନ୍ତ ତୁଙ୍ଗ, ସଂଯୋଜକ ଲୋହିତ ଦାଶ, ସୁଶାନ୍ତ ଦାସ, କିଶୋର ପଲେଇ, ସୋମଦତ୍ତ ଦାସ ଓ ରାମେଶ୍ୱର ମାଝୀ, ସାଧାରଣ ସମ୍ପାଦକ କାଶୀନାଥ ରଣା, ବିଜନ ବରାଳ, ସମ୍ପାଦକ ରାକେଶ ସିଂ, ସରୋଜ ଶତପଥୀ, ଅମିତ ସିଂ ମୋଦକ, ପିଣ୍ଟୁ ମାଇତି, ସାମନ୍ତ ଶେଖର ପାଲ ଓ ଅମନ ମହାନ୍ତି, ସାଂଗଠନିକ ସମ୍ପାଦକ ଅରୁଣ ବରାଡ଼, ରାକେଶ ବେହେରା, ଦେବବ୍ରତ ସାମଲ, ସୌମିକ ଦାସକାନୁନଗୋ, ଅଂଶୁମାନ ଦାସ ଓ ପ୍ରୀତମ ପଣ୍ଡା, କୋଷାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ଉପଦେଷ୍ଟା ମଣ୍ଡଳୀ ପାଇଁ ସୁନୀଲ ଜେନା, ପ୍ରଶାନ୍ତ ପଟ୍ଟନାୟକ, ପ୍ରଭାସ ଘଡେଇ, ସଞ୍ଜୟ ମାଇତି, ବିଶ୍ୱଜିତ ମହାନ୍ତ, ସୁନୀଲ ଦାଶ, ଅକ୍ଷୟ ମହାନ୍ତ, କାର୍ଯ୍ୟନିର୍ବାହୀ ସଭ୍ୟ ବିପ୍ଳବ ବାରିକ, ଅମର ସେଠୀ, କଳିଙ୍ଗ କେଶରୀ ଜେନା, ମନୋଜ ମହାନ୍ତ, ସତ୍ୟସ୍ୱରୂପ ଦାଶ, ବିପ୍ଳବ ଭଞ୍ଜନ ବୁଗୁଡେଇ, ତରୁଣ ମହାନ୍ତି, ଅମିତାଭ ସାହୁ, ହରପ୍ରସାଦ ପାତ୍ର, ପ୍ରସନ୍ନଜିତ ମହାନ୍ତି, ଶ୍ରବଣ ମିସ୍ତ୍ରୀ, ରାଜେଶ ସାହୁ, ଏସ୍. କେ. ରାଜାଖାନ, ଜ୍ୟୋତିରଞ୍ଜନ ପୃଷ୍ଟି, ସବ୍ୟସାଚୀ ମହାପାତ୍ର, ଅଭିନାଶ କଲିଆ, ପ୍ରସନ୍ନଜିତ ମହାନ୍ତି ପ୍ରମୁଖ ମନୋନୀତ ହୋଇଥିବା ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ସୂଚନା ଦେଇଛନ୍ତି।

## ଶିକ୍ଷକ ସୁଦର୍ଶନ ରାଉତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମହୁଲଡିହା, ୯।୨(ସମିସ): ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦର୍ଶନ ରାଉତଙ୍କୁ ମିଟୁଆଣୀ ଗ୍ରାମରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଛାତ୍ରଛାତ୍ରୀ, ଅଭିଭାବକ, ଗ୍ରାମବାସୀ, ବୁଦ୍ଧିଜୀବୀ, ଶିକ୍ଷକ, ଶିକ୍ଷୟିତ୍ରୀ ଆଡମ୍ବରପୂର୍ଣ୍ଣ ବିଦାୟ ଜଣାଇଥିଲେ। ରଶ୍ମିରେଖା ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶିକ୍ଷକଙ୍କ ଭୂୟସୀ ପ୍ରଶଂସା କରିବା ସହିତ ମାନପତ୍ର, ଉପଢୌକନ, ଉପହାର ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଇଓ କୁଞ୍ଜବିହାରୀ ପ୍ରଧାନ ଯୋଗଦେଇ ତ୍ୟାଗପୂତ ଭାବେ କାମ କଲେ ସମାଜରେ ତା'ର ସକାରାତ୍ମକ ପ୍ରଭାବ ପକାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଠାକୁରମୁଣ୍ଡା ପ୍ରେସ କ୍ଲବ୍ ସଭାପତି ଶରତ ତ୍ରିପାଠୀ ଯୋଗଦେଇ ବିଦାୟୀ ଶିକ୍ଷକ ଜଣେ ଭଲ ମଣିଷ ଓ ଭଲ ମଣିଷ ଯେଉଁଠିକୁ ଯାଆନ୍ତି, ତାହା ସ୍ୱର୍ଗରେ ପରିଣତ ହୁଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ ଯୋଗଦେଇ ଶିକ୍ଷା ଏକ ବୃତ୍ତି ନୁହେଁ ବ୍ରତ ଯାହା ସୁଦର୍ଶନ ସାର ପ୍ରମାଣିତ କରିଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ରମେଶ ଦାସ, ସାତକୋଶିଆ ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ ଶ୍ରୀ ରଣା, ପଡିଆବେଡା ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ଟୁଡୁ, ନଳରଜ ସେଠୀ, ରାଜେନ୍ଦ୍ର ସାହୁ, ମିନତୀ ରାଉତ, ସିଆରସିସି ବିଶେଶ୍ୱର ତରାଇ ପ୍ରମୁଖ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ମହେଶ୍ୱର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜ୍ଞାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

## ସୃଷ୍ଟି କଳାକେନ୍ଦ୍ର ପ୍ରତିଷ୍ଠା ଦିବସରେ ଚିତ୍ରକଳା ଶିବିର

ବାରିପଦା, ୯।୨(ସମିସ): ବାରିପଦା ନିକଟସ୍ଥ ମଞ୍ଚବନ୍ଧା ଆମ୍ବବାଗାନ ପରିସରରେ ସୃଷ୍ଟି କଳାକେନ୍ଦ୍ରର ପ୍ରତିଷ୍ଠା ଦିବସ ପାଳନ ଅବସରରେ କୁନିକୁନି ଶିଶୁଙ୍କୁ ନେଇ ଚିତ୍ରକଳା ଶିବିର ଅନୁଷ୍ଠିତ ହୋଇଯାଇଛି। କଳାକେନ୍ଦ୍ରର ପ୍ରତିଷ୍ଠାତ୍ରୀ ସ୍ମୃତୀ ନିବେଦିତା ମହାନ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦସ୍ୟ,ସଦସ୍ୟା ଅନୀମା ମିଶ୍ର, ରାକେଶ ମହାନ୍ତ, ସୁମାଲି ମୁର୍ମୁ, ପ୍ରଭାସ ମହାନ୍ତ, ଶିଶୁଙ୍କ ଅଭିଭାବକ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସୋମନାଥ ସିଂହ, ସମ୍ମାନିତ ଅତିଥି ଭାବେ ସାନ୍ତାଳୀ ଆର୍ଟ ଆଣ୍ଡ ଫିଲ୍ମ ଡେଭେଲପମେଣ୍ଟ ଫାଉଣ୍ଡେସନର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଦୀପକ ବେଶ୍ରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ପ୍ରାକୃତିକ ପରିବେଶରେ ଆୟୋଜିତ ଏହି କାର୍ଯ୍ୟକ୍ରମ କୋମଳମତି ଶିଶୁର ସୃଜନଶକ୍ତି ବିକାଶରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁମୀ ହାଁସଦା ବେଶ୍ରା ଓ ପ୍ରତ୍ୟୁଷ ମହାନ୍ତ ଉପସ୍ଥିତ ରହି ଶିଶୁଙ୍କୁ କଳା, ସୃଜନଶୀଳତା ଓ ସାଂସ୍କୃତିକ ଚେତନା ପ୍ରତି ଆଗ୍ରହୀ କରିବା ଉପରେ ମତ ପ୍ରକାଶ କରିଥିଲେ। ଶିଶୁ ରଙ୍ଗ ଓ ତୂଳୀରେ ନିଜ ସୃଜନଶୀଳତାକୁ ଚିତ୍ର ମାଧ୍ୟମରେ ପ୍ରକାଶ କରି ଅତ୍ୟନ୍ତ ଆନନ୍ଦ ଅନୁଭବ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଶିଶୁଙ୍କୁ ମୋବାଇଲଠାରୁ ଦୂରେଇ ସେମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଉପଯୁକ୍ତ ପଦକ୍ଷେପ ବୋଲି ମତ ପ୍ରକାଶ କରିଥିଲେ।

**■ ଶାସନ ବ୍ୟବସ୍ଥାରେ ଅତିଷ୍ଠ**

## ମୋରଡା ବ୍ଲକ୍‌ର ୨ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ

ବାରିପଦା, ୯।୨(ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ୍‌ର ୨ଟି ପଞ୍ଚାୟତରେ ଶାସନ ବ୍ୟବସ୍ଥାରେ ନିଷ୍କ୍ରିୟତା ଅଭିଯୋଗ ହୋଇଛି। ଉଭୟ ପଞ୍ଚାୟତରେ ସ୍ୱାସ୍ଥ୍ୟସେବା, ପାନୀୟଜଳ ଯୋଗାଣ, ବିଦ୍ୟୁତ ସେବା, ସରକାରୀ ଧାନ କିଣାରେ ଅବ୍ୟବସ୍ଥା ଓ ଆବାସ ଗୃହ ହିତାଧିକାରୀଙ୍କ ବିଲ ନ ମିଳିବା ଅଭିଯୋଗ ଆଣି ସୋମବାର ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ୟା ସମାଧାନରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି।

୧୯୭୨ରେ ଚିତ୍ରଡାସ୍ଥ ମୋରଡା ବ୍ଲକ୍ କାର୍ଯ୍ୟାଳୟ ସନ୍ନିକଟ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପିତ ହୋଇଥିଲା। ଅଞ୍ଚଳବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବା ଉଦ୍ଦେଶ୍ୟରେ ଏହାର ସ୍ଥାପନା କରାଯାଇଥିଲେ ହେଁ ଦୀର୍ଘ ୨ବର୍ଷରୁ ଊର୍ଦ୍ଧ୍ୱ ଡାକ୍ତର ପଦବୀ ଖାଲି ପଡିଛି। ଫାର୍ମାସିଷ୍ଟ ନ ଥିବାରୁ



ଲୋକମାନେ ସାଧାରଣ ରୋଗରୁ ଉପଶମ ହୋଇପାରୁନାହାନ୍ତି। ୫ କିମି ଦୂର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସିତ ହେଉଛନ୍ତି। ବ୍ଲକ୍ ମୁଖ୍ୟାଳୟରେ ଉକ୍ତ କେନ୍ଦ୍ରଟି ରହୁଥିବାରୁ ପ୍ରତିଦିନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଡାକ୍ତରଙ୍କୁ ନ ପାଇ ଲୋକେ ବାଧ୍ୟ ହୋଇ ରୋଗ କଥା କହି ଔଷଧ ନେବାକୁ ବାଧ୍ୟ ହେଉଛନ୍ତି ବୋଲି ପ୍ରତିନିଧି ଦଳରେ ଆସିଥିବା ଅମ୍ବୁଜ ମହାନ୍ତ, ବିନୋଦ ବେହେରା, ଅମୂଲ୍ୟ କୁମାର ଦାସ ଓ ପର୍ଶୁରାମ ମହାନ୍ତ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ହଳଦୀପାଳ ପଞ୍ଚାୟତରେ ପାନୀୟଜଳ ଅଭାବକୁ ନେଇ ଅଫିସ କାର୍ଯ୍ୟାଳୟ ପରିସରରେ ଏକ ଓଭରହେଡ ଟାଙ୍କି ସ୍ଥାପନ କରିବାକୁ ତରୁଣ ମହାକୁଡ, ପ୍ରଶାନ୍ତ ମହାନ୍ତ ଓ ହରିଶ ଚନ୍ଦ୍ର ସେନାପତି, ଦାବି କରିଛନ୍ତି। ଚିତ୍ରଡା ଅଞ୍ଚଳରେ ବିଦ୍ୟୁତ ବିଲ୍ ମନଇଚ୍ଛା ବୃଦ୍ଧି କରାଯାଉଥିବାବେଳେ ଅଧିକାଂଶ ସମୟ ବିଦ୍ୟୁତ ବିଚ୍ଛିନ୍ନ କରାଯାଉଛି। ମଣ୍ଡିରେ ଚାଷୀଙ୍କ ଧାନକୁ କ୍ୱିଣ୍ଟାଲ ପିଛା ୮/୧୦କିଗ୍ରା କଟନୀ ଛଟନୀ କରାଯାଉଥିବାରୁ ତାହାକୁ ତଦନ୍ତ କରିବାକୁ ଦାବିରେ ଉଲ୍ଲେଖ କରିଛନ୍ତି। ଏସବୁ ସମସ୍ୟା ୧୫ ଦିନ ମଧ୍ୟରେ ସାମଧାନ ପାଇଁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଆକାଶ ମହାନ୍ତ, ଉପେନ୍ଦ୍ର ମହାନ୍ତ, ରାଜୀବ ମହାନ୍ତ, ସ୍ୱର୍ଣ୍ଣଲତା ମହାନ୍ତ, ଦାମ ହେମ୍ବ୍ରମ, ରାମଚନ୍ଦ୍ର ହେମ୍ବ୍ରମ, ମଙ୍ଗଳୀ ମହାନ୍ତ ଉପସ୍ଥିତ ଥିଲେ।

## ଉଦଳାରେ ଜବରଦଖଲ ଉଚ୍ଛେଦ

ଉଦଳା, ୯।୨(ସମିସ): ରାସ୍ତା ପ୍ରଶସ୍ତିକରଣ ପାଇଁ ଆରମ୍ଭ ହୋଇଛି ଉଚ୍ଛେଦ ପ୍ରକ୍ରିୟା। ଯାହାକୁ ନେଇ ଆଜି ଉଦଳା ବଜାରରେ ଚାଲିଛି ଜବରଦଖଲ ଉଚ୍ଛେଦ। ଉଦଳା ଏନଏସି ଓ ତହସିଲ ପକ୍ଷରୁ ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ତହସିଲଦାର ଉପସ୍ଥିତ ଥିବାବେଳେ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ପ୍ରାୟ ୩୧୬ ଦୋକାନ ଘର ଉଚ୍ଛେଦ ହେବା ସହିତ ସରକାରୀ ଜାଗା ଜବରଦଖଲ କରିଥିବା ଘର ଭଙ୍ଗାଯାଉଛି।

## ଶ୍ରମ କୋଡ୍ ନେଇ ବିକ୍ଷୋଭ

ରାଇରଙ୍ଗପୁର, ୯।୨(ସମିସ): ଶ୍ରମିକ ବିରୋଧୀ ଶ୍ରମ କୋଡ ଓ ଅନ୍ୟାନ୍ୟ ଦାବିରେ ସାଧାରଣ ଧର୍ମଘଟକୁ ସଫଳ କରାଇବାକୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଆଇୟୁଟିୟୁସି ଓ ଏଆଇଟିୟୁସି ପକ୍ଷରୁ ପଥପ୍ରାନ୍ତ ସଭା ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରାଯାଇଛି। ୧୨ ତାରିଖ ଶ୍ରମିକ କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ ରଦ୍ଦ ସହିତ ୨୧ଟି ଦାବି ନେଇ ସାଧାରଣ ଧର୍ମଘଟକୁ ସଫଳ କରାଇବାକୁ ଏକ ପଥପ୍ରାନ୍ତ ସଭା ଆୟୋଜିତ ହୋଇଛି। ଆଗାମୀ ଧର୍ମଘଟକୁ ସଫଳ କରିବାକୁ ରାଜ୍ୟ ସଭାପତି ତଥା ପୂର୍ବତନ ଯଶିପୁର ବିଧାୟକ ଶମ୍ଭୁନାଥ ନାଏକଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପଥପ୍ରାନ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝି, ରୂପକ ମହାନ୍ତି, କିଶୋର ମହାନ୍ତଙ୍କ ସମେତ ଅନେକ କର୍ମୀ ସାମିଲ ଥିଲେ।

## ଜାମଦା ଠିକାଦାର ସଂଘର ବୈଠକ

ରାଇରଙ୍ଗପୁର, ୯।୨(ସମିସ): ବାମନଘାଟି ଉପଖଣ୍ଡ ଜାମଦା ବ୍ଲକ୍ ଅଞ୍ଚଳର ସମସ୍ତ ଠିକାଦାରଙ୍କୁ ନେଇ ଏକ ବୈଠକ ଜଗତ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇଥିଲା। ସେଥିରୁ ମୁଖ୍ୟତଃ ଚଳିତ ବର୍ଷର ସମସ୍ତ ବିଭାଗର ଯେକୌଣସି ଟେଣ୍ଡର ବାହାରିଲେ ୦.୦୫ (ସିଡୁଲ)ରେ ଅଂଶଗ୍ରହଣ କରିପାରିବେ ବୋଲି ଜାମଦା ବ୍ଲକ୍ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏସ୍‌ଟି, ଏସସି ଠିକାଦାର ଲାଇନ ବିଭାଗ କାର୍ଯ୍ୟରେ ଅଗ୍ରାଧିକାର ମାଗିବେ ନାହିଁ। ସଂଘ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ବିରୋଧରେ ଯଦି କୌଣସି ସଦସ୍ୟ କାର୍ଯ୍ୟ କରନ୍ତି, ତେବେ ସଂଘ ସେମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏହି ବୈଠକରେ ଜାମଦା ଠିକାଦାର ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ଅସିତ ସ୍ୱାଇଁ, ଉପସଭାପତି ଭାବେ ସୁଜିତ ମଣ୍ଡଳ, ସାଧାରଣ ସମ୍ପାଦକ ରଞ୍ଜନ ବେଜ୍, ସମ୍ପାଦକ ଦିନେଶ ମଣ୍ଡଳ, କୋଷାଧ୍ୟକ୍ଷ ବାବୁଲ ମହାକୁଡ ଓ ରାଜୀବ ରାଉତ ମନୋନୀତ ହୋଇଛନ୍ତି। ପରାମର୍ଶଦାତା ମଣ୍ଡଳୀରେ ସୁବାସ ମଣ୍ଡଳ, ମନୋଜ ମହାନ୍ତି, ଦିବ୍ୟକାନ୍ତ ଖୁଣ୍ଟିଆ, ଫୁଲସାଏ ଡମାନ ମାର୍ଣ୍ଡି, ଅମିତ ମଣ୍ଡଳ, ଗୌର ମଣ୍ଡଳ ରହିଛନ୍ତି। ସଂଯୋଜକ ଭାସ୍କର ମଣ୍ଡଳ ଓ ବୀରେନ୍ଦ୍ର ବେହେରା ଉପସ୍ଥିତ ଥିଲେ। ରୂପକ ନାୟକ ବୈଠକ ପରିଚାଳନା କରିଥିବାବେଳେ ସନ୍ଦୀପ ବେଜ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦର୍ଶ ଶିକ୍ଷକ ରଙ୍ଗାଧର ମହାରଣାଙ୍କୁ ସମ୍ବର୍ଦ୍ଧନା

ଆନନ୍ଦପୁର, ୯।୨(ସମିସ): ଘସିପୁରା ବ୍ଲକ୍ ଖାଳିଆ ମେଣ୍ଟା ବରିଷ୍ଠ ନାଗରିକ ମଞ୍ଚର ସଭାପତି ରଙ୍ଗାଧର ମହାରଣାଙ୍କୁ ଆଦର୍ଶ ଶିକ୍ଷକ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ଉପ-ଜିଲ୍ଲାପାଳ ନୀଳମାଧବ ସୁନା, ମୁଖ୍ୟବକ୍ତା ଭାବେ ଧର୍ମଶାଳା ମହାବିଦ୍ୟାଳୟର ପୂର୍ବତନ ଇଂରାଜୀ ଅଧ୍ୟାପକ ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ପୂର୍ବତନ ପୌରାଧ୍ୟକ୍ଷ ତଥା ସାଂସଦ ପ୍ରତିନିଧି ରାମୁନ୍ଦ୍ର ସାହୁ, କଳିଙ୍ଗ ପେସାଦାର ସାମ୍ବାଦିକ ସଙ୍ଘର ସଭାପତି ମନୋଜ ଦାଶ, ସମ୍ପାଦକ ରାଜକିଶୋର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ପରମେଶ୍ୱର ଦାଶ ପ୍ରମୁଖ ଯୋଗ ଦେଇଥିଲେ।

## କରଞ୍ଜିଆରେ ହିନ୍ଦୁ ସମ୍ମିଳନୀ

କରଞ୍ଜିଆ, ୯।୨(ସମିସ): କରଞ୍ଜିଆ ସହରସ୍ଥ ଶ୍ରୀଶ୍ରୀ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ହିନ୍ଦୁ ସମାଜ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚିଥିଲା। ପରେ ବାବା ସଚ୍ଚିଦାନନ୍ଦ ମହାରାଜଙ୍କ ଦ୍ୱାରା




ହିନ୍ଦୁ ଜାଗରଣ, ହିନ୍ଦୁ ସମାଜର ଏକତା, ସଂସ୍କୃତି ରକ୍ଷା କରିବା ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଉପସ୍ଥିତ ହିନ୍ଦୁ ଧର୍ମାଳମ୍ବୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜଗବନ୍ଧୁ ମହାନ୍ତ ପରିଚାଳନା କରିଥିବାବେଳେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, କୃପାସିନ୍ଧୁ ମହାନ୍ତ, ସମ୍ବିଧାନ ମହାପାତ୍ରଙ୍କ ସହ ବହୁ ସଂଖ୍ୟକ ଲୋକ ଯୋଗଦେଇଥିଲେ।

**ସ୍କୁଟି-କାର ଧକ୍କା**

## ୫ ଆହତ, ୨ଗୁରୁତର

ବାରିପଦା, ୯।୨(ସମିସ): ୧୮ ନଂ ଜାତୀୟ ରାଜପଥର ବୁଢିଖମାରୀ ନିକଟରେ ସୋମବାର ଏକ ସ୍କୁଟି ପଛରେ ଦ୍ରୁତଗାମୀ କାର ଧକ୍କା ଦେବା ଫଳରେ ଉଭୟ କାର ଓ ସ୍କୁଟି ରାସ୍ତାର ୧୫ ଫୁଟ୍ ତଳକୁ ଖସି ପଡିଥିଲା। ଏଥିରେ ସ୍କୁଟି ଆରୋହୀ ବାପା-ଝିଅଙ୍କୁ ମିଶାଇ ୫ରୁ ଅଧିକ ଆହତ ହୋଇଥିବାବେଳେ ୨ ଜଣ ଗୁରୁତର ଆହାତ ହୋଇଛନ୍ତି। ସମସ୍ତଙ୍କୁ ବାରିପଦା ଓ କେସିପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। କାର୍‌ଟି ରାଞ୍ଚିରୁ ବ୍ରହ୍ମପୁର ଯାଉଥିବାବେଳେ ସେଥିରେ ୫ ଜଣ ଯାତ୍ରୀ ଥିଲେ। ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିବାବେଳେ ସ୍କୁଟି ଓ କାର୍‌କୁ ଜବତ କରିଛି।

## ବନାଗ୍ନି ନିରାକରଣ ସଚେତନତା

ମହୁଲଡିହା, ୯।୨(ସମିସ): ଠାକୁରମୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ଚମ୍ପାଝର ସେକ୍ସନର ସୁଦର୍ଶନପୁର ଗ୍ରାମରେ ବନ ବିଭାଗ ପକ୍ଷରୁ ସଚେତନତା ଓ ପଦଯାତ୍ରା ଆୟୋଜିତ ହୋଇଯାଇଛି। ଚମ୍ପାଝର ଫରେଷ୍ଟ ସେକ୍ସରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସଚେତନତା ଓ ଶୋଭାଯାତ୍ରାରେ ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରାଙ୍କ ସମେତ ସମସ୍ତ ବନ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ସମେତ ଜୀବଜନ୍ତୁଙ୍କ ସୁରକ୍ଷା, ନିୟମିତ ଜଙ୍ଗଲ ସୁରକ୍ଷା ପାଇଁ ଆଲୋଚନା କରାଯାଇଛି। ଗ୍ରାମବାସୀଙ୍କ ଉଦ୍ୟମକ୍ରମେ ବନ ସୁରକ୍ଷା ସମିତି ଗଠନ କରାଯାଇ ୧୫ ଜଣିଆ ପରିଚାଳନା କମିଟି ଗଠନ କରାଯାଇଛି। ଲବ କିଶୋର ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବନରକ୍ଷୀ ମନୋଜ ବେହେରା କୃତଜ୍ଞତା ଜଣାଇଥିଲେ।



**ଶିମିଳିପାଳକୁ ବନାଗ୍ନି ରୋକିବାକୁ ପ୍ରସ୍ତୁତି**

# ଗାଁ ଗାଁରେ ବନ ବିଭାଗର ସଚେତନତା କାର୍ଯ୍ୟକ୍ରମ

ରାଇରଙ୍ଗପୁର, ୯।୨(ସମିସ):

ଶିମିଳିପାଳ ଅଭୟାରଣ୍ୟକୁ ବନାଗ୍ନି ଦାଉରୁ କିପରି ରକ୍ଷା କରାଯିବ, ସେନେଇ ବନ ବିଭାଗ ଅଣ୍ଟା ଭିଡିଛି। ରାଇରଙ୍ଗପୁର ବନଖଣ୍ଡ ପକ୍ଷରୁ ଗାଁ ଗାଁରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ସୁବ୍ରତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ବନ କର୍ମଚାରୀଙ୍କ ଦ୍ୱାରା ଶିମିଳିପାଳ ଅଭୟାରଣ୍ୟର ପାଦଦେଶ ଓ ଅନ୍ୟ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ଗ୍ରାମରେ ବନ ସୁରକ୍ଷା ସମିତି ପକ୍ଷରୁ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜଙ୍ଗଲ ସୁରକ୍ଷା ନେଇ ଗ୍ରାମବାସୀଙ୍କ ମଧ୍ୟରେ ବନାଗ୍ନି ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ପଥପ୍ରାନ୍ତ ନାଟକ, ନୃତ୍ୟ, ଜନଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହେଉଛି।



ପ୍ରତି ଗାଁକୁ ଯାଇ ଆମ ଶିମିଳିପାଳ ଆମ ଗୌରବକୁ କିପରି ବନାଗ୍ନିରୁ ସୁରକ୍ଷିତ ରଖିବା ସେନେଇ ପଥପ୍ରାନ୍ତ କାର୍ଯ୍ୟକ୍ରମ ଜରିଆରେ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଉଛି। ନିଆଁ ଦାଉରୁ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ପ୍ରଦାନ ନେଇ ପ୍ରସ୍ତୁତ ହୋଇଥିବା ମାଷ୍ଟର ପ୍ଲାନକୁ କାର୍ଯ୍ୟକାରୀ କରିବା ପାଇଁ ସ୍ଥାନୀୟ ଲୋକଙ୍କୁ କାର୍ଯ୍ୟକ୍ରମ ଜରିଆରେ ସଚେତନ ସୃଷ୍ଟି କରିବା ମୁଖ୍ୟ ବିଷୟ ଅଟେ। ସାଧାରଣତଃ ଶିକାର ଉଦ୍ଦେଶ୍ୟରେ କିମ୍ବା ମହୁଲ ଫୁଲ ସଂଗ୍ରହ ପାଇଁ ଲୋକେ ଅଗ୍ନି ସଂଯୋଗ ଦ୍ୱାରା ବନାଗ୍ନି ସ୍ଥିତି ଦେଖିବାକୁ ମିଳିଥାଏ। ତେବେ ଚଳିତ ବନାଗ୍ନି ସିଜିନ ଆରମ୍ଭ ପୂର୍ବରୁ ବନାଗ୍ନି ଘଟଣାକୁ ସମ୍ପୂର୍ଣ୍ଣ ଭାବେ ରୋକିବାକୁ ରାଇରଙ୍ଗପୁର ବନ ବିଭାଗ ପ୍ରୟାସ ଆରମ୍ଭ କରିଛି। ଜିଲ୍ଲା ପ୍ରଶାସନ, ସ୍ୱୟଂସହାୟକ ଗୋଷ୍ଠୀ ଓ ସ୍ଥାନୀୟ ପଞ୍ଚାୟତ ଜନପ୍ରତିନିଧିଙ୍କ ସହାୟତାରେ ବ୍ୟାପକ ସଚେତନତା ସୃଷ୍ଟି କରିବା ବନ ବିଭାଗର ଲକ୍ଷ୍ୟ ରହିଛି। ଯାହାକୁ ପ୍ରତି ରେଞ୍ଜ ଅନୁଯାୟୀ ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା କ୍ରିୟାଶୀଳ କରାଯାଉଛି। ଜଙ୍ଗଲ ଅଞ୍ଚଳର ଅଧିବାସୀ ମହୁଲ ସଂଗ୍ରହ ପାଇଁ ଶୁଖିଲା ପତ୍ର ପୋଡ଼ି ସ୍ଥାନ ପରିଷ୍କାର ପାଇଁ ଅଗ୍ନି ସଂଯୋଗ କରୁଥିବାବେଳେ ତାହା ଜଙ୍ଗଲକୁ ବ୍ୟାପିଥାଏ। ତେଣୁ ସ୍ଥାନୀୟ ଲୋକଙ୍କୁ ସଚେତନ କରିବା ସହ ନୂତନ ଜ୍ଞାନକୌଶଳ ବିନିଯୋଗ କରି ଫାୟାର ଲାଇନ ସୃଷ୍ଟି କରି କିପରି ବନାଗ୍ନି ସ୍ଥିତିରେ ରୋକ ଲଗାଯିବ, ସେନେଇ ସଚେତନ କରାଯାଇଛି।

## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ । ଆପଣଙ୍କ ପାଇଁ ସମୟ ବହୁତ ଭଲ । ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହେବ । ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ । ଧନ ପ୍ରାପ୍ତି ହେବ ।

**ବୃଷ:** ନୂତନ ବ୍ୟବସାୟରେ ନିବେଶ କରନ୍ତୁ, ସମୟ ଅନୁକୂଳ ରହିଛି । କାର୍ଯ୍ୟକ୍ଷେତ୍ରରେ ଉଚ୍ଚପଦସ୍ଥଙ୍କଠାରୁ ପ୍ରଶଂସିତ ହେବେ । ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ । ଆର୍ଥିକ ମାମଲାରେ ସାବଧାନ ରହିବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଦାନ ଧର୍ମରେ ସମୟ ଅତିବାହିତ ହେବ । ଉଧାର ଟଙ୍କା ଫେରିପାଇବେ ।

**ସିଂହ:** ଆୟ ଅନୁସାରେ ବ୍ୟୟ ହେବ । ଅକସ୍ମାତ୍ ଧନ ଲାଭ ଯୋଗ ରହିଛି । ନିର୍ଦ୍ଧାରିତ ଯୋଜନା ମୁତାବକ କାମ ହେବ ।ଜୀବନସାଥୀଙ୍କ ଠାରୁ ମୂଲ୍ୟବାନ ଉପହାର ପାଇପାରନ୍ତି ।

**କର୍କଟ:** ନୂତନ ବ୍ୟବସାୟ ପାଇଁ ବର୍ତ୍ତମାନ ଭଲ ସମୟ । ସାହିତ୍ୟ ସମାବେଶରେ ପ୍ରଶଂସିତ ହେବେ । ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା କରିବେ । ଚକ୍ଷୁଜନିତ ସମସ୍ୟା ଭୋଗିପାରନ୍ତି ।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ନିଜ ଟାର୍ଗେଟ୍‌କୁ ପୂରା କରନ୍ତୁ । ନୂତନ ଯାନବାହନ କ୍ରୟ କରିପାରନ୍ତି । ଅଯଥାରେ କାହା ସହିତ ଯୁକ୍ତିତର୍କ କରନ୍ତୁନି । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।।

**ତୁଳା:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଉତ୍ତମ ବୁଦ୍ଧିରେ କାର୍ଯ୍ୟ ପୂରା କରିବେ । ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ପଡ଼ନ୍ତୁନି । ଧୈର୍ଯ୍ୟ ରଖି ଆଗକୁ ବଢ଼ନ୍ତୁ । ରାଜନେତାଙ୍କ ପାଇଁ ଦିନଟି ଭଲ ।

**ବିଛା:** ଅଟକି ଥିବା ଦିଗରୁ ଧନ ମିଳିପାରେ । ଆୟ ଅନୁସାରେ ବ୍ୟୟ ଅଧିକ ହେବ । ପରିବାରର ଚାପ ଆପଣଙ୍କ ଉପରେ ଅଧିକ ରହିବ । ପିଲାମାନେ ଖେଳକୁଦରେ ସମୟ ବିତାଇବେ ।

**ଧନୁ:** ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କଠିନ ପରିଶ୍ରମ କରିବେ । ଆଜି ଭାଗ୍ୟ ଆପଣଙ୍କ ସାଥ୍ ଦେବ । କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ପାଇପାରନ୍ତି । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ରହିଛି ।

**ମକର:** ଆପଣଙ୍କ ପ୍ରତିଭା ପ୍ରସ୍ଫୁଟିତ ହେବ । ସରକାରୀ ଚାକିରିଆଙ୍କ ପାଇଁ ଆଜିର ଦିନଟି ବହୁତ ଭଲ । ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ । ପିଲାମାନେ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବେ ।

**କୁମ୍ଭ:** ଅଚାନକ ଆପଣଙ୍କ ମନ ଭିତରେ ପରିବର୍ତ୍ତନ ଆସିବ । ଆର୍ଥିକ ସମସ୍ୟା ରହିବନି । ଅନ୍ୟକୁ ଉଧାର ଦେଇ ଠକିପାରନ୍ତି । ଆୟ ଅନୁସାରେ ଅଧିକ ବ୍ୟୟ ହେବ । ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ ।

**ମୀନ:** ପାରିବାରିକ ମତଭେଦ ଦେଖା ଦେବ । ଅନ୍ୟକୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ । ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ ।

## ଆଜିର ଇତିହାସ

- ୧୯୨୧- ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠର ଉଦ୍‌ଘାଟନ କଲେ ।
- ୧୯୩୧- ଦିଲ୍ଲୀ ଭାରତର ରାଜଧାନୀ ହେଲା ।
- ୧୯୪୭-ନେଦରଲ୍ୟାଣ୍ଡରେ ରେଡିଓ ୟୁନିଅନର ସ୍ଥାପନା ।
- ୧୯୭୯- ଇଟାନଗର ଅରୁଣାଚଳ ପ୍ରଦେଶର ରାଜଧାନୀ ହେଲା ।
- ୧୯୯୨- ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଖୋଲି ଦିଆଗଲା ।
- ୨୦୦୯ -ପଣ୍ଡିତ ଭୀମସେନ ଯୋଶୀଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଗଲା ।

ଆସିବ 'ଭାଗମ୍ ଭାଗ୍ ୨'



# ଗୋବିନ୍ଦାଙ୍କ ସ୍ଥାନ ନେଲେ ମନୋଜ



କମେଡି- ଥ୍ରୀଲର୍ ଫିଲ୍ମ 'ଭାଗମ୍ ଭାଗ୍' ୨୦୦୬ ମସିହାରେ ଆସିଥିଲା । ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା । ଏଥିରେ ଲିଡ୍ ରୋଲରେ ଅକ୍ଷୟ କୁମାର, ଗୋବିନ୍ଦା, ରାଜପାଲ ଯାଦ, ଲାରା ଦତ୍ତା, ଅରବାଜ୍ ଖାନ୍, ଜ୍ୟାକି ସ୍ରଫ୍, ଶକ୍ତି କପୁର ପ୍ରମୁଖ ନଜର ଆସିଥିଲେ । କଳାକାରମାନଙ୍କ ଜବରଦସ୍ତ କମେଡି ଦର୍ଶକଙ୍କ ହୃଦୟ ଜିଣିଥିଲା । ଏବେ ଏହାର ସିକ୍ୱେଲ ଆସିବ ବୋଲି ଖବର ଆସିଛି । ହେଲେ 'ଭାଗମ୍ ଭାଗ୍ ୨'ରୁ ଗୋବିନ୍ଦାଙ୍କୁ ବାଦ୍ ଦିଆଯାଇଛି । ଗୋବିନ୍ଦାଙ୍କ ବଦଳରେ ଏବେ ଏଥିରେ ମନୋଜ ବାଜପେୟୀ ଦେଖାଯିବେ । ହେଲେ ଏନେଇ ଫିଲ୍ମ ନିର୍ମାତା କିଛି ସୂଚନା ଦେଇ ନାହାନ୍ତି । କେବଳ ଏହାର ସିକ୍ୱେଲରେ ମୂଳ ଫିଲ୍ମଠାରୁ ଆହୁରି ଅଧିକ କମେଡି ରହିବ ବୋଲି କହିଛନ୍ତି । ସେହିଭଳି 'ଭାଗମ୍ ଭାଗ୍ ୨'ରେ ଅକ୍ଷୟଙ୍କ ସହ ମୀନାକ୍ଷୀ ଚୌଧୁରୀ ନଜର ଆସିବେ । ଏବେ ମନୋଜଙ୍କ ପାଇଁ ନାୟିକା ଖୋଜା ଚାଲିଛି । ଫିଲ୍ମର ସୁଟିଂ ଆସନ୍ତା ମାସରୁ ମୁମ୍ବାଇରେ ଆରମ୍ଭ ହେବ ।

ଏଠାରେ ପ୍ରକାଶ ଥାଉ କି, ୨୦୦୬ ମସିହାରେ 'ଭାଗମ୍‌ଭାଗ୍'ର ନିର୍ଦ୍ଦେଶନା ପ୍ରିୟଦର୍ଶନ ଦେଇଥିଲେ । ୩୨ କୋଟିରେ ନିର୍ମିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ୬୭ କୋଟି ଆୟ କରିଥିଲା । 'ଭାଗମ୍ ଭାଗ୍ ୨'ର ନିର୍ଦ୍ଦେଶନା ଦାୟିତ୍ୱରେ ରାଜ୍ ସାଣ୍ଡିଲ୍ୟ ଅଛନ୍ତି । ପ୍ରିୟଦର୍ଶନ୍ ଏବେ ଅକ୍ଷୟଙ୍କ ସହିତ 'ଭୂତ୍ ବଙ୍ଗଲା'ର ସୁଟିଂରେ ବ୍ୟସ୍ତ ଥିବାରୁ ରାଜ୍ ଏହାର ନିର୍ଦ୍ଦେଶନା ଦାୟିତ୍ୱ ହାତକୁ ନେଇଛନ୍ତି ।

# ତିନିଥର ମରଣ ମୁହଁରୁ ଫେରିଥିଲେ ମହିଳା!

ମୃତ୍ୟୁ ପରର ଦୁନିଆ କିଭଳି ହୋଇଥାଏ, ଏଭଳି ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କି ମାରେ । ତେବେ ଆମେରିକାର ମ୍ୟାରିଲ୍ୟାଣ୍ଡର ନୋର୍ମା ଏଡୱାର୍ଡସ ତିନି ତିନି ଥର ମୃତ୍ୟୁକୋଳରୁ ଫେରି ଆସିଥିବା ଘଟଣା ଏବେ ସଭିଙ୍କୁ ଚକିତ କରିଛି । ୮୦ ବର୍ଷୀୟା ନୋର୍ମା ତାଙ୍କ ସହ ଚମତ୍କାର ଘଟିଥିବା କହିଛନ୍ତି । ନୋର୍ମାଙ୍କ କହିବା କଥା, ୨୦ ବର୍ଷ ବୟସରେ ପ୍ରଥମ ଥର ପାଇଁ ମୃତ୍ୟୁ ସହିତ ତାଙ୍କର ସାମ୍ନା ହୋଇଥିଲା । ଏହା ପରେ ସେ ଦୁଇ ଥର ମରି ପୁଣି ଜୀବିତ ହୋଇଥିବା ଦାବି କରିଛନ୍ତି । ୨୦ ବର୍ଷ ବୟସରେ ସେ ପ୍ରଥମେ ମୃତ୍ୟୁକୁ ସାମ୍ନା କରିଥିଲେ । ଚିକିତ୍ସା ଚାଲିଥିବା ସମୟରେ ହଠାତ୍ ତାଙ୍କର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଇଥିଲା । ସେତେବେଳେ ସେ ନିଜକୁ ଅପରେସନ୍ ଟେବୁଲ ତଳେ ପାଇଥିଲେ । ସେ ଏକ ଅନ୍ଧାରୁଆ ସୁଡ଼ଙ୍ଗ ଭିତରେ ଦୌଡ଼ୁଥିବାର ଅନୁଭବ କଲେ । ସୁଡ଼ଙ୍ଗ ଶେଷରେ ସେ ଏକ ଅଲୌକିକ ଆଲୋକ ସହ ମୁହାଁମୁହିଁ ହେଲେ । ସେଠାରେ ତାଙ୍କୁ ଏକ ବଡ଼ ସ୍କ୍ରିନ ନଜର ଆସିଲା ଏବଂ ତାଙ୍କର ପୂରା ଜୀବନ କୌଣସି ଫିଲ୍ମ ଭଳି ଚାଲୁଥିବା ଦେଖିଲେ । ତା'ପରେ ସେ ସେଠାରେ ତାଙ୍କ ଦିବଂଗତ ମାଉସୀଙ୍କୁ ପାଇଥିଲେ । ହେଲେ ଏବେ ତାଙ୍କ ସମୟ ଆସି ନ ଥିବା କହି ମାଉସୀ ତାଙ୍କୁ ଛୁଇଁବାକୁ ମନା କରି ଦେଲେ । ଏହାସହ ତାଙ୍କ ଜୀବନର ଲକ୍ଷ୍ୟ ଏବେ ଅଧୁରା ଅଛି ବୋଲି କହିଥିଲେ । ନୋର୍ମାଙ୍କର ଯେତେବେଳେ ଚେତା ଆସିଲା, ତାଙ୍କ ଶରୀର ଖୁବ୍ ଛୋଟ ଏବଂ ଆତ୍ମା ବିଶାଳକାୟ ବୋଲି ସେ ଅନୁଭବ କରିଥିଲେ । କେବଳ ସେତିକି ନୁହେଁ, ନୋର୍ମା ଏକଥା ବି ଦାବି କରିଛନ୍ତି ଯେ, 'ପରଲୋକ'ରୁ ଫେରିବା ପରେ ସେ ଆଉ ସାଧାରଣ ମଣିଷ ହୋଇ ରହି ନାହାନ୍ତି । ତାଙ୍କ ଇନ୍ଦ୍ରିୟଗୁଡ଼ିକ ଏତେ ଶକ୍ତିଶାଳୀ ହୋଇଯାଇଛି ଯେ, ଯେକୌଣସି ଲୋକଙ୍କ ଶରୀର ଭିତରୁ ରୋଗକୁ ଦେଖିପାରୁଛନ୍ତି । ଏପରିକି ତାଙ୍କ ଶରୀରରେ ଏତେ ଶକ୍ତି ଆସିଯାଇଛି ଯେ, ପାଖକୁ ଆସିବା ମାତ୍ରେ ବିଜୁଳି ବଲବ୍ ବି ଫାଟି ଯାଏ ।

ସେହିପରି ୨୦୨୪ ମସିହାରେ ତାଙ୍କୁ ଦୁଇଥର ହୃଦ୍‌ଘାତ ହୋଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏଥର ମଧ୍ୟ ସେ ମୃତ୍ୟୁପରର ଦୁନିଆ ଦେଖିଥିବା କୁହନ୍ତି । ସେ ଏହିସମୟରେ ଜଣେ ମହିଳା ଦେବଦୂତଙ୍କୁ ଭେଟିଥିଲେ ଯିଏ କି ତାଙ୍କୁ ଜୀବନର ମହତ୍ତ୍ୱ ସମ୍ପର୍କରେ ବୁଝାଇ ସେଠାରୁ ଫେରାଇ ଦେଇଥିବା ନୋର୍ମା କୁହନ୍ତି । ଏବେ ସାମାଜିକ ଗଣମାଧ୍ୟମରେ ନୋର୍ମାଙ୍କ କାହାଣୀ ବେଶ୍ ଭାଇରାଲ ହେଉଛି ।



# କର୍କଟ ରୋଗୀଙ୍କ ଭାବପୂର୍ଣ୍ଣ ବାର୍ତ୍ତା



କର୍କଟ ଏମିତି ଏକ ରୋଗ, ଯାହା ନାଁ ଶୁଣିଲେ ମନରେ ଛନକା ପଶିଯାଏ । ଜୀବନ ବୋଝ ଭଳି ଲାଗେ । ଏହା କେବଳ ଶରୀରକୁ ନୁହେଁ, ବରଂ ମଣିଷର ସ୍ୱପ୍ନ, ସମ୍ପର୍କ ଏବଂ ଆଶାକୁ ବି ଜୀଇଁ ଥାଉ ଥାଉ ମାରି ଦିଏ । ଅନେକ କର୍କଟ ପୀଡ଼ିତ ନିଜ ଦୃଢ଼ ମନୋବଳ ଓ ଚିକିତ୍ସା ବଳରେ ଏହି ରୋଗକୁ ପରାସ୍ତ କରିଥିବା ବେଳେ ଆଉ କିଛି ଜଣ ଜୀବନ ସହ ସଂଘର୍ଷ କରି ଶେଷରେ ଜୀବନ ଯୁଦ୍ଧରେ ହାରି ଯାଆନ୍ତି । ଏହି କ୍ରମରେ ଏବେ ଜଣେ କର୍କଟ ରୋଗୀଙ୍କ କାହାଣୀ ଲୋକଙ୍କୁ ମର୍ମାହତ କରିଛି । ତେବେ କର୍କଟ ସହ ସଂଘର୍ଷ କରୁଥିବା ଜସ୍ ନାମକ ଜଣେ ବ୍ୟକ୍ତି ଦୁନିଆରୁ ବିଦାୟ ନେବା ପୂର୍ବରୁ ସେ ତାଙ୍କର ଶେଷ ବାର୍ତ୍ତା ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି । କ୍ୟାନ୍ସର ଯୁଦ୍ଧରେ ହାରି ଯାଇଥିବା ଜସ୍ ନିଜର ଶେଷ ବାର୍ତ୍ତାରେ ଅତି ବିନମ୍ର ଭାବେ ଦୁନିଆକୁ ଅଲବିଦା କହିଛନ୍ତି । ଜସ୍ ତାଙ୍କର ଶେଷ ବାର୍ତ୍ତା 'ହାଏ'ରୁ ଆରମ୍ଭ କରିଛନ୍ତି । ସେ ଲେଖିଛନ୍ତି, 'ଯଦି କେହି ଏହି ବାର୍ତ୍ତା ପଢୁଥାନ୍ତି, ଏହାର ଅର୍ଥ ହେଉଛି, ନିକଟରେ କର୍କଟ ଯୋଗୁଁ ମୋର ମୃତ୍ୟୁ ହୋଇଛି । ଜସ୍‌ଙ୍କୁ ଦୀର୍ଘ ବର୍ଷ ଧରି ମିଳି ଆସୁଥିବା ସମର୍ଥନ ଓ କୃତଜ୍ଞତା ଲାଗି ବି ସେ କୃତଜ୍ଞତା ଜ୍ଞାପନ ମଧ୍ୟ କରିଛନ୍ତି । ନିଜ ଦୋକାନକୁ ଏବେ ଏଭଳି ଏକ ସ୍ଥାନରେ ଦେଖି ସେ ଖୁସି ଅନୁଭବ କରୁଥିବା ବି କହିଛନ୍ତି । ତେବେ ସେ ଗତ ବର୍ଷକ ମଧ୍ୟରେ କୌଣସି ଚିତ୍ର ଆଙ୍କି ପାରି ନ ଥିବା କହିଛନ୍ତି । ଯାହାକୁ ନେଇ ସେ ଦୁଃଖ ପ୍ରକାଶ କରିଥିବା କହିଛନ୍ତି । ଏହାସହ ଜସ୍ ଏକଥା କହିଛନ୍ତି, ଏବେ ସେ ଏମିତି ଏକ ସ୍ଥାନକୁ ଯାଉଛନ୍ତି, ଯେଉଁଠି ସେ ପ୍ରତ୍ୟେକ ଦିନ ଚିତ୍ର ଆଙ୍କି ପାରିବେ । ଶେଷରେ ସେ 'ଧନ୍ୟବାଦ, ମୁଁ ଜସ୍ ଥିଲି' ବୋଲି ଲେଖିଛନ୍ତି । ଅନ୍ୟପଟେ ଜସ୍‌ଙ୍କର ଏହି ପୋଷ୍ଟକୁ ଦ ଲିଭର ଡକ୍ଟର ନାମକ ଏକ ଆକାଉଣ୍ଟରୁ ସେୟାର୍ କରାଯାଇଛି । ଏହି ଡାକ୍ତର ଜଣକ କହିଛନ୍ତି, 'ଡାକ୍ତର ଭାବେ ରୋଗୀଙ୍କ ପରିବାର ସହିତ ସେମାନଙ୍କର ମୃତ୍ୟୁ ବିଷୟରେ କଥା ହେବା ତାଙ୍କ ନିତିଦିନ ଜୀବନର ଅଂଶ । ତେବେ ମୃତ୍ୟୁ କୋଳକୁ ଯାଉଥିବା ଲୋକଟି କୌଣସି ଏକ ଭଲ ସ୍ଥାନକୁ ଯାଉଛି ଆମେ ନିଜକୁ ସାନ୍ତ୍ୱନା ଦେଇଥାନ୍ତି । ଯଦିଓ ଏହା ଆଶ୍ୱସ୍ତି ପ୍ରଦାନ କରେ, ତଥାପି ବାସ୍ତବ ସତ ହେଉଛି ମୃତ୍ୟୁ ପରେ ମଣିଷର ଅସ୍ତିତ୍ୱ ଶେଷ ହୋଇଯାଏ । ଜନ୍ମ ପୂର୍ବରୁ ଏବଂ ମରିବା ପରର ସ୍ଥିତି ପାଖାପାଖି ସମାନ ଥାଏ । ଫରକ କେବଳ ଏତିକି ଯେ, ମୃତ୍ୟୁ ପରେ ସ୍ମୃତି ସବୁଦିନ ପାଇଁ ରହିଯାଏ । ଯାହାକି ଦୀର୍ଘଦିନ ଧରି ଆପଣାର ଲୋକଙ୍କ ମଧ୍ୟରେ ଜୀବିତ ରହିଥାଏ । ଜସ୍ ତଥା ଏହି ଡାକ୍ତରଙ୍କ ପୋଷ୍ଟରେ ଲୋକେ ଭାବପ୍ରବଣ ହୋଇଛନ୍ତି । ତା'ସହ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।

# ଛେଳିଙ୍କ ଚର୍ମରୋଗ ଓ ନିରାକରଣ



**ଗୃହପାଳିତ ପ୍ରାଣୀଙ୍କଠାରେ ନାନା ଚର୍ମ ସମସ୍ୟା ଦେଖା ଦେଇଥାଏ । ତେବେ ଫେବୃୟାରୀ ମାସରେ ଛେଳି ଦେହରେ ଟିଙ୍କ, ଉକୁଣି, ପରଜୀବୀ ଆଦି ଚର୍ମରୋଗ ଦେଖାଯାଏ । ଏହା ମୁଖ୍ୟତଃ କବକ ଜନିତ ରୋଗ ହୋଇଥିବାରୁ ସଠିକ୍ ସମୟରେ ଚିକିତ୍ସା କରିବା ଜରୁରି ।**

ସଫା ଓ ଶୁଖିଲା ଗୁହାଳରେ ଛେଳିଙ୍କୁ ନ ରଖିଲେ ଚର୍ମରୋଗ ସମସ୍ୟା ବଢ଼ିଯାଏ । ଶରୀର କୁଣ୍ଡାଇ ହେବା ଯୋଗୁଁ ଛେଳି ଖାଇବାରେ ଆଗ୍ରହ ପ୍ରକାଶ କରନ୍ତିନି । ଲୋମ ଉପୁଡ଼ି ଯାଏ । ଶରୀର ଦୁର୍ବଳ ହୋଇଯାଏ । ସେଥିପାଇଁ ଛେଳି ରହୁଥିବା ସ୍ଥାନକୁ ତୁରନ୍ତ ସଫା ରଖିବାର ବନ୍ଦୋବସ୍ତ କରନ୍ତୁ । ଛେଳିଙ୍କ ଯତ୍ନ ନେଉଥିବା ବ୍ୟକ୍ତି ଗ୍ଲୋଭ୍‌ସ ପିନ୍ଧି କାମ କରିବା ଜରୁରି । ଛେଳିଙ୍କ ଚର୍ମରାଗ ଦୂର ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପରମେଥରୀନ, ମାଲାଥିଅନ, ଡାଇକ୍ଲୋରୋଭସ୍ ବା ପାରାଥିୟନ୍ ବ୍ୟବହାର କରିପାରିବ । ନିମ୍ବତେଲ ସହ ଗନ୍ଧ କର୍ପୂର ବ୍ୟବହାର କରାଯାଇପାରିବ ।

# ସାଇଜ୍ ଗ୍ରେଡର ମେସିନ୍

ଚାଷ କାର୍ଯ୍ୟକୁ ସହଜ କରିବା ପାଇଁ ବଜାରରେ ବିଭିନ୍ନ କୃଷି ଯନ୍ତ୍ରପାତି ଉପଲବ୍ଧ ରହିଛି । ଏହି ମେସିନ୍‌ଗୁଡିକ ମୁଖ୍ୟତଃ କମ୍ ସମୟ ମଧ୍ୟରେ ଅନେକ କାମ ସହଜରେ କରି ପାରିଥାଏ । ଏହି କ୍ରମରେ ଫସଲ ଅମଳ ପରେ ପରିବା ଓ ଫଳ ମଧ୍ୟରୁ ଭଲ ଫଳକୁ ଅଲଗା କରିବା ପାଇଁ ଏକ ଉନ୍ନତ ମେସିନ୍ ଉପଲବ୍ଧ ରହିଛି । ଏହାର ନାଁ ସାଇଜ୍ ଗ୍ରେଡର ମେସିନ୍ । ଏହି ଯନ୍ତ୍ର ସାହାଯ୍ୟରେ ସ୍ୱଳ୍ପ ସମୟରେ ଭଲ ବା ଏ'ଗ୍ରେଡର ଫଳକୁ ଅଲଗା କରାଯାଏ । ଛୋଟ, ମଧ୍ୟମ ଏବଂ ବଡ଼ ଆକାରର ଫଳ ଓ ପରିବାକୁ ଅଲଗା କରିବା ଦ୍ୱାରା ଚାଷୀଙ୍କୁ ବଜାରରେ ଭଲ ଦରଦାମ ମିଳିଥାଏ । ଫସଲ ନଷ୍ଟ ହୋଇ ନ ଥାଏ । ସାଧାରଣତଃ ଏହି ମେସିନ୍ ଟମାଟୋ, ଆଳୁ, ପିଆଜ, ରସୁଣ, କମଳା, ପିଜୁଳି,ଲେମ୍ବୁ ପରି ଗୋଲାକାର ପରିବା ପାଇଁ ବିଷେଶ ଫଳପ୍ରଦ ହୋଇଥାଏ ।



# ଏ ମାସର ଚାଷ

**ପନିପରିବା ଚାଷ ପାଇଁ ଫେବୃୟାରୀ ମାସଟି ସବୁଠୁ ଭଲ । ଏହି ସମୟରେ କଲରା, ଲାଉ, ଭେଣ୍ଡି, ବାଇଗଣ ଆଦି ଚାଷ କରାଯାଏ । ମାଟିର ପରୀକ୍ଷା କରି ଆବଶ୍ୟକତା ଅନୁସାରେ ଜଳସିଞ୍ଚନ ଓ ଯବକ୍ଷାରଜାନ, ଫସ୍‌ଫରସ, ପୋଟାସ ଆଦି ପୋଷକତତ୍ତ୍ୱ ପ୍ରୟୋଗ କରିପାରିବେ ।**

- ଡାଲୁଆ ଧାନ ରୋଇବାର ୧୫ରୁ ୨୦ ଦିନ ମଧ୍ୟରେ ପିଲସାର ପ୍ରୟୋଗ କରନ୍ତୁ ।
- ମକା ଫସଲରେ ବତରକୁ ଦେଖି ଜଳସେଚନ କରନ୍ତୁ ।
- ମାଣ୍ଡିଆ ତଳି ୩ ସପ୍ତାହର ହୋଇଥିଲେ ଧାଡ଼ିକୁ ଧାଡ଼ି ୨୦ ସେମି ଓ ଗଛକୁ ଗଛ ୧୦ ସେମି ବ୍ୟବଧାନରେ ରୁଅନ୍ତୁ ।
- କଖାରୁଜାତୀୟ ପନିପରିବା ଲଗାଯାଇ ପାରିବ ।
- ରବି ଡାଲିଜାତୀୟ ଫସଲରେ ୯୦% ଭାଗ ଛୁଇଁ ପାକଳ ହୋଇଗଲେ ଅମଳ କରନ୍ତୁ ।
- ଖରାଟିଆ ଚିନାବାଦାମ ଫସଲକୁ ୩୦ ଦିନରେ ହୋଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ ।



ସୁବର୍ଣ୍ଣ



# ଟମାଟୋ ଫସଲରେ ଘାସ ନିୟନ୍ତ୍ରଣ



ଅଧିକାଂଶ ଚାଷୀ ଟମାଟୋ ଚାଷ କରି ଜୀବିକା ନିର୍ବାହ କରନ୍ତି । ଫେବୃୟାରୀ ମାସରେ ଟମାଟୋ ଫସଲରେ ଅନାବନା ଘାସ ବୃଦ୍ଧି ପାଏ । ଏଥିପାଇଁ ଟମାଟୋ ଗଛର ଚାରିପାଖେ ନଡ଼ା, ଶୁଖିଲା ଘାସ କିମ୍ବା କଳା ପଲିଥିନ୍ ପରସ୍ତ ଦେଇ ମଲ୍‌ଚିଂ କରିପାରିବେ । ଏହାଦ୍ୱାରା ମାଟିର ଆର୍ଦ୍ରତା ବଜାୟ ରହିବା ସହ ଘାସ ବଢ଼ାଇବାକୁ ଦିଏ ନାହିଁ । ସେହିପରି ମାଟି ଶୁଖିଲା ଥିଲେ ହାତରେ ଘାସ ଉପାଡ଼ି ପାରିବେ । ଉପଯୁକ୍ତ ସମୟରେ ରାସାୟନିକ କୀଟନାଶକ ଔଷଧ ପ୍ରୟୋଗ କରି ଘାସ ନିୟନ୍ତ୍ରଣ କରିପାରିବେ । ଏକର ପ୍ରତି ୮୦୦ ଗ୍ରାମ ଆଟ୍ରାଜିନ୍ କିମ୍ବା ୪୦୦-୫୦୦ ଗ୍ରାମ୍ ମେଟ୍ରିବୁଜିନ୍ ନାମକ ଘାସମରା ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ । ଜୈବିକ ପ୍ରଣାଳୀରେ ମଧ୍ୟ ଘାସ ନିୟନ୍ତ୍ରଣ କରିପାରିବେ । ଚାରା ରୋପଣ ସମୟରେ ଗଛ ଗଛ ମଧ୍ୟରେ ସଠିକ ଦୂରତ୍ୱ ରଖିଲେ କୋଡ଼ାଖୋସା ଓ ଘାସ ନିୟନ୍ତ୍ରଣ ସହଜ ହୁଏ । ଫସଲରେ ବୁନ୍ଦାଜଳସେଚନ କରିବା ଦ୍ୱାରା ଅନାବନା ଘାସ ନିୟନ୍ତ୍ରଣ ହୋଇଥାଏ ।

## କୃଷି ବ୍ୟବସାୟ

# ଫିସ୍ ଚକୋଲେଟ୍



ମତ୍ସ୍ୟଚାଷରେ ଅଧିକ ଲାଭ ଉଦ୍ଦେଶ୍ୟରେ ଆସାମ, ନଙ୍ଗାଓ ଜିଲ୍ଲାର ଗାର୍ଗି ଗିତମ ବୋରାହ ଫିସ୍ ଚକୋଲେଟ ତିଆରି କରିଛନ୍ତି । ମାଛ ଖାଇବାକୁ ପସନ୍ଦ କରୁନଥିବା ତଥା ମାଛ କଣ୍ଟା ପାଇଁ ଭୟ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହା ବିଶେଷ ଫଳପ୍ରଦ ହେବ । ଏଥିପାଇଁ ପ୍ରଥମେ ଛୋଟ ମାଛକୁ ସଫା କରି, ଶୁଖାଇ କିମ୍ବା ଭାଜି ଏକ ଚିକ୍କଣ ପେଷ୍ଟ କରାଯାଏ । ଏହି ମିଶ୍ରଣକୁ ଉଚ୍ଚ ଗୁଣବତ୍ତାଯୁକ୍ତ ତରଳ ଚକୋଲେଟ୍ ସହିତ ମିଶାଯାଏ । ଆକର୍ଷକ ଛାଞ୍ଚରେ ଢ଼ାଳି କଠିନ କରାଯାଇ ରଙ୍ଗୀନ କାଗଜରେ ଗୁଡ଼ାଯାଏ । ଏଥିରୁ ଚକୋଲେଟ୍ ଏବଂ ମିଠା ସ୍ୱାଦ ସାଙ୍ଗକୁ ମାଛ ପ୍ରୋଟିନ ମିଳିଥାଏ । ଏହା ପୋଷକତତ୍ତ୍ୱରେ ଭରପୁର । କୁ-ପୋଷଣ ପରି ସମସ୍ୟାକୁ ଦୂର କରିବାରେ ଏହା ପ୍ରଭାବୀ ହେବ । ଚାଷୀଙ୍କ ରୋଜଗାରର ନୂତନ ମାଧ୍ୟମ ପାଲଟିବ । ତେବେ ଏହାର ବୈଜ୍ଞାନିକ ପରୀକ୍ଷଣ ଏବଂ ପୋଷକତତ୍ତ୍ୱ ସଠିକ ବିଶ୍ଳେଷଣ କରିବା ଜରୁରି ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଯେଉଁ ଜମିରେ ଜିଙ୍କର ଅଭାବ ଦେଖା ଦେଉଛି, ଜିଙ୍କ ସଲ୍‌ଫେଟ୍ (୨୧%) କୁ ୧୦ କିଗ୍ରା/ ଏକର ହିସାବରେ ମୃତ୍ତିକାରେ ପ୍ରୟୋଗ କରନ୍ତୁ ।
- ପନିପରିବା ଫସଲରେ ଅଙ୍ଗୀୟ ବୃଦ୍ଧି ଅବସ୍ଥା ସମୟରେ ଧଳାମାଛି, ଜଉପୋକ ଓ ପତ୍ର ଡିଆଁ ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ଓ ଉକୁଣିଆ ପୋକ ପାଇଁ ନୀଳ ରଙ୍ଗର ଯନ୍ତା ବ୍ୟବହାର କରନ୍ତୁ ।
- ମାଟିର ଆର୍ଦ୍ରତାକୁ ଧ୍ୟାନରେ ରଖି ରବି ଫସଲକୁ ୭ ରୁ ୮ ଦିନ ବ୍ୟବଧାନରେ ୧୦ରୁ ୧୫ଟି ଜଳସେଚନ କରନ୍ତୁ ।
- ଆଳୁ ଫସଲରେ ପତ୍ର କଟାପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ୍ ଏବଂ ସାଇପରମେଥ୍ରିନ୍‌ର ମିଳିତ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- କୁକୁଡ଼ା ଚିଆଁଙ୍କୁ ଘୁମା ରୋଗ ନ ହେବା ପାଇଁ ୭ ଦିନିଆ ଚିଆଁକୁ ଲାସୋଟା ଟିକା ଓ ୧୩ରୁ ୧୫ ଦିନିଆ ଚିଆଁକୁ ଆଇବିଡ଼ି ଟିକାକରଣ କରନ୍ତୁ ।

# ସ୍କଟ୍‌ଲାଣ୍ଡର ବୃହତ୍ ବିଜୟ

କୋଲକାତା, ୯।୨(ଏଜେନ୍ସି): ଭାଗ୍ୟ ବଳରେ ଟି-୨୦ ବିଶ୍ୱକପ-୨୦୨୬ ଖେଳିବାକୁ ସୁଯୋଗ ପାଇଥିବା ସ୍କଟଲାଣ୍ଡ ଦ୍ୱିତୀୟ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ନବାଗତ ଇଟାଲୀକୁ ୭୩ ରନ୍‌ରେ ହରାଇ ବୃହତ ବିଜୟ ହାସଲ କରିଛି। ବିଜୟୀ ଦଳର ଅଲରାଉଣ୍ଡର ମାଇକେଲ ଲିସ୍କ ମାତ୍ର ୫ଟି ବଲ୍ ଖେଳି ୨୨ରନ୍ କରିବା ସହ ୪ ଓଭରରେ ୧୭ ରନ୍ ଦେଇ ୪ଟି ୱିକେଟ ଅକ୍ତିଆର କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସ୍କଟ୍‌ଲାଣ୍ଡ ୪ ୱିକେଟରେ ୨୦୭ ରନ୍ କରିଥିଲା। ଦଳପକ୍ଷରୁ ଜର୍ଜ ମୁନ୍‌ସୀ ସର୍ବାଧିକ ୮୪, ବ୍ରାଣ୍ଡନ ମ୍ୟାକ୍‌ମୁଲେନ ଅପରାଜିତ ୪୧, ମାଇକେଲ ଜୋନ୍ସ ୩୭ରନ୍‌ର ଯୋଗଦାନ ଦେଇଥିଲେ। ଜବାବରେ ପ୍ରଥମଥର ବିଶ୍ୱକପ୍ ଖେଳୁଥିବା ଇଟାଲୀ ୧୬.୪ ଓଭରରେ ୧୩୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଲିସ୍କଙ୍କ ସଫଳ ବୋଲିଂ ବ୍ୟତୀତ ମାର୍କ ୱାଟ ୨ଟି ୱିକେଟ ପାଇଥିଲେ।

### ଇଟାଲୀ ଅଧିନାୟକ ଆହତ

ଏହି ମ୍ୟାଚ୍‌ରେ ଇଟାଲୀକୁ ଶକ୍ତ ଧକ୍କା ଲାଗିଛି। ଇଟାଲୀ ଦଳ ଫିଲ୍ଡିଂ କରୁଥିବାବେଳେ ଅଧିନାୟକ ୱାଏମ ମ୍ୟାଡ୍‌ସେନ ବଲ୍ ଅଟକାଇବାକୁ ବାମପଟକୁ ଡାଇଭିଂ କରୁଥିଲାବେଳେ ତଳେ ଅସ୍ୱାଭାବିକ ପଡ଼ିଯାଇଥିଲେ। ପଡ଼ିଯିବା ପରେ ସେ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ପ୍ରାଥମିକ ପର୍ଯ୍ୟାୟ ଚିକିତ୍ସାରେ ତାଙ୍କ କାନ୍ଧର ଖଞ୍ଜା ଅଲଗା ହୋଇଯାଇଥିବା ଜଣାପଡ଼ିଥିଲା। ସ୍କାନ ପରେ ପ୍ରକୃତରେ କି ପ୍ରକାର ଆଘାତ ଲାଗିଛି ତାହା ଜଣାପଡ଼ିବ। ଏହି ମ୍ୟାଚ୍‌ରେ ଆଘାତ ପାଇବା ପରେ ସେ ଆଉ ପଡ଼ିଆକୁ ଆସି ନ ଥିଲେ କିମ୍ବା ବ୍ୟାଟିଂ କରି ନ ଥିଲେ।

# ସହଜରେ ଜିତିଲା ଜିମ୍ବାୱେ



କଲମ୍ବୋ, ୯।୨(ଏଜେନ୍ସି): ପ୍ଲେୟର ଅଫ୍ ଦି ମ୍ୟାଚ୍ ବ୍ଲେସିଂ ମୁଜରବାନି, ରିଚାର୍ଡ ଏନ୍‌ଗାରଭା ଓ ବ୍ରାଡ ଇଭାନ୍ସଙ୍କ ଘାତକ ବୋଲିଂ ବଳରେ ଏଠାରେ ଖେଳାଯାଇଥିବା ଗ୍ରୁପ୍-ବି'ର ଏକ ଲିଗ୍ ମ୍ୟାଚ୍‌ରେ ଜିମ୍ବାୱେ ୮ ୱିକେଟରେ ଓମାନକୁ ପରାସ୍ତ କରିଛି। ଏହା ଫଳରେ ଜିମ୍ବାୱେ ଦଳ ପୁଣିଥରେ ମେନ୍‌ଷ୍ଟ୍ରିମ୍ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛି। ଏହି ମ୍ୟାଚ୍‌ରେ ମୁଜରବାନି, ଏନ୍‌ଗାରଭା ଓ ଇଭାନ୍ସ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଓମାନ ୧୯.୫ ଓଭରରେ ମାତ୍ର ୧୦୩ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୱିକେଟରକ୍ଷକ ବିନାୟକ ଶୁକ୍ଳା ସର୍ବାଧିକ ୨୮, ସୁଫିୟାନ ମେହମୁଦ୍ ୨୫ ଓ ନଦୀମ ଖାନ୍ ୨୦ ରନ୍ କରି ଦୁଇଅଙ୍କରେ ପହଞ୍ଚିଥିଲେ। ଅଧିନାୟକ ଜତିନ୍ଦର ସିଂହ (୫) ଅନ୍ୟ ୭ଜଣଙ୍କ ସହ ଡବଲ ଫିଗର ସ୍ପର୍ଶ କରିପାରି ନ ଥିଲେ। ଜବାବରେ ଜିମ୍ବାୱେ ୧୩.୩ ଓଭରରେ ୨ ୱିକେଟ ହରାଇ ସହଜରେ ବିଜୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଯୁବ ଓପନର ବ୍ରିଆନ ବେନ୍ନେଟ ଅପରାଜିତ ରହିବା ସହ ସର୍ବାଧିକ ୪୮, ବରିଷ୍ଠ ଖେଳାଳି ବ୍ରେଣ୍ଡାନ ଟେଲର ୩୧ (ରିଟାୟର୍ଡ ହର୍ଟ) ହୋଇଥିଲେ। ପରାଜିତ ଦଳର ସୁଫିୟାନ ମେହମୁଦ୍ ୨ଟି ୱିକେଟ ଅକ୍ତିଆର କରିଥିଲେ।

# ୨୯୯ ରନରେ ଆଉଟ୍: ସୁଦୀପ ବିଶ୍ୱର ୩ୟ ଖେଳାଳି

କୋଲକାତା, ୯।୨ (ଏଜେନ୍ସି): ଆନ୍ଧ୍ର ପ୍ରଦେଶ ବିପକ୍ଷ ଚଳିତ ରଣଜୀ ଟ୍ରଫିର ୩ୟ କ୍ୱାର୍ଟର ଫାଇନାଲରେ ବେଙ୍ଗଲ ବିଜୟ ଦ୍ୱାରରେ ପହଞ୍ଚିଛି। ଏହି ମ୍ୟାଚରେ ଆନ୍ଧ୍ରର ୨୯୫ ରନ ଜବାବରେ ଘରୋଇ ବେଙ୍ଗଲ ପ୍ରଥମ ଇନିଂସରେ ୬୨୯ ରନର ବିଶାଳ ସ୍କୋର କରିଛି। ବେଙ୍ଗଲ ପକ୍ଷରୁ ଯୁବ ଡାହାଣହାତୀ ବ୍ୟାଟର୍ ସୁଦୀପ ଘରାମୀ ୨୯୯ ରନର ମାରାଥନ ଦ୍ୱିଶତକୀୟ ଇନିଂସ ଖେଳିଥିଲେ। ଏହି ଇନିଂସରେ ସେ ୩୧ଟି ଚୌକା ଓ ୬ଟି ଛକା ମାରି ଅଳ୍ପକେ ତ୍ରିଶତକରୁ ବଞ୍ଚିତ ହୋଇଥିଲେ। ୯୩୦ ମିନିଟ୍ (୧୫ ଘଣ୍ଟା ୩୦ ମିନିଟ) କାଳ କ୍ରିଜରେ ରହିଥିବା ସୁଦୀପ୍ ୫୯୬ଟି ବଲ୍ ଖେଳିଥିଲେ। ପ୍ରଥମଶ୍ରେଣୀ କ୍ରିକେଟ୍ ଇତିହାସରେ ବିଶ୍ୱର ୩ୟ ଓ ଭାରତର ପ୍ରଥମ ବ୍ୟାଟର୍ ଭାବେ ସେ ୨୯୯ ରନରେ ଆଉଟ୍ ହେବାର ରେକର୍ଡ କରିଛନ୍ତି। ସୁଦୀପଙ୍କ ପୂର୍ବରୁ ନ୍ୟୁଜିଲାଣ୍ଡର ମାର୍ଟିନ କ୍ରୋ ଓ ୱେଲ୍ସର ମାଇକ ପାୱେଲ ଦୁର୍ଭାଗ୍ୟଜନକ ଭାବେ ୨୯୯ ରନରେ ଆଉଟ୍ ହୋଇଥିଲେ। ସେହିଭଳି ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ଡନ୍ ବ୍ରାଡ୍‌ମ୍ୟାନ ଓ ମହାରାଷ୍ଟ୍ରର ଶଶନ୍ତନୁ ସଗୱିକର ୨୯୯ ରନରେ ଅପରାଜିତ ରହି ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ତ୍ରିଶତକରୁ ବଞ୍ଚିତ ହୋଇଥିଲେ।

## ମାର୍କ୍ରମ୍‌ଙ୍କ ଅର୍ଦ୍ଧଶତକ, ପଟେଲଙ୍କୁ ୩ ୱିକେଟ

# କାନାଡ଼ା ବିପକ୍ଷରେ ଦ. ଆଫ୍ରିକାର ଦମ୍‌ଦାର ବ୍ୟାଟିଂ



ଅହମ୍ମଦାବାଦ୍, ୯।୨(ଏଜେନ୍ସି)

ଟି-୨୦ ବିଶ୍ୱକପ୍‌ରେ ସୋମବାର ଅନୁଷ୍ଠିତ ଗ୍ରୁପ୍-ଡି'ର କାନାଡା ବିପକ୍ଷ ଲିଗ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଛି। ଅଧିନାୟକ ଆଇଡେନ୍ ମାରକ୍ରମ୍‌ଙ୍କ ଅର୍ଦ୍ଧଶତକ, ଡେଭିଡ ମିଲର ଓ ଟ୍ରିଷ୍ଟାନ ଷ୍ଟବ୍ସଙ୍କ ବିସ୍ଫୋରକ ଇନିଂସ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୧୩ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ମାରକ୍ରମ ସର୍ବାଧିକ ୫୯, ମିଲର ଓ ଷ୍ଟବ୍ସ ଅପରାଜିତ ରହି ଯଥାକ୍ରମେ ୩୯ ଓ ୩୪ ରନ୍ କରିଛନ୍ତି। ବିସ୍ଫୋରକ ବ୍ୟାଟିଂ ଲାଗି ଖ୍ୟାତି ଲାଭ କରିଥିବା କ୍ୱିଣ୍ଟନ ଡି କକ୍ ୨୫, ରିୟାନ ରିକେଲଟନ ୩୩ ରନ୍‌ର ଯୋଗଦାନ ଦେଇଥିଲେ। କାନାଡ଼ା ପକ୍ଷରୁ ବାମହାତୀ ରିଷ୍ଟ ସ୍ପିନର ତଥା ବରୋଦା ୧୯ ବର୍ଷରୁ ଦଳର ପୂର୍ବତନ ଖେଳାଳି ଅଂଶ ପଟେଲ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ଅଧିନାୟକ ଦିଲପ୍ରୀତ୍ ବାଜ୍‌ୱାଙ୍କୁ ଡି କକ୍‌ଙ୍କ ୱିକେଟଟି ମିଳିଥିଲା। ଏହି ମ୍ୟାଚ୍‌ରେ କାନାଡ଼ା ଏକାଦଶରେ ୭ଜଣ ଓ ଦକ୍ଷିଣ ଆଫ୍ରିକା ଏକାଦଶରେ ଜଣେ ବା କେଶବ ମହାରାଜ ଭାରତୀୟ ବଂଶୋଦ୍ଭବ ଭାବେ ଖେଳୁଛନ୍ତି।

ଏହି ମ୍ୟାଚ୍‌ରେ କାନାଡା ଟସ୍ ଜିତିବା ପରେ ଦକ୍ଷିଣ ଆଫ୍ରିକାକୁ ପ୍ରଥମେ ବ୍ୟାଟିଂ ଲାଗି ସୁଯୋଗ ଦେଇଥିଲେ। ଦଳର ଦୁଇ ଓପନର ମାରକ୍ରମ ଓ ଡି କକ୍ ବିସ୍ଫୋରକ ବ୍ୟାଟିଂ ଆରମ୍ଭ କରି ପ୍ରଥମ ୱିକେଟରେ ୭ ଓଭରରୁ ୭୦ ରନ୍ ଉଠାଇଥିଲେ। ଡି କକ୍‌ଙ୍କୁ ୨୫ ରନ୍‌ରେ ବୋଲ୍ଡ କରି ଦିଲପ୍ରୀତ୍ ଏହି ଯୋଡି ଭାଙ୍ଗିଦେଇଥିଲେ। ମାରକ୍ରମଙ୍କ ସହ ଯୋଗଦେଇ ରିୟାନ ରିକେଲଟନ ଦ୍ୱିତୀୟ ୱିକେଟରେ ୨୮ ବଲ୍‌ରୁ ୫୬ ରନ୍ ଉଠାଇଥିଲେ। ଏହି ସମୟରେ ବୋଲିଂ କରୁଥିବା ଅଂଶ ପଟେଲ ପ୍ରତିପକ୍ଷ ଅଧିନାୟକ ମାରକ୍ରମ୍‌ଙ୍କୁ ଆଉଟ କରିଥିଲେ। ମାରକ୍ରମଙ୍କୁ ଆଉଟ କରିବା ଲାଗି ଡିଲନ ହେଲିଗର ବାଉଣ୍ଡାରୀରେ ଏକ ଚମତ୍କାର କ୍ୟାଚ୍ ନେଇଥିଲେ। ସେ ୩୨ ବଲ୍‌ରୁ ୧୦ ଚୌକା ଓ ୧ ଛକା ସହ ସର୍ବାଧିକ ୫୯ ରନ୍ କରିଥିଲେ। ଅଂଶ ପଟେଲ ପ୍ରଭାବି ବୋଲିଂ କରି ରିକେଟଲଟନଙ୍କୁ ୩୩, ଡିୱାଲ୍ଡ ବ୍ରେଭିସ୍‌ଙ୍କୁ ୬ ରନ୍‌ରେ ପାଭିଲିୟନ ଫେରାଇଦେଇଥିଲେ। ଚତୁର୍ଥ ୱିକେଟରେ ମିଲର ଓ ଷ୍ଟବ୍ସ ଦ୍ରୁତ ଗତିରେ ୩୭ ବଲ୍‌ରୁ ୭୫ ରନ୍ ଉଠାଇବା ଫଳରେ ଦକ୍ଷିଣ ଆଫ୍ରିକାର ସ୍କୋର ଦୁଇ ଶହ ଅତିକ୍ରମ କରିଥିଲା। ମିଲର ୨୩ ବଲ୍‌ରୁ ୧ ଚୌକା ଓ ୩ଛକା ସହ ୩୯ ଏବଂ ଷ୍ଟବ୍ସ ୧୯ ବଲ୍‌ରୁ ୨ ଚୌକା ଓ ୨ଛକା ସହ ୩୪ ରନ୍‌ରେ ଅପରାଜିତ ରହିଥିଲେ।

### ଆଜିର ବିଶ୍ୱକପ୍ ମ୍ୟାଚ୍

| ମ୍ୟାଚ୍ | ସମୟ | ସ୍ଥାନ |
|---|---|---|
| ନେଦରଲାଣ୍ଡସ-ନାମିବ୍ୟା | ପୂର୍ବାହ୍ନ ୧୧ଟା | ଦିଲ୍ଲୀ |
| ନ୍ୟୁଜିଲାଣ୍ଡ-ୟୁଏଇ | ଅପରାହ୍ନ ୩ଟା | ଚେନ୍ନଇ |
| ପାକିସ୍ତାନ-ଆମେରିକା | ରାତି ୭ଟା | କଲମ୍ବୋ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

# ଭାରତ-ପାକ୍ ଲଢ଼େଇ : ସରିଫ୍‌ଙ୍କ ନିଷ୍ପତ୍ତିକୁ ଅପେକ୍ଷା

ଲାହୋର, ୯।୨(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ଦଳ ଭାରତ ସହ ଖେଳିବ କି ନାହିଁ ତାହା ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ନିଷ୍ପତ୍ତି ନେବେ। ବାଂଲାଦେଶକୁ ସମର୍ଥନ କରି ଭାରତ ସହ ମୁକାବିଲାକୁ ବୟକଟ କରିଥିବା ପାକିସ୍ତାନକୁ ମନାଇବାକୁ ଏଠାରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତ ସହ ଖେଳିବା ନେଇ ଏକ ବୁଝାମଣା ହୋଇଛି। କିନ୍ତୁ ଏହି ବୁଝାମଣାକୁ ପ୍ରଧାନମନ୍ତ୍ରୀ ଶରିଫ୍‌ଙ୍କୁ କ୍ରିକେଟ ବୋର୍ଡ ସଭାପତି ତଥା ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ମୋହସିନ ନକ୍‌ଭି ଅବଗତ କରାଇବେ। ତାହା ପରେ ଏହି ଘଟଣାର କିଛି ସମାଧାନ ହୋଇପାରିବ ବୋଲି ଆଶା କରାଯାଉଛି। ବୈଠକରେ ଆଇସିସି ପକ୍ଷରୁ ଉପାଧ୍ୟକ୍ଷ ଇମ୍ରାନ ଖ୍ୱାଜା, ୟୁଏଇର ମୁବାସିର ଇବ୍ରାହିମ୍ (ଅନ୍‌ଲାଇନ୍‌ରେ), ପାକିସ୍ତାନ ବୋର୍ଡ ସଭାପତି ନକ୍‌ଭୀ ଓ ବାଂଲାଦେଶ ବୋର୍ଡ ସଭାପତି ଅମିନୁଲ ଇସ୍‌ଲାମ (ପାକିସ୍ତାନର ନିମନ୍ତ୍ରଣକ୍ରମେ) ଉପସ୍ଥିତ ଥିଲେ। ବୈଠକରେ କି ଆଲୋଚନା ହୋଇଛି, ପାକିସ୍ତାନ ଖେଳିବା ଲାଗି କି କି ସର୍ତ୍ତ ରଖିଛି ସେ ସମ୍ପର୍କରେ କେହି କିଛି ସୂଚନା ଦେଇ ନାହାନ୍ତି। କିନ୍ତୁ ଏ ସମ୍ପର୍କରେ ଆଜି କିମ୍ବା କାଲି ଘୋଷଣା ହୋଇପାରେ। ଏଣୁ ଯାହା କିଛି ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଛି।

ଏହି ବିଶ୍ୱସ୍ତ ସୂତ୍ର ଅନୁଯାୟୀ ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ସହ ଖେଳିବା ଲାଗି ୩ଟି ଦାବି ଆଇସିସି ନିକଟରେ ଉପସ୍ଥାପନ କରିଛି। ଏହା ମଧ୍ୟରୁ ପ୍ରଥମଟି ହେଲେ ଆଇସିସି ପକ୍ଷରୁ ଦିଆଯାଉଥିବା ଆର୍ଥିକ ଅନୁଦାନ ବୃଦ୍ଧି କରିବା, ଦ୍ୱିତୀୟଟି ହେଲା ପାକିସ୍ତାନ ଓ ବାଂଲାଦେଶ ସହ ତ୍ରିରାଷ୍ଟ୍ରୀୟ ସିରିଜ୍ ଓ ପାକିସ୍ତାନ ସହ ଦ୍ୱିପାକ୍ଷିକ ସିରିଜ୍ ଖେଳିବା ଏବଂ ତୃତୀୟଟି ହେଲା ମ୍ୟାଚ୍‌ରେ ଭାରତୀୟ ଖେଳାଳି ହ୍ୟାଣ୍ଡସେକ୍ ବା କରମର୍ଦ୍ଦନ କରିବା। ଏହି ଦାବିଗୁଡ଼ିକ ପୂରଣ ହୋଇଛି କି ନାହିଁ ତାହା ଜଣାପଡ଼ିନାହିଁ। କିନ୍ତୁ ତ୍ରିରାଷ୍ଟ୍ରୀୟ ଓ ଦ୍ୱିପାକ୍ଷିକ ସିରିଜ୍ ଆୟୋଜିତ ହେବ କି ନାହିଁ ତାହା ଉଭୟ ଦେଶର ସରକାର ନିଷ୍ପତ୍ତି ନେବେ। ଏଥିରେ ଆଇସିସିର କିଛି ଭୂମିକା ନାହିଁ। ଅନ୍ୟ ଯେଉଁସବୁ ଦାବିକୁ ବିଚାର କରାଯିବ ବୋଲି ଆଇସିସି ପ୍ରତିନିଧି ପ୍ରତିଶ୍ରୁତି ଦେଇଛନ୍ତି।

## ନଗେଶ ଟ୍ରଫି ସୁପର-୮ ମୁକାବିଲା

# ଓଡ଼ିଶାଠୁ ହାରିଲା ଉତ୍ତରାଖଣ୍ଡ



ଭୁବନେଶ୍ୱର, ୯।୨(ସମିସ): ସୁଖରାମ ମାଝୀଙ୍କ ବିସ୍ଫୋରକ ଅପରାଜିତ ଶତକ (୬୨ବଲ୍‌ରେ ୧୧୩ରନ୍) ବଳରେ ଦିଲ୍ଲୀରେ ଆଜିଠାରୁ ଆରମ୍ଭ ହୋଇଥିବା ନଗେଶ ଟ୍ରଫି ଦୃଷ୍ଟିବାଧିତ ଜାତୀୟ କ୍ରିକେଟ ପ୍ରତିଯୋଗିତାର ସୁପର-୮ ମୁକାବିଲାରେ ଓଡ଼ିଶା ୧୪୬ ରନ୍‌ରେ ଉତ୍ତରାଖଣ୍ଡକୁ ପରାସ୍ତ କରିଛି। ପ୍ଲେୟର ଅଫ୍ ଦି ମ୍ୟାଚ୍ ସୁଖରାମଙ୍କ ଅପରାଜିତ ଶତକ ସହ ଦେବରାଜ ବେହେରାଙ୍କ ୩୬ବଲ୍‌ରେ ୪୪ ଓ ଅଞ୍ଜନ ସିଂହଙ୍କ ୧୯ ବଲ୍‌ରେ ୩୫ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ ହରାଇ ୨୪୭ ରନ୍ କରିଥିଲା। ଜବାବରେ ଓଡ଼ିଶା ବୋଲିଂର ଉଚିତ ମୁକାବିଲା କରି ନ ପାରି ଉତ୍ତରାଖଣ୍ଡ ସମାନ ସଂଖ୍ୟକ ଓଭର ଖେଳି ୮ ୱିକେଟରେ ୧୦୧ ରନ୍ କରିବାକୁ ସମର୍ଥ ହୋଇଥିଲା। ଆସନ୍ତାକାଲି ଓଡ଼ିଶାର ଦ୍ୱିତୀୟ ସୁପର-୮ ଲିଗ୍ ମ୍ୟାଚ୍ କେରଳ ସହ ଅନୁଷ୍ଠିତ ହେବ।

## ତମାଣ୍ଡୋ ପ୍ରିମିୟର ଲିଗ୍ | ବ୍ରହ୍ମପୁରକୁ ହରାଇଲା ତମାଣ୍ଡୋ



ଭୁବନେଶ୍ୱର, ୯।୨(ସମିସ): ତମାଣ୍ଡୋ କ୍ରିକେଟ କ୍ଲବ୍ (ଟିସିସି) ୧୪୮ ରନ୍‌ରେ ଆର୍‌ସି ବ୍ରହ୍ମପୁରକୁ ପରାସ୍ତ କରି ତମାଣ୍ଡୋ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ଦିନରେ ବିଜୟୀ ହୋଇଛି। ଏହି ବିଜୟ ସହ ଟିସିସିର ସେମିଫାଇନାଲ ଖେଳିବା ଆଶା ଉଜ୍ଜ୍ୱଳ ହୋଇଛି। ଆଜି ଖେଳାଯାଇଥିବା ଏହି ଲିଗ୍ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଟିସିସି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୬୨ ରନ୍ କରିଥିଲା। ଦଳପକ୍ଷରୁ ଅତୁଲ ସରୱାର ୩୬ବଲ୍‌ରେ ୮୨, ସିଦ୍ଧାର୍ଥ ଜେନା ୨୪ବଲ୍‌ରେ ୪୯ ଓ ରାମଚନ୍ଦ୍ର ବେହେରା ୩୧ବଲ୍‌ରେ ୪୦ ରନ୍ କରିଥିଲେ। ଜବାବରେ ବ୍ରହ୍ମପୁର ୧୬.୨ ଓଭରରେ ୧୧୪ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳପକ୍ଷରୁ ଟିମ୍ ଡେଭିଡ୍ ୧୩ବଲ୍‌ରୁ ୩୮ ରନ୍ କରିଥିଲେ। ବିଜୟୀ ଦଳର ରାମଚନ୍ଦ୍ର ବେହେରା, ନିରଞ୍ଜନ ବେହେରା ଓ ସୁଶିଲ ବାରିକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଅଲରାଉଣ୍ଡ ସଫଳତା ଲାଗି ଟିସିସିର ରାମଚନ୍ଦ୍ର ବେହେରାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆଜିର ମ୍ୟାଚ୍‌କୁ ଅମ୍ପାୟାର ଦିଲୀପ କୁମାର ସାମଲ ଓ ବିଭୁପ୍ରସାଦ ଚୌଧୁରୀ ଖେଳ ପରିଚାଳନା କରିଥିଲାବେଳେ ସାମାଜିକ କର୍ମୀ କୈଳାସ ଚନ୍ଦ୍ର ପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଆସନ୍ତାକାଲି ଭୁବନେଶ୍ୱରର ବିଜେତା ୱାରିୟର୍ସ ସହ ପାତ୍ରପଡ଼ାର ଯୁବି ରକ୍‌ଷ୍ଟାରର ମୁକାବିଲା ହେବ।

# ପ୍ରଶାନ୍ତ ମେମୋରିଆଲ୍ ଆଇନଜୀବୀ କ୍ରିକେଟ ଆଜିଠୁ

ଭୁବନେଶ୍ୱର, ୯।୨ (ସମିସ): ଭୁବନେଶ୍ୱର ବାର୍ ଆସୋସିଏନ ଆନୁକୂଲ୍ୟରେ ପ୍ରଶାନ୍ତ ରାଉତରାୟ ମେମୋରିଆଲ୍ ଆଇନଜୀବୀ କ୍ରିକେଟ୍‌ର ୧୧ତମ ସଂସ୍କରଣ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ଟି-୨୦ଭିତ୍ତିକ ଏହି ଟୁର୍ଣ୍ଣାମେଣ୍ଟ ବିଜେବି କଲେଜ ଗ୍ରାଉଣ୍ଡରେ ଖେଳାଯିବ। ଫେବୃଆରୀ ୧୪ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୮ଟି ବାର୍ ସଂଘ ଅଂଶଗ୍ରହଣ କରିବେ। ଏହି ଦଳଗୁଡ଼ିକ ହେଲା ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ହାଇକୋର୍ଟ ବାର୍ ସଂଘ, ବୋର୍ଡ ଅଫ୍ ରେଭେନ୍ୟୁ ବାର ସଂଘ, ପୁରୀ, ଢେଙ୍କାନାଳ, ବାଲେଶ୍ୱର, ସମ୍ବଲପୁର ଓ ଆୟୋଜକ ଭୁବନେଶ୍ୱର ବାର୍ ସଂଘ। ସେହିଭଳି ୧୩ ତାରିଖରେ ପୋଲିସ କମିଶନରେଟ ଏକାଦଶ-ପ୍ରଶାସକ ଏକାଦଶ ଏବଂ ମିଡିଆ ଏକାଦଶ-ଓଡ଼ିଆ ସିନେଷ୍ଟାର୍ ଏକାଦଶ ମଧ୍ୟରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ସଂଘ ପକ୍ଷରୁ ସୋମବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହ ଅବସରରେ ୮ଟି ଦଳର ଜର୍ସି ଉନ୍ମୋଚିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ବାର୍ ସଂଘର ସଭାପତି ଅଶୋକ କୁମାର ପାତ୍ର, ସମ୍ପାଦକ ସତ୍ୟରଞ୍ଜନ ସେନାପତି, କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।




## ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ

# ଖୋର୍ଦ୍ଧା ଚାମ୍ପିଅନ, ପ୍ରତିଷ୍ଠା ଓ ସୋମେନ ଶ୍ରେଷ୍ଠ



ଭୁବନେଶ୍ୱର, ୯।୨(ସମିସ): ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାର ୩୨ତମ ସଂସ୍କରଣ ଆଜି ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗତ ୩ ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୯ ସ୍ୱର୍ଣ୍ଣ, ୧୪ ରୌପ୍ୟ ଓ ୮ଟି କାଂସ୍ୟ ପଦକ ସହ ଖୋର୍ଦ୍ଧା ଜିଲ୍ଲା ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସେହିପରି ୮ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୭ କାଂସ୍ୟ ପଦକ ସହ କଟକ ପ୍ରଥମ ରନର୍ସଅପ୍ ଓ ୭ ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ଜିତିଥିବା ସୁନ୍ଦରଗଡ ଦ୍ୱିତୀୟ ରନର୍ସଅପ୍ ହୋଇଛି। ସୁନ୍ଦରଗଡ଼ର ପ୍ରତିଷ୍ଠା ସିଂ ୪୨୨.୫ କେଜି ଓ ଖୋର୍ଦ୍ଧାର ସୋମେନ ସେନାପତି ୬୨୨.୫ କେଜି ଓଜନ ଉଠାଇ ଶ୍ରେଷ୍ଠ ପ୍ରତିଯୋଗୀ ବା ଷ୍ଟ୍ରଙ୍ଗ୍ ଓମ୍ୟାନ ଓ ମ୍ୟାନ୍ ବିବେଚିତ ହୋଇଛନ୍ତି। ଖେଳଶେଷରେ ରାଜନେତା ଜଗନ୍ନାଥ ପ୍ରଧାନ ଓ ବିଜୟ କୁମାର ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ୨୧ଟି ଜିଲ୍ଲାରୁ ୨୦୦ ପୁରୁଷ ଓ ୬୦ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କର୍ଣ୍ଣାଟକର ମାଙ୍ଗାଲୋରଠାରେ ମାର୍ଚ୍ଚ ୨୪ରୁ ୨୮ ତାରିଖଯାଏ ଆୟୋଜିତ ହେବାକୁ ଥିବା ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଲାଗି ଖେଳାଳି ଚୟନ କରାଯାଇଛି।

## ରଣଜୀ ଟ୍ରଫି

# ନବିଙ୍କୁ ୧୨ ୱିକେଟ; ପ୍ରଥମଥର ସେମିରେ ଜମ୍ମୁ

ଇନ୍ଦୋର, ୯।୨ (ଏଜେନ୍ସି)



ଦ୍ରୁତ ବୋଲର ଆକିବ ନବିଙ୍କ ମାରାତ୍ମକ ବୋଲିଂକୁ ସାମ୍ନା କରି ନ ପାରି ଏଠାରେ ଜମ୍ମୁ କାଶ୍ମୀର ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ୨ୟ କ୍ୱାର୍ଟର ଫାଇନାଲରେ ଘରୋଇ ମଧ୍ୟପ୍ରଦେଶ ୫୬ ରନରେ ପରାସ୍ତ ହୋଇଛି। ପାଞ୍ଚଥରର ପୂର୍ବ ବିଜେତା ମଧ୍ୟପ୍ରଦେଶ ଆଗରେ ୨୯୧ ରନର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ଜମ୍ମୁ କାଶ୍ମୀର। ରଜତ ପଟିଦାରଙ୍କ ନେତୃତ୍ୱାଧୀନ ମଧ୍ୟପ୍ରଦେଶ ଏହାକୁ ପିଛା କରି ସୋମବାର ୪ର୍ଥ ଦିବସରେ ୨୩୪ ରନ କରି ଦ୍ୱିତୀୟ ଇନିଂସରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସାରାଂଶ ଜୈନ ୬୪ ରନର ଲଢୁଆ ଇନିଂସ ଖେଳିଥିଲେ। କିନ୍ତୁ ଅଧିନାୟକ ରଜତ (୮ ରନ), ଭେଙ୍କଟେଶ ଆୟାର (୧୭), ଯଶ ଦୁବେ (୨୦), କୁମାର କାର୍ତ୍ତିକେୟ (୦) ବ୍ୟାଟିଂରେ ବିଫଳ ହେବା ଦଳ ପାଇଁ ମହଙ୍ଗା ପଡ଼ିଥିଲା। ପ୍ରଥମ ଇନିଂସରେ ୭ଟି ୱିକେଟ ନେଇଥିବା ନବି ୨ୟ ଇନିଂରେ ମଧ୍ୟ ୫ ୱିକେଟ୍ ସଫଳତା ପାଇଥିଲେ। ଫଳରେ ମ୍ୟାଚରେ ସେ ମୋଟ୍ ୧୨ଟି ୱିକେଟ୍ ନେଇ ଜମ୍ମୁକୁ ଏହି ଐତିହାସିକ ବିଜୟ ଭେଟି ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିଜୟ ସହ ଜମ୍ମୁ କାଶ୍ମୀର ଇତିହାସରରେ ପ୍ରଥମଥର ଲାଗି ସେମିଫାଇନାଲକୁ ଉନ୍ନିତ ହୋଇଛି। ଏଥିପୂର୍ବରୁ ଗତକାଲି ଉତ୍ତରାଖଣ୍ଡ ମଧ୍ୟ ଏକ ଇନିଂସ ଓ ୬ ରନରେ ଝାଡ଼ଖଣ୍ଡକୁ ହରାଇ ପ୍ରଥମଥର ଲାଗି ସେମିଫାଇନାଲରେ ପହଞ୍ଚିଥିଲା।

### ମୁମ୍ବଇକୁ ମହଙ୍ଗା ପଡ଼ିଲା ରାହୁଲଙ୍କ କ୍ୟାଚ୍



ଶରଦ ପାୱାର କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ୪ର୍ଥ କ୍ୱାର୍ଟର ଫାଇନାଲରେ କର୍ଣ୍ଣାଟକ ୪ ୱିକେଟ୍‌ରେ ୪୨ଥରର ଚାମ୍ପିଅନ ମୁମ୍ବଇକୁ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ୩୨୫ ରନର ଟାର୍ଗେଟ୍‌କୁ ପିଛା କରିଥିବା କର୍ଣ୍ଣାଟକ ୪ର୍ଥ ଦିବସରେ ସୋମବାର ଦ୍ୱିତୀୟ ଇନିଂସରେ ୬ ୱିକେଟ୍ ହରାଇ ହାସଲ କରିନେଇଥିଲା। ତାରକା ଖଚିତ କର୍ଣ୍ଣାଟକ ପକ୍ଷରୁ ଲୋକେଶ ରାହୁଲ ୧୩୦ ରନର ମ୍ୟାଚ୍ ବିଜୟୀ ଶତକୀୟ ଇନିଂସ ଖେଳି ଦଳକୁ ଜିତାଇଥିଲେ। ସେହିଭଳି ସ୍ମରଣ ରବିଚନ୍ଦ୍ରନ ୮୩ ରନ କରି ଅପରାଜିତ ରହିଥିଲେ। ତେବେ ୭୫ ରନ କରିଥିବାବେଳେ ରାହୁଲଙ୍କ କ୍ୟାଚ ଡ୍ରପ୍ କରିବା ମୁମ୍ବଇ ପାଇଁ ମହଙ୍ଗା ପଡ଼ିଥିଲା। ସେମିଫାଇନାଲରେ ଉତ୍ତରାଖଣ୍ଡକୁ ଭେଟିବ କର୍ଣ୍ଣାଟକ। ଅପରପକ୍ଷରେ ଭ୍ରମଣକାରୀ ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଚାଲିଥିବା ମ୍ୟାଚରେ ବେଙ୍ଗଲ ଦୃଢ଼ସ୍ଥିତିରେ ରହିଛି। ଆନ୍ଧ୍ରର ୨୯୫ ରନ ଜବାବରେ ବେଙ୍ଗଲ ପ୍ରଥମ ଇନିଂସରେ ୬୨୯ ରନର ବିଶାଳ ସ୍କୋର କରି ଅଲ୍‌ଆଉଟ୍ ହୋଇଛି। ଦଳ ପକ୍ଷରୁ ସୁଦୀପ ଘରାମୀ (୨୯୯ ରନ, ୫୯୬ ରନ) ମାତ୍ର ୧ ରନ ପାଇଁ ତ୍ରିଶତକରୁ ବଞ୍ଚିତ ହୋଇଥିଲେ। ଜବାବରେ ୩୩୪ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଆନ୍ଧ୍ର ସୋମବାର ଷ୍ଟମ୍ପ ସୁଦ୍ଧା ୩ ୱିକେଟରେ ୬୪ ରନ କରି ପରାଜୟ ଦ୍ୱାରରେ ପହଞ୍ଚିଛି। ମଙ୍ଗଳବାର ମ୍ୟାଚର ଅନ୍ତିମ ଦିବସ ହୋଇଥିବାରୁ ଫଳାଫଳ ବାହାରିବା ସ୍ପଷ୍ଟ ହୋଇଛି।

## ଆଜିଠୁ ରାଉରକେଲାରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍

# ବେଲ୍‌ଜିୟମ, ଆର୍ଜେଣ୍ଟିନା ସହ ଖେଳିବ ଭାରତ



ଭୁବନେଶ୍ୱର, ୯।୨(ସମିସ): ବିଶ୍ୱହକିର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୭ମ ସଂସ୍କରଣର ଭାରତ ଲେଗ୍ (ପର୍ଯ୍ୟାୟ) ମଙ୍ଗଳବାରଠାରୁ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଆରମ୍ଭ ହେବ। ଏଥିସହ ବର୍ଷକ ପରେ ରାଉରକେଲାକୁ ଅନ୍ତର୍ଜାତୀୟ ହକି ଫେରିଛି। ଏହି ପର୍ଯ୍ୟାୟରେ ଘରୋଇ ଭାରତୀୟ ଦଳ ଏଠାରେ ବେଲ୍‌ଜିୟମ ଓ ଆର୍ଜେଣ୍ଟିନା ବିପକ୍ଷରେ ୨ଟି ଲେଖାଏ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ଫେବୃଆରୀ ୧୧ରେ ୟୁରୋପର ଶକ୍ତିଶାଳୀ ଦଳ ବେଲ୍‌ଜିୟମ ସହ ଖେଳି ଅଭିଯାନ ଆରମ୍ଭ କରିବ। ସେହିଭଳି ଏହାପରଦିନ ଦକ୍ଷିଣ ଆମେରିକୀୟ ପାୱାର ହାଉସ ଆର୍ଜେଣ୍ଟିନାକୁ ଭେଟିବ। ତେବେ ଏଥିପୂର୍ବରୁ ବେଲ୍‌ଜିୟମ ଓ ଆର୍ଜେଣ୍ଟିନା ମଧ୍ୟରେ ମଙ୍ଗଳବାର ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ରାଉରକେଲା ଲେଗ୍‌ରେ ୬ ଦିନରେ ମୋଟ୍ ୬ଟି ମ୍ୟାଚ୍ ଖେଳାଯିବ। ଭାରତୀୟ ଦଳରେ ଓଡ଼ିଶାର ଅମିତ୍ ରୋହିଦାସ, ନୀଲମ ସଞ୍ଜୀପ ଖେସ, ଶିଳାନନ୍ଦ ଲାକ୍ରା, ରୋଶନ କୁଜୁର ଓ ଅମନଦୀପ୍ ଲାକ୍ରାଙ୍କ ଭଳି ଖେଳାଳି ସ୍ଥାନ ପାଇଥିବାରୁ ଘରୋଇ କ୍ରୀଡ଼ାପ୍ରେମୀଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି।

### ବିର୍ସା ମୁଣ୍ଡାରେ ଖେଳାଯିବ

- ୧୦।୨: ବେଲ୍‌ଜିୟମ-ଆର୍ଜେଣ୍ଟିନା
- ୧୧।୨: ଭାରତ-ବେଲ୍‌ଜିୟମ
- ୧୨।୨: ଭାରତ-ଆର୍ଜେଣ୍ଟିନା
- ୧୩।୨: ଆର୍ଜେଣ୍ଟିନା-ବେଲ୍‌ଜିୟମ
- ୧୪।୨: ଭାରତ-ବେଲ୍‌ଜିୟମ
- ୧୫।୨: ଭାରତ-ଆର୍ଜେଣ୍ଟିନା

ସମସ୍ତ ମ୍ୟାଚ୍ ରାତି ୭ଟା ୩୦ରେ ଆରମ୍ଭ ହେବ।

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ଖେଲ୍/ଜିଓ ହଟଷ୍ଟାର୍।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS